# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୨୧/୨୦୨୦ (୨୦ ପୃଷ୍ଠା) | Bhubaneswar, Tuesday, January 21/2020 | ★★★★

୪୬ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପ୍ରଶଂସା ସାଉଁଟୁଛି ଦିଶାଙ୍କ ବିକିନି ଲୁକ୍**

ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ଏକ ଫଟୋ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ସାଉଁଟୁଛି।

୧୪

୧୯

**ପ୍ରତ୍ୟାଶାଙ୍କୁ ରୌପ୍ୟ ପଦକ**

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ସନ୍ତରଣ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଓଡ଼ିଶାର ପ୍ରତ୍ୟାଶା ରାୟ ରୌପ୍ୟ ପଦକ ହାସଲ କରିଛନ୍ତି।



# ‘ଚାଷୀ ଓଡ଼ିଶା ବିକାଶର ସାଥୀ’

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

ଚାଷୀ ହେଉଛନ୍ତି ଦେଶର ଶକ୍ତି ଓ ଅର୍ଥନୀତିର ଶକ୍ତି। ଚାଷୀଙ୍କ ଉନ୍ନତି ହିଁ ଦେଶର ଗୌରବ ଓ ସ୍ୱାଭିମାନ ବୃଦ୍ଧି କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ରାଜ୍ୟସ୍ତରୀୟ କୃଷି ମହୋତ୍ସବ ‘କୃଷି ଓଡ଼ିଶା-୨୦୨୦’କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚାଷୀ ଓଡ଼ିଶା ବିକାଶର ସାଥୀ। ଚାଷୀଙ୍କ ନିଷ୍ଠା ଓ ପରିଶ୍ରମ ଯୋଗୁ ଓଡ଼ିଶାର ସମ୍ମାନ ବଢ଼ିଛି। ସେ କହିଥିଲେ ଯେ, ମୁଁ ଚାହେଁ ମୋ ରାଜ୍ୟର ଚାଷୀ ସମ୍ମାନର ସହ ବଞ୍ଚନ୍ତୁ। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି କୃଷି କ୍ଷେତ୍ରରେ ଆଗୁଆ ରହନ୍ତୁ। ଚାଷୀ ପରିବାର ସବୁବେଳେ ଆନନ୍ଦରେ ରହୁ। କୃଷିକୁ ଏକ ଲାଭଜନକ ବୃତ୍ତି କରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି କାର୍ଯ୍ୟକ୍ରମର ସୁଯୋଗ ନେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଉଦ୍‌ଘାଟନୀ ସମାରୋହରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ସଭାପତିତ୍ୱ କରି କୃଷି କ୍ଷେତ୍ରରେ ବିଭିନ୍ନ ସଫଳତା ଉପରେ ଆଲୋକପାତ କରିବା ସହିତ ଚାଷୀ ଭାଇମାନଙ୍କୁ ଏହାର ଶ୍ରେୟ ଦେଇଥିଲେ। ମାଣ୍ଡିଆ ଆମ ରାଜ୍ୟକୁ ଏକ ନୂଆ ଦିଗ ଦେଇଛି। ଚଳିତ ‘କୃଷି ଓଡ଼ିଶା’ ମହୋତ୍ସବରେ ମାଣ୍ଡିଆକୁ ମାସ୍କଟ ଭାବେ ରଖାଯାଇଛି। ବର୍ତ୍ତମାନ ରାଜ୍ୟର ୧୪ ଜିଲାରେ ମାଣ୍ଡିଆ ଚାଷ ହେଉଛି। ରାଜ୍ୟ ସରକାର କରିଥିବା ମାଣ୍ଡିଆ ମିଶନ୍ ଅନ୍ୟ ରାଜ୍ୟ ପାଇଁ ପ୍ରେରଣା ପାଲଟିଛି। ମାଣ୍ଡିଆ ସହିତ ଧାନ, କ୍ଷୀର, ମାଛ ଚାଷରେ ମଧ୍ୟ ଉତ୍ପାଦନ ବୃଦ୍ଧି ପାଇଛି। ଫଳରେ ଚାଷୀଙ୍କ ଆୟ ୭ଗୁଣ ବଢ଼ିଛି। ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ କହିଛନ୍ତି, ଲାଭଜନକ କୃଷି ପାଇଁ ପ୍ରୟାସ ହେଉଛି ଚଳିତ ‘କୃଷି ଓଡ଼ିଶା’ର ମୁଖ୍ୟ ଲକ୍ଷ୍ୟ। ପୁଷ୍ଟିକର ଖାଦ୍ୟକୁ ପ୍ରୋତ୍ସାହନ ଯୋଗାଇବାକୁ ଯାଇ ମାଣ୍ଡିଆର ଉତ୍ପାଦନ ବଢ଼ିଛି। ୨୦୧୮-୧୯ରେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯାଇଥିବାରୁ ୧୮୦୦ କୁଇଣ୍ଟାଲ ମାଣ୍ଡିଆ ଆଦାୟ ହୋଇଛି। କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ଓଡ଼ିଶା ଅର୍ଥନୀତି କୃଷି ଉପରେ ନିର୍ଭର କରେ। କୃଷିର ବିକାଶ ବିନା ରାଜ୍ୟର ବିକାଶ ଅସମ୍ଭବ। ଗତ ୨୦ ବର୍ଷ ହେଲା ଆମ ରାଜ୍ୟ କୃଷି କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି କରିଛି। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ କ୍ଷୀର ଉତ୍ପାଦନରେ ଜାତୀୟ ଅଭିବୃଦ୍ଧି ହାର ସହ ଓଡ଼ିଶା ସମକକ୍ଷ ହୋଇପାରିଛି। ଉଦ୍‌ଘାଟନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ(ଫିକି)ର ମହାସଚିବ ଦିଲ୍ଲୀପ ଚେନଏ, କେନ୍ଦ୍ର ସାର ବିଭାଗ ସଚିବ ଛବିଳେନ୍ଦ୍ର ରାଉଲ ଏବଂ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସଚିବ ଆର୍. ରଘୁପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦ଜଣ ଅଗ୍ରଣୀ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହିତ ନବ ନିଯୁକ୍ତ ସହକାରୀ କୃଷି ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏଥିସହିତ ନୂତନ କୃଷିନୀତି ‘ସମୃଦ୍ଧି’ର ଶୁଭ ଉନ୍ମୋଚନ କରିଥିଲେ। ସୂଚନାଥାଉକି ନୂଆ କୃଷିନୀତିର ନାମ ‘ସମୃଦ୍ଧି’ ରଖାଯାଇଛି।

ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ଏହି ମହୋତ୍ସବ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟର ୩୦ ଜିଲାରୁ ୫ହଜାର ଚାଷୀ ଅଂଶଗ୍ରହଣ କରିଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରାୟ ୧୧୨ କମ୍ପାନୀ ଯୋଗଦେଇଛନ୍ତି। ଦେଶ ବିଦେଶରେ କୃଷି କ୍ଷେତ୍ରରେ ଘଟୁଥିବା ନୂତନ ଜ୍ଞାନକୌଶଳ ଓ କୃଷି ପ୍ରଣାଳୀ ସହିତ ଓଡ଼ିଶାର ଚାଷୀଙ୍କୁ ପରିଚିତ କରାଇବା ନିମନ୍ତେ ପ୍ରତିଦିନ ଆଲୋଚନାଚକ୍ର ଓ ପାଠଶାଳାର ବ୍ୟବସ୍ଥା କରାଯାଇଛି।




ମହୋତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ନବନିଯୁକ୍ତ ସହକାରୀ କୃଷି ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

**କୃଷି ଓଡ଼ିଶା-୨୦୨୦ ଉଦ୍‌ଘାଟିତ**

- ୧୦ ଅଗ୍ରଣୀ ଚାଷୀ ସମ୍ବର୍ଦ୍ଧିତ
- ନବନିଯୁକ୍ତ ସହକାରୀ କୃଷି ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ
- କୃଷିନୀତି ‘ସମୃଦ୍ଧି’ ଉନ୍ମୋଚିତ

## ବଜେଟ ପୂର୍ବରୁ ହାଲୁଆ ସେରିମନି

**ଦସ୍ତାବିଜ ପ୍ରିଣ୍ଟିଂ ପ୍ରକ୍ରିୟା ଆରମ୍ଭ**

ନୂଆଦିଲ୍ଲୀ,୨୦।୧

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପାରମ୍ପରିକ ହାଲୁଆ ସେରିମନି ଅନୁଷ୍ଠିତ ହୋଇଯାଇଛି। ଏହା ସହ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ବଜେଟ ଦସ୍ତାବିଜ ପ୍ରିଣ୍ଟିଂ ପ୍ରକ୍ରିୟା ମଧ୍ୟ ଶୁଭାରମ୍ଭ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ବଜେଟ ପ୍ରକ୍ରିୟା ସହ ଜଡିତ ଅଧିକାରୀ ଏବେଠାରୁ ବଜେଟ ଉପସ୍ଥାପନ ହେବା ଯାଏ ନର୍ଥ ବ୍ଲକରେ ଥିବା ଅର୍ଥ ମନ୍ତ୍ରଣାଳୟରେ ହିଁ ରହିବେ। ଏହି ସମୟରେ ସେମାନେ ପରିବାର ଲୋକଙ୍କ ସହ ମଧ୍ୟ ସମ୍ପର୍କ କରିପାରିବେ ନାହିଁ। ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ସୀତାରାମନ ବଜେଟ ଉପସ୍ଥାପନ କରିବେ ବୋଲି ଜଣାପଡିଛି। ବଜେଟ ଅଧିବେଶନ ଜାନୁୟାରୀ ୩୧ରୁ ଆରମ୍ଭ ହେବ। ଏହି ଦିନ ଅର୍ଥନୈତିକ ସର୍ଭେ ଆସିବ ବୋଲି ଜଣାପଡିଛି। ବଜେଟକୁ ଚୂଡାନ୍ତ ରୂପ ଦେବା ଆଗରୁ ଅର୍ଥ ମନ୍ତ୍ରଣାଳୟରେ ଏକ ବଡ କଡେଇରେ ହାଲୁଆ ପ୍ରସ୍ତୁତ କରାଯାଇଥାଏ। ସମସ୍ତଙ୍କୁ ଏହା ଖାଇବାକୁ ଦିଆଯିବା ସହ ଶୁଭେଚ୍ଛା ମଧ୍ୟ ପ୍ରଦାନ କରାଯାଏ। ଏହି ପରମ୍ପରା ଅନେକ ଦିନ ତଳୁ ଚାଲି ଆସୁଛି।

# ଜେ.ପି. ନଡ୍ଡା ଭାଜପା ଅଧ୍ୟକ୍ଷ




ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ଜେ.ପି. ନଡ୍ଡାଙ୍କୁ ବିଜୟ ପ୍ରମାଣପତ୍ର ଦେଉଛନ୍ତି ନିର୍ବାଚନ ପ୍ରଭାରୀ ରାଧାମୋହନ ସିଂ। ନଡ୍ଡାଙ୍କୁ କରତାଳି ଦେଇ ସ୍ୱାଗତ କରୁଛନ୍ତି ବିଦାୟୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା।

ନୂଆଦିଲ୍ଲୀ, ୨୦।୧ (ପି.ଟି./ ଆଇଏଏନ୍‌ଏସ୍)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ସୋମବାର ଦଳର ବରିଷ୍ଠ ନେତା ଜଗତ ପ୍ରକାଶ ନଡ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ନଡ୍ଡା ଶାସକ ଦଳର ଏହି ଗୁରୁତ୍ୱପୂର୍ଣ୍ଣ ସର୍ବୋଚ୍ଚ ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଫଳରେ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନଡ୍ଡାଙ୍କୁ ହିଁ ଭାଜପା ମୁଖିଆ ଦାୟିତ୍ୱ ଦିଆଯାଇଛି ବୋଲି ସାଙ୍ଗଠନିକ ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ନେତା ରାଧାମୋହନ ସିଂ ଘୋଷଣା କରିଛନ୍ତି। ବିଦାୟୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହାଙ୍କଠାରୁ ୫୯ ବର୍ଷୀୟ ନଡ୍ଡା ଏହି ଗୁରୁଦାୟିତ୍ୱ ନେଇଛନ୍ତି। ସେ ଏହି ପଦବୀରେ ୩ ବର୍ଷ ପାଇଁ ରହିବେ।

୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ବିପୁଳ ବିଜୟ ପରେ ଦଳର ତତ୍କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ମୋଦି କ୍ୟାବିନେଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ଜୁନ ୧୭ରେ ଜେ.ପି. ନଡ୍ଡାଙ୍କୁ ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ସୋମବାର ଦଳୀୟ ମୁଖ୍ୟାଳୟରେ ନଡ୍ଡା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ନାମାଙ୍କନପତ୍ରରେ କେନ୍ଦ୍ରମନ୍ତ୍ରୀ ଶାହା, ରାଜନାଥ ସିଂ, ନୀତିନ ଗଡ଼କରୀଙ୍କ ସମେତ ଅନେକ ମୁଖ୍ୟମନ୍ତ୍ରୀ ପ୍ରସ୍ତାବକ ରହିଥିଲେ। ଶେଷରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ତାଙ୍କ ନାମ ଘୋଷଣା କରାଯାଇଥିଲା। ☞ପୃଷ୍ଠା-୪

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୦/୧୧

**ଘରେ ବସି ଟିକସ ଦେଇପାରିବେ ଘର ମାଲିକ**
........୩........

**ଆଜିର ସମ୍ପାଦକୀୟ**

ଆନୁଗତ୍ୟ ବୋହୁଛି

**ଆଜିର ମନ୍ତବ୍ୟ**

“ନିର୍ବାଚନରେ ପ୍ରତ୍ୟାଖ୍ୟାତ ବ୍ୟକ୍ତି ମିଥ୍ୟା ଓ ଦ୍ୱନ୍ଦ୍ୱର ପ୍ରସାର କରୁଛନ୍ତି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୯ରେ ଦେଶ ମଧ୍ୟରେ ବିମାନ ଯାତ୍ରୀ ଅଭିବୃଦ୍ଧି ୩.୭%କୁ ହ୍ରାସ ଘଟି ୧୪.୪ କୋଟି ରହିଛି।


-ଡିଜିସିଏ

# ପବନଙ୍କ ପିଟିଶନ ଖାରଜ

ନୂଆଦିଲ୍ଲୀ, ୨୦।୧(ପି.ଟି.)

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଦୋଷୀ ପବନ କୁମାର ଗୁପ୍ତା ଅପରାଧ ଘଟାଇବାବେଳେ ନାବାଳକ ଥିବା ଦର୍ଶାଇ ନିକଟରେ ଆବେଦନ କରିଥିବା ପିଟିଶନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଆର୍. ବାନୁମତୀ, ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି। ଏହାସହ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବା ପାଇଁ କୌଣସି ଆଧାର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଫଳରେ ଦଣ୍ଡ କୋହଳ ପାଇଁ ଯଥାସାଧ୍ୟ ଉଦ୍ୟମ ଚଳାଇଥିବା ପବନଙ୍କୁ ଆସନ୍ତା ୧ ତାରିଖରେ ଅନ୍ୟ ୩ ଦୋଷୀଙ୍କ ସହ ଫାଶୀ ଦିଆଯିବା ଏକପ୍ରକାର ନିଶ୍ଚିତ ହୋଇଛି।

୨୦୧୨ ଡିସେମ୍ବର ୧୬ରେ ପବନ ଗୁପ୍ତା(୨୫)ଙ୍କ ସମେତ ମୁକେଶ ସିଂ(୩୨), ବିନୟ ଶର୍ମା(୨୬), ଅକ୍ଷୟ ଠାକୁର (୩୧) ଓ ଅନ୍ୟ ୨ ଜଣ ନିର୍ଭୟାଙ୍କୁ ଦିଲ୍ଲୀରେ ଗଣବଳାତ୍କାର କରି ଅକଥନୀୟ ଅତ୍ୟାଚାର ପରେ ଚଳନ୍ତା ବସରୁ ଫିଙ୍ଗିଦେଇଥିଲେ। ପୀଡ଼ିତା ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ଡିସେମ୍ବର ୨୯ରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ। ଏହି ମାମଲାରେ ଉପରୋକ୍ତ ୪ ଦୋଷୀଙ୍କୁ ସୁପ୍ରିମକୋର୍ଟ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ମୁକେଶଙ୍କ ରାଜକ୍ଷମା ☞ପୃଷ୍ଠା-୪



ପବନ କୁମାର ଗୁପ୍ତା

**ନିର୍ଭୟା ମାମଲା**

- ଅପରାଧ ବେଳେ ନାବାଳକ ଥିବା ଦର୍ଶାଇ ଦଣ୍ଡ କୋହଳ ଲାଗି ହାଇକୋର୍ଟ ଯାଇଥିଲେ ପବନ
- ପିଟିଶନ ଖାରଜ ହେବା ପରେ ଗତ ୧୭ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ
- ହାଇକୋର୍ଟଙ୍କ ରାୟକୁ କାଏମ ରଖିଲେ ସର୍ବୋଚ୍ଚ ଅଦାଲତ
- ଫେବୃୟାରୀ ପହିଲାରେ ପାଇବେ ଫାଶୀ

# ବାରଣ୍ଡାରେ ଛାତ୍ରୀଛାତ୍ରଙ୍କୁ ଆଣ୍ଠେଇ ପିଟିଲେ ପ୍ରଧାନଶିକ୍ଷକ

**ପିଟାଟାଙ୍ଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

**କାର୍ଯ୍ୟରୁ ନିଲମ୍ବନ କଲେ ବିଇଓ**

କେନ୍ଦୁଝର,୨୦।୧(ସ୍ୱ.ପ୍ର.)

ସବୁ ସୀମା ଟପିଗଲେ ପ୍ରଧାନ ଶିକ୍ଷକ। ପାଠ ଠିକ୍ ଭାବେ କହି ନ ପାରିବାରୁ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବାରଣ୍ଡାରେ ଆଣ୍ଠେଇ ବାଡ଼ିରେ ନିଘୁଂକ ପିଟିଲେ। ଏପରି କି କେତେକ ଛାତ୍ରୀଙ୍କ ଚୁଟି ଧରି ପିଟିଥିଲେ। ଜଣେ କି ଦୁଇଜଣ ନୁହେଁ ୧୦ ରୁ ୧୨ଜଣ ପିଲାଙ୍କୁ ଏଭଳି ଅମାନୁଷିକ ନିର୍ଯାତନା ଦିଆଯାଉଥିବାର ଏକ ଭିଡିଓ ସୋମବାର ଭାଇରାଲ ହେବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକୁ ସବୁମହଲ୍‌ରୁ ନିନ୍ଦା କରାଯାଇଛି। ଏପରିକି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଘଟଣା ବିଷୟରେ ଜାଣିବା ପରେ ହରିଚନ୍ଦନପୁର ବ୍ଲକ ଶିକ୍ଷାଧିକାରୀ(ବିଇଓ) ପ୍ରଦୀପ କୁମାର ଚକ୍ର ଉକ୍ତ ବିଦ୍ୟାଳୟକୁ ଯାଇ ମାଡ଼ମାରିଥିବା ପ୍ରଧାନ ଶିକ୍ଷକ ରତି ନାରାୟଣ ରାଉତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ପତ୍ର ସଂଖ୍ୟା ୧୨୮/୨୦।୧।୨୦୨୦ରେ ତତକ୍ଷଣାତ୍ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଟାଟାଙ୍ଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଓ ୭ମ ଶ୍ରେଣୀରେ ପ୍ରାୟ ୫୦ଛାତ୍ରୀଛାତ୍ର ପଢ଼ୁଛନ୍ତି। ସେଠାରେ ଜଣେ ମାତ୍ର ଶିକ୍ଷକ ରତି ନାରାୟଣ ରାଉତ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ସୋମବାର ପ୍ରଧାନଶିକ୍ଷକ ରାଉତ ୬ଷ୍ଠ ଶ୍ରେଣୀ ପିଲାଙ୍କୁ ପଢ଼ାଉଥିବାବେଳେ କେତେକ ଛାତ୍ରୀଛାତ୍ର ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲେ। ଫଳରେ ପ୍ରଧାନଶିକ୍ଷକ ରାଗିଯାଇ ୧୦ରୁ ୧୨ଜଣ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବାରଣ୍ଡାରେ ଆଣ୍ଠେଇ ଦେବା ସହିତ ବାଡିରେ ନିର୍ଘୁମ ପିଟିଥିଲେ। ପିଲାମାନେ କାନ୍ଦି କାନ୍ଦି ଯେତେ ନେହୁରା ହୋଇଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଏହି ଘଟଣାକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ମୋବାଇଲ୍‌ରେ ରେକର୍ଡ କରିବା ପରେ ଅନ୍ୟ ମୋବାଇଲ୍‌କୁ ଛାଡ଼ିଥିଲେ। ଘଟଣା ସମ୍ପର୍କରେ ବିଇଓ ଚକ୍ର ଖବର ପାଇବା ପରେ ତୁରନ୍ତ ଉକ୍ତ ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକ ରାଉତଙ୍କୁ ପଚାରିଥିଲେ। ସମ୍ପୃକ୍ତ ପ୍ରଧାନ ଶିକ୍ଷକ ପିଲାଙ୍କୁ ମାଡ଼ ମାରିଥିବା ଘଟଣା ସ୍ୱୀକାର କରିବା ପରେ ବିଇଓ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ପ୍ରଧାନଶିକ୍ଷକଙ୍କ ଠାରୁ ଉତ୍ତର ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କର କହିଛନ୍ତି। ଏନେଇ ଶିକ୍ଷକ ରାଉତଙ୍କ ସହ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରି ନାହିଁ।



# ଫେବୃୟାରୀ ୨୯ରୁ ଭୁବନେଶ୍ୱରରୁ ବାରାଣସୀକୁ ବିମାନ ସେବା

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

ବିମାନଯାତ୍ରୀଙ୍କ ପାଇଁ ଖୁସି ଖବର। ସୋମବାର ଭୁବନେଶ୍ୱରରୁ ସୁରଟ୍‌କୁ ବିମାନ ସେବା ଆରମ୍ଭ ହେବା ପରେ ଆସନ୍ତା ଫେବୃୟାରୀ ୨୯ରୁ ଭୁବନେଶ୍ୱରରୁ ବାରାଣସୀକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବ। ଇଣ୍ଡିଗୋ ପକ୍ଷରୁ ଏହି ସେବା ପ୍ରଦାନ କରାଯିବ। ଏଥିପାଇଁ ବୁକିଂ ମଧ୍ୟ ଆରମ୍ଭ ହୋଇଗଲାଣି। ଏନେଇ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିର୍ଦ୍ଦେଶକ ବି. ଭେଙ୍କଟେଶ୍ୱର ରାଓ ସୂଚନା ଦେଇଛନ୍ତି। ସପ୍ତାହର ସବୁ ଦିନ ଏହି ବିମାନ ଚାଲିବ। ବିମାନଟି ଭୁବନେଶ୍ୱରରୁ ରାତି ୯ଟାରୁ ଉଡ଼ାଣ କରି ରାତି ୧୦ଟା ୫୫ମିନିଟ୍‌ରେ ବାରାଣସୀର ଲାଲ୍ ବାହାଦୁର ଶାସ୍ତ୍ରୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବ। ସେହିପରି ବାରାଣସୀରୁ ସନ୍ଧ୍ୟା ୬ଟା ୪୫ରୁ ଉଡ଼ାଣ ଆରମ୍ଭ କରି ଭୁବନେଶ୍ୱରରେ ରାତି ୮ଟା ୪୦ମିନିଟ୍‌ରେ ଅବତରଣ କରିବ। ଏଥିରେ ୧୮୦ଜଣ ଯାତ୍ରା କରିବା କ୍ଷମତା ରହିଛି। ବାରାଣସୀ ପ୍ରସିଦ୍ଧ ତୀର୍ଥସ୍ଥଳ ହୋଇଥିବାରୁ ଏହି ବିମାନ ସେବା ଦ୍ୱାରା ତୀର୍ଥଯାତ୍ରୀ ଏବଂ ବିଶେଷ କରି ବୟସ୍କମାନେ ବହୁ ଉପକୃତ ହେବେ। ସେହିପରି ବାରାଣସୀରୁ ମଧ୍ୟ ପୁରୀ ଅଭିମୁଖେ ବହୁ ପର୍ଯ୍ୟଟକ ଆସିବେ ବୋଲି ଆଶା କରାଯାଉଛି।

# ୧% ଅତିଧନୀଙ୍କ ପାଖରେ ସିଂହ ଭାଗ ସମ୍ପତ୍ତି

ଡାଭୋସ,୨୦।୧

ଭାରତର ୧% ଅତିଧନୀ ବ୍ୟକ୍ତି ବିଶେଷଙ୍କ ନିକଟରେ ଦେଶର ମୋଟ ସମ୍ପତ୍ତିର ସିଂହ ଭାଗ ଅଂଶ ରହିଛି। ଏମାନଙ୍କ ପାଖରେ ଦେଶର ୭୦% ଜନସଂଖ୍ୟାଙ୍କ ମୋଟ ସମ୍ପତ୍ତିର ୪ଗୁଣରୁ ଅଧିକ ସମ୍ପତ୍ତି ଥିବା ଜଣାପଡିଛି। ସେହିଭଳି ଭାରତୀୟ ବିଲିୟନେୟାରଙ୍କ ନିକଟରେ ଦେଶର ବାର୍ଷିକ ସାଧାରଣ ବଜେଟଠାରୁ ଅଧିକ ସମ୍ପତ୍ତି ରହିଥିବା ସୋମବାର ଏକ ରିପୋର୍ଟରେ ପ୍ରକାଶ ପାଇଛି। ୱାର୍ଲଡ ଇକୋନୋମିକ ଫୋରମ(ଡବ୍ଲ୍ୟୁଇଏଫ୍)ର ୫୦ତମ ବାର୍ଷିକ ସମ୍ମିଳନୀ ପୂର୍ବରୁ ଅକ୍ସଫାମ୍ ଗ୍ରୁପର ଟାଇମ ଟୁ କେୟାର ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ଏହି ଅବସରରେ ଅକ୍ସଫାମ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱର ୨,୧୫୩ ବିଲିୟନେୟାର ବିଶ୍ୱର ୬୦% ଜନସଂଖ୍ୟା ବା ୪.୬% ବିଲିୟନଙ୍କ ନିକଟରେ ଥିବା ସମ୍ପତ୍ତିଠାରୁ ଅଧିକ ସମ୍ପତ୍ତି ହାସଲ କରିଛନ୍ତି।

ବିଶ୍ୱ ସ୍ତରରେ ଆର୍ଥିକ ଅସମାନତା ବୃଦ୍ଧି ହେଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ଦଶନ୍ଧିରେ ବିଲିୟନେୟାରଙ୍କ ସଂଖ୍ୟା ବୃଦ୍ଧି ଘଟିଥିବା ଜଣାପଡିଛି। ଗତ ବର୍ଷ ଏମାନଙ୍କର ମୋଟ ସମ୍ପତ୍ତିରେ ବୃହତ୍ ପରିମାଣର ହ୍ରାସ ଘଟିଥିବା ନଜରକୁ ଆସିଥିଲା। ବିନା କୌଣସି ସୁଚିନ୍ତିତ ନୀତି ଦ୍ୱାରା ବିଶ୍ୱ ସ୍ତରରେ ବଢୁଥିବା ଅସମାନତାକୁ ଦୂର କରିବା ସମ୍ଭବ ହେବ ନାହିଁ। ମାତ୍ର କିଛି ଦେଶର ସରକାର ଏ ଦିଗରେ ଯୋଜନା ହାତକୁ ନେଉଥିବା ଅକ୍ସଫାମ ଇଣ୍ଡିଆର ସିଇଓ ଅମିତାଭ ବେହାର କହିଛନ୍ତି। ଡବ୍ଲ୍ୟୁଇଏଫ୍ ସମିଟରେ ଚଳିତ ବର୍ଷ ଲିଙ୍ଗଗତ ଅସମାନତା ଏବଂ ଆୟ ଭଳି ବିଷୟ ସ୍ଥାନ ପାଇବ। ସମ୍ବିଧାନ ପ୍ରଦତ୍ତ ଆଇନର କ୍ଷୁର୍ଣ୍ଣତା, ☞ପୃଷ୍ଠା-୪

- ଅକ୍ସଫାମ ଟାଇମ୍ ଟୁ କେୟାର ରିପୋର୍ଟ
- ୭୦% ଜନସଂଖ୍ୟାଙ୍କ ସମ୍ପତ୍ତିର ୪ ଗୁଣରୁ ଅଧିକ
- ବିଲିୟନେୟାରଙ୍କ ପାଖରେ ବାର୍ଷିକ ବଜେଟଠାରୁ ଅଧିକ ସମ୍ପତ୍ତି







Vencobb CHICKEN

20.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 70 | 119 | 129 |
| DKL | 71 | 120 | 130 |
| BDK | 66 | 114 | 124 |
| BLS | 66 | 114 | 124 |
| ANG | 72 | 122 | 132 |
| BHM | 72 | 122 | 132 |

*Conditions Apply

Issued in the Interest of Consumers



ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଭାଜପା ଏବଂ ଏହାର ସହଯୋଗୀ ଶିରୋମଣୀ ଅକାଳୀ ଦଳ (ଏସ୍‌ଏଡି) ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଏଥିଯୋଗୁ ଏସ୍‌ଏଡି ଦିଲ୍ଲୀ ବିଧାନସଭା ନିର୍ବାଚନ ନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିବା ଦଳର ନେତା ମନ୍‌ଜିନ୍ଦର ସିଂ ସିର୍ସା ସୂଚନା ଦେଇଛନ୍ତି।

# ଭାଜପାର ନୂଆ ମଙ୍ଗୁଆଳ

ନୂଆଦିଲ୍ଲୀ,୨୦।୧(ଆଇଏଏନ୍‌ଏସ୍)

ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ସୋମବାର ଅପରାହ୍ନ ୨ଟା ୩୦ରେ ଜେ.ପି. ନଡ୍ଡାଙ୍କୁ ଦଳର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇଛି। ଏହାସହ ଦଳରେ ବିଦାୟୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହାଙ୍କ ଯୁଗର ଅବସାନ ଘଟିଛି। କାର୍ଯ୍ୟକାରୀ ଅଧ୍ୟକ୍ଷ ନଡ୍ଡା ନିର୍ଦ୍ୱନ୍ଦ୍ୱରେ ଦଳର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଭାଜପା ମୁଖ୍ୟାଳୟ ବାହାରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ମୁଖ୍ୟାଳୟରେ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ନଡ୍ଡାଙ୍କ ନେତୃତ୍ୱରେ ଭାଜପା ସଫଳତାର ନୂଆ ଶୀର୍ଷକୁ ସ୍ପର୍ଶ କରିବ। ସେହିପରି ବିଦାୟୀ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ତାଙ୍କୁ ସ୍ୱାଗତ କରିଥିଲେ। ଶାହା କହିଥିଲେ, ନଡ୍ଡାଙ୍କ ନେତୃତ୍ୱରେ ଦଳ ଅଧିକ ଶକ୍ତିଶାଳୀ ଓ ସଙ୍ଗଠିତ ହେବ। ଏହି ଅବସରରେ


ଭାଜପା ମୁଖ୍ୟାଳୟରେ ଜେ.ପି. ନଡ୍ଡା

ନଡ୍ଡା ଉଦ୍‌ବୋଧନ ଦେଇ ତାଙ୍କୁ ଏଭଳି ଗୁରୁଦାୟିତ୍ୱ ଦିଆଯାଇଥିବାରୁ ସେ ଦଳର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ।

ନଡ୍ଡା ମଙ୍ଗ ଧରିବା ପରେ ଭାଜପାରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି। ସେ ଏହି ପଦରେ ୩ ବର୍ଷ ଧରି କାର୍ଯ୍ୟ କରିବେ। ଫେବୃୟାରୀ ୮ରେ ଦିଲ୍ଲୀରେ ହେବାକୁ ଥିବା ବିଧାନସଭା ନିର୍ବାଚନ ତାଙ୍କ ପାଇଁ ପ୍ରଥମ ଅଗ୍ନିପରୀକ୍ଷା ହେବ ବୋଲି କୁହାଯାଉଛି। ସେହିପରି ଚଳିତବର୍ଷ ଅକ୍ଟୋବରରେ ବିହାର ଓ ୨୦୨୧ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ନଡ୍ଡାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପାକୁ ଟାର୍ଗେଟ କରୁଥିବାବେଳେ ଦଳର ନୂଆ ମଙ୍ଗୁଆଳ ନଡ୍ଡା ଏହାର କିପରି ମୁକାବିଲା କରିବେ ତାହା ଉପରେ ସମସ୍ତଙ୍କ ନଜର ରହିବ।

## ଏବିଭିପିରୁ କ୍ୟାରିୟର ଆରମ୍ଭ

ନୂଆଦିଲ୍ଲୀ,୨୦।୧

ଭାଜପାର ଏକାଦଶ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଥିବା ଜେ.ପି. ନଡ୍ଡାଙ୍କ ଜନ୍ମ ୧୯୬୦ ଡିସେମ୍ବର ୨ରେ। ସେ ପାଟନାରେ ସ୍ନାତକ ଶିକ୍ଷା ଶେଷ କରିବା ପରେ ଶିମ୍‌ଲାସ୍ଥିତ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିଥିଲେ। ୧୯୭୮ରେ ନଡ୍ଡା ଏବିଭିପିରୁ ଛାତ୍ର ନେତା ଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୯୧ରୁ ୧୯୯୪ ପର୍ଯ୍ୟନ୍ତ ସେ ଭାରତୀୟ ଯୁବ ମୋର୍ଚ୍ଚାରେ ଥିବାବେଳେ ଭାଜପାର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ଗଡ଼କରୀ ଓ ଅମିତ୍‌ଶାହାଙ୍କ ସହ କାମ କରିବାର ସୁଯୋଗ ପାଇଥିଲେ।

ନଡ୍ଡା ୧୯୯୩ରେ ପ୍ରଥମଥର ପାଇଁ ହିମାଚଳ ପ୍ରଦେଶର ବିଳାସପୁର (ସଦର) ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୯୮ରେ ସେ ଉକ୍ତ ଆସନରୁ ପୁନଃ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ। ୨୦୦୩ ନିର୍ବାଚନରେ ସେ ହାରିଯାଇଥିଲେ। ୨୦୦୭ରେ ଜିତିବା ପରେ ପୁଣି ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ। ହିମାଚଳ ପ୍ରଦେଶରେ ପ୍ରେମ କୁମାର ଧୁମଲଙ୍କ (୨୦୦୭ରୁ ୨୦୧୨) ସରକାରରେ ନଡ୍ଡା ପରିବେଶ ମନ୍ତ୍ରୀ ଥିଲେ। ଧୁମଲଙ୍କ ସହ ମତଭେଦ ହେବା ପରେ ସେ କ୍ୟାବିନେଟରୁ ଇସ୍ତଫା ଦେଇ ରାଜ୍ୟ ସଭାକୁ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ନଡ୍ଡା ୨୦୧୪ରେ କେନ୍ଦ୍ର କ୍ୟାବିନେଟରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ। ତାଙ୍କ ସ୍ତ୍ରୀ ମଲିକା ନଡ୍ଡା ଜଣେ ଇତିହାସ ଅଧ୍ୟାପିକା। ସେ ୧୯୮୮ରୁ ୧୯୯୯ ପର୍ଯ୍ୟନ୍ତ ଏବିଭିପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଥିଲେ।

# ବ୍ରଜେଶ ଠାକୁରଙ୍କ ସମେତ ୧୯ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୨୦।୧(ପି.ଟି.)


### ମୁଜାଫରପୁର ସେଲ୍ଟର ହୋମ୍ ଯୌନ ନିର୍ଯାତନା ମାମଲା



ବିହାର ମୁଜାଫରପୁର ସେଲ୍ଟର ହୋମ୍ ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ଏକ ଅଦାଲତ ସୋମବାର ପୂର୍ବତନ ବିଧାୟକ ବ୍ରଜେଶ ଠାକୁରଙ୍କ ସମେତ ୧୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକ୍ସୋ ଆଇନ ଅଧୀନରେ ଯୌନ ଅତ୍ୟାଚାର ଓ ଗଣବଳାତ୍କାର ଅଭିଯୋଗରେ ଠାକୁରଙ୍କୁ ଅତିରିକ୍ତ ଦୌରାଜଜ୍ ସୌରଭ କୁଲଶ୍ରେଷ୍ଠ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରମାଣ ଅଭାବରୁ ଜଣକୁ ଦୋଷମୁକ୍ତ କରାଯାଇଛି। ୨୮ରେ ଦଣ୍ଡ ଶୁଣାଣି ହେବ।

ପୂର୍ବତନ ବିପିପି ବିଧାୟକ ଠାକୁର ମୁଜାଫରପୁରରେ ସେଲ୍ଟର ହୋମ୍ ଚଳାଉଥିଲେ। ସେଠାରେ ରହୁଥିବା ନାବାଳିକାମାନଙ୍କୁ ଯୌନ ନିର୍ଯାତନା ଦିଆଯିବା ସହ ବଳାତ୍କାର କରାଯାଉଥିବା ଅଭିଯୋଗ ହୋଇଥିଲା। ଟିଆଇଏସ୍‌ଏସ୍‌ର ଅଡିଟ୍ ରିପୋର୍ଟ ଦାଖଲ ପରେ ଏହି ଘଟଣା ପଦାକୁ ଆସିଥିଲା। ପରେ ଠାକୁରଙ୍କ ସମେତ ୨୦ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ଅପରାଧ ଷଡ଼ଯନ୍ତ୍ର ପଛରେ ସେଲ୍ଟର ହୋମ୍‌ର କର୍ମଚାରୀ ଓ ରାଜ୍ୟ ସାମାଜିକ କଲ୍ୟାଣ ଅଧିକାରୀ ସମ୍ପୃକ୍ତ ଥିବା ଜଣାପଡିଥିଲା। ସିବିଆଇକୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଗତବର୍ଷ ଫେବୃୟାରୀ ୭ରେ ମାମଲା ମୁଜାଫରପୁରର ସ୍ଥାନୀୟ ଅଦାଲତରୁ ଦିଲ୍ଲୀର ସକେତ୍ ଜିଲା କୋର୍ଟ କମ୍ପ୍ଲେକ୍ସରେ ଥିବା ପୋକ୍ସୋ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ମାର୍ଚ୍ଚ ୩୦ରେ କୋର୍ଟ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ।

# ରୋଡ୍‌ଶୋ' ଯୋଗୁ ଅଟକିଲା କେଜ୍‌ରିୱାଲଙ୍କ ନାମାଙ୍କନ


ରୋଡ୍ ଶୋ' ପୂର୍ବରୁ ଅରବିନ୍ଦ୍ କେଜ୍‌ରିୱାଲ ବାଲ୍ମୀକି ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

ନୂଆଦିଲ୍ଲୀ,୨୦।୧(ପି.ଟି.)

ରୋଡ୍‌ଶୋ'ରେ ବିଳମ୍ବ ହେବାରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲ୍ ସୋମବାର ନାମାଙ୍କନପତ୍ର ଦାଖଲ କରିପାରିନାହାନ୍ତି। ମଙ୍ଗଳବାର ସେ ନାମାଙ୍କନ ଭରିବେ ବୋଲି କହିଛନ୍ତି। କେଜ୍‌ରିୱାଲ ତାଙ୍କ ପରିବାର ସଦସ୍ୟଙ୍କ ସହ ବାଲ୍ମୀକି ମନ୍ଦିର ଯାଇ ଆଶୀର୍ବାଦ ନେବା ସହ ସେଠାରୁ ରୋଡଶୋ'ରେ ବାହାରିଥିଲେ। ପଞ୍ଚକୁଆଁ ମାର୍ଗ, ଇନର ସର୍କଲ ଦେଇ ସେମାନେ କନ୍ନଟ ପ୍ଲେସ୍‌ରେ ପହଞ୍ଚିଥିଲେ। ସେଠାରୁ ଆଉଟର୍ ସର୍କଲ ଦେଇ ବାବା ଖରକ ସିଂ ମାର୍ଗ ଯାଇଥିଲେ। ପଟେଲ ଚୌକ୍ ମେଟ୍ରୋ ଷ୍ଟେଶନ ନିକଟରେ ରୋଡଶୋ' ଶେଷ ହୋଇଥିଲା। ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ଭିଡ଼କୁ ଏଡାଇ ପାରି ନ ଥିଲେ କେଜ୍‌ରିୱାଲ। ଫଳରେ ନାମାଙ୍କନ ପତ୍ର ଦାଖଲ ପାଇଁ ଧାର୍ଯ୍ୟ ସମୟ ମଧ୍ୟରେ ସେ କାର୍ଯ୍ୟାଳୟରେ ପହଞ୍ଚିପାରି ନ ଥିଲେ।

# ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୦।୧(ପି.ଟି.)

### ଇଲେକ୍ଟୋରାଲ ବଣ୍ଡ୍ ଯୋଜନା

ରାଜନୈତିକ ଦଳଗୁଡିକର ପାଣ୍ଠି ସଂଗ୍ରହ ପାଇଁ ରହିଥିବା ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏଥିସହିତ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କଠାରୁ ଅଦାଲତ ଜବାବ ଲୋଡ଼ିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଇଲେକ୍ଟୋରାଲ ବଣ୍ଡ ଯୋଜନା ଉପରେ ସ୍ଥଗିତାଦେଶ ଜାରି ଲାଗି 'ଆସୋସିଏଶନ ଫର ଡେମୋକ୍ରାଟିକ୍ ରିଫର୍ମସ' (ଏଡିଆର୍) ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଏହି ଯୋଜନା ମାଧ୍ୟମରେ ଅଘୋଷିତ କଳାଧନ ଶାସକ ଦଳ ପାଣ୍ଠିକୁ ଯାଉଥିବା ଏନ୍‌ଜିଓ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ଅଭିଯୋଗ କରିଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଉପସ୍ଥିତ ରହି ଜବାବ ଦାଖଲ ପାଇଁ ୪ ସପ୍ତାହ ସମୟ ମାଗିଥିଲେ। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଇଲେକ୍ଟୋରାଲ ବଣ୍ଡ ବିକ୍ରି ନିମନ୍ତେ ସରକାର ୧୦ ଦିନ ସମୟ ଦେଇଛନ୍ତି। ୨୦୧୮ ଜାନୁୟାରୀ ୨ରେ ଇଲେକ୍ଟୋରାଲ ବଣ୍ଡ ଯୋଜନା ପ୍ରଚଳନ ଲାଗି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ରାଜନୈତିକ ଦଳଙ୍କୁ ଚାନ୍ଦା ଦେବାକୁ ଚାହୁଁଥିବା ଜଣେ ଭାରତୀୟ କିମ୍ବା ଭାରତରେ ଥିବା କୌଣସି ସଂସ୍ଥା ଏହି ବଣ୍ଡ୍ କିଣିପାରିବେ।

# ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨୦।୧(ପି.ଟି.)

ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ସୋମବାର ସୁରକ୍ଷାବଳର ଏନ୍‌କାଉଣ୍ଟରରେ ୩ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ସୂଚନା ପାଇବା ପରେ ସୁରକ୍ଷା ବଳ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଆତଙ୍କବାଦୀମାନଙ୍କୁ ଆତ୍ମସମର୍ପଣ ପାଇଁ କୁହାଯିବା ସତ୍ତ୍ୱେ ସେମାନେ ଗୁଳି ଚଳାଇବାରୁ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ମୃତ ଆତଙ୍କବାଦୀମାନଙ୍କ ମଧ୍ୟରେ ଆଦିଲ ଅହମଦ ଜଣେ ପୂର୍ବତନ ସ୍ପେଶାଲ ପୋଲିସ ଅଫିସର। ସେ ୨୦୧୮ରେ ପଳାଇଯାଇ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଥିଲେ।

### [ଇତିହାସର ଆଇନାରେ]

#### ଜାନୁୟାରୀ ୨୧ର ପ୍ରମୁଖ ଘଟଣା

୧୯୫୮ ଜାନୁୟାରୀ ୨୧ରେ କପିରାଇଟ ଅଧିନିୟମ ୧୯୫୭ ଭାରତରେ ଲାଗୁ ହୋଇଥିଲା। ଏହା ପୂର୍ବରୁ ବ୍ରିଟିଶ ଅମଳର କପିରାଇଟ ଅଧିନିୟମ ପ୍ରଚଳିତ ଥିଲା।

୧୯୯୬ ଜାନୁୟାରୀ ୨୧ରେ ସୁମାତ୍ରା ଦ୍ୱୀପ ନିକଟରେ ଏକ ଯାତ୍ରୀବାହୀ ଜାହାଜ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୪୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ପ୍ରବଳ ବେଗରେ ପବନ ବହିବାରୁ ସାବାଙ୍ଗ ଅଭିମୁଖେ ଯାଉଥିବା ଜାହାଜଟି ଏକ ଶିଳାଖଣ୍ଡରେ ଧକ୍କା ଖାଇ ବୁଡ଼ିଯାଇଥିଲା।

# ୧୦ ହୁଜି ସଦସ୍ୟଙ୍କୁ ମୃତ୍ୟୁଦଣ୍ଡାଦେଶ

ଢାକା,୨୦।୧(ପି.ଟି.)

### ବାଂଲାଦେଶ ବିସ୍ଫୋରଣ ମାମଲା

୨୦୦୧ ଜାନୁୟାରୀ ୨୦ରେ ବାଂଲାଦେଶରେ କମ୍ୟୁନିଷ୍ଟ ପାର୍ଟିର ଏକ ର୍‍ୟାଲିରେ ବୋମା ବିସ୍ଫୋରଣ ହେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୫୦ ଆହତ ହୋଇଥିଲେ। ଏହି ମାମଲାର ବିଚାର କରି ଢାକା ମେଟ୍ରୋପଲିଟାନ ସେସନ୍ସ କୋର୍ଟ ବେଆଇନ ସଂଗଠନ ହର୍‌କତ-ଉଲ୍ ଜିହାଦ ଅଲ୍-ଇସ୍‌ଲାମୀ (ହୁଜି)ର ୧୦ ଜଣ ସଦସ୍ୟଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ସେମାନଙ୍କୁ ୨୦ହଜାର ଟାକା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ପ୍ରମାଣ ଅଭାବରୁ ଦୁଇଜଣଙ୍କୁ ଦୋଷମୁକ୍ତ କରିଛନ୍ତି ବିଚାରପତି ମହମ୍ମଦ ରବିଉଲ୍ ଇସ୍‌ଲାମ। ଏହି ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ହୁଜି ମୁଖ୍ୟ ମୁଫ୍‌ତି ଅବଦୁଲ ହନ୍ନାନ ଅନ୍ୟ ଏକ ଗ୍ରେନେଡ୍ ଆକ୍ରମଣ ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଫାଶୀ ପାଇଥିଲେ।

# 'ଜୀବନକୁ ନିୟନ୍ତ୍ରଣ ନ କରୁ ପ୍ରଯୁକ୍ତି'

ନୂଆଦିଲ୍ଲୀ,୨୦।୧(ପି.ଟି.)

'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଛାତ୍ରୀଛାତ୍ରମାନଙ୍କୁ କେତେକ ଉପାଦେୟ ପରାମର୍ଶ ଦେଇଛନ୍ତି। ପରୀକ୍ଷାକୁ ନେଇ ପିଲାଙ୍କ ମଧ୍ୟରେ ଥିବା ଭୟ ଦୂର କରିବାକୁ ଓ ଅଭିଭାବକମାନଙ୍କ ବୋଝ ହାଲୁକା କରିବାକୁ ସେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୟାସ କରିଛନ୍ତି। ପରୀକ୍ଷା ସବୁକିଛି ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଘରେ ଏକ ପ୍ରଯୁକ୍ତିମୁକ୍ତ ପ୍ରକୋଷ୍ଠ କରିବା, ନିଜର ଆଗ୍ରହ ଅନୁଯାୟୀ ପାଠ୍ୟକ୍ରମ ଅତିରିକ୍ତ କାର୍ଯ୍ୟ ଚୟନ କରିବାକୁ ପରାମର୍ଶ ଦେଇଥିଲେ। ଅସ୍ଥାୟୀ ଅସଫଳତାକୁ ନେଇ ଭାଙ୍ଗିପଡ଼ିବା ଉଚିତ ନୁହେଁ ବୋଲି ତାଲକଟୋରା ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ। ପରୀକ୍ଷାର ଚାପ ଏବଂ ସମୟ ପରିଚାଳନା ଆଦି ପ୍ରସଙ୍ଗରେ କହିବା ବେଳେ ସେ କ୍ରିକେଟ, ଚନ୍ଦ୍ରୟାନ-୨ ଏବଂ ନିଜସ୍ୱ ଅଭିଜ୍ଞତାରୁ ଉଦାହରଣମାନ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, ଆଧୁନିକ ପ୍ରଯୁକ୍ତି ବିଷୟରେ ସମସ୍ତେ ଜ୍ଞାନ ଆହରଣ କରିବା ଆବଶ୍ୟକ। ତେବେ ତାହା ଯେପରି ଆମ ଜୀବନକୁ ନିୟନ୍ତ୍ରଣ ନ କରେ ସେଥିପ୍ରତି ସଚେତନ ହେବା ଜରୁରୀ।

ପ୍ରଯୁକ୍ତି ଏକ ବନ୍ଧୁ। ଏ ସମ୍ପର୍କରେ ଖାଲି ଜାଣିବା ଯଥେଷ୍ଟ ନୁହେଁ, ତାକୁ କାମରେ ଲଗାଇବା ଗୁରୁତ୍ୱପୂର୍ଣ୍ଣ। ତେବେ ପ୍ରଯୁକ୍ତିର ଦାସ ନ ହେବାକୁ ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଯୁକ୍ତିକୁ ନିୟନ୍ତ୍ରଣରେ ରଖିବା ଏବଂ ଏହା ଯେପରି ସମୟ ବରବାଦ ନ କରେ ସେଥିପ୍ରତି ସତର୍କ



### 'ପରୀକ୍ଷା ପେ ଚର୍ଚ୍ଚା'


- ସାମୟିକ ଅସଫଳତାରେ ଭାଙ୍ଗି ନ ପଡ଼ିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ
- ପରୀକ୍ଷା ସବୁକିଛି ନୁହେଁ
- ପିଲାଙ୍କ ଉପରେ ଚାପ ନ ପକାନ୍ତୁ ଅଭିଭାବକ
- ପଢ଼ା ସମୟ ନଷ୍ଟ ନ କରନ୍ତୁ ପ୍ରଧାନମନ୍ତ୍ରୀ: କଂଗ୍ରେସ

ହେବାକୁ ପଡ଼ିବ। ଘରେ ଗୋଟିଏ ପ୍ରଯୁକ୍ତିମୁକ୍ତ କକ୍ଷ ରହିବା ଆବଶ୍ୟକ ବୋଲି ମୋଦି କହିଥିଲେ।

ଅସଫଳତା ଏକ ସାମୟିକ ଘଟଣା। ଏହାକୁ ନେଇ ବିବ୍ରତ ହେବା ଉଚିତ ନୁହେଁ। ଏହି ମର୍ମରେ ପ୍ରଧାନମନ୍ତ୍ରୀ ଇସ୍ରୋର ଚନ୍ଦ୍ରୟାନ-୨ ମିଶନରେ ହୋଇଥିବା ଅସଫଳତାର ଉଦାହରଣ ଦେଇ କହିଥିଲେ, ଲ୍ୟାଣ୍ଡର ବିକ୍ରମ ଅବତରଣ କରିବାରେ ବିଫଳ ହୋଇଥିଲା। ଏହା ସତ୍ତ୍ୱେ ଇସ୍ରୋ ବୈଜ୍ଞାନିକମାନଙ୍କ ସହ ଅତିବାହିତ କରିଥିବା ସମୟ ସବୁଦିନ ପାଇଁ ମନେରହିବ। ସେହିପରି ଆମର କ୍ରିକେଟ ଟିମ୍ ବିଫଳତାକୁ ନେଇ ମନ ଖରାପ ହୁଏ। ଏହି ସମୟରେ ଆମେ କ୍ରିକେଟରମାନଙ୍କ ସଫଳତାକୁ ଭୁଲିଯାଇପାରିବା ନାହିଁ। ତାହା ହେଲେ ଆମକୁ ସକାରାତ୍ମକ ଚିନ୍ତାଧାରା ପାଇଁ ପ୍ରେରଣା ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପିଲାମାନେ ସେମାନଙ୍କ ବଳକା ସମୟକୁ ବୟସ୍କମାନଙ୍କ ସହ ଅତିବାହିତ କରିବା ଉଚିତ। ଆମମାନଙ୍କ ମନ ଭିତରେ ଏକ ଧାରଣା ରହିଆସିଛି ପରୀକ୍ଷା ଜୀବନର ସବୁକିଛି। ପରୀକ୍ଷାରେ ଭଲ ନମ୍ବର ରଖିବା ସବୁକିଛି ନୁହେଁ ବୋଲି ମୋଦି କହିବା ସହ ପାଠ୍ୟକ୍ରମ ଅତିରିକ୍ତ କାର୍ଯ୍ୟ ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମାଆବାପା ପିଲାମାନଙ୍କୁ ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କରିବା ପାଇଁ ବାଧ ନ କରି ସେମାନଙ୍କ ଆଗ୍ରହକୁ ଅନୁଧ୍ୟାନ କରି ସେ ଦିଗରେ ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ କହିଥିଲେ। ସେହିପରି ଅଭିଭାବକମାନେ ପିଲାଙ୍କ ଉପରେ ଚାପ ନ ପକାଇ ସେମାନଙ୍କ ଅନ୍ତର୍ନିହିତ ଶକ୍ତିକୁ ଖୋଜି ବାହାର କରିବା ଉଚିତ। ଛାତ୍ରୀଛାତ୍ର ସେମାନଙ୍କ ପ୍ରସ୍ତୁତିକୁ ନେଇ ଦୃଢ଼ନିଶ୍ଚିତ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା କପିଲ ଶିବଲ ସମାଲୋଚନା କରିଛନ୍ତି। ପିଲାମାନେ ଆଗାମୀ ବୋର୍ଡ ପରୀକ୍ଷା ଲାଗି ଏବେ ପାଠପଢ଼ାରେ ସମୟ ବିତାଇବା ଆବଶ୍ୟକ। ତେଣୁ ପ୍ରଧାନମନ୍ତ୍ରୀ ପିଲାଙ୍କ ସମୟ ନଷ୍ଟ ନ କରି ସେମାନଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଛାଡ଼ିଦେବାକୁ ଶିବଲ ପ୍ରସ୍ତାବ ଦେଇଛନ୍ତି।






## ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**କ୍ୟୁନେଟ୍ ଚିଟ୍‌ଫଣ୍ଡ ଠକେଇ ମାମଲା**

କଟକ ଅଫିସ,୨୦।୧– କ୍ୟୁନେଟ୍ ଚିଟ୍‌ଫଣ୍ଡ ସଂସ୍ଥାର ୪ ଜଣ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ୪ ଜଣ ହେଲେ ସଂସ୍ଥାର ଭାରତ ରଘୁବଂଶୀ, ରଶ୍ମିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ମହାନ୍ତି ଓ ରବୀନ୍ଦ୍ର କୁମାର। ସୂଚନାଥାଉ କି, କ୍ୟୁନେଟ୍ ଚିଟ୍‌ଫଣ୍ଡ ସଂସ୍ଥା ଅଧିକ ସୁଧ ଆଶା ଦେଖାଇ ଜମାକାରୀଙ୍କଠାରୁ ଟଙ୍କା ଜମା ରଖୁଥିଲା। ୫ ବର୍ଷରେ ୫ ଲକ୍ଷ ଟଙ୍କା ବହୁ କୋଟି ହେବ ବୋଲି ଲୋଭ ଦେଖାଇ ଲୋକଙ୍କଠାରୁ ଟଙ୍କା ଠକି ନେଇଥିଲା। ଏହି ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ସଂସ୍ଥାର ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଅନ୍ୟ ୪ ଜଣ ଆଗୁଆ ଜାମିନ ପାଇଁ ହାଇକୋର୍ଟକୁ ଆସି ନିରାଶ ହୋଇଛନ୍ତି।

## ୫ ବିଶ୍ୱବିଦ୍ୟାଳୟରେ କୁଳସଚିବ ନିଯୁକ୍ତ

ଭୁବନେଶ୍ୱର, ୨୦।୧(ବ୍ୟୁରୋ) ରାଜ୍ୟର ୫ ବିଶ୍ୱବିଦ୍ୟାଳୟରେ ନୂତନ କୁଳସଚିବଙ୍କୁ ସୋମବାର ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ୫ ଜଣ ଓଏଏସ୍ ଅଧିକାରୀଙ୍କୁ ଏହି ଦାୟିତ୍ୱ ମିଳିଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳସଚିବ ଭାବେ ଓଏଏସ୍ ଅଧିକାରୀ ଲୋପାମୁଦ୍ରା ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଲୋପାମୁଦ୍ରା ବର୍ତ୍ତମାନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ପ୍ରଶାସନିକ ଅଧିକାରୀ ଅଛନ୍ତି। ସେହିପରି ଉଚ୍ଚ ଶିକ୍ଷା ବିଭାଗ ଯୁଗ୍ମସଚିବ ଶ୍ୟାମଳୀ ମହାପାତ୍ରଙ୍କୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳସଚିବ ଦାୟିତ୍ୱ ଦିଆଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବଭାବେ ନୂଆପଡ଼ା ଜିଲା ଅତିରିକ୍ତ ମାଜିଷ୍ଟ୍ରେଟ୍ ସୀତାରାମ ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସହଦେବ ସମଧିଆଙ୍କୁ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳସଚିବ ଦାୟିତ୍ୱ ଦିଆଯାଇଛି। ସେହିପରି ବୋର୍ଡ ଅଫ୍ ରେଭିନ୍ୟୁର ଯୁଗ୍ମସଚିବ ବ୍ରହ୍ମାନନ୍ଦ ବେହେରାଙ୍କୁ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳସଚିବଭାବେ ଦାୟିତ୍ୱ ମିଳିଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।




# ଘରେ ବସି ଟିକସ ଦେଇପାରିବେ ଘର ମାଲିକ

- ଆରମ୍ଭ ହେଲା ଏମ୍‌ପିଏଲ୍, ସମ୍ପତ୍ତି ଟିକସ ମଡ୍ୟୁଲ
- ୧୧୪ ସହରାଞ୍ଚଳର ୭୦ ଲକ୍ଷ ଟିକସଦାତା ଉପକୃତ ହେବେ
- ଅଧିକ ଟିକସ ଆଦାୟ କରୁଥିବା ଅଧିକାରୀ, ପୌରସଂସ୍ଥା ପୁରସ୍କୃତ ହେବେ
- ପ୍ରଥମ ପର୍ଯ୍ୟାୟରେ ୯ ସହର ସାମିଲ

ଭୁବନେଶ୍ୱର,୨୦।୧(ବ୍ୟୁରୋ) ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ସେମାନଙ୍କର ସମ୍ପତ୍ତି (ହୋଲ୍ଡିଂ) ଟିକସ ଦେବାକୁ ଏନ୍‌ଏସି, ମ୍ୟୁନିସିପାଲିଟି କିମ୍ବା ମହାନଗର ନିଗମ କାର୍ଯ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ। ଘରେ ବସି ଅନ୍‌ଲାଇନ ଜରିଆରେ ଟିକସ ପଇଠ କରିପାରିବେ। ରାଜ୍ୟର ୧୧୪ ସହରାଞ୍ଚଳରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ସୋମବାର ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ପତ୍ତି ଟିକସ ମଡ୍ୟୁଲ ଏବଂ ମ୍ୟୁନିସିପାଲ ପ୍ରିମିୟର ଲିଗ୍(ଏମ୍‌ପିଏଲ୍)ର ଶୁଭାରମ୍ଭ କରିଛନ୍ତି।

ଏହି ଅନ୍‌ଲାଇନ ଟିକସ ପଇଠ ବ୍ୟବସ୍ଥା ଦ୍ୱାରା ୧୧୪ ସହରାଞ୍ଚଳର ପ୍ରାୟ ୭୦ ଲକ୍ଷ ଟିକସଦାତା କୌଣସି କାର୍ଯ୍ୟାଳୟକୁ ନ ଯାଇ ଟିକସ ପଇଠ କରିପାରିବେ। ୧୧୩ ସହରାଞ୍ଚଳର ହୋଲ୍ଡିଂ ଟିକସଦାତା ନିଜର ସ୍ମାର୍ଟଫୋନ କିମ୍ବା କମ୍ପ୍ୟୁଟର ଜରିଆରେ ୱେବସାଇଟ www.ulbodisha.gov.in ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଟିକସଦାତା https://citizenservices.bhubaneswar.me ମାଧ୍ୟମରେ ଟିକସ ପଇଠ କରିପାରିବେ। ଟିକସ ପଇଠ ହେବା ପରେ ତୁରନ୍ତ ଟିକସଦାତାଙ୍କୁ ମେଲ/ମେସେଜ ଜରିଆରେ ରସିଦ ମିଳିଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସହରାଞ୍ଚଳର ଟିକସ ଅଦାୟ ଅଫିସରମାନେ ଏମ୍‌ପିଏଲରେ ସାମିଲ ହେବେ। ଅଧିକ ଟିକସ ଆଦାୟ କରିଥିବା ୫ଜଣ ଅଧିକାରୀଙ୍କୁ ପ୍ରତିବର୍ଷ ପୁରସ୍କୃତ କରାଯିବ। ଟିକସ ଆଦାୟ ଦକ୍ଷତା, ବକେୟା ଆଦାୟ, ନୂତନ ଗୃହଗୁଡିକୁ ଟିକସ ପରିସରଭୁକ୍ତ କରିବା, ପୁନଃ ଟିକସ ନିର୍ଦ୍ଧାରଣ କରିବା, ଟିକସ ଆଦାୟରେ ବୈଷୟିକ ବ୍ୟବସ୍ଥାକୁ ଗ୍ରହଣ କରିବା ଆଦି ବିଷୟକୁ ଆଧାର କରି ଅଧିକାରୀମାନଙ୍କୁ ପୁରସ୍କୃତ କରାଯିବ। ଏହାଛଡା ପ୍ରତ୍ୟେକ ସହରାଞ୍ଚଳର ୩ଜଣ ଟିକସ ଆଦାୟ ଅଧିକାରୀ କିମ୍ବା ସର୍ବାଧିକ ଟିକସ ଆଦାୟ କରିଥିବା ୧୦ ପ୍ରତିଶତ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବାକୁ ବ୍ୟବସ୍ଥା ହୋଇଛି। ଅଧିକ ଟିକସ ଆଦାୟ କରିଥିବା ପୌରସଂସ୍ଥାକୁ ପୁରସ୍କୃତ କରାଯିବ। ପ୍ରଥମ ପର୍ଯ୍ୟାୟରେ ୯ଟି ପୌରସଂସ୍ଥାରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ସେଗୁଡିକ ହେଲା ୫ଟି ମହାନଗର ନିଗମ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ୪ଟି ମ୍ୟୁନିସିପାଲିଟି ପୁରୀ, ବାଲେଶ୍ୱର, ଭଦ୍ରକ ଏବଂ ବାରିପଦା। ଯେଉଁ ପୌରସଂସ୍ଥା ଅଧିକ ସମ୍ବଳ ସଂଗ୍ରହ କରିବେ ତାହା ନଗର ଉନ୍ନୟନ ବିଭାଗ ଦ୍ୱାରା ପୁରସ୍କୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ୫-ଟି ଟାର୍ଗେଟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଲୋକଙ୍କ ଦୁଆରେ ସରକାରୀ ସେବା ପହଞ୍ଚାଇବା ହେଉଛି ମୋ ସରକାର ପ୍ରଥମ ଲକ୍ଷ୍ୟ ।

ସହରାଞ୍ଚଳଗୁଡିକରେ ଏମ୍‌ପିଏଲ ପ୍ରତିଯୋଗିତା ଫେବୃୟାରୀ ୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ଯାଏ ଚାଲିବ। ଏହାକୁ ତଦାରଖ କରିବାକୁ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ନିର୍ଦ୍ଦେଶକ (ପୌର ପ୍ରଶାସନ) ସଂଗ୍ରାମଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ୧୮ ଜଣିଆ ଆୟୋଜକ କମିଟି ଗଠନ କରାଯାଇଛି। ଏହି କମିଟି ପୌର ସଂସ୍ଥାଗୁଡିକର ରାଜସ୍ୱ ଆଦାୟକୁ ତଦାରଖ କରିବା ସହ ଉତ୍ତମ ପ୍ରଦର୍ଶନ କରୁଥିବା ପୌର ସଂସ୍ଥା ଓ ଏହାର ଅଧିକାରୀମାନଙ୍କର ନାମକୁ ପୁରସ୍କାର ପାଇଁ ସୁପାରିସ କରିବ। ୯ଟି ପୌରସଂସ୍ଥା ପାଇଁ ଏମ୍‌ପିଏଲ୍ ସିଟି ପ୍ରବନ୍ଧକ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ ପାଇଁ ଶ୍ରୀମନ୍ତ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ କଟକ ପାଇଁ ଲତା ଶର୍ମା, ବ୍ରହ୍ମପୁର ନିମନ୍ତେ ବାସୁଦେବ ପାଣିଗ୍ରାହୀ, ସମ୍ବଲପୁର ପାଇଁ ଅଞ୍ଜଳିନା ପ୍ରଧାନ, ରାଉରକେଲା ପାଇଁ ପ୍ରଣବ କିଶୋର ଦାଶ, ପୁରୀ ପାଇଁ ସରୋଜ ସ୍ୱାଇଁ, ବାଲେଶ୍ୱର ନିମନ୍ତେ ବ୍ରଜଗୋପାଳ ମହାପାତ୍ର, ବାରିପଦା ପାଇଁ ରମାକାନ୍ତ ବେହେରା ଏବଂ ଭଦ୍ରକ ନିମନ୍ତେ ଅରବିନ୍ଦ ନାୟକଙ୍କୁ ପ୍ରବନ୍ଧକ ଭାବେ ନିଯୁକ୍ତି ଦିଆଯାଇଛି।

DADLS-90

**ମାନ୍ୟବର ମୁଖ୍ୟମନ୍ତ୍ରୀ**
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
**ବରଗଡ଼ ଜିଲ୍ଲା ଗସ୍ତ ଅବସରରେ**
**ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**


**୨୧ ଜାନୁଆରୀ ୨୦୨୦ ମଙ୍ଗଳବାର**
**ଟୁକୁର୍ଲା, ମଧ୍ୟାହ୍ନ : ୧୨.୧୫**

**ଶୁଭ ଉଦ୍‌ଘାଟନ**
**୭୦ କୋଟି ୬୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୭ଟି ପ୍ରକଳ୍ପ**
ବରଗଡ଼ ସାଇନ୍ସ ସେଣ୍ଟର
ସୋହେଲା - ନୂଆପଡ଼ା ରାସ୍ତାରେ ଅଙ୍ଗ ନଦୀ ଉପରେ ହାଇଲେଭଲ୍ ସେତୁ
ଟୁକୁର୍ଲାଠାରେ ନବନିର୍ମିତ ଜିଲ୍ଲା ସଦର ମହକୁମା ଡାକ୍ତରଖାନା
ଟୁକୁର୍ଲା ନୂଆ ଡାକ୍ତରଖାନାର ନବନିର୍ମିତ ରୋଗୀ ସହାୟକ ବିଶ୍ରାମଗୃହ, ପାକଶାଳା ଏବଂ କ୍ୟାଣ୍ଟିନ
ରାଜସ୍ୱ ବିଭାଗ ବିଶ୍ରାମାଗାର ଏବଂ ପଦ୍ମପୁର ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ
ବରଗଡ଼ ରାଜସ୍ୱ ନିରୀକ୍ଷକ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ

**ଭିତ୍ତିପ୍ରସ୍ତର ସ୍ଥାପନ**
**୫୯ କୋଟି ୪୪ ଲକ୍ଷ ଟଙ୍କାର ୨୨ଟି ପ୍ରକଳ୍ପ**
ଟୁକୁର୍ଲା ନୂଆ ଡାକ୍ତରଖାନାର ଔଷଧ ଭଣ୍ଡାର, ବ୍ଲଡ଼ବ୍ୟାଙ୍କ ଏବଂ ୩୬ଟି କର୍ମଚାରୀ ବାସଗୃହ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରେକର୍ଡ ରୁମ ଏବଂ ୮ଟି ସରକାରୀ କର୍ମଚାରୀ ବାସଗୃହ
ଦିପ୍ତିପୁର - ଗାଇସିଲେଟ୍ ରାସ୍ତାରେ ତେଲମହୁଲ ନାଳ ଏବଂ ବିଜେପୁର-ଦୁବଲାବାହାଲ ରାସ୍ତାରେ ଘେଁଷାଳି ଯୋର ଉପରେ ହାଇଲେଭଲ୍ ସେତୁ ଓ ବରଗଡ଼ ଜିଲ୍ଲାର ୧୨ଟି ସଡକ ଉନ୍ନତିକରଣ କାର୍ଯ୍ୟ
ସାଧାରଣ ସଭାରେ ଉଦ୍‌ବୋଧନ ।

**ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ବିନମ୍ର ଅନୁରୋଧ ।**





ଓଡ଼ିଶା ସରକାର, ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0125/1920

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ବିଶ୍ୱଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫ ଗିରଫ, ୩୨୪ ଗ୍ରାମ୍ ବ୍ରାଉନସୁଗାର ଜବତ

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଖୁଲମଖୁଲା ବ୍ରାଉନ ସୁଗାର ବେପାର ଚାଲିଛି। ଏହାକୁ ରୋକିବା ପାଇଁ ପୋଲିସ ମହାନିର୍ଦ୍ଦେଶକ ଅଭୟ ନିର୍ଦ୍ଦେଶ ଦେବା ପରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ସ୍ପେଶାଲ ଡ୍ରାଇଭ ଆରମ୍ଭ କରିଛି। ଏସ୍‌ଟିଏଫ୍ ରବିବାର ବାଲେଶ୍ୱର ଓ ଭୁବନେଶ୍ୱରରେ ଚଢାଉ କରି ୫ଜଣ ଆନ୍ତଃରାଜ୍ୟ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଧୀନ ଶିଖରଚଣ୍ଡୀ ବସ୍ତିର ଏସ୍.କେ. ସାଗ୍‌ବା, ବାଲେଶ୍ୱର ଗୋପାଳଗାଁର ତନ୍ମୟ କୁମାର ସାହୁ, ବାଲେଶ୍ୱର ଗଳାପୋଲ ଅଞ୍ଚଳର ଏସ୍.କେ. ଫକିର, ବାଲେଶ୍ୱର ସହଦେବଖୁଣ୍ଟାର ଏମ୍.ଡି. ସୋହେଲ ଏବଂ ଏସ୍.କେ. ହାଇବୁଲ। ସେମାନଙ୍କଠାରୁ ୩୨୪ ଗ୍ରାମର ବ୍ରାଉନସୁଗାର ଏବଂ ୧ଲକ୍ଷ ୮୪ ହଜାର ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୯ଲକ୍ଷ ଟଙ୍କା ହେବ। ଫକିରା ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଦଫା ୨୧ (ବି), ୨୯ ଏନ୍‌ଡିପିଏସ୍ ଆକ୍ଟ କ୍ରମେ କେସ୍ ନଂ-୬/୨୦ ରୁଜୁ କରାଯାଇଛି। ସୋମବାର ସେମାନଙ୍କୁ ଭୁବନେଶ୍ୱର ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱରରୁ ଗିରଫ ହୋଇଥିବା ୩ ଅଭିଯୁକ୍ତ ଫକିର, ସୋହେଲ ଏବଂ ହାଇବୁଲଙ୍କ ଘର ବାଂଲାଦେଶରେ ବୋଲି ଜଣାପଡ଼ିଛି। ସେମାନେ ବାଲେଶ୍ୱରରେ ସ୍ଥାୟୀ ଭାବେ ରହି ବ୍ରାଉନ ସୁଗାର ବେପାର କରୁଥିଲେ। ଏସ୍‌ଟିଏଫ୍ ବ୍ରାଉନ ସୁଗାର ବେପାରୀଙ୍କ ଉପରେ କଡ଼ା ନଜର ରଖିଥିବା ବେଳେ କଳିଙ୍ଗ ଷ୍ଟାଡିୟମ ପଛପଟ ଗେଟ ନିକଟରେ ରବିବାର ସାଗ୍‌ବା ଏବଂ ତନ୍ମୟ ବ୍ରାଉନ ସୁଗାର ବେପାର କରୁଥିଲେ। ଏସ୍‌ଟିଏଫ୍ ଉଭୟଙ୍କୁ ଧରି ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ୩୨୪ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ସେମାନଙ୍କୁ ପଚରାଉଚରା କରାଯିବା ପରେ ସେମାନେ ବାଲେଶ୍ୱରର ବ୍ରାଉନସୁଗାର ହୋଲ୍‌ସେଲ ଡିଲର ଏସ୍.କେ. ଫକିର, ଏମ୍.ଡି. ସୋହେଲ ଏବଂ ଏସ୍.କେ. ହାଇବୁଲଙ୍କ ନାମ ପ୍ରକାଶ କରିଥିଲେ। ଏମାନେ ନିଜ ଜନ୍ମମାଟି ବାଂଲାଦେଶରୁ ଜଳପଥ ଦେଇ ବାଲେଶ୍ୱରକୁ ବ୍ରାଉନସୁଗାର ଆଣୁଥିଲେ। ସେଠାରୁ ଭୁବନେଶ୍ୱର ସମେତ ଅନ୍ୟ ଅଞ୍ଚଳକୁ ପଠାଉଥିଲେ। ଖୁଚୁରା ବେପାରୀମାନେ ମଧ୍ୟ ସେମାନଙ୍କଠାରୁ ବ୍ରାଉନସୁଗାର କିଣି ନେଉଥିଲେ। ଏସ୍‌ଟିଏଫ୍ ଏହି ୩ଜଣଙ୍କୁ ଧରିବା ସହ ଏକ କାର୍ ଓ ବାଇକ୍ ଜବତ କରିଛି।

ଉଲ୍ଲେଖଯୋଗ୍ୟ, ବ୍ରାଉନସୁଗାର କାରବାର ରୋକିବା ପାଇଁ ଗତ ୬ ତାରିଖରୁ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ଇତିମଧ୍ୟରେ ବାଲେଶ୍ୱର, ଅନୁଗୁଳ, ଖୋର୍ଦ୍ଧା, ପିପିଲି, ଢେଙ୍କାନାଳ ଓ ଭୁବନେଶ୍ୱରରେ ଚଢାଉ କରାଯାଇଛି। ଏ ନେଇ ୫ଟି ମାମଲା ରୁଜୁ ହୋଇଥିବାବେଳେ ୧୧ଜଣ ବେପାରୀ ଧରାପଡ଼ିଲେଣି। ମୋଟ ୯୩ ଗ୍ରାମର ବ୍ରାଉନସୁଗାର, ୯ଲକ୍ଷ ଟଙ୍କା, ୩ଟି ବାଇକ ଜବତ କରାଗଲାଣି। ବ୍ରାଉନସୁଗାର ବାଂଲାଦେଶ ଦେଇ କୋଲକାତା ଓ ସେଠାରୁ ଓଡିଶା ଅଣାଯାଉଥିବା ଏସ୍‌ଟିଏଫ୍ ତା'ର ତଦନ୍ତରୁ ଜାଣିବାକୁ ପାଇଛି। ଚଢାଉକୁ ଆହୁରି ଜୋରଦାର କରାଯିବ ବୋଲି ଏସ୍‌ଟିଏଫ୍ କହିଛି।



ଗିରଫ ଅଭିଯୁକ୍ତମାନେ (ଉପର)। ଜବତ ଟଙ୍କା ଓ ସାମଗ୍ରୀ।

**ରାଜଧାନୀ ସମେତ ବାଲେଶ୍ୱରରେ ଏସ୍‌ଟିଏଫ୍‌ର ଚଢାଉ**
- ବାଂଲାଦେଶରୁ ଲମ୍ବିଛି ଚେର
- କାରବାର ରୋକିବାକୁ ସ୍ପେଶାଲ ଡ୍ରାଇଭ

## ପ୍ରଥମ ପୃଷ୍ଠାରୁ...

### ପବନଙ୍କ...

ଆବେଦନକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ଶୁକ୍ରବାର ଖାରଜ କରିଦେବା ପରେ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଦୋଷୀମାନଙ୍କ ମୃତ୍ୟୁ ଦଣ୍ଡାଦେଶ ପାଇଁ ଦ୍ୱିତୀୟ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ଫେବୃୟାରୀ ୧ ତାରିଖ ସକାଳ ୬ଟାରେ ତିହାର ଜେଲରେ ସେମାନଙ୍କୁ ଫାଶୀ ଦିଆଯିବ ବୋଲି ସ୍ଥିର ହୋଇଥିବାବେଳେ ଏଥିରୁ ବର୍ତ୍ତିଯିବା ପାଇଁ ପବନ ଉଦ୍ୟମ ଚଳାଇଥିଲେ। ସେ ପ୍ରଥମେ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ପବନ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ, ୨୦୧୨ ଡିସେମ୍ବର ୧୬ରେ ଅପରାଧ ଘଟିଥିବା ସମୟରେ ସେ ନାବାଳକ ଥିଲେ। ତେଣୁ ତାଙ୍କ ମାମଲାର ଶୁଣାଣି ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହେବା ଦରକାର ଥିଲା। କିନ୍ତୁ ସେପରି କରା ନ ଯାଇ ଅନ୍ୟ ଅଭିଯୁକ୍ତଙ୍କ ସହ ବିଚାର କରାଗଲା। ତେଣୁ ଫେବୃୟାରୀ ୧ରେ ତାଙ୍କୁ ଫାଶୀ ନ ଦେବା ପାଇଁ ପବନ ଅନୁରୋଧ କରିଥିଲେ। ତେବେ ପବନଙ୍କ ଓକିଲ ତାଙ୍କୁ ବଞ୍ଚାଇବା ପାଇଁ ଜାଲ୍ ଦସ୍ତାବିଜ ଦାଖଲ କରିଥିବା ଦର୍ଶାଇ ହାଇକୋର୍ଟ ଗତ ଡିସେମ୍ବର ୧୯ରେ ଏହାକୁ ଖାରଜ କରିଦେଇଥିଲେ। ଫଳରେ ପବନ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପବନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଏ.ପି. ସିଂ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ବେଳେ ପୂର୍ବ ଯୁକ୍ତିକୁ ଦୋହରାଇଥିଲେ। ସେ କହିଥିଲେ, ପବନଙ୍କ ସ୍କୁଲ ଲିଭିଂ ସାର୍ଟିଫିକେଟ (ଏସ୍‌ଏଲ୍‌ସି) ଅନୁସାରେ ଅପରାଧ ଘଟାଇବାବେଳେ ତାଙ୍କୁ ୧୮ ବର୍ଷ ହୋଇ ନ ଥିଲା। ସେ ନାବାଳକ ଥିବା ନେଇ ରହିଥିବା ଦସ୍ତାବିଜକୁ ତଳ କୋର୍ଟରୁ ହାଇକୋର୍ଟ ଯାଏ କୌଣସି ଅଦାଲତ ବିଚାରକୁ ନେଇ ନାହାନ୍ତି। ଅନ୍ୟପକ୍ଷରେ ପ୍ରତ୍ୟେକ ନ୍ୟାୟିକ ମଞ୍ଚ ଏହି ବିଷୟକୁ ବିଚାରକୁ ନେଇଥିଲେ ବୋଲି ଦିଲ୍ଲୀ ପୋଲିସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଶୀର୍ଷ ଅଦାଲତରେ ଯୁକ୍ତି ବାଢ଼ିଥିଲେ। ବର୍ତ୍ତମାନ ସମୟରେ ତାଙ୍କ ନାବାଳକତ୍ୱ ଦାବି ପ୍ରସଙ୍ଗକୁ ଅନୁମତି ଦିଆଗଲେ ନ୍ୟାୟର ଉପହାସ ହେବ ବୋଲି ସେ କହିଥିଲେ। ସଲିସିଟର ଜେନେରାଲ ମେହେଟ୍ଟାଙ୍କ ଅନୁସାରେ ଅପରାଧ ଘଟାଇବାବେଳେ ପବନଙ୍କୁ ୧୯ ବର୍ଷ ହୋଇଥିଲା। ତାଙ୍କ ଜନ୍ମ ପ୍ରମାଣପତ୍ରର ସାର୍ଟିଫାଏଡ୍ କପି ରହିଛି। ଏହାସହ ତାଙ୍କର ଏସ୍‌ଏଲ୍‌ସିକୁ ମଧ୍ୟ ସମସ୍ତ କୋର୍ଟରେ ରେକର୍ଡକୁ ନିଆଯାଇଥିଲା। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସୁପ୍ରିମକୋର୍ଟର ତିନିଜଣିଆ ଖଣ୍ଡପୀଠ ପବନଙ୍କ ଆବେଦନକୁ ଭିତ୍ତିହୀନ ଦର୍ଶାଇ ଖାରଜ କରିଦେଇଛନ୍ତି।

### ୧% ଅତିଧନୀଙ୍କ...

ଦୁର୍ନୀତି, ସାଧାରଣ ସାମଗ୍ରୀ ଏବଂ ସେବା ଦର ବୃଦ୍ଧି ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଡବ୍ଲ୍ୟୁଇଏଫ ଏହାର ରିପୋଟରେ ଉଲ୍ଲେଖ କରିଛି।

ଗତ୩ଦଶନ୍ଧିରେ ବିଶ୍ୱ ସ୍ତରରେ ଅସମାନତା କମିଥିଲେ ମଧ୍ୟ ପ୍ରମୁଖ ଅର୍ଥନୀତିଗୁଡ଼ିକରେ ଘରୋଇ ଆୟ ଅସମାନତା ବଢ଼ିଛି। ରିପୋର୍ଟ ମୁତାବକ ଦେଶର ମହିଳା କର୍ମଚାରୀମାନେ ପ୍ରମୁଖ ଟେକ୍ନୋଲୋଜି ସିଇଓମାନେ ବର୍ଷକରେ ଲାଭ କରୁଥିବା ବେତନ ସହ ସମକକ୍ଷ ଆୟ କରିବା ଲାଗି ୨୨,୨୭୭ ବର୍ଷ ଲାଗିବ। ଏହି କମ୍ପାନୀଗୁଡ଼ିକରେ ଜଣେ ସିଇଓ ୧୦ ମିନିଟରେ ଯେତିକି ଆୟ କରନ୍ତି ଜଣେ ଘରେ କାମ କରୁଥିବା ମହିଳାଙ୍କୁ ତାହା ଆୟ କରିବାକୁ ଗୋଟିଏ ବର୍ଷ ଲାଗିବ ବୋଲି ରିପୋର୍ଟରେ କୁହାଯାଇଛି। ମହିଳା ଏବଂ ବାଳିକାମାନେ କରୁଥିବା ଅନପେଡ କେୟାର ୱାର୍କର ମୂଲ୍ୟ ପ୍ରାୟ ୧୯ ଲକ୍ଷ କୋଟି ହେବ,ଯାହା ଦେଶର ଶିକ୍ଷା ବଜେଟର ପ୍ରାୟ ୨୦ ଗୁଣ ଅଧିକ। ଗ୍ଲୋବାଲ ସର୍ଭେ ମୁତାବକ ୨୨ ଅତିଧନୀଙ୍କ ନିକଟରେ ରହିଥିବା ସମ୍ପତ୍ତି ଆଫ୍ରିକାର ସବୁ ମହିଳାଙ୍କ ସମ୍ପତ୍ତିଠାରୁ ଅଧିକ। ମହିଳା ଏବଂ ବାଳିକାମାନେ ପ୍ରତିଦିନି କରୁଥିବା ୧୨.୫ ବିଲିୟନ ଘଣ୍ଟା ଅନପେଡ କେୟାରୱାର୍କର ବିଶ୍ୱକୁ ଯୋଗଦାନ ପ୍ରାୟ ୧୦.୮ ଟ୍ରିଲିୟନ ଡଲାର ହେବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

### ଜେ.ପି. ନଡ୍ଡା...

କଲେଜରେ ପାଠ ପଢ଼ିବାବେଳୁ ନଡ୍ଡା ଭାଜପାର ଯୁବ ଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସହିତ ଜଡ଼ିତ ଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସହ ମଧ୍ୟ ନଡ୍ଡାଙ୍କ ସୁସମ୍ପର୍କ ରହିଛି। ହିମାଚଳପ୍ରଦେଶର ଏହି ବରିଷ୍ଠ ନେତା ୨୦୧୦ରୁ ଜାତୀୟ ରାଜନୀତିରେ ବିଶେଷ ସକ୍ରିୟ ଅଛନ୍ତି। ୨୦୧୦ରେ ତତ୍କାଳୀନ ଭାଜପା ଅଧ୍ୟକ୍ଷ ନୀତିନ ଗଡ଼କରୀ ନଡ୍ଡାଙ୍କୁ ତାଙ୍କ ନୂଆ ଟିମ୍‌ରେ ସାମିଲ କରି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦେଇଥିଲେ। ନଡ୍ଡା ଏହା ପୂର୍ବରୁ ହିମାଚଳପ୍ରଦେଶ ସରକାରରେ ପରିବେଶ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ପ୍ରଥମ ପାଳି ଏନ୍‌ଡିଏ ସରକାରରେ ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ସୋମବାର ନୂଆ ଦାୟିତ୍ୱ ସମ୍ଭାଳିବା ପରେ ନଡ୍ଡାଙ୍କୁ ମୋଦି, ଶାହା ଓ ଦଳର ବରିଷ୍ଠ ନେତାମାନେ ଅଭିନନ୍ଦନ ଜଣାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷା କରିବା ଭଲ। ମାଲିମକଦ୍ଦମାରେ ବାଇଦା ପଡ଼ିବାକୁ କେନ୍ଦ୍ରକରି ମନରେ ସଂଶୟ ଉତ୍ପନ୍ନ ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆର୍ଥିକ ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହୋଇପାରେ।

**ବୃଷ** ଆଗାମୀ ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ତଥାପି ନିକଟ ସମ୍ପର୍କୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପୂର୍ବାପେକ୍ଷା ବହୁତ ଭଲ ରହିବ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଦିଗରୁ ଶୁଭଫଳ ପାଇବେ।

**ମିଥୁନ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହି କାମ କରିବା ଭଲ। ପୁନର୍ବସୁ ନକ୍ଷତ୍ର ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବା ଜନିତ ଉତ୍ସାହର ସହ କାମ କରିବେ। କିନ୍ତୁ ଜମିଜମା କାରବାର, ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବା ସୂଚନା ରହିଛି। ବିଶେଷ ଭ୍ରମଣ କିମ୍ବା ଅଣ୍ଡାଜନିତ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି।

**କର୍କଟ** ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବା କାରଣରୁ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ ହେବେ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ସାମୟିକ ହଡ଼ବଡ଼େଇଯିବା ସୂଚନା ରହିଛି। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ କାମ, ସଭାସମିତି ଓ ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିବାର ଆଶଙ୍କା ଦେଖାଦେବ।

**ସିଂହ** କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଶିଳ୍ପ, ବ୍ୟବସାୟ, ସଭାସମିତି ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ। ଶିକ୍ଷା, ପରୀକ୍ଷା, ଆଲୋଚନା, ଇଣ୍ଟରଭ୍ୟୁ, ସ୍ଥାପନ କ୍ଷେତ୍ରରୁ ସୁଫଳ ପାଇବେ। ବିବାଦର ସମାଧାନ ପରିପ୍ରେକ୍ଷୀରେ ହିତୈଷୀଙ୍କ ପରାମର୍ଶକୁ ଅନିଚ୍ଛା ସତ୍ତ୍ୱେ ଗ୍ରହଣ କରିବାକୁ ବାଧ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବା ଆଶଙ୍କା ରହିଛି। ନିଜ ପରିବେଶର ବ୍ୟକ୍ତିବିଶେଷଙ୍କ ଅନୁରୋଧକ୍ରମେ ଧର୍ମାନୁଷ୍ଠାନ କିମ୍ବା ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ନୂତନ ବସ୍ତ୍ର ଓ ଆଳଙ୍କାରିକ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ।

**ତୁଳା** କିଛି ନା କିଛି ସମସ୍ୟା ଦେଖାଦେଉଥିବାରୁ ପ୍ରତ୍ୟେକ କାମ ବହୁ ଡେରିରେ ସମ୍ପନ୍ନ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ। ଖଳଲୋକମାନଙ୍କ କଥାକୁ ବିଶ୍ୱାସକରି ନିଜର ଅତି ବିଶ୍ୱସ୍ତ ବ୍ୟକ୍ତି ନିକଟରୁ ଆସ୍ଥା ହରାଇପାରନ୍ତି। ସଭାସମିତିରେ ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବା ସହ ଅର୍ଥ ଲାଭରୁ ଖୁସି ରହିବେ।

**ବିଛା** ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ନିଜର ମତ ପରିବର୍ତ୍ତନ କରିବାକୁ ବାଧ ହୋଇପାରନ୍ତି। ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଅଫିସ୍ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ ହେବ। ବିବାଦୀୟ ପରିସ୍ଥିତିରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ।

**ଧନୁ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ପରିମାଣ ବଢ଼ିଯିବା କାରଣରୁ ମାନସିକ ସ୍ଥିତି ବିଗିଡ଼ିଯିବ। ମାନସିକ ସ୍ଥିତି ଭଲ ନ ଥିବା ହେତୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଅସ୍ୱୀକାର କରିପାରନ୍ତି। ବୃତ୍ତିଗତ ଧନ୍ଦା ଓ ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବାରେ ସଫଳ ହେବେ।

**ମକର** କର୍ମକ୍ଷେତ୍ରରେ ଭାବପ୍ରବଣତାବଶତଃ ଅଯଥା କଳହରୁ ଦୂରେଇରୁହନ୍ତୁ। ମୂଲ୍ୟବାନ୍ ଜିନିଷ କିଣିବା କାରଣରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ଉଚ୍ଚବର୍ଗଙ୍କ ସହାୟତା ଲାଭ କରି କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରିବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବାର ସଫଳତା ପାଇବେ। ଧନିଷ୍ଠା ନକ୍ଷତ୍ର ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ବିନା କାରଣରେ କଳହକୁ ନିୟନ୍ତ୍ରଣ କରିପାରନ୍ତି। କୌଣସି ସ୍ଥାନକୁ ଯାତ୍ରା କରିବାକୁ ମନସ୍ଥକରି ବାଟରୁ ଫେରିଆସିବାକୁ ପଡ଼ିପାରେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବେ।

**ମୀନ** ଅର୍ଥନୈତିକ ପରିସ୍ଥିତି ବିଗିଡ଼ିଯିବା କାରଣରୁ ଲୋନ୍ କରିବାକୁ ବାଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହ ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ଚିନ୍ତିତ ରହିପାରନ୍ତି ଏବଂ ଏଥିସକାଶେ ବିହିତ ବ୍ୟବସ୍ଥା କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା ମଧ୍ୟ କରି ପାରନ୍ତି।

ଆଜି ଜାନୁୟାରୀ ୨୧ ତାରିଖ, ମାଘ କୃଷ୍ଣ ଦ୍ୱାଦଶୀ ମଙ୍ଗଳବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମକର ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୮।୪୦ମି. ଗତେ ଘ୧୦।୫୨ମି. ମଧ୍ୟେ, ଘ୧।୦୩ମି. ଗତେ ଘ୨।୩୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୮ମି. ଗତେ ଘ୧୨।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୪୨ମି. ଗତେ ଘ୪।୦୪ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16175

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 4,50,000. Contact: 8908492594. D-16256

**ଭୁବନେଶ୍ୱର AIIMS ନିକଟରେ Govt. roadକୁ ଲାଗି yellowzone, 30'road, ଘରବାରି boundary patta plot ନିଅନ୍ତୁ। 8895757735, 8114973999.** D-68477

Bhubaneswar ସୁନ୍ଦରପଦା ନିକଟରେ ଘରବାରି ପ୍ଲଟ୍ 1500 ବର୍ଗଫୁଟକୁ 13,50,000/, ରେ କିଣି ଆଜି ଘର କରନ୍ତୁ। Investment plot 4,00,000/-, Swati, 8249680401. D-68543

**ଭୁବନେଶ୍ୱର କଟଣ1ଗେଟ୍ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440.** D-68472

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଚ୍ଚାରୁ। 9178660666. D-68967

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

୩୦' ରାସ୍ତାଥାଇ boundary ସହିତ ଘରବାରି ପ୍ଲଟ୍ ଗୁଡିଆପୋଖରୀ ନିକଟରେ କିଣନ୍ତୁ। 9937166932. D-68545

**ଭୁବନେଶ୍ୱର କଟଣ1ଗେଟ୍ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912.** D-68476

ସ୍ଥିତିବାନ୍ ଘରବାରି ପ୍ଲଟ I.G Colony ସାମନ୍ତରାୟପୁର ୨କି.ମିରେ ମିଳୁଛି। 8327774136. D-68544

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68761




3BHK with parking for families only, near AMRI Hospital, Kolathia. Contact No. 9348534277. D-16211

Independent house 3BHK Pujaghar, garage, borewell at Barbari Khandagiri 300 meters from NH. 8585088850. D-16307

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies and gents. Contact: 9861064981. D-68759

Ayurvedic full body massage ladies/gents smart experts therapist:- 8480939300. D-68753

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Herbal full body massage by smart / expert therapist. Contact: 8338067247. D-68965

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Ayurvedic full body massage, smart trained lady therapist- 9437453813. D-68052

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Ayurvedic full body massage ladies & gents smart therapist, 9668814589. D-68763





ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

**AFFIDAVIT**

By virtue of an affidavit sworn before the Executive Magistrate, Bhatli, I Pradeep Kumar Sahu, R/o. Bhadigaon, PS. Bhatli, Dist. Bargarh declare that in school register my daughter's name and date of birth has been wrongly mentioned as Lipsha Rani Sahu, D/o. Pradip Kumar Sahu, DOB-11.12.2008. But her actual name and DOB is Lipsa Rani Sahu, D/o. Pradeep Kumar Sahu, DOB-12.12.2008. D-37392

**ପଞ୍ଚମ ଜନ୍ମବାର୍ଷିକ ଶୁଭେଚ୍ଛା**



**ବିଶ୍ୱଜିତ୍ ଦାଶ**
ବାଙ୍କୁଆଳ, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ବାବା: ବାବୁସାନ୍, ମାମା: ନିବେଦିତା, ଜେଜେମା': ସୁଷମା, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୭୭୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଏକାଦଶ ପରୀକ୍ଷା କଡ଼ାକଡ଼ି ନିଷ୍ପତ୍ତିକୁ ବିରୋଧ

## ଫେଲ୍ କରିବା ଉଦ୍ଦେଶ୍ୟ ନୁହେଁ: ମନ୍ତ୍ରୀ


ପୁରୀ ଏସ୍‌ସିଏସ୍ କଲେଜର ଛାତ୍ରମାନେ ରାସ୍ତା ଅବରୋଧ କରିଛନ୍ତି।

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଚଳିତ ବର୍ଷ ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷା କଡାକଡି କରାଯିବା ଲାଗି ରାଜ୍ୟ ସରକାର ଗତ ୧୪ତାରିଖରେ ନିଷ୍ପତ୍ତି ନେଇଥିଲେ। ତେବେ ଏହାକୁ ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। ପୁରୀ, ଭୁବନେଶ୍ୱର ଏବଂ କଟକର ଅନେକ କଲେଜର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ସୋମବାର ରାସ୍ତାରୋକୋ, ଆନ୍ଦୋଳନ ଏବଂ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଛାତ୍ରୀଛାତ୍ରଙ୍କ କହିବା କଥା, ଯଦି ସରକାର ଏଭଳି କିଛି ନିଷ୍ପତ୍ତି ନେବାର ଥିଲା ତେବେ ପରୀକ୍ଷାର ମାସେ ପୂର୍ବରୁ କାହିଁକି ନେଲେ। ୬ ମାସ ଆଗରୁ ଯଦି ଏମିତି ନିଷ୍ପତ୍ତି ହୋଇ ଥାଆନ୍ତା ତେବେ କିଛି ଅସୁବିଧା ନ ଥିଲା। ଫେବୃୟାରୀ ମାସରେ ପରୀକ୍ଷା ହେବାକୁ ଥିବାବେଳେ ହଠାତ୍ ଜାନୁୟାରୀରେ ଏମିତି ଘୋଷଣା କରିବା ଠିକ୍ ନୁହେଁ। ଯଦି ଏହି ନିଷ୍ପତ୍ତିକୁ ସରକାର ଲାଗୁ କରିବାକୁ ଚାହୁଁଛନ୍ତି ତେବେ ସରକାର ଏପ୍ରିଲ ମାସରେ ପ୍ରଥମ ବର୍ଷ ପରୀକ୍ଷା କରାନ୍ତୁ। ଏ ପର୍ଯ୍ୟନ୍ତ ପ୍ରଥମ ବର୍ଷର ପାଠପଢ଼ା ମଧ୍ୟ ଶେଷ ହୋଇ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି।

ସରକାରଙ୍କ ଏଭଳି ନିଷ୍ପତ୍ତି ପ୍ରତିବାଦରେ ଭୁବନେଶ୍ୱରର ମହର୍ଷି କଲେଜ, ଦେବରାୟ କଲେଜ ଏବଂ ବିଜୁ ପଟ୍ଟନାୟକ କଲେଜରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ସରକାର ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏଭଳି ପରିସ୍ଥିତି ସୃଷ୍ଟି ହେବାପରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତିକ୍ରିୟାରେ କହିଛନ୍ତି ଯେ, ପିଲାମାନଙ୍କୁ ଫେଲ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। କାହା କଥାରେ ଛାତ୍ରୀଛାତ୍ରମାନେ ପ୍ରଭାବିତ ନ ହୁଅନ୍ତୁ। ସେମାନେ କେମିତି ଭଲ ପାଠ ପଢିବେ ତାକୁ ନେଇ ସରକାର ଚିନ୍ତା କରୁଛନ୍ତି। ସବୁବର୍ଷ ଭଳି ଏଥର ମଧ୍ୟ ଯୁକ୍ତ୨ର ପ୍ରଥମ ବର୍ଷ ପରୀକ୍ଷା କରାଯିବ। ଏଥର କେବଳ ବ୍ୟବସ୍ଥିତ ଢଙ୍ଗରେ ପରୀକ୍ଷା ହେବ। ପିଲାମାନେ ଯାହା ଫଳ କରିବେ ତାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ପଠାଇ ଦିଆଯିବ। ସବୁଥର ପରି କଲେଜ ପ୍ରଶ୍ନପତ୍ର ତିଆରି କରିବା ସାଙ୍ଗକୁ ଖାତା ମଧ୍ୟ ଦେଖିବ। ପିଲାମାନେ କୋର୍ସ ସରି ନ ଥିବା କଥା ଯାହା କହୁଛନ୍ତି, ସେଥିଲାଗି ବ୍ୟସ୍ତ ହୁଅନ୍ତୁ ନାହିଁ। ପରୀକ୍ଷା ମାର୍ଚ୍ଚରେ ହେବ ବୋଲି ସମୀର କହିଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷଠାରୁ ୩୩ ପ୍ରତିଶତ ମାର୍କ ନ ରଖିଲେ ପିଲାମାନଙ୍କୁ ଆଉ ଥରେ ପରୀକ୍ଷା ଦେବାକୁ ପଡିବ। ଯେଉଁମାନେ ପରୀକ୍ଷାରେ ୩୩ ପ୍ରତିଶତ ନ ରଖିପାରିବେ ସେମାନଙ୍କୁ ମେ' ମାସରେ ଆଉ ଥରେ ପରୀକ୍ଷା ଦେବାକୁ ପଡିବ। ସେଥିରେ ପାସ୍ କଲେ ଯାଇ ସେମାନେ ଦ୍ୱିତୀୟ ବର୍ଷକୁ ଯାଇପାରିବେ ବୋଲି ଗତ ସପ୍ତାହରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲେ। ମାତ୍ର ସରକାରଙ୍କ ଏଭଳି ନିଷ୍ପତ୍ତିର କେଇଦିନ ନ ଯାଉଣୁ ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ରାସ୍ତାକୁ ଓହ୍ଲାଇଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ

ବରଗଡ଼ ଅଫିସ୍,୨୦।୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବରଗଡ଼ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଏହି ଗସ୍ତରେ ଭଟଲି ବ୍ଲକ ଅନ୍ତର୍ଗତ ଟୁକୁର୍ଲା(ଖେଦାପାଲି) ନିକଟରେ ନବନିର୍ମିତ ଜିଲା ମୁଖ୍ୟ ଡାକ୍ତରଖାନା, ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟନ ସହିତ ଜିଲାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ ସହିତ ଏକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୧୦ରେ ଭୁବନେଶ୍ୱର ଛାଡ଼ି ଏରୋପ୍ଲେନ ଯୋଗେ ବରଗଡ଼ ଅଭିମୁଖେ ଆସିବେ। ହେଲେ ସମ୍ବଲପୁର ଜିଲା ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ପୂର୍ବାହ୍ନ ୧୧ଟା ୫୫ମିନିଟ୍‌ରେ ଓହ୍ଲାଇବେ। ସେଠାରେ ପୂର୍ବରୁ ରହିଥିବା ଅନ୍ୟ ଏକ ହେଲିକପ୍ଟର ଯୋଗେ ମଧ୍ୟାହ୍ନ ୧୨ଟାରେ ବାହାରି ୧୨ଟା ୧୫ମିନିଟ୍‌ରେ ଟୁକୁର୍ଲା (ଖେଦାପାଲି)ସ୍ଥିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ପରିସରସ୍ଥ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ ।

ପରେ ୧୨ଟା ୨୦ମିନିଟ୍‌ରେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ଉଦ୍‌ଘାଟନ ସହିତ ଡାକ୍ତରଖାନା ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୨ଟା ୩୦ମିନିଟ୍‌ରେ ବରଗଡ଼ ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟନ ଏବଂ ପରିଦର୍ଶନ ସାରି ୧୨ଟା ୪୫ମିନିଟ୍‌ରେ ଟୁକୁର୍ଲା ସଭାସ୍ଥଳୀକୁ ମୁଖ୍ୟମନ୍ତ୍ରୀ ଆସିବେ। ସେଠାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ବଣ୍ଟନ ସହିତ ସଭାରେ ଉଦ୍‌ବୋଧନ ଦେବେ। ସଭା ପରେ ଅପରାହ୍ନ ପ୍ରାୟ ୧ଟା ୧୦ମିନିଟ୍‌ରେ ବରଗଡ଼ ଛାଡ଼ି ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ପୁଣି ଜମାଦାରପାଲି ଏୟାରଷ୍ଟ୍ରିପ ଯିବେ ଏବଂ ସେଠାରୁ ଓହ୍ଲାଇ ଏରୋପ୍ଲେନ ଯୋଗେ ନବୀନ ନିବାସ ଅଭିମୁଖେ ବାହାରି ଅପରାହ୍ନ ୨ଟା ୩୫ମିନିଟ୍‌ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଏୟାରପୋର୍ଟରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି ସରକାରୀ ଭାବେ ସୂଚନା ଦିଆଯାଇଛି।

# ଭୁବନେଶ୍ୱରରୁ ସୁରଟ ଉଡ଼ିଲା ବିମାନ

ଭୁବନେଶ୍ୱର, ୨୦।୧(ବ୍ୟୁରୋ)


ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବିମାନରେ ସୁରଟ ଯାତ୍ରା କରୁଛନ୍ତି।

ଭୁବନେଶ୍ୱରରୁ ସୁରଟକୁ ସୋମବାର ସିଧାସଳଖ ବିମାନସେବା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୮୧ ଯାତ୍ରୀଙ୍କୁ ନେଇ ସକାଳ ୮ଟା ୪୦ ମିନିଟ୍‌ରେ ସୁରଟ ଅଭିମୁଖେ ଉଡ଼ାଣ କରିଥିଲା ଏୟାର ଇଣ୍ଡିଆର ଏ୩୨୧ ବିମାନ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବିମାନରେ ଯାତ୍ରା କରିବା ସହ ନିଜର ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହି ସେବା ଲାଗି ଦୀର୍ଘ ସମୟରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସହ ଆଲୋଚନା ଚାଲିଥିଲା। ତେବେ ଏୟାର ଇଣ୍ଡିଆ ଏନେଇ ଇଚ୍ଛା ପ୍ରକାଶ କରିବାରୁ ସେବା ଆରମ୍ଭ ହୋଇପାରିଛି। ପ୍ରଥମ ଦିନରେ ବିମାନର ସମସ୍ତ ଇକୋନୋମିକ୍ କ୍ଲାସ୍ ଟିକେଟ୍ ବିକ୍ରି ହୋଇଥିବାବେଳେ ଆଗାମୀ ଦିନରେ ଏହି ସେବା ସଫଳ ହେବ ବୋଲି ଏମ୍‌ପି କହିଛନ୍ତି। ସୂଚନା ଯେ, ପୂର୍ବରୁ ଦୁଇଟି ସହର ମଧ୍ୟରେ ଯାତ୍ରା କରିବା ପାଇଁ ପ୍ରାୟ ୩୫ ଘଣ୍ଟା ସମୟ ଲାଗୁଥିଲା। ହେଲେ ଏବେ ମାତ୍ର ଦୁଇଘଣ୍ଟାରେ ଲୋକେ ଯାତ୍ରା କରିପାରିବେ। ତେବେ ସପ୍ତାହକୁ ଦୁଇଥର ଏହି ସେବା ପ୍ରଦାନ କରିବ ଏୟାର ଇଣ୍ଡିଆ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପ୍ରତି ସୋମବାର ଓ ଗୁରୁବାର ସକାଳ ୮ଟା ୪୦ମିନିଟ୍‌ରେ ବିମାନଟି ଉଡ଼ାଣ କରି ୧୦ଟା ୪୦ମିନିଟ୍‌ରେ ସୁରଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବ। ସେହିପରି ପ୍ରତି ଶୁକ୍ରବାର ଓ ରବିବାର ସୁରଟରୁ ସକାଳ ୮ଟା ୩୦ରେ ବାହାରି ଭୁବନେଶ୍ୱରରେ ୧୦ଟା ୩୦ମିନିଟ୍‌ରେ ଅବତରଣ କରିବ। ଭୁବନେଶ୍ୱରରୁ ସୁରଟକୁ ଅତି କମ୍‌ରେ ୪୫୦୩ ଟଙ୍କା ଭଡ଼ା ରହିଥିବାବେଳେ ସୁରଟରୁ ଭୁବନେଶ୍ୱରକୁ ଅତି କମ୍‌ରେ ୪୨୧୩ ଟଙ୍କା ଭଡ଼ା ରହିଛି। ଅନ୍ୟପଟେ ପ୍ରଥମ ଦିନ ଦୁଇଟି ସହର ମଧ୍ୟରେ ବିମାନସେବା ଆରମ୍ଭ ହେବା ପରେ ଯାତ୍ରୀଙ୍କ ମନରେ ଖୁସି ଦେଖାଯାଇଥିଲା। ସୁରଟରେ ଅନେକ ଓଡ଼ିଆ କର୍ମସଂସ୍ଥାନ ପାଇଁ ରହୁଛନ୍ତି। ସେମାନଙ୍କ ଲାଗି ଏହି ବିମାନସେବା ଅତ୍ୟନ୍ତ ଉପାଦେୟ ହୋଇପାରିଛି। ସେହିପରି ଗୁଜରାଟର ଅନେକ ଲୋକ ମଧ୍ୟ ଓଡ଼ିଶାରେ ରହୁଛନ୍ତି। ଓଡ଼ିଶାରୁ ଗୁଜରାଟର କୌଣସି ସହରକୁ ସିଧାସଳଖ ବିମାନ ଚଳାଚଳ ବ୍ୟବସ୍ଥା ନାହିଁ। ତେଣୁ ଗୁଜରାଟୀମାନେ ମଧ୍ୟ ଏହି ବିମାନସେବା ଦ୍ୱାରା ଉପକୃତ ହେବେ। ସୋମବାର ଉଭୟ ଓଡ଼ିଆ ଏବଂ ଗୁଜରାଟୀ ଏହି ବିମାନ ଯାତ୍ରା କରିଛନ୍ତି। ଏହାଛଡ଼ା ଦୁଇଟି ସହର ମଧ୍ୟରେ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। କାରଣ ଓଡ଼ିଶାର ଶାଢ଼ି ସୁରଟକୁ ଯାଇପାରିବ ଏବଂ ସୁରଟରୁ ମଧ୍ୟ ପୋଷାକ ଓଡ଼ିଶାକୁ ଆସିପାରିବ।

- ପ୍ରଥମ ଦିନରେ ଗଲେ ୮୧ ଯାତ୍ରୀ
- ଦୁଇ ସହର ମଧ୍ୟରେ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ହେବା ଆଶା

# ଉତ୍ସବ, ମହୋତ୍ସବରେ ସ୍ଥାନୀୟ କଳାକାରଙ୍କୁ ମିଳିବ ଅଗ୍ରାଧିକାର

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଭାବେ ଦାୟିତ୍ୱ ନେଲେ ପ୍ରବୋଧ ରଥ
- ୫-ଟି ଆଧାରରେ କାମ କରିବ ଏକାଡେମୀ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ସାରା ଓଡ଼ିଶାର କଳାକାର ଓ ଶିଳ୍ପୀଙ୍କୁ ନେଇ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ କାମ କରିବ। ଏକାଡେମୀ ପକ୍ଷରୁ ଆୟୋଜିତ କୌଣସି କାର୍ଯ୍ୟକ୍ରମ ବନ୍ଦ ହେବନି। ରାଜ୍ୟର କୋଣ ଅନୁକୋଣରେ ଆୟୋଜିତ ହୋଇ ଆସୁଥିବା ଉତ୍ସବ, ମହୋତ୍ସବଗୁଡ଼ିକରେ ସ୍ଥାନୀୟ କଳାକାରଙ୍କୁ ଅଗ୍ରାଧିକାର ମିଳିବ। ମୁଖ୍ୟମନ୍ତ୍ରୀଙ୍କ '୫-ଟି'କୁ ଗୁରୁତ୍ୱ ଦେଇ ନୃତ୍ୟ, ସଙ୍ଗୀତ ଓ ନାଟକର ଉନ୍ନତି ପାଇଁ ଏକାଡେମୀ କାର୍ଯ୍ୟ କରିବ। ରାଜ୍ୟର କୌଣସି ଅଞ୍ଚଳର କଳାକାରଙ୍କୁ ଅବହେଳା କରାଯିବ ନାହିଁ। ଏକାଡେମୀ ପକ୍ଷରୁ ସମସ୍ତ କଳାକାରଙ୍କୁ ସମାନ ସୁବିଧା ସୁଯୋଗ ଦିଆଯିବ ବୋଲି ସୋମବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଭାବେ ଦାୟିତ୍ୱ ନେଇଥିବା ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ତଥା ନାଟ୍ୟକାର ପ୍ରବୋଧ ରଥ କହିଛନ୍ତି।

ଗତ ୧୮ ତାରିଖରେ ରଥଙ୍କୁ ଏକାଡେମୀର ନୂତନ ସଚିବ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଥିଲା। ସୋମବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେବା ଅବସରରେ ଏକାଡେମୀର ପୂର୍ବତନ ସଚିବ ଅଧ୍ୟାପକ ଡ. ବିଜୟ କୁମାର ଜେନା ପୁଷ୍ପଗୁଚ୍ଛ ଦେଇ ରଥଙ୍କୁ ସ୍ୱାଗତ କରିବା ସହ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ରଥ ଦାୟିତ୍ୱ ନେବା ଅବସରରେ ନୃତ୍ୟ, ସଙ୍ଗୀତ ଓ ନାଟକ କ୍ଷେତ୍ରର ବହୁ ବ୍ୟକ୍ତିବିଶେଷ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏକାଡେମୀ କର୍ମଚାରୀମାନଙ୍କ ପକ୍ଷରୁ ମଧ୍ୟ ତାଙ୍କୁ ସ୍ୱାଗତ କରାଯାଇଥିଲା। କର୍ମଚାରୀମାନେ ନିଜ ଏବଂ ଏକାଡେମୀର ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ତାହାର ସମାଧାନ ଦିଗରେ ସହଯୋଗ ଲୋଡ଼ିଥିଲେ। ଗତ ୨ ତାରିଖରେ ଏକାଡେମୀର ପୂର୍ବତନ ସଚିବ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ଅଧ୍ୟାପକ ଡ. ବିଜୟ କୁମାର ଜେନାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରେ ଭାରପ୍ରାପ୍ତ ଭାବେ ସେ ଦାୟିତ୍ୱ ତୁଲାଇ ଆସୁଥିଲେ।

## ଜିଲା ଚିଠି
## ଯାଜପୁର



# ଶଙ୍କାରେ ଶ୍ରମିକ ଶ୍ରେଣୀ

ନିଯୁକ୍ତି, ପୁନର୍ବାସ ଓ ଥଇଥାନ ଦାବିରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା କଳିଙ୍ଗନଗର ଅଶାନ୍ତ ହୋଇ ପଡ଼ିଛି। ଏଭଳି ସ୍ଥିତିରେ ଗତ ୮ତାରିଖରେ କେନ୍ଦ୍ରୀୟ ଷ୍ଟିଲ୍ ମନ୍ତ୍ରଣାଳୟ ଅଧୀନରେ ପ୍ରତିଷ୍ଠିତ ଦ୍ୱିତୀୟ ଇସ୍ପାତ କାରଖାନା ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍) କମ୍ପାନୀରେ ଥିବା ୬ଟି ଅଂଶୀଦାରଙ୍କ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ପରେ ଶ୍ରମିକ ଶ୍ରେଣୀଙ୍କ ଜୀବନଜୀବିକା ଶଙ୍କାରେ ରହିଛି। ତେଣୁ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ନୀଳାଚଳ କାରଖାନା ଘରୋଇକରଣ ପ୍ରତିବାଦରେ ଫାଟକ ସମ୍ମୁଖରେ ଧାରଣା, ଆନ୍ଦୋଳନ ଲାଗି ରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା କିଛି ଘରୋଇ କମ୍ପାନୀ ସ୍ଥାନୀୟ ନିଯୁକ୍ତିକୁ ନେଇ ଲୋକଙ୍କୁ ପ୍ରତାରଣା କରି ଆସୁଛନ୍ତି। ଯାଜପୁର ଜିଲା ଦାନଗଦୀ ଓ ସୁକିନ୍ଦା ବ୍ଲକର ହଜାର ହଜାର ଲୋକ ବିସ୍ଥାପିତ ହୋଇଛନ୍ତି। ସାଧାରଣ ଲୋକଙ୍କ ତ୍ୟାଗରେ ବଡ଼ ବଡ଼ ଶିଳ୍ପ କାରଖାନା ଗଢ଼ି ଉଠିଛି। କିନ୍ତୁ ସେହି କମ୍ପାନୀଗୁଡ଼ିକରେ ଅଧିକାଂଶ ବଡ଼ବଡ଼ ଅଧିକାରୀ ଅଣଓଡ଼ିଆ। ଜିଲାରେ ବହୁ ବୈଷୟିକ ଡିଗ୍ରୀଧାରୀ ରହିଥିଲେ ହେଁ ଅଭିଜ୍ଞତା ଆଳରେ ରାଜ୍ୟ ବାହାର ଲୋକଙ୍କୁ ନିଯୁକ୍ତି ମିଳୁଛି। ଅନ୍ୟପକ୍ଷେ ଗତ ୫ବର୍ଷ ମଧ୍ୟରେ ପ୍ରାୟ ୩୦ହଜାର ଶ୍ରମିକଙ୍କୁ ଛଟେଇ କରାଯାଇଛି। ଘରୋଇ କମ୍ପାନୀର ଏହି ନୀତି ବିରୋଧରେ ବହୁ ଆନ୍ଦୋଳନ, ଦାବି, ଅନଶନ ହେଉଛି। ହେଲେ କିଛି ସୁଫଳ ମିଳୁନାହିଁ। ଏଭଳି ସ୍ଥିତିରେ ଶ୍ରମିକଙ୍କ ଜୀବନଜୀବିକାକୁ ଆଖିରେ ରଖି ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ କାରଖାନାକୁ ଘରୋଇକରଣ କଦାପି କରି ଦିଆଯିବ ନାହିଁ ବୋଲି ଶ୍ରମିକ, କର୍ମଚାରୀ ତଥା ସ୍ଥାନୀୟ ଲୋକେ ଦାବି କରି ଆସୁଛନ୍ତି। ଏହି ଆନ୍ଦୋଳନକୁ କେତେକ ସ୍ଥାନୀୟ ନେତାମାନେ ମଧ୍ୟ ସମର୍ଥନ କରୁଛନ୍ତି। ନୀଳାଚଳ ବଞ୍ଚାଅ ସମିତି ଏହି ଘରୋଇକରଣର ତୀବ୍ର ପ୍ରତିବାଦ ଜାରି ରଖିଛି। ବିଜୁବାବୁଙ୍କ ଦ୍ୱିତୀୟ ଇସ୍ପାତ କମ୍ପାନୀକୁ ନିଲାମ କରି ଘରୋଇକରଣକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଞ୍ଚଳବାସୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି କମ୍ପାନୀ ପାଇଁ ୬୬୮ ପରିବାରଙ୍କୁ ବିସ୍ଥାପିତ କରାଯାଇଥିବାବେଳେ ୪୫୨ଜଣଙ୍କୁ ନିଯୁକ୍ତି ମିଳିଛି। ଜମି ଅଧିଗ୍ରହଣ ସମୟରେ ଓଡ଼ିଶା ସରକାର ଦ୍ୱିତୀୟ ସରକାରୀ ଇସ୍ପାତ କାରଖାନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଉତ୍ପାଦନର ପ୍ରାୟ ଦୁଇ ଦଶନ୍ଧି ପରେ ମଧ୍ୟ ସମନ୍ୱିତ ଇସ୍ପାତ କାରଖାନା ସ୍ୱପ୍ନରେ ରହିଗଲା।

– ହର୍ଷବର୍ଦ୍ଧନ ବେହେରା

# ବିମାନ ବନ୍ଦରରୁ ୪୮ ଖଣ୍ଡ ସୁନା ଜବତ

- ମୂଲ୍ୟ ୮ ଲକ୍ଷ ୯୧ ହଜାର ୫୦୬ ଟଙ୍କା
- ତାମିଲନାଡୁର ଜଣେ ଅଟକ
- କୁଆଲାଲମ୍ପୁରରୁ ଆଣି ଭୁବନେଶ୍ୱରରେ ଓହ୍ଲାଇଥିଲେ



ଭୁବନେଶ୍ୱର, ୨୦।୧(ବ୍ୟୁରୋ)

କିଛି ଦିନ ବ୍ୟବଧାନରେ ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ୨୧୫. ୬୦୦ ଗ୍ରାମ ଓଜନର ୪୮ ଖଣ୍ଡ ସୁନା ଜବତ କରାଯାଇଛି। ଏହି ସୁନାର ମୂଲ୍ୟ ୮ ଲକ୍ଷ ୯୧ ହଜାର ୫୦୬ ଟଙ୍କା ବୋଲି କଷ୍ଟମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚୋରା ସୁନା ଚାଲାଣରେ ସମ୍ପୃକ୍ତ ତାମିଲନାଡୁ ମଦୁରାଇ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି କଷ୍ଟମ ବିଭାଗର ଏୟାର ଇଣ୍ଟେଲିଜେନ୍ସ ଅଧିକାରୀମାନେ ତଦନ୍ତ ଚଳାଇଛନ୍ତି।

ସୋମବାର କଷ୍ଟମ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତ ୧୭ ତାରିଖରେ କୁଆଲାଲମ୍ପୁରରୁ ବାହାରିଥିବା ଏୟାର ଏସିଆ ଫ୍ଲାଇଟ୍ ଏ.କେ-୩୧ ରାତି ପ୍ରାୟ ୯ଟାରେ ଭୁବନେଶ୍ୱରରେ ପହଞ୍ଚି ଥିଲା। ଏହି ବିମାନରେ ଚୋରା ସୁନା ଚାଲାଣ ହେଉଥିବା ନେଇ ପୂର୍ବରୁ ଏୟାର ଇଣ୍ଟେଲିଜେନ୍ସ ବିଭାଗର ଅଧିକାରୀମାନେ ଖବର ପାଇ ଯୋଜନା ମୁତାବକ ଜଗି ରହିଥିଲେ। ଏକେ ୩୧ ଫ୍ଲାଇଟରେ ଆସିଥିବା ପ୍ରତ୍ୟେକ ଯାତ୍ରୀ ଓ ସେମାନଙ୍କର ଲଗେଜ ବ୍ୟାଗକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ଏହି ସମୟରେ ମଦୁରାଇର ଜଣେ ବ୍ୟକ୍ତିଙ୍କ ହ୍ୟାଣ୍ଡ ବ୍ୟାଗରୁ ୪୮ ଖଣ୍ଡ ସୁନା ମିଳିଥିଲା। ତାହାକୁ ଅଧିକାରୀମାନେ ଜବତ କରିଥିଲେ। ପ୍ରକାଶ ଥାଉକି, ଗତବର୍ଷ ନଭେମ୍ବର ମାସରେ ଭୁବନେଶ୍ୱର ବିମାନ ବନ୍ଦରରୁ ୧ କେଜି ୩୧୦ ଗ୍ରାମର ଦୁଇଖଣ୍ଡ ସୁନା ବିସ୍କୁଟ ଓ ଗୋଲ୍ଡ ଡଷ୍ଟ ଜବତ କରାଯାଇଥିଲା। କୁଆଲାଲମ୍ପୁରରୁ ଭୁବନେଶ୍ୱର ଆସୁଥିବା ଏୟାର ଏସିଆ ବିମାନର ଜଣେ ଯାତ୍ରୀଙ୍କଠାରୁ ଏହି ସୁନାକୁ ଏୟାର କଷ୍ଟମ ବିଭାଗ ଜବତ କରିଥିଲା। ଯାତ୍ରୀ ଜଣଙ୍କ କେରଳର ବୋଲି ଜଣାପଡ଼ିଥିଲା।

ମୋ ସରକାର 14545
FICCI
କୃଷି ଓଡ଼ିଶା
୨୦-୨୪ ଜାନୁଆରୀ, ୨୦୨୦
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା
ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ
୨୧ ଜାନୁଆରୀ, ୨୦୨୦ (ମଙ୍ଗଳବାର) ସନ୍ଧ୍ୟା ୫ ଘଟିକା
ସମବାୟ ଏବଂ ବ୍ୟାଙ୍କିଙ୍ଗ୍ ଦିବସ
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ
ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ କୃତିବାସ ପାତ୍ର
ଉପଦେଷ୍ଟା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ଅସିତ ପଟ୍ଟନାୟକ
ଅଧ୍ୟକ୍ଷ, ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିଃ.
ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର, ଭା.ପ୍ର.ସେ.
କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା
ଶ୍ରୀଯୁକ୍ତ ଏମ୍.କେ. ମଲ୍ଲ
ଆଞ୍ଚଳିକ ନିର୍ଦ୍ଦେଶକ, ଆର୍.ବି.ଆଇ. ଭୁବନେଶ୍ୱର
ଶ୍ରୀଯୁକ୍ତ ଏସ୍. କୁମାର
ମଣ୍ଡଳ ମୁଖ୍ୟ ପରିଚାଳକ, ୟୁକୋ ବ୍ୟାଙ୍କ, ଭୁବନେଶ୍ୱର
ସଭାପତି
ଡଃ ଅରୁଣ କୁମାର ସାହୁ
ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା, ଓଡ଼ିଶା
ସ୍ୱାଗତ ଭାଷଣ
ଶ୍ରୀଯୁକ୍ତ ଭି. ଭି. ଯାଦବ, ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ, ସମବାୟ ବିଭାଗ, ଓଡ଼ିଶା
ଧନ୍ୟବାଦ ଅର୍ପଣ
ଶ୍ରୀଯୁକ୍ତ ଡି. କେ. ଜେନା, ଭା.ପ୍ର.ସେ.
ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଭୁବନେଶ୍ୱର
କୃଷି ପ୍ରଦର୍ଶନୀ, ଆଲୋଚନା ଚକ୍ର, କୃଷକ-ବୈଜ୍ଞାନିକ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆପଣମାନଙ୍କୁ ସାଦର ନିମନ୍ତ୍ରଣ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
01034/13/0040/1920
DSPL-239

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ



# ଆନୁଗତ୍ୟ ବୋହୁଛି

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସାମ୍ବିଧାନିକ ସମ୍ପର୍କ ସ୍ଥାପନ ପାଇଁ ଭାରତରେ ରାଜ୍ୟପାଳମାନଙ୍କୁ ନିଯୁକ୍ତ କରାଯାଇଥାଏ। ହେଲେ ଦେଖାଯାଉଛି କେତେକ ରାଜ୍ୟପାଳ ସାମ୍ବିଧାନିକ ସୀମା ଅତିକ୍ରମ କରି ନିର୍ବାଚିତ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ସେଥିଲାଗି ସେମାନଙ୍କ ଭୂମିକା ନେଇ ଅନେକ ସମୟରେ ତର୍କ ହୋଇଥାଏ। ଏଥିସହିତ ଉକ୍ତ ପଦବୀର ଆବଶ୍ୟକତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୭–୧୮ ଆର୍ଥିକ ବର୍ଷରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଉପରାଜ୍ୟପାଳ ଓ ରାଜ୍ୟପାଳଙ୍କ ଦରମା ବୃଦ୍ଧି ସଂକ୍ରାନ୍ତ ବିଲ୍ ଆଗତ କରିଥିଲେ। ଉପରାଜ୍ୟପାଳ ୨.୨୫ ଲକ୍ଷ ଟଙ୍କା ଓ ରାଜ୍ୟପାଳ ୩.୫ ଲକ୍ଷ ଟଙ୍କା ଦରମା ପାଇବାର ବ୍ୟବସ୍ଥା କରାଯାଇଥିଲା। ସେହି ସମୟରେ ଲୋକ ସଭାରେ ଏହି ପଦବୀକୁ ନେଇ ଅନେକ ମତ ପ୍ରକାଶ ପାଇଥିଲା। ଭାଜପାର କେତେକ ସଦସ୍ୟ ନିଜ ଭାଷଣରେ କଂଗ୍ରେସ କେଉଁଭଳି ଭାବେ ଏହି ପଦବୀର ଦୁରୁପଯୋଗ କରୁଥିଲା ତାହାର ଅନେକ ଉଦାହରଣ ଦେଇଥିଲେ। କିନ୍ତୁ ପରିସ୍ଥିତିର ପରିବର୍ତ୍ତନ କରିବା ପରିବର୍ତ୍ତେ ଆଜିର ସରକାର ଅଧିକ ଜଟିଳତା ସୃଷ୍ଟି କରିଛନ୍ତି। ୨୩ ନଭେମ୍ବର ୨୦୧୯ରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ୍ ସିଂ କୋଶିୟାରୀ ଯେଭଳି ଭାବେ ଦେବେନ୍ଦ୍ର ଫଡ୍‌ନବିସ ଓ ଅଜିତ୍ ପାୱାରଙ୍କୁ ବଡ଼ିଭୋରୁ ଶପଥ ଗ୍ରହଣ କରାଇଦେଇଥିଲେ, ସେଥିରୁ ତାଙ୍କର ରବର ଷ୍ଟାମ୍ପ୍ ପରିସ୍ଥିତି ସମ୍ପର୍କରେ ସମଗ୍ର ଦେଶ ଅବଗତ ହୋଇଥିଲା। ପଣ୍ଡିଚେରୀ ଉପରାଜ୍ୟପାଳ ଥିବା କିରଣ ବେଦୀ ଅତୀତରେ ଦେଇଥିବା ଏକ ମନ୍ତବ୍ୟ ଏଠାରେ ମନେପଡ଼େ। ତାଙ୍କର 'ଛୋଟ ବଳାତ୍କାର' ମନ୍ତବ୍ୟକୁ ନେଇ ଗଣମାଧ୍ୟମ ଯେଉଁଭଳି ଛବି ଆଙ୍କିଥିଲା, ସେଥିପାଇଁ ସେ ଗଣମାଧ୍ୟମକୁ ସେତେବେଳେ ସମାଲୋଚନା କରିଥିଲେ। ଜଣେ ମହିଳା ଉପରାଜ୍ୟପାଳ ଛୋଟ ବଳାତ୍କାରର ଅର୍ଥ ଦେଶବାସୀଙ୍କୁ ବୁଝାଇବା ଦରକାର। ଏହା ବିଶେଷ ଭାବେ ଗୁରୁତ୍ୱ ଧାରଣ କରୁଛି ଯେ, କିରଣ ବେଦୀ ଜଣେ ପୂର୍ବତନ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ। ନାରୀଙ୍କ ପ୍ରତି ଜଘନ୍ୟ ଅପରାଧକୁ ଲୋକଲୋଚନକୁ ଆଣି କେଉଁଭଳି ତ୍ରୁଟି ଗଣମାଧ୍ୟମ କରିଛି ସେ ସମ୍ପର୍କରେ କିରଣ ବେଦୀ ଅଧିକ ବ୍ୟସ୍ତତା ପ୍ରକାଶ କରୁଥିବା ଅତ୍ୟନ୍ତ ଅଶୋଭନୀୟ ମନେହେଉଛି। କିରଣଙ୍କ ପରେ ଏବେ କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କ ମତ ପ୍ରକାଶ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଭାଜପାର ଦୁଇ ଚାରୋଟି କୁକୁଡ଼ାର ମୁକୁଟ ଭଳି ଥିବା ଆରିଫ୍ ମହମ୍ମଦ ଖାନ୍ ଏବେ ପରିଚିତ ହୋଇଛନ୍ତି। ପୂର୍ବରୁ କଂଗ୍ରେସ, ଜନତା ଦଳ, ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଆଦି ତୁଠକୁ ଅଇଁଠା କରିସାରିବା ପରେ ଭାଜପା ତୁଠରେ ଆରିଫ୍ ଗାଧୋଉଛନ୍ତି। ଏଠାରେ ଏକ ଇଂଲିଶ ଢଗ ମନେପଡ଼େ–'ମୋର୍ ଲୟାଲ ଦାନ୍ ଦି କିଙ୍ଗ'। ଅର୍ଥାତ୍ ରାଜାଙ୍କ ତୁଳନାରେ ଅଧିକ ଆନୁଗତ୍ୟ ଦେଖାଇବା। ସେଥିପାଇଁ ହୁଏତ କେନ୍ଦ୍ର କିଛି କହିବା ପୂର୍ବରୁ ଆରିଫ୍ ନିଜର ଆନୁଗତ୍ୟ ପ୍ରଦର୍ଶନ କରିଦେଉଛନ୍ତି।

ସଦ୍ୟ ଘଟଣା ଦେଖିଲେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ କେରଳର ବାମସାମ୍ମୁଖ୍ୟ ସରକାର ଓ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କ ମଧ୍ୟରେ ବିବାଦ ଘନୀଭୂତ ହୋଇଛି। କେରଳ ସରକାର ସିଏଏ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବାରୁ ରାଜ୍ୟପାଳ ଏ ନେଇ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି। ସେ ନୀରବ ଦର୍ଶକ ନ ରହି ରାଜ୍ୟରେ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବେ ବୋଲି ଖାନ୍ କହିଛନ୍ତି। ରାଜ୍ୟ ସରକାର ତାଙ୍କ ସହ ପରାମର୍ଶ ନ କରି ସର୍ବୋଚ୍ଚ ଅଦାଲତକୁ ଯାଇଥିବାରୁ ସେ ନିଜର ଅସନ୍ତୋଷ ସାଧାରଣରେ ବ୍ୟକ୍ତ କରିଛନ୍ତି।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚିତ ସରକାର ସବୁ କିଛି। ରାଜ୍ୟପାଳ କେବଳ ସମ୍ବିଧାନର ରକ୍ଷକ। ସିଏଏ କଥା ଦେଖିଲେ ତାହା ପାର୍ଲାମେଣ୍ଟର ସ୍ୱୀକୃତି ପାଇଥିଲେ ମଧ୍ୟ ଏହାର କେତେକ ଦିଗ ନାଗରିକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା କରି କେରଳ ଓ ପଞ୍ଜାବ ସରକାର ଏହାର କାର୍ଯ୍ୟକାରିତା ବିରୋଧରେ ସେମାନଙ୍କ ବିଧାନସଭାରେ ପ୍ରସ୍ତାବ ଗୃହୀତ କରିଛନ୍ତି। ଏହି ଦୁଇ ରାଜ୍ୟ ପରେ ରାଜସ୍ଥାନ ସରକାର ସେମାନଙ୍କ ପଦାଙ୍କ ଅନୁସରଣ କରିବ ବୋଲି କହିଛି। ଅବଶ୍ୟ ଏହା ଏକ ତର୍କର ବିଷୟ ଯେ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଦ୍ୱାରା ଅଣାଯାଇଥିବା ଆଇନକୁ ରାଜ୍ୟଗୁଡ଼ିକ କିଭଳି ବିରୋଧ କରିପାରିବେ। ଯେତେବେଳେ କେନ୍ଦ୍ରର କୌଣସି ନିଷ୍ପତ୍ତି ରାଜ୍ୟର ଅଧିକାରକୁ କ୍ଷୁଣ୍ଣ କରୁଥିବ, ସେତେବେଳେ ତାହାର ପ୍ରତିବାଦ କରାଯାଇପାରିବ। ଆଜିର ପରିସ୍ଥିତିରେ ସିଏଏକୁ ନେଇ ଏକାଧିକ ଆବେଦନ ସୁପ୍ରିମକୋର୍ଟରେ ପଡ଼ିରହିଛି। ଏହାର ବୈଧତା ଉପରେ ସର୍ବୋଚ୍ଚ ଅଦାଲତ ରାୟ ଶୁଣାଇ ନ ଥିବାରୁ ଯେଉଁ ରାଜ୍ୟଗୁଡ଼ିକ ସିଏଏକୁ ବିରୋଧ କରୁଛନ୍ତି ସେମାନେ କୋର୍ଟଙ୍କ ଆଶ୍ରୟ ନେବାରେ ଅସୁବିଧା ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଭଳି ସ୍ଥଳେ କେରଳ ରାଜ୍ୟପାଳ ସେଠାକାର ସରକାରଙ୍କଠାରୁ ରିପୋର୍ଟ ମାଗିବା ହେଉଛି ତାଙ୍କ କାର୍ଯ୍ୟ ପରିସର ବାହାର ବୋଲି ମନେହେଉଛି। ଅବଶ୍ୟ ପୂର୍ବରୁ କେନ୍ଦ୍ରରେ ଶାସନ କରୁଥିବା ଦଳ ତା'ର ନେତାମାନଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତ କରି ରାଜନୈତିକ ଫାଇଦା ଉଠାଇଥିବାର ନଜିର ରହିଛି। ହେଲେ ଆଜିର କେନ୍ଦ୍ର ସରକାର ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନେ ଯେଭଳି ଭାବେ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହା ଦ୍ୱାରା ସଂଘୀୟ ବ୍ୟବସ୍ଥା ବିପଦରେ ପଡ଼ିଲାଣି। କାରଣ ଏହି ରାଜ୍ୟପାଳମାନେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ପର୍କର ସେତୁ ନ ପାଲଟି ରାଜନୈତିକ ପ୍ରତିନିଧି ଭଳି କାର୍ଯ୍ୟ କରୁଥିବା ପ୍ରତୀୟମାନ ହେଉଛି। ନିକଟ ଅତୀତକୁ ଦେଖିଲେ କର୍ଣାଟକ ରାଜ୍ୟପାଳ ବାଜୁଭାଇ ଭାଲା ଓ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଯେଉଁଭଳି ଭାବେ ସମ୍ପୃକ୍ତ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ପରେ ନିଜର ଭୂମିକା ପ୍ରଦର୍ଶନ କରିଥିଲେ, ତାହା ସେହି ପଦବୀକୁ ଅସମ୍ମାନିତ କରିଥିଲା। ଯେତେବେଳେ ରାଜ୍ୟପାଳମାନେ ସାମ୍ବିଧାନିକ ମର୍ଯ୍ୟାଦା ଅତିକ୍ରମ କରିବା ସହିତ ଦେଶର ମୌଳିକ ଚରିତ୍ର ଅର୍ଥାତ୍ ସଂଘୀୟ ଢାଞ୍ଚାକୁ ଆଘାତ ଦେଇଥାଆନ୍ତି, ସେତେବେଳେ ଉକ୍ତ ପଦବୀର ଗରିମା ହ୍ରାସ ପାଇଥାଏ। ଏଭଳି ରାଜ୍ୟପାଳମାନଙ୍କ କାର୍ଯ୍ୟକୁ ଦେଖିଲେ ମନେହେଉଛି ସତେଯେପରି ସେମାନେ କେନ୍ଦ୍ର ସରକାରଙ୍କ ସ୍ୱାର୍ଥକୁ ଜଗିବା ପରିବର୍ତ୍ତେ ଭାଜପାର ଦଳୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ଏହା ଦେଶ ପାଇଁ କ୍ଷତିକାରକ।

# ଦିଅଁ ଗଢୁ ଗଢୁ ମାଙ୍କଡ଼



ବୈକୁଣ୍ଠନାଥ ମିଶ୍ର

ଲିଓ ଟଲଷ୍ଟୟଙ୍କର କ୍ଷୁଦ୍ରଗଳ୍ପ 'ହାଓ ମଚ୍ ଲ୍ୟାଣ୍ଡ ଡଜ୍ ଏ ମ୍ୟାନ୍ ନିଡ୍'ର ମୁଖ୍ୟ ନାୟକ ପାହୋମ୍‌କୁ କୁହାଯାଇଥିଲା, ସୂର୍ଯ୍ୟାସ୍ତ ପୂର୍ବରୁ ସେ ଯେତେ ଜମି ଭ୍ରମଣ କରି ମୂଳ ସ୍ଥାନରେ ଆସି ପହଞ୍ଚିବ, ସେସବୁ ତା'ର ହୋଇଯିବ। ସୂର୍ଯ୍ୟ ପଶ୍ଚିମ ଦିଗ୍‌ବଳୟ ସ୍ପର୍ଶ କରିବାକୁ କ୍ରମଶଃ ଢଳିଚାଲିଥିଲେ ମଧ୍ୟ ଲୋଭବଶତଃ ଅଧିକରୁ ଅଧିକ ଜମି ପାଇବା ଆଶାରେ କ୍ଷିପ୍ର ବେଗରେ ଦୌଡିବାକୁ ଲାଗିଲା। ସେ ତା'ର ଆରମ୍ଭ ସ୍ଥାନରୁ ଏତେ ଦୂରକୁ ଚାଲିଯାଇଥିଲା ଯେ ସୂର୍ଯ୍ୟାସ୍ତ ପୂର୍ବରୁ ସେ ତା'ର ମୂଳ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରି ନ ପାରି ଶେଷରେ ପ୍ରାଣତ୍ୟାଗ କଲା। ମନୁଷ୍ୟର ନୀଚ ପ୍ରବୃତ୍ତି ତାକୁ ପାହୋମ୍ ପରି ଦଶା ଭୋଗ କରିବାକୁ ସଦା ଅନୁପ୍ରେରିତ କରୁଥାଏ। ଏହା ଏକ ସର୍ବକାଳୀନ ଗଳ୍ପ। ଆଜି ଆମେ ଶତ ଶତ ପାହୋମ୍‌ମାନଙ୍କୁ ନିତି ପ୍ରତ୍ୟକ୍ଷ କରୁଛୁ। ଯେଉଁମାନେ ନିଜର ମୋଟା ଅଙ୍କର ସ୍ଥାୟୀ ଆୟ ସତ୍ତ୍ୱେ ଲୋଭ ସମ୍ବରଣ କରି ନ ପାରି ଅନ୍ୟାୟ ଉପାର୍ଜନର ଅନୁଧାବନ କରି ଶେଷରେ କାରାଗାରର ଅନ୍ଧକାର କୋଠରିରେ ବାସ କରୁଛନ୍ତି।

ଅଭିରାମବାବୁ ସେଦିନ ସନ୍ଧ୍ୟାରେ ଟିଭିରେ ଖବର ଦେଖୁଥିବା ବେଳେ ପତ୍ନୀ ଅଞ୍ଜନା ଦେବୀ ଚା କପ୍ ଟି–ପଏ ଉପରେ ରଖି ସ୍ୱାମୀଙ୍କୁ ତାଗିଦ କରି କହିଲେ– ଚା ରହିଲା, ମନେକରି ପିଇନେବ। ଆଉଥରେ ମାଗିଲେ ମୁଁ ଦେଇପାରିବି ନାହିଁ। ବୁଢୀ ବୟସରେ ମୋର କ'ଣ ବଳ ମାଡିଆସୁଛି ଯେ ତୁମକୁ ଏତେଥର ଚା ଦେଉଥିବି। ଟିକିଏ ରହି ଅଞ୍ଜନା ଦେବୀ ପୁଣି କହିଲେ, ମୋ କଥା ଶୁଣୁଛ ନା ନାହିଁ। ଅଭିରାମବାବୁଙ୍କର ମନ ଆଜି ସତରେ ଚା ପିଇବାରେ ନାହିଁ। ଏକ ଲୟରେ ସେ ଟିଭିକୁ ଚାହିଁଛନ୍ତି ଯେ ଆଖିରେ ପଲକ ପଡୁନାହିଁ। ପତ୍ନୀଙ୍କୁ ଡାକି କହିଲେ, ଦେଖିଲ ଏ ଯେଉଁ ଲୋକକୁ ପୋଲିସ ଆରେଷ୍ଟ କରି ନେଉଛି, ସେ ଆମ କୁନା ନୁହେଁ ତ? ଅଞ୍ଜନା ଦେବୀ ଫେଁ କିନା ହସିଦେଇ ଲଘୁ ପରିହାସରେ କହିଲେ, ହଇଓ ତୁମ ମୁଣ୍ଡ ଠିକ୍ ଅଛି ତ! ତୁମେ କ'ଣ କହୁଛ ବୁଝି ପାରୁଛ ତ। ଆମ କୁନାକୁ ପୁଣି ପୋଲିସ ଆରେଷ୍ଟ କରିବ। ଏ କଥା କହିବାକୁ ତୁମ ତୁଣ୍ଡ ଲେଉଟିଲା କିପରି? ଆମ କୁନା ଚୋର ନା ଡକାୟତ ହୋଇଛି ଯେ ପୋଲିସ ତାକୁ ବାନ୍ଧିନେବ। ସେ ପରା ଏତେ ବଡ ହାକିମ। ପୋଲିସବାଲା ତାକୁ ଦିନକୁ ଶହେ ସଲାମ ମାରନ୍ତି। ତୁମେ ପରା କହୁଥିଲ ତା' ପାଖରେ ପିଅନ, ଚପରାସୀ ହୋଇ କାହିଁ କେତେ ଅଛନ୍ତି। ପୁଣି ଅଧସ୍ତନ କର୍ମଚାରୀଙ୍କର ଅଭାବ ନାହିଁ। ଏତେ ଲୋକ ଥାଉଁ ଥାଉଁ ପୋଲିସ ତାକୁ ବାନ୍ଧିନେଲା, ଅଥଚ କେହି କିଛି କରିପାରିଲେ ନାହିଁ। ତୁମର ବୟସାଧିକ୍ୟ ଯୋଗୁ ମତିଭ୍ରମ ହେଲାଣି। ତେଣୁ ଯେତେକ ଅବାଞ୍ଛିତ କଥା ମୁଣ୍ଡରେ ପୂରାଉଛ।

ଅଭିରାମବାବୁଙ୍କର ବୟସ ଅଧିକ ହୋଇଥିଲେ ମଧ୍ୟ ନିଜ ପୁଅକୁ ଯେ ଚିହ୍ନିପାରିବେ ନାହିଁ, ଏକଥା ହୋଇପାରେନା। ସେ ଠିକ୍ ଦେଖିଛନ୍ତି। ଅନ୍ୟମାନଙ୍କର ନଜର ଏଡାଇବା ପାଇଁ ମୁହଁ ଲୁଚାଉଥିବା ବ୍ୟକ୍ତିଟି ଯେ ତାଙ୍କ ପୁଅ ଶ୍ରୀମାନ୍ ଅଭିଷେକ ଦାସ (କୁନା) ଏଥିରେ ତିଳେହେଲେ ସନ୍ଦେହ ନାହିଁ। ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡି ତତ୍କାଳ ଜେଲ ଯାଉଥିବାର ଦୃଶ୍ୟ ଟିଭି ପରଦାରେ ଦେଖିବା ସହ ପୁତ୍ରର ନାମ ବାରମ୍ବାର କର୍ଣ୍ଣଗୋଚର ହୋଇ ତାଙ୍କ ବିଶ୍ୱାସକୁ ଅଧିକ ଦୃଢୀଭୂତ କରିଛି। ସେ ଆଉ ଟିଭି ପରଦାକୁ ଚାହିଁପାରୁ ନାହାନ୍ତି। ଅଗତ୍ୟା ଟିଭି ବନ୍ଦ କରି ଚିନ୍ତା କରିବାକୁ ଲାଗିଲେ। କୁନା ତାଙ୍କର ଏକମାତ୍ର ପୁଅ। ତୁଳସୀ ଦୁଇପତ୍ରରୁ ବାସିଲା ପରି କୁନା ଯେ ଜଣେ ବଡ଼ମଣିଷ ହେବ– ଏକଥା ପିଲାବେଳୁ ଜଣାପଡୁଥିଲା। ସମସ୍ତଙ୍କ ତୁଣ୍ଡରେ ତା'ର ଭୂରି ଭୂରି ପ୍ରଶଂସା। ପାଠପଢାରେ ଯେମିତି, ଆଚାର ବ୍ୟବହାର ମଧ୍ୟ ଅନୁରୂପ। ଶ୍ରେଣୀରେ ପ୍ରଥମ ହୋଇ କୁନା ବରାବର ତା' ମେଧାଶକ୍ତିର ପରିଚୟ ଦେଇ ଆସୁଥିଲା। ଚାଣକ୍ୟଙ୍କ ନୀତିବାଣୀ କହେ–

ବରମେକୋ ଗୁଣୀପୁତ୍ରୋ ନ ଚ ମୂର୍ଖ ଶତାନ୍ୟପି
ଏକଶ୍ଚନ୍ଦ୍ରଃ ତମୋ ହନ୍ତି ନ ଚ ତାରାଗଣୋଽପି ଚ।

ଅର୍ଥାତ୍– ଆକାଶରେ ଅନେକ ତାରା ଥାଇ ଅନ୍ଧକାର ଦୂରେଇ ପାରୁ ନ ଥିବାବେଳେ ଏକମାତ୍ର ଚନ୍ଦ୍ର ରାତ୍ରିର ଅନ୍ଧକାର ଦୂର କରିପାରେ। ଠିକ୍ ସେହିପରି ଅନେକ ମୂର୍ଖ ପୁତ୍ର ଜନ୍ମହୋଇ ମାତାପିତା ଓ ସମାଜକୁ ଦୁଃଖଦେବା ଅପେକ୍ଷା ଏକମାତ୍ର ଗୁଣୀପୁତ୍ର ପରିବାର ଓ ସମାଜର ଉନ୍ନତି କରେ। କୁନା ତାଙ୍କର ଯେମିତି ବିଦ୍ୱାନ ସେମିତି ବିନୟୀ। ବହୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ଅର୍ଜନ କରି ନିଜ ପସନ୍ଦରେ ଓଡିଶା ପ୍ରଶାସନିକ ସେବାରେ ଯୋଗଦେଲା। ଓଡ଼ିଶାର ବିଭିନ୍ନ ସ୍ଥାନରେ କାମ କରି ଏଇ କେତେ ବର୍ଷ ହେଲା ରାଜଧାନୀରେ ଅବସ୍ଥାପିତ।

ଚାକିରିରେ ଯୋଗଦେବା ପାଇଁ ମା' ବାପାଙ୍କଠାରୁ ବିଦାୟ ନେଇ ଆସିଲା ଦିନ ବାପା ଅଭିରାମବାବୁ ଉପଦେଶ ଛଳରେ କହିଥିଲେ, କୁନାରେ ସରକାରୀ ଚାକିରିକୁ ହେୟଜ୍ଞାନ କରିବୁ ନାହିଁ। ସାବଧାନତା ଅବଲମ୍ବନ ନ କଲେ ପ୍ରତିକ୍ଷଣରେ ବିପଦର ସମ୍ଭାବନା ଅଛି। ଅନୁଚିତ ଫାଇଦା ହାସଲ କରିବା ବ୍ୟକ୍ତିଙ୍କର ସମାଜରେ ଅଭାବ ନାହିଁ। ଯେଉଁମାନେ ଫାଇଦା ହାସଲ କରୁଥିବେ, ସେହିମାନେ ହିଁ ତୁମ ଦୁର୍ବଳତାର ସୁଯୋଗ ନେବେ। ଥରେ ତୁମ ଚରିତ୍ରରେ ଦୁର୍ବଳତା ଆସିଗଲେ, ଆଉ ତୁମର ନିସ୍ତାର ନାହିଁ। ବିପଦବେଳେ ତୁମ ଉଚ୍ଚାଧିକାରୀ, ସହକର୍ମୀ କିମ୍ବା ଅଧସ୍ତନ, କେହି ବି ତୁମ ସାଥିରେ ନ ଥିବେ। ବିପଦ ସୃଷ୍ଟି କରିଥିବା ବ୍ୟକ୍ତି ଅଜ୍ଞାତ ଭଳି ସୁନ୍ଦର ଅଭିନୟ କରିବେ। ମୋ କଥା ତ ତୁ ଜାଣୁ। ଚାକିରି ଜୀବନରେ ନାନା ଝଡଝଞ୍ଜାର ସମ୍ମୁଖୀନ ହୋଇ ମଧ୍ୟ ନୀତି ନୈତିକତାରୁ କେବେ ବିଚ୍ୟୁତ ହୋଇନାହିଁ। ତୁ ପ୍ରଶାସନିକ ଅଧିକାରୀ ଭାବେ ଚାକିରିରେ ଯୋଗଦେବା ଦିନ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ସହ ପ୍ରାର୍ଥନା କରିଥିଲି, ତୁ ଖୁବ୍ ବଡ଼ମଣିଷ ହେବୁ ଓ ମୋର ସମ୍ମାନ ବୃଦ୍ଧି ହେବ। ମୋର ଗର୍ବିତ ଆସ୍ୱର୍ଦ୍ଧା ସେଦିନ ମୋର ମନପ୍ରାଣକୁ ଉଲ୍ଲସିତ କରିଥିଲା।

କିନ୍ତୁ ହାୟ! ଆଜି ମୋର ସମସ୍ତ ଗର୍ବ ଜଳସ୍ଫୋଟକ ପରି ଉଭେଇ ଯାଇଛି। କ୍ଷମତା ଓ ଅର୍ଥ ଲାଳସା ମୋ ପୁଅକୁ ଅନ୍ଧ କରିଦେଇଛି। ଧନର ମୋହଜାଲରେ ଛନ୍ଦି ହୋଇ ସେ ବିବେକକୁ ବଳି ପକାଇଛି। ଶ୍ରୀମଦଭଗବଦ୍‌ଗୀତା କହେ–


ଅନେକ ଚିତ୍ତବିଭ୍ରାନ୍ତାଃ ମୋହଜାଲସମାବୃତାଃ,
ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ।

ଅର୍ଥାତ୍– ଚିତ୍ତବିଭ୍ରାନ୍ତି ଓ ମୋହଜାଲ ଦ୍ୱାରା ଆବଦ୍ଧ ମନୁଷ୍ୟ, ବିଷୟଭୋଗରେ ଲିପ୍ତ ହୋଇ ଶେଷରେ ନର୍କଗତି ପ୍ରାପ୍ତ ହୁଏ।

ମୋର ଆଜି ଚୋର ମା' ପରି ଅବସ୍ଥା। ନା ପ୍ରକାଶ୍ୟରେ ଦୁଃଖ ବଖାଣି ପାରୁଛି, ନା ଚକ୍ଷୁରୁ ଲୋତକ ନିଗାଡି ପାରୁଛି। କେବଳ ଅନ୍ତର୍ଦାହ ଓ ମାନସିକ ଯନ୍ତ୍ରଣାକୁ ପୁଞ୍ଜିକରି ଅବଶିଷ୍ଟ ଜୀବନ ଜିଇବାକୁ ହେବ। ମୋ ପରି ସ୍ୱାର୍ଥାନ୍ଧ ବାପମାନେ, ଯେଉଁମାନେ ପୁଅକୁ ଭଲ ମଣିଷ ହେବା ପରିବର୍ତ୍ତେ ବଡ଼ମଣିଷ ହେବାର ପରିକଳ୍ପନା କରି ପୁଅକୁ ସମାଜଠାରୁ ଦୂରେଇ ଦିଅନ୍ତି, ତାଙ୍କୁ ତ ଏପରି ଦଣ୍ଡ ଭୋଗିବାକୁ ହେବ। ପୁଅର କୃତକର୍ମ ପାଇଁ ସେ ଆଜି ନିଜର ଅନୁଶାସନକୁ ହିଁ ଦାୟୀ କରୁଛନ୍ତି। ପୁଅର ଭଲ କରିବାକୁ ଯାଇ ଏବଂ ତାକୁ ବଡ ମଣିଷ କରି ଗଢିତୋଳିବାକୁ ସେ ଯେଉଁସବୁ ପଦକ୍ଷେପ ନେଇଥିଲେ, ତାହା ଆଜି ଭୁଲ୍ ପ୍ରମାଣିତ ହୋଇଛି। ତାଙ୍କ ପୁଅ ସାଧାରଣ ପିଲାଙ୍କ ସହ ମିଶିଲେ କାଳେ ସେମାନଙ୍କଠାରୁ କିଛି ମନ୍ଦଗୁଣ ଆହରଣ କରିବ, ମନ୍ଦ ଅଭ୍ୟାସର ବଶବର୍ତ୍ତୀ ହୋଇ ବିଦ୍ୟାଧ୍ୟୟନରେ ଅବହେଳା କରିବ କିମ୍ବା ତା'ର ମେଧାଶକ୍ତିର ହ୍ରାସ ଘଟିବ, ସେହି ଆଶଙ୍କାରେ ସଦା ଜର୍ଜରିତ ଅଭିରାମବାବୁ ପୁଅକୁ ବାଲ୍ୟକାଳରୁ ସମ୍ପୂର୍ଣ୍ଣ ନିଃସଙ୍ଗତା ଓ ଉଗ୍ର କଟକଣା ମଧ୍ୟରେ କାଳାତିପାତ କରାଇବାର ଏ ହେଉଛି ବିଷମୟ ପରିଣତି। ପୁଅର ସାମାଜିକ ଜୀବନ ଓ ବ୍ୟକ୍ତିଗତ ଆବଶ୍ୟକତା ପ୍ରତି ଆଖି ବୁଜି ଦେଇଥିଲେ, ଯାହାର ଫଳ ସ୍ୱରୂପ ପୁଅ ଅଭିଷେକ ମଧ୍ୟରେ ଏକ ସଂକୀର୍ଣ୍ଣ ସ୍ୱାର୍ଥପରତାର ବୀଜ ଅଙ୍କୁରିତ ହୋଇ ଆଜି ଏକ ବିଶାଳ ବୃକ୍ଷର ରୂପ ନେଇଛି। ପୁତ୍ରବଧୂ ଅର୍ଚ୍ଚନାର ମଧ୍ୟ କୋଟିପତି ହେବାର ଲାଳସା କୁନାର ଏ ଅଧୋଗତି ପାଇଁ ଅନେକାଂଶରେ ଦାୟୀ। ଅଭିରାମବାବୁ ପୁଣି ଭାବୁଛନ୍ତି ପୁଅକୁ ଭଲ ମଣିଷଟିଏ କରି ଗଢିବା ପରିବର୍ତ୍ତେ ସେ କିପରି ଅଜସ୍ର ଧନସମ୍ପତ୍ତି ଅର୍ଜନ କରି ସମାଜରେ ତାଙ୍କ ନାଁ ରଖିବ– ଏପରି ପରିକଳ୍ପନା ହିଁ ଆଜି ତାଙ୍କ ପାଇଁ ଢେର ମହଙ୍ଗା ହୋଇଛି। ପୁଅ ବଡ଼ମଣିଷ ହୋଇଛି ସତ, କିନ୍ତୁ ଭଲ ମଣିଷଟିଏ ହୋଇପାରି ନାହିଁ। ତାଙ୍କର ସମସ୍ତ ଅନୁଶାସନ ଭୁଲ୍ ପ୍ରମାଣିତ ହୋଇଛି। ଏହି ଅବସୋସର ଜ୍ୱାଳାରେ ସେ ଆଜି ସଂତପ୍ତ। ପୁଅର ପଶ୍ଚିମ ସଭ୍ୟତାରେ ପ୍ରଭାବିତ ଆଚରଣ ତାଙ୍କୁ ପଶ୍ଚିମ ଜୀବନରେ ପୀଡା ଦେଉଛି। ପୁଅକୁ ବଡ଼ଲୋକ କରିବାର ସ୍ୱାର୍ଥପର ଭାବନା ତାଙ୍କୁ ଉପଯୁକ୍ତ ଶାସ୍ତି ଦେଇଛି। ଯେଉଁ ପୁଅ ଦିନେ ତାଙ୍କ ପାଇଁ ଅଶ୍ରୁତର୍ପଣ କରିଥାନ୍ତା ତା' ପାଇଁ ଆଜି ତାଙ୍କୁ ଅଶ୍ରୁନିଗାଡିବାକୁ ପଡୁଛି। ଶେଷ ଜୀବନର ଏକମାତ୍ର ଅବଲମ୍ବନ ଆଜି ତାଙ୍କଠାରୁ ହଜିଯିବାକୁ ବସିଛି। ହୁଏତ ଦଶରଥଙ୍କ ପରି ପୁତ୍ର ଅବର୍ତ୍ତମାନରେ ତାଙ୍କୁ ଶେଷ ନିଃଶ୍ୱାସ ତ୍ୟାଗ କରିବାକୁ ହେବ। ଏସବୁ କେବଳ ତାଙ୍କ କୃତକର୍ମର ଫଳ। ସେ ଦିଅଁ ଗଢିବାକୁ ଯାଇ ମାଙ୍କଡ଼ଟିଏ ଗଢ଼ି ଦେଇଛନ୍ତି।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ଶାନ୍ତି, ସନ୍ତୋଷ ଓ ସହିଷ୍ଣୁତା



ଡ. ଶରତ ଚନ୍ଦ୍ର ରଥ

ଶାନ୍ତି, ସନ୍ତୋଷ ଓ ସହିଷ୍ଣୁତା– ପ୍ରତ୍ୟେକର ବ୍ୟାବହାରିକ ଉପଯୋଗିତା ରହିଛି। ମନରେ ଶାନ୍ତି ଥିଲେ ପରିବେଶରେ ଶାନ୍ତି ଥିବା ପରି ଲାଗେ, ମନରେ ଅଶାନ୍ତି ନ ଥିଲେ ଚାରିଆଡ଼ ବିଷାକ୍ତ ଲାଗେ। ଏହି ଶାନ୍ତି ବସ୍ତୁର ପରିମାଣ, କ୍ଷମତାର ପ୍ରାବଲ୍ୟ, ଯଶର ବହୁଳତା ଉପରେ ନିର୍ଭର କରେନାହିଁ। ଏହା ନିର୍ଭର କରେ ମନର ସ୍ଥିତି ଉପରେ। ମନର ନିରୁଦ୍‌ବିଗ୍ନ ଅବସ୍ଥା ହିଁ ଶାନ୍ତି। ମନର ତିନିଗୋଟି ସ୍ତର ରହିଛି। ଗୋଟିଏ ହେଉଛି ଇନ୍ଦ୍ରିୟଗତ ମନ ଯାହା ଇନ୍ଦ୍ରିୟମାନଙ୍କର ଅନୁଭବ ସହିତ ବାକ୍ୟବନ୍ଦୀ ହୋଇ ରହିଥାଏ। ଅହରହ ସୁଖଦୁଃଖରେ ଭ୍ରମିତ ଓ ବିଚଳିତ ସେଇ ମନ। ସେ ମନରେ ଶାନ୍ତି ନ ଥାଏ। କାରଣ ଦୁଃଖରେ ସେ ମନ ଭାଙ୍ଗିପଡ଼େ ଓ ସୁଖରେ ଆତ୍ମହରା ହୋଇପଡ଼େ, ତେଣୁ ଶାନ୍ତ ରହିପାରେ ନାହିଁ। ଆଉ ଗୋଟିଏ ହେଉଛି ବୁଦ୍ଧିଗତ ମନର ସ୍ତର, ଯହିଁରେ କିଛି ସ୍ଥିରତା, ବିଚାର ତଥା ବିବେକବୋଧ ଥାଏ। ଆମେ ଏଇ ସ୍ତରକୁ ନୈତିକତାର ସ୍ତର ବୋଲି କହିପାରିବା। ଏହି ମନରେ କିଛି ଅଂଶରେ ଶାନ୍ତିର ପ୍ରଭାବ ଥାଏ।

ଆଉ ଗୋଟିଏ ମନ ହେଉଛି ଆଦର୍ଶପ୍ରାଣ ଉଚ୍ଚମନ, ଯାହାର ପ୍ରଭାବରେ ମନରେ ଦିବ୍ୟଭାବନା ଆସିଥାଏ। ସେବା, ତ୍ୟାଗ, ଦୟା, କ୍ଷମା, ମମତ୍ୱବୋଧ, ଆନ୍ତରିକତା ପ୍ରଭୃତି ଦିବ୍ୟଭାବର ପ୍ରଭାବ ଏଇ ମନରେ ଥାଏ। ଏଇସବୁ ଦିବ୍ୟଜ୍ଞାନ ମନୁଷ୍ୟ ଦେହରେ ଦେଖି ଭଗବାନ ସନ୍ତୋଷଲାଭ କରନ୍ତି ବୋଲି ଶାସ୍ତ୍ରରେ କୁହାଯାଇଛି। ଉଚ୍ଚମନରେ ଅଧିକ ଶାନ୍ତି ଥାଏ, କାରଣ ଏଥିରେ ମାରିନେବାର, ଝାମ୍ପିନେବାର ମନୋବୃତ୍ତି ନ ଥାଏ, ବରଂ ଥାଏ ଦେଇଦେବାର ମନୋଭାବ। ନିଃସ୍ୱାର୍ଥ ଭାବରେ ଅନ୍ୟ ପାଇଁ, ଜାତି ପାଇଁ, ଦେଶ ପାଇଁ ତଥା ସମଗ୍ର ବିଶ୍ୱ ପାଇଁ କିଛି ଦେଇଦେବାର ମାନସିକତା ଏଥିରେ ଥାଏ। 'ତେନ ତ୍ୟକ୍ତେନ ଭୁଞ୍ଜିଥାଃ'–ଏହାର ମହତ୍ତ୍ୱ ଏହି ମନରେ ଉପଲବ୍ଧି କରିହୁଏ। ଏ ମନ ହେଉଛି ମହୁମାଛିର ମନ, ଯିଏ ମହୁ ସଂଗ୍ରହ କରେ, ମଇଳା ନୁହେଁ, ଯିଏ ସୌନ୍ଦର୍ଯ୍ୟକୁ ଅନୁଭବ କରେ, କଦର୍ଯ୍ୟକୁ ନୁହେଁ। ଇନ୍ଦ୍ରିୟଗତ ମନ ହେଉଛି ମାଛିର ମନ, ଯିଏ ମଇଳାକୁ ସୁଖ ପାଏ, ପର ନିନ୍ଦା, ପର ଚର୍ଚ୍ଚା, ପର ଚୁଗୁଲିରେ ସମୟ କାଟେ।

ଶାନ୍ତି କେବଳ ମଣିଷ ମନ ପାଇଁ ଉଦ୍ଦିଷ୍ଟ ନୁହେଁ, ପରିବେଶ ପାଇଁ ମଧ୍ୟ ଅଭିପ୍ରେତ। ଦିଗଦିଗନ୍ତରେ ଶାନ୍ତି, ଜଳରେ ଶାନ୍ତି, ଆକାଶରେ ଶାନ୍ତି, ବୃକ୍ଷଲତାରେ ଶାନ୍ତି ତଥା ସର୍ବତ୍ର ଶାନ୍ତିର ପ୍ରତିଷ୍ଠିତ ହେଉ–ଏହି ଇଚ୍ଛା ଆର୍ଯ୍ୟ ଋଷିମାନେ କରିଛନ୍ତି। ଏହା ହିଁ ଦିବ୍ୟ ମନର କ୍ରିୟା ଓ ପ୍ରକ୍ରିୟା।

ସନ୍ତୋଷ ଏକ ଅନୁଭବ, ଯାହା ଧନ, ଜନ, ଯଶ, ଗୌରବ, ପ୍ରତିପତ୍ତି, କ୍ଷମତାର ପରିମାଣ ଉପରେ ନିର୍ଭର କରେ ନାହିଁ। ଯାହା ଯାହା ମିଳିଛି ଓ ମିଳୁଛି ତହିଁରେ ଖୁସିରହିବା ହେଉଛି ଆତ୍ମସନ୍ତୋଷର ମୂଳକଥା। ଯାହା ମିଳିନାହିଁ ଓ ମିଳୁ ନାହିଁ– ସେଥିପାଇଁ ହାଁ ହାଁ ହେବା ଅସନ୍ତୋଷର ମୂଳକଥା। ଅସନ୍ତୋଷ ଥରେ ମନକୁ ଆସିଗଲେ ତାହା ଆଉ ସହଜରେ ଯାଏ ନାହିଁ। ଅସନ୍ତୋଷ ସର୍ବଦା ନାହିଁ ନାହିଁର ତାଲିକା କରେ, ସେ ତାଲିକା ଶେଷ ହୁଏନାହିଁ, ତେଣୁ ଅସନ୍ତୋଷ ସରେ ନାହିଁ।

ସହିଷ୍ଣୁତା ଏକ ବାସ୍ତବତା, ଜୀବନକୁ ବୁଝିବାର ଏକ ମାର୍ଜିତ ବ୍ୟବସ୍ଥା। ଆଜିକାଲି ଅସହିଷ୍ଣୁତାର ଅଖଣ୍ଡ ରାଜତ୍ୱ। କଥାକଥାକେ କଳି, କ୍ରୋଧ, ଆକ୍ରମଣ। କଥାକୁ ଅକଥା କରେ ଅସହିଷ୍ଣୁତା, କ୍ରୋଧରେ ଏହା ପ୍ରକାଶିତ ହୁଏ। କ୍ରୋଧର କରାମତି ପ୍ରବଳ ଯାହା ଅକଥା କୁହାଏ, ଅକାର୍ଯ୍ୟ କରାଏ। ପରିବେଶକୁ ଅସଜଡା କରେ। କ୍ରୋଧ ଅନ୍ୟର ଯେତେ କ୍ଷତି ଘଟାଏ, ନିଜର ତାହାଠାରୁ ଅଧିକ କ୍ଷତି ଘଟାଏ। କ୍ରୋଧ ଦେହକୁ ଥରାଏ, ପ୍ରାଣକୁ ଆଲୋଡ଼ିତ କରେ, ମନକୁ ଭ୍ରମିତ କରେ। ମନେପଡ଼େ ପୁରାଣର ସେଇ କାହାଣୀ– ଯହିଁରେ କ୍ରୋଧ ଯୋଗୁ ଦୁର୍ବାସା ଋଷି କିପରି ବିଚଳିତ ହୋଇ ପଡ଼ିଥିଲେ। ରାଜା ଅମ୍ବରୀଶଙ୍କ ଦରବାରକୁ ଋଷି ଆସି ଦ୍ୱାଦଶୀ ପାରଣା କରିବେ ବୋଲି କହିଲେ। ଋଷି ତାଙ୍କ ଶିଷ୍ୟମାନଙ୍କ ସହ ସ୍ନାନ କରିବାକୁ ଗଲେ ଏବଂ ସ୍ନାନ ସାରି ଆସିଲେ ଖାଦ୍ୟ ଗ୍ରହଣ କରିବେ। ରାଜାଙ୍କୁ ପରୀକ୍ଷା କରିବା ପାଇଁ ଋଷି ଜାଣିଶୁଣି ବିଳମ୍ବ କଲେ। ଋଷିଙ୍କର ବିଳମ୍ବ ଦେଖି ରାଜା ପାରଣା ମୁହୂର୍ତ୍ତ ଗଡ଼ିଯାଉଥିବାରୁ ଧର୍ମସଙ୍କଟରେ ପଡ଼ିଗଲେ। ତ୍ରୟୋଦଶୀ ଲାଗିଯିବାର ଠିକ୍ ପୂର୍ବରୁ ଜଳ ଟିକିଏ ରାଜା ଗ୍ରହଣ କରି ଋଷିଙ୍କ ଆସିବା ବାଟକୁ ଚାହିଁ ରହିଲେ। ଋଷି ବିଳମ୍ବରେ ଆସି ରାଜା ତାଙ୍କୁ ଅପେକ୍ଷା ନ କରି କାହିଁକି ଜଳରେ ପାରଣା କଲେ ବୋଲି କ୍ରୋଧରେ ଜର୍ଜରିତ ହୋଇ ରାଜାଙ୍କୁ ଅଭିଶାପ ଦିଅନ୍ତେ, ରାଜା ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ପ୍ରାର୍ଥନାର ଉତ୍ତର ସ୍ୱରୂପ ବିଷ୍ଣୁଙ୍କର ସୁଦର୍ଶନ ଚକ୍ର ଦୁର୍ବାସାଙ୍କ ପଛେ ପଛେ ଧାଇଁବାକୁ ଲାଗିଲା। ଅସହାୟ ହୋଇ ଦୁର୍ବାସା ଶେଷରେ ଅମ୍ବରୀଶଙ୍କୁ କ୍ଷମାଭିକ୍ଷା କଲେ। ନିଜ କ୍ରୋଧର ପରିଣାମ ବୁଝିପାରିଲେ। ଶ୍ରୀମା କହିଛନ୍ତି– 'ଯେତେବେଳେ କ୍ରୋଧ ଅନୁଭବ କରୁଛ, ସେତେବେଳେ ପଦଟିଏ ବି ଉଚ୍ଚାରଣ କର ନାହିଁ।'

ବାସ୍ତବରେ ଅଶିକ୍ଷା ହିଁ ଅଶାନ୍ତି, ଅସନ୍ତୋଷ ଓ ଅସହିଷ୍ଣୁତାର ମୂଳ କାରଣ। ଅହଂକାର ହେଉଛି ମୂଳ ମଞ୍ଜି। ସେହି ମଞ୍ଜିକୁ ଗଛ କରିବାରେ ଗର୍ବ, ଦମ୍ଭ, ଅଭିମାନ ସାହାଯ୍ୟ କରନ୍ତି। ଜନବଳ, ବାହୁବଳ, ଧନବଳ, ମଦବଳ ଏହି ଗଛକୁ ବଢ଼ାନ୍ତି। ସେଇ ଗଛରେ ଯେଉଁ ଫୁଲ ଫୁଟେ, ତାହାର ଦୁର୍ଗନ୍ଧରେ ବାତାବରଣ ନଷ୍ଟ ହୋଇଯାଏ। ଶାନ୍ତି, ସନ୍ତୋଷ ଓ ସହିଷ୍ଣୁତାର ଫୁଲ ଫୁଟିଲେ ପରିବେଶ ସୁଗନ୍ଧଯୁକ୍ତ ଓ ସୁଶୋଭିତ ହୁଏ, ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର, ମୋ– ୯୪୩୭୭୫୬୨୪୦

## ଏଇ ଭାରତରେ

ଜଣେ ଉତ୍ତମ ଶିକ୍ଷକ ହିଁ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରନ୍ତି। ଏଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପିକା ଚିତ୍ରଲେଖା ମଲ୍ଲିକ। କୋଲକାତା ନିବାସୀ ମଲ୍ଲିକ ନିଜ ସୁଖ ତ୍ୟାଗକରି ଶିକ୍ଷାର ପରିବର୍ତ୍ତନ ପାଇଁ ତାଙ୍କ ଦରମା ଓ ପେନ୍‌ସନ ଟଙ୍କା ସଞ୍ଚୟ କରି ବିଭିନ୍ନ ଶିକ୍ଷାନୁଷ୍ଠାନକୁ ୧କୋଟି ଟଙ୍କା ଦାନ କରିଛନ୍ତି। ଚିତ୍ରଲେଖାଙ୍କ ବୟସ ୭୨। ସେ ଶିକ୍ଷା କ୍ଷେତ୍ରରେ ୪୦ ବର୍ଷ ରହି ପିଲାମାନଙ୍କ ମେଧା ବିକାଶରେ ରହିଥିବା ବାଧାକୁ ଭଲଭାବେ ଉପଲବ୍ଧି କରିଥିଲେ। ସେଥିପାଇଁ ସଞ୍ଚିତ ଟଙ୍କା ସ୍କଲାରଶିପ୍ ଓ ଗବେଷଣା ଉଦ୍ଦେଶ୍ୟରେ ବ୍ୟୟ କରିବା ଲାଗି ଶିକ୍ଷାନୁଷ୍ଠାନଗୁଡିକୁ ଦାନ କରିଛନ୍ତି ବୋଲି କୁହନ୍ତି ମଲ୍ଲିକ। ସେ ତାଙ୍କ କ୍ୟାରିୟର ମଧ୍ୟରେ କୋଲକାତାର ମଥାଭାଙ୍ଗ କଲେଜ, କୁଚବିହାର କଲେଜ, କଲେଜ ସର୍ଭିସ କମିଶନ, ଦେଶବନ୍ଧୁ ମହିଳା କଲେଜ ଏବଂ ଶେଷରେ ଭିକ୍ଟୋରିଆ ଇନ୍‌ଷ୍ଟିଚ୍ୟୁଶନରେ ଶିକ୍ଷାଦାନ କରିବା ପରେ ଅବସର ନେଇଛନ୍ତି। କୋଲକାତା ପାଖ ବିର୍ଲାପୁର ସହରରେ ତାଙ୍କ ଜନ୍ମ। ତାଙ୍କ ପିତା ଜଣେ ସ୍କୁଲ୍ ଶିକ୍ଷକ ଥିଲେ। ଶିକ୍ଷାଲାଗି ସମର୍ପିତ ତଥା ଅବିବାହିତ ମଲ୍ଲିକ ମାସକୁ ୫୦ ହଜାର ଟଙ୍କା ପେନ୍‌ସନ ପାଉଥିଲେ ବି ଜୀବନଶୈଳୀ ସମ୍ପୂର୍ଣ୍ଣ ନିରାଡମ୍ବର। ସେ ୩୫୦ ବର୍ଗଫୁଟ୍ ଘରେ ରହୁଛନ୍ତି, ସବୁବେଳେ ବସ୍‌ରେ ଯିବାଆସିବା କରୁଛନ୍ତି। ଘରକାମ କରିବା ଲାଗି କାହା ସାହାଯ୍ୟ ନେଉନାହାନ୍ତି। ସେ ଏମିତି ଟଙ୍କା ସଞ୍ଚୟ କରି ଶିକ୍ଷାନୁଷ୍ଠାନଗୁଡିକୁ ଦାନ କରୁଛନ୍ତି। ମଲ୍ଲିକ ପ୍ରଥମେ ଭିକ୍ଟୋରିଆ କଲେଜକୁ ୫୦ ହଜାର ଟଙ୍କା ଦାନ ଦେଇଥିଲେ। ୨୦୧୩ରେ ଅବସର ନେବା ପରେ ହାଓଡାସ୍ଥିତ ଇଣ୍ଡିଆନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଟିଗ୍ରେଟେଡ୍ ମେଡିସିନକୁ ୩୧ ଲକ୍ଷ ଦାନ କରିଥିଲେ। ୨୦୧୮ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ରିସର୍ଚ୍ଚ ସ୍କଲାରଶିପ୍ ଲାଗି ୫୬ ଲକ୍ଷ ଟଙ୍କା ଦାନ ଦେଇଛନ୍ତି।

## ଚିରନ୍ତନୀ

ମହାନଦୀପରେ ଅଣିଣଗୋଧୂଳି
ଯାଇଛି ବିତି
ଆର ପାରେ ଉଡିଯାଏ ଅଗଣନ
ବାଦୁଡ଼ିକୁଳ।
ନାଉରୀ କୁହାଟେ ଚେତନା ଜାଗିଲା
ଚକିତ କବି
ପଠା–କାଶବନେ ନିରେଖି ରଚିଲା
ତରୁଣ ଗୀତି।
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଜାନୁୟାରୀ ୧୯୯୫**

- ଚେଚେନ୍ୟା ରାଜଧାନୀ ଗ୍ରୋଜନୀରେ ଥିବା ରାଷ୍ଟ୍ରପତି ଭବନକୁ ରୁଷିଆ ସୈନ୍ୟମାନେ ଦଖଲ କରିନେଇଛନ୍ତି।
- କଶ୍ମୀର ରାଜପଥରେ ମାଟି ଅତଡ଼ା ଓ ବରଫଖଣ୍ଡ ଧସିବା ସହ ତୁଷାରଝଡ଼ରେ ୨୫୦ ଯାତ୍ରୀଙ୍କ ମୃତ୍ୟୁ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | 9 | | | A | | C | | | | 6 | | |
| 1 | | E | | | A | 0 | 5 | | | | 8 | 4 | | |
| A | | | | | | | | | | | | | | |
| D | C | 0 | | | | | | 1 | A | 3 | | | 7 | 9 |
| | 6 | B | | | | | D | | 1 | | 7 | 0 | 2 | |
| | | 6 | | | | | 9 | | | 1 | | | | |
| | 2 | | | | 0 | 8 | 3 | | E | 7 | | D | B | |
| | | 5 | | D | | | | | | | | | 4 | 7 |
| E | | 9 | | | | | B | | | | | 3 | | 2 |
| | A | | 7 | | 4 | | | | | | | | 6 | 1 |
| | | | | | 2 | | | | | | | | 3 | D |
| 8 | 9 | | | 1 | 3 | | | 0 | | C | | E | A | |
| | 5 | | | | | 6 | | A | 2 | 8 | | | | B |
| B | E | | | 0 | | | | | D | | A | | | |
| | 7 | 4 | 8 | | B | E | | | 9 | | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | B | 2 | 8 | D | C | 1 | A | 6 | 4 | E | 9 | 5 | 7 |
| C | 2 | 7 | 9 | 3 | E | B | 6 | D | 8 | 5 | 1 | 0 | A | 4 |
| 4 | 6 | E | 5 | B | A | 2 | 9 | 7 | 0 | C | D | 3 | 1 | 8 |
| 1 | D | A | 7 | 0 | 4 | 8 | 5 | E | 9 | B | 3 | C | 6 | 2 |
| 8 | 9 | 5 | 1 | 6 | C | 4 | 0 | 3 | A | 7 | 2 | D | B | E |
| 2 | C | 3 | 0 | 7 | 9 | 5 | D | 4 | 1 | 6 | B | E | 8 | A |
| 9 | A | 6 | D | 1 | B | 0 | C | 2 | E | 8 | 4 | 7 | 3 | 5 |
| D | B | 8 | E | 4 | 2 | 6 | A | 9 | 7 | 3 | 5 | 1 | 0 | C |
| 0 | 7 | 1 | A | 5 | 6 | 3 | E | 8 | D | 9 | C | 2 | 4 | B |
| 5 | E | 4 | 3 | C | 8 | 1 | 7 | B | 2 | 0 | A | 6 | D | 9 |
| 6 | 5 | 2 | 4 | E | 0 | A | B | C | 3 | D | 7 | 8 | 9 | 1 |
| 7 | 8 | D | B | 9 | 3 | E | 2 | 5 | 4 | 1 | 0 | A | C | 6 |
| E | 1 | 9 | 6 | 2 | 5 | D | 4 | 0 | C | A | 8 | B | 7 | 3 |
| B | 3 | 0 | C | A | 1 | 7 | 8 | 6 | 5 | E | 9 | 4 | 2 | D |
| A | 4 | C | 8 | D | 7 | 9 | 3 | 1 | B | 2 | 6 | 5 | E | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷୀରରେ ଅପମିଶ୍ରଣ

ମହାଶୟ,

କ୍ଷୀର ଏକ ପୁଷ୍ଟିକର ପାନୀୟ। ମାତ୍ର ଏହି କ୍ଷୀରରେ ମିଶୁଛି ଜହର। ଉତ୍ତରପ୍ରଦେଶର ଏକ ଡାଏରୀ ଫାର୍ମ କ୍ଷୀରରେ ୟୁରିଆ, ଲୁଗାର ମଣ୍ଡ, ଗ୍ଲୁକୋଜ, ଡିଟରଜେଣ୍ଟ, ଧଳାରଙ୍ଗ ମିଶାଇ ବଜାରକୁ ଛାଡୁଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଉତ୍ତରପ୍ରଦେଶର ଖାଦ୍ୟ ମନ୍ତ୍ରଣାଳୟ ବାରାଣସୀଠାରେ ଏକ ରେଡ୍ ଜରିଆରେ ଅପମିଶ୍ରଣର ପର୍ଦ୍ଦାଫାଶ କରି ଜନସଚେତନତା ଲାଗି ଚେତାବନୀ ଦେଇଛି। ଗୋପାଳ ସାଧାରଣତଃ କ୍ଷୀରରେ ପାଣି ମିଶାଇ ଦି ପଇସା ପାଇଥାଏ ମାତ୍ର ଏବେ କ୍ଷୀରରେ ମିଶୁଛି ଜହର। ବାବୁମାନେ, ଦିଦିମାନେ ଟିକିଏ ସତର୍କତା ଅବଲମ୍ବନ କରନ୍ତୁ। କିଣୁଥିବା କ୍ଷୀରର ଗୁଣବତ୍ତା ପରୀକ୍ଷା କରନ୍ତୁ। ନ ହେଲେ କ୍ଷୀଣ ପିଇବା ଛାଡ଼ିଦିଅନ୍ତୁ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଦୋଷୀମାନଙ୍କୁ ଶୀଘ୍ର ଦଣ୍ଡ ମିଳୁ

ଦେଶର ବିଭିନ୍ନ ପ୍ରାନ୍ତରେ ମହିଳାଙ୍କ ଉପରେ ବଳାତ୍କାର ଓ ହତ୍ୟା ଘଟଣା ବୃଦ୍ଧି ପାଉଛି। ବିଚାର ପ୍ରକ୍ରିୟାରେ ବିଳମ୍ବ ଯୋଗୁ ପୀଡିତା ମନର ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛି। ଆମ ବ୍ୟବସ୍ଥାରେ ତ୍ରୁଟି ଥିବା ଯୋଗୁ ଏହା ଘଟୁଛି। ତେଣୁ ପୋଲିସ ଓ ବିଚାର ବିଭାଗ ମଧ୍ୟରେ ସମନ୍ୱୟ ରଖି ମକଦ୍ଦମାକୁ ସପ୍ତାହକ ବା ମାସକ ମଧ୍ୟରେ ଫୈସଲା କରି ଦୋଷୀକୁ ଦଣ୍ଡିତ କରାଯିବା ଦରକାର। ନିର୍ଭୟା ପରି ମାମଲାରେ ଦୋଷୀମାନଙ୍କ ମୃତ୍ୟୁଦଣ୍ଡକୁ ଘୁଞ୍ଚାଇବା ଉଚିତ ନୁହେଁ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସରିଆସୁଛି ମେଳା, ବଢୁଛି ଉତ୍ସାହ




ବିଞ୍ଝାରପୁର,୨୦।୧(ଡି.ଏନ.ଏ)

ଯାଜପୁର ଜିଲା ତଥା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଥିବା ବରୁଣେଶ୍ୱର ମେଳା ସୋମବାର ଷଷ୍ଠ ଦିନରେ ପହଞ୍ଚିଛି। ସୋମବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ବାବା ବରୁଣେଶ୍ୱରଙ୍କ ନିକଟରେ ମାନସିକ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମେଳା ସରି ଆସୁଥିବାବେଳେ ଯାତ୍ରୀଙ୍କ ଉତ୍ସାହ ବଢିବାରେ ଲାଗିଛି। ତୃତୀୟ ଦିନରୁ ମେଳାରେ ପ୍ରତ୍ୟେହ ଯାତ୍ରୀଙ୍କ ସମାବେଶ ଆୟୋଜକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀମାନେ ଖୁସିଥିବା ଦେଖିବାକୁ ମିଳିଛି। ମେଳା ପଡିଆରେ ଭିଡ଼ ଯୋଗୁ ଗୋଟିଏ ଗଳିରୁ ଅନ୍ୟ ଗଳିକୁ ଯିବାକୁ ହେଲେ ଘଣ୍ଟା ଘଣ୍ଟା ଲାଗି ଯାଉଛି। ମେଳାର ପ୍ରଚାର ପ୍ରସାର ଫଳରେ କଟକ, ଭୁବନେଶ୍ୱର ଓ ରାଜ୍ୟର ଅନ୍ୟାନ୍ୟ ସ୍ଥାନରୁ ଶହଶହ ଯାତ୍ରୀ ମେଳାର ମଜା ନେବା ପାଇଁ ଆସୁଥିବା ପରିଲକ୍ଷିତ ହୋଇଛି।

## ଦିନରେ ଯେତିକି, ରାତିରେ ସେତିକି ଭିଡ଼

ଓଡିଶାରେ ଅନେକ ସ୍ଥାନରେ ମେଳା ବା ଉତ୍ସବ ଅନୁଷ୍ଠିତ ହୋଇଥାଏ। ସେଥିରୁ ବାଲିଯାତ୍ରା, ବରଗଡର ଧନୁଯାତ୍ରା, ଓଳାଶୁଣୀ ମେଳା, ଖଣ୍ଡଗିରି ମେଳା ଇତ୍ୟାଦି। ତେବେ ବରୁଣେଶ୍ୱର ମେଳା ଏପରି ଏକ ମେଳା ଯେଉଁଠି ଦିନରେ ଯେତିକି ଯାତ୍ରୀ ଥାଆନ୍ତି, ରାତିରେ ବି ସେତିକି ଯାତ୍ରୀ ରହିଥାନ୍ତି। ଦିନରେ ମେଳାର ଗଳି ଗଳି ବୁଲି ମଉଜ କରୁଥିବାବେଳେ ରାତିରେ ଯାତ୍ରା ଦେଖିଥାନ୍ତି। ସେଥିପାଇଁ ବରୁଣେଶ୍ୱର ମେଳା ଏକ ଅନନ୍ୟ ମେଳାଭାବେ ରାଜ୍ୟରେ ପରିଚୟ ଲାଭ କରିଛି। ମେଳାର ୫ଟି ପେଣ୍ଡାଲରେ ଓଡିଶାର ଖ୍ୟାତନାମା ଅପେରା ଦଳ ଯାତ୍ରା ପରିବେଷଣ କରୁଛନ୍ତି। ସେଥିପାଇଁ ବିଞ୍ଝାରପୁର ସମେତ ଆଳି, ବରୀ, ଦଶରଥପୁର, ଯାଜପୁର ଅଞ୍ଚଳର ଘରେ ଘରେ ଏହି ଯାତ୍ରାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରବଳ ଶୀତ ସତ୍ତ୍ୱେ ହଜାର ହଜାର ଯାତ୍ରୀ ରାତି ଅନିଦ୍ରା ରହି ଯାତ୍ରା ଦେଖୁଥିବାବେଳେ ସମସ୍ତ ପେଣ୍ଡାଲଗୁଡିକ ହାଉସ ଫୁଲ ବୋର୍ଡ ସନ୍ଧ୍ୟା ସମୟରୁ ଟାଙ୍ଗି ଦେଉଥିବା ଦେଖିବାକୁ ମିଳିଛି। ମେଳା ସରିବାକୁ ଆହୁରୀ ୩ଦିନ ବାକିଥିବାବେଳେ ଯାତ୍ରୀମାନେ ଏହାର ଭରପୁର ମଜା ନେଉଛନ୍ତି।




## ୟୁଥ ଫୋରମ ପକ୍ଷରୁ ବାଲୁକା କଳା ପ୍ରଦର୍ଶନୀ

ପ୍ରସିଦ୍ଧ ବରୁଣେଶ୍ୱର ମେଳାରେ ସ୍ଥାନୀୟ ଯୁବ ସଂଗଠନ ବାବା ବରୁଣେଶ୍ୱର ୟୁଥ ଫୋରମ ପକ୍ଷରୁ ସୋମବାର ପୂର୍ବାହ୍ନରେ ବାଲୁକା କଳା ପ୍ରଦର୍ଶିତ ହୋଇଛି। ଏହି ବାଲୁକା କଳା ମାଧ୍ୟମରେ ସମାଜକୁ ସଚେତନ କରିବା ଭଳି ବାର୍ତ୍ତା ଦିଆଯାଇଛି। ବାଲୁକା କଳାରେ ସେଭ ଗାର୍ଲ ଚାଇଲ୍ଡ ଭଳି ବାର୍ତ୍ତା ଦିଆଯାଇଛି।ସମାଜରେ ଏବେ ନାବାଳିକା ବଳାତ୍କାର ଘଟଣା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇ ଏଭଳି ବାର୍ତ୍ତା ଦିଆଯାଇଛି।

## ଘରକରଣା ସାମଗ୍ରୀ କିଣିବାରେ ଗୃହିଣୀ ବ୍ୟସ୍ତ

ମେଳାରେ ୭୦ ପ୍ରଶତିତ ମହିଳାଙ୍କୁ ଦେଖିବାକୁ ମିଳିଛି। ମହିଳାମାନେ ଘରକରଣା ସାମଗ୍ରୀ ଯଥା, ରୁଟି ସେକା, ପିଢା, ଖଟୁଲି, ଦାଆ, କତା, କଟୁରୀ, ବେଲଣା, ବେଲଣା କାଠ, ଶିରା, ଗୌଣୀ ଆଦି ଘରକରଣା ସାମଗ୍ରୀ ସବୁ ମହିଳାମାନେ କିଣିବାରେ ବ୍ୟସ୍ତ ରହୁଥିବାବେଳେ ଝିଅମାନେ କସମେଟିକ ସାମଗ୍ରୀ କିଣିବା ସହ ଆଇସକ୍ରିମ, ଗୁପଚୁପ, ଫାଷ୍ଟଫୁଡ ଛିଡା ହୋଇ ଖାଇବାରେ ମଜା ଉଠାଉଥିବା ଦେଖିବାକୁ ମିଳିଛି।

## ଷଷ୍ଠ ଦିନରେ ବରୁଣେଶ୍ୱର ମେଳା

## ଦୂଷିତ ହେଉଛି କୁଶଭଦ୍ରା

ବରୁଣେଶ୍ୱର ପୀଠ ସଲଗ୍ନ କୁଶଭଦ୍ରା ନଦୀ ଏବେ ମେଳା ପାଇଁ ଦୂଷିତ ହୋଇଥିବା ଦେଖାଯାଇଛି। ବରୁଣେଶ୍ୱର ମେଳା ପଡିଆରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ହୋଇଥିଲେ ମଧ୍ୟ ପ୍ରତିଦିନ ମେଳା ପଡିଆରେ ଦୋକାନୀମାନେ ନିଜ ବର୍ଯ୍ୟବସ୍ତୁକୁ କୁଶଭଦ୍ରା ନଦୀକୁ ଫିଙ୍ଗୁଛନ୍ତି। ଫଳରେ ଏହିଭଳି ସମସ୍ୟା ହୋଇଛି ବୋଲି ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି। ତେବେ ତୁରନ୍ତ କୁଶଭଦ୍ରା ନଦୀକୁ ସଫେଇ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ମଉଜ ବଢ଼ାଇଛି ବନାରସୀ ପାନ

ମେଳା ପଡିଆରେ ଠିକ ବରୁଣେଶ୍ୱର ବିଦ୍ୟାଳୟ ଆଗରେ ପଡିଛିବନାରସୀ ପାନ ଦୋକନ। ଭୁବନେଶ୍ୱର ସହିଦନଗରରୁ ଆସିଥିବା ରାମବାବୁ ନାମକ ଜଣେ ବ୍ୟବସାୟୀ ବନାରସୀ ପାନ ମାତ୍ର ୧୦ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏହି ବନାରସୀ ପାନରେ ୨୨୩ ପ୍ରକାର ସାଧା ପାନ ମସଲା ପକାଇ ଯାତ୍ରୀଙ୍କୁ ପରିବେଷଣ କରୁଛନ୍ତି। ବିଶେଷ କରି ଯୁବବର୍ଗର ଯାତ୍ରୀମାନେ ବନାରସୀ ପାନର ମଜା ନେଉଛନ୍ତି। ତେବେ ବନାରସୀ ପାନ ସହ ଅମିତାଭ ବଚ୍ଚନଙ୍କ ଡନ ଚଳଚ୍ଚିତ୍ରର 'ଖାଇକେ ପାନ ବନାରସୀ ୱାଲା' ସଙ୍ଗୀତ ଯୁବବର୍ଗଙ୍କୁ ବେଶ ଆକର୍ଷିତ କରୁଛି।



## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଛଡିଆ,୨୦।୧(ଡିଏନ୍ଏ):** ବଡଚଣା ବ୍ଲକ ବୈରୀ ଥାନା ପାରିଆ ପଞ୍ଚାୟତର ଜଣେ ନାବାଳିକାଙ୍କୁ ଉକ୍ତ ଗ୍ରାମର କିଶୋର ସ୍ୱାଇଁ (୨୪) ରବିବାର ଅପହରଣ କରିନେଇଥିବା ବୈରୀ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଉକ୍ତ ନାବାଳିକା ନିଜ ଘରୁ ଏକ ମୋଟର ସାଇକେଲରେ ନିଜ ପିଉସୀଙ୍କ ଘରକୁ ଯାଉଥିବାବେଳେ ଅମୀୟଝରି ମନ୍ଦିର ପାଖରେ ଥିବା ହମ୍ପସ ପାଖରେ ଗାଡି ସ୍ଲୋ ହେବାମାତ୍ରେ କିଶୋର ତାଙ୍କୁ ଅପହରଣ କରି କଟକ ଜିଲାର କାନପୁର ଆଡ଼େ ଦ୍ରୁତଗତିରେ ପଳାଇଥିଲେ। ନାବାଳିକାଙ୍କ ବାପା ଖୋଜାଖୋଜି ପରେ ଝିଅକୁ ନ ପାଇ ବୈରୀ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା (ନଂ.୧୦/୨୦) ରୁଜୁ ହୋଇଛି।

## ଚଣ୍ଡୀଯଜ୍ଞ,ମକର ମେଳା ଉଦ୍‌ଯାପିତ

**ଚଢ଼େଇଧରା,୨୦।୧(ଡି.ଏନ୍.ଏ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଡଙ୍କାରୀସ୍ଥିତ ମା'ଚଣ୍ଡୀଙ୍କ ବାର୍ଷିକ ଯଜ୍ଞୋତ୍ସବ ଓ ମକର ମେଳା ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ଏହି ଯଜ୍ଞ ମକର ସଂକ୍ରାନ୍ତି ଦିନ ଆରମ୍ଭ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ତିନିଦିନ ସମସ୍ତ ଗ୍ରାମବାସୀ ଆମିଷ ନିଷେଧ କରିଥିଲେ। ଯଜ୍ଞ କମିଟି ପକ୍ଷରୁ ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମା'ଚଣ୍ଡୀଙ୍କ ମନ୍ଦିରକୁ ସୁସଜ୍ଜିତ ରଙ୍ଗିନ ଆଲୋକ ମାଳାରେ ସଜା ଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଥିଲା।

## ରାହାସୋଇ ପଞ୍ଚାୟତରେ ଖୋଲିଲା ଧାନମଣ୍ଡି

ଯାଜପୁର ଅଫିସ,୨୦।୧

ଦଶରଥପୁର ବ୍ଲକ ରାହାସୋଇ ପଞ୍ଚାୟତ ରାହାସୋଇ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ସ୍ଥାନୀୟ ବାବା ଆଖଣ୍ଡଳମଣି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ତତ୍ତ୍ୱାବଧାନରେ ସୋମବାରଠାରୁ ଧାନ କିଣା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମହିଳା ଗୋଷ୍ଠୀ ସମ୍ପାଦିକା ରାଜେଶ୍ୱରୀ ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ଧାନମଣ୍ଡି ଉନ୍ମୋଚନ ଉତ୍ସବରେ ଅତିଥିଭାବେ ବରିଷ୍ଠ ବିଜେଡି ନେତା ପଞ୍ଚାୟତ ସଂଯୋଜକ ଅକ୍ଷୟ ଭୂୟାଁ, ସରପଞ୍ଚ ମାଧବ ମଲ୍ଲିକ, ବିହାରୀ ସରପଞ୍ଚ ନିହାର ରଞ୍ଜନ ସାମଲ, ସମିତିସଭ୍ୟ ନିରଞ୍ଜନ ମଲ୍ଲିକ, ରାଜେଶ ପଣ୍ଡା, ଜିତୁ ପଣ୍ଡା, ବୁଲୁ ରଥ, ବାବୁଲି ରାଉତ, ନରେନ୍ଦ୍ର ପଣ୍ଡା, ଉଛନ ପଣ୍ଡା ଓ ଅଶୋକ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମଣ୍ଡି ଦାୟିତ୍ୱ ବହନ କରିଥିବା ମହିଳା ଗୋଷ୍ଠୀ ଅଧୀନ ପଞ୍ଜୀକୃତ ଚାଷୀଙ୍କଠାରୁ ହଜାରେ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ପ୍ରାଥମିକ ପର୍ଯ୍ୟାୟରେ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବା ବେଳେ ଏହି ପରିମାଣ ୧୫ ହଜାର କୁଇଣ୍ଟାଲକୁ ବୃଦ୍ଧି କରାଯିବାକୁ ସ୍ଥିର କରାଯାଇଛି। ସେହିପରି ୧ମ ପର୍ଯ୍ୟାୟରେ ରାଜେଶ ପଣ୍ଡା, ମାୟାଧର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ବିକାଶ ପାଣିଗ୍ରାହୀ, ନରେନ୍ଦ୍ର ପ୍ରଧାନ, କୈଳାସ ପାଣିଗ୍ରାହୀ, ପ୍ରସନ୍ନ କୁମାର ପଣ୍ଡା, ଅଶୋକ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ୧୫ଜଣ ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇଥିଲା। ସେହିପରି ଧାନ ସଂଗ୍ରହ କରିବା ପାଇଁ ଇଷ୍ଟର୍ଣ୍ଣ ଓ କୃପାଳୁ ରାଇସ ମିଲକୁ ନିୟୋଜିତ କରାଯାଇଛି।

## ଲିଖନ, ସ୍ଲୋଗାନ ସଚେତନତା ଶିବିର

ସୁକିନ୍ଦା,୨୦।୧(ଡିଏନଏ)

ଯାଜପୁର ଜିଲା ସୁକିନ୍ଦା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଲିଖନ ଓ ସ୍ଲୋଗାନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ମିଳିତ ଉଦ୍ୟମରେ ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ ପ୍ରକଳ୍ପ ସଂଯୋଜକ ମାନସ କୁମାର ପ୍ରଧାନ, ସୁକିନ୍ଦା ବ୍ଲକ ଡିଏଆରଏଚ ନିମାଇଁ ଚରଣ ଜେନା, ସୁକିନ୍ଦା ମହାବିଦ୍ୟାଳୟ ଏଜୁକେଶନ ବିଭାଗର ଅଧ୍ୟାପକ ଦୀପକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଗ୍ରାମୀଣ ଗୃହ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପ୍ରକୃତ ହିତାଧିକାରୀ କିଭଳି ଗ୍ରାମୀଣ ଗୃହ ନିର୍ମାଣରେ ସାମିଲ ହୋଇପାରିବେ ଓ କିଭଳି ଏହି ବିଭାଗରେ ସ୍ୱଚ୍ଛତାର ସହ କାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଲିଖନ ଓ ସ୍ଲୋଗାନ ପ୍ରତିଯୋଗିତା ସୁକିନ୍ଦା ମହାବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ୨୪ରେ ମା' ବିରଜାଙ୍କ ସ୍ୱନକ୍ଷତ୍ର

**ଯାଜପୁର ଟାଉନ,୨୦।୧(ଡିଏନଏ):** ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ସ୍ୱନକ୍ଷତ୍ର ଚଳିତ ବର୍ଷ ଜାନୁୟାରୀ ୨୪ରେ ପଡୁଥିବାରୁ ମା'ଙ୍କ ଜନ୍ମଦିନ ପାଳନ ପାଇଁ ରୀତିନୀତି ଅନୁସାରେ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ସେହିଦିନ ପ୍ରତ୍ୟୁଷ ୫ଟା ୩୦ ମିନିଟରେ ନିତ୍ୟ ସ୍ନାନ, ବେଶଲାଗି ଓ ପିଷ୍ଟକାଦି ନୈବେଦ୍ୟ ସମର୍ପଣ ଅନୁଷ୍ଠିତ ହେବ। ସକାଳ ୭ଟା ୫ ମିନିଟରୁ ୭ଟା ୪୬ ମିନିଟ ମଧ୍ୟରେ ମହାସ୍ନାନ, ଚନ୍ଦନ ଲାଗି, ସାବିତ୍ରୀ ବେଶ, ଅଳଙ୍କାରଲାଗି, ବେଶ ଅନ୍ତେ ସିଂହାସନେ ଷୋଡଶୋପଚାର ପୂଜା ବିଧି ଓ ସ୍ୱନକ୍ଷତ୍ର ପୂଜା, ପୂଜାନ୍ତେ ଯଜ୍ଞାରମ୍ଭ, ନବରନ୍ଧ୍ର ମଣ୍ଡପେ ଯଜ୍ଞବେଦୀରେ ଯଜ୍ଞାନୁଷ୍ଠାନ ଓ ପରିଶେଷରେ ପୂର୍ଣ୍ଣାହୁତି ଆରତୀ ଦର୍ଶନ, ଘଟ ବିସର୍ଜନାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିରଜା ମନ୍ଦିରର ମୁଖ୍ୟ ପରିଚାଳକ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଓ ମନ୍ଦିରର ମୁଖ୍ୟ ପୁରୋଧା ହିମାଂଶୁ ଶେଖର ପତିମିଶ୍ର ଅବଗତ କରାଇଛନ୍ତି। ମା'ଙ୍କର ଏହି ପବିତ୍ର ଓ ଦୁର୍ଲଭ ବେଶକୁ ପ୍ରତ୍ୟକ୍ଷ କରିବା ସହ ଆଶିଷପ୍ରାପ୍ତ ହେବାକୁ ଉପଜିଲାପାଳ ଧଳ ଅନୁରୋଧ କରଛନ୍ତି।

ନୂଆବର୍ଷ ୨୦୨୦ ମସିହା ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଶିକ୍ଷାବିତ୍, ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଚଳିତ ବର୍ଷ ସମସ୍ତଙ୍କର ଉତ୍ତରୋତ୍ତର ଉନ୍ନତି ହେଉ ଏହା ହିଁ ବାବାଙ୍କ ନିକଟରେ କାମନା କରୁଛି।

ଡଃ ଉମାକାନ୍ତ ସାମଲ
ଅଧ୍ୟକ୍ଷ, ବ୍ରଜସୁନ୍ଦର ଜୁନିୟର କଲେଜ, ସୟଦପୁର, ବିଞ୍ଝାରପୁର

ନୂଆବର୍ଷ ୨୦୨୦ ମସିହା ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ପ୍ରୀତିପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃ ଅଧୀନରେ ସମସ୍ତ ଚାଷୀଭାଇମାନଙ୍କ ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।

ପରମେଶ୍ୱର ସାହୁ
ସମ୍ପାଦକ, ପ୍ରୀତିପୁର ପ୍ରାଥମିକ କୃଷି ସମବାୟ ସମିତି ଲି., ପ୍ରୀତିପୁର, ବିଞ୍ଝାରପୁର

ନୂଆବର୍ଷ ୨୦୨୦ ମସିହା ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣ ଓ କ୍ରୀଡ଼ାବିତ୍‌ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭକାମନା।।

ବିନେଶ କୁମାର ଗୌଡ଼
ସମ୍ପାଦକ, ମା' ବିରଜା ୟୁଥ୍ କ୍ଲବ୍ କବାଡ଼ି ଆସୋସିଏଶନ୍, ଯାଜପୁର

## ବହିଷ୍କାର ବିରୋଧରେ ପିଅନଙ୍କ ଆମରଣ ଅନଶନ

ଯାଜପୁର ଟାଉନ,୨୦।୧(ଡିଏନଏ)

ଯାଜପୁର ବ୍ଲକ ନାଥସାହି ପ୍ରାଥମିକ କୃଷି ସମବାୟ ସମିତି ପିଅନ ଅରୁଣ ଚନ୍ଦ୍ର ସାହୁଙ୍କୁ ବହିଷ୍କାର କରାଯିବା ପରେ ପିଅନ ଜଣଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଅଭିଯୋଗ ମୁତାବକ, ଅରୁଣ ଚନ୍ଦ୍ର ସାହୁ ୧୯୮୮ ମସିହାରୁ ଉକ୍ତ ସମବାୟ ସମିତିରେ ପିଅନ ଭାବେ କାର୍ଯ୍ୟ କରିଆସୁଥିଲେ। ମାତ୍ର ତାଙ୍କ ଚାକିରି ନିୟମିତ ହୋଇ ନ ଥିବାରୁ ଲେବର କୋର୍ଟରେ ୧୪/୨୦୧୫ ମୁତାବକ କେସ୍ କରି ତାଙ୍କର ପୂର୍ବ ବକେୟା ଦରମା ଓ ଚାକିରିକୁ ନିୟମିତ କରିବା ପାଇଁ ଆବେଦନ କରିଥିଲେ। ଲେବରକୋର୍ଟ ସାହୁଙ୍କ ଆବେଦନର ଶୁଣାଣି

**ନାଥସାହି ସେବା ସମବାୟ ସମିତି**

କରି ୫ବର୍ଷ ବକେୟାପ୍ରାପ୍ତ ଦେବାସହ ଚାକିରି ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ମାତ୍ର ଏହି ନିର୍ଦ୍ଦେଶ ବିରୋଧରେ ନାଥସାହି ପ୍ରାଥମିକ କୃଷି ସମବାୟ ସମିତି ହାଇକୋର୍ଟରେ ଡବ୍ଲ୍ୟୁପିସି ୧୨୦୨୯/୨୦୧୬ରେ ଅପିଲ କରିବା ପରେ ମ୍ୟାନେଜମେଣ୍ଟ ସାହୁଙ୍କୁ ପୂର୍ବ ବକେୟା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ ଏପ୍ରିଲରୁ ଅଗଷ୍ଟ ୫ ମାସ ପୂର୍ବ ବକେୟା ସାହୁଙ୍କୁ ପ୍ରଦାନ ନ କରି ମ୍ୟାନେଜମେଣ୍ଟ ନେଇଯାଇଛି ବୋଲି ଅଭିଯୋଗ କରିଛନ୍ତି। ତେବେ ଗତ ନଭେମ୍ବର ୨୨ ତାରିଖ ଚିଠି ସଂଖ୍ୟା ୨୮/୨୦୧୯ରେ ସାହୁଙ୍କୁ ଚାକିରିରୁ ବରଖାସ୍ତ କରାଗଲା ବୋଲି ଉଲ୍ଲେଖ କରାଯାଇଛି। ଏହି ଚିଠି ଅମୂଳକ ଓ ତାଙ୍କ ବହିଷ୍କାର ଅଗଣତାନ୍ତ୍ରିକ ବୋଲି ସାହୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସାହୁ ନାଥସାହି ପ୍ରାଥମିକ ସମବାୟ ସମିତିର ସଭାପତ, ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ଏଆରସିଏସଙ୍କୁ ଦରଖାସ୍ତ କରି ଜଣାଇବା ପରେ ସୋମବାରଠାରୁ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ଏ ସମ୍ପର୍କରେ ସଭାପତି ରାମଚନ୍ଦ୍ର ବିହାରୀଙ୍କ ସହ ଯୋଗଯୋଗ କରାଯିବା ପାଇଁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରି ନାହିଁ।

ନୂଆବର୍ଷ ୨୦୨୦ ମସିହା ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ଓର୍‌ମାସ ପକ୍ଷରୁ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ସମସ୍ତ ଶ୍ରଦ୍ଧାଳୁଙ୍କୁ ପଲ୍ଲିଶ୍ରୀ ମେଳାକୁ ଆସିବାକୁ ଅନୁରୋଧ କରୁଛି।

ମାନସ ରଞ୍ଜନ ଦାସ
ଏସ୍.ଡି.ସି., ଓର୍‌ମାସ, ବିଞ୍ଝାରପୁର

ନୂଆବର୍ଷ ୨୦୨୦ ମସିହା ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଶିକ୍ଷାବିତ୍, ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।

ପ୍ର. କୀର୍ତ୍ତନ ବିହାରୀ ସାମଲ
ଅଧ୍ୟକ୍ଷ, ବରୁଣେଶ୍ୱର ମହାବିଦ୍ୟାଳୟ, ମଇଁଦା, ବିଞ୍ଝାରପୁର

## ସଂକ୍ଷେପରେ

### ୨୩ରେ ମତଦାତା ଦିବସ ପାଇଁ ପ୍ରତିଯୋଗିତା

କେନ୍ଦ୍ରାପଡା ଅଫିସ, ୨୦।୧- ଆସନ୍ତା ୨୫ରେ ଜାତୀୟ ମତଦାତା ଦିବସ। ଏହି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୩ରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା ହେବ। ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଦତ୍ତ ବିଷୟ 'ସୁଦୃଢ଼ ଗଣତନ୍ତ୍ର ପାଇଁ ଭୋଟର ସାକ୍ଷରତା' ଶୀର୍ଷକ ଏହି ପ୍ରତିଯୋଗିତା ସହରର ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନଠାରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ୨୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପୁରସ୍କୃତ କରାଯିବ ବୋଲି ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ ସୂଚନା ଦେଇଛନ୍ତି।

### ମଧୁସାଗର ମହୋତ୍ସବ ପ୍ରସ୍ତୁତି

ଡେରାବିଶ, ୨୦।୧ (ସ୍ୱ.ପ୍ର.)
ଡେରାବିଶ ବ୍ଲକ ବାଲିଆସ୍ଥିତ ସଙ୍ଗୀତ ବିଦ୍ୟାଳୟଠାରେ ମଧୁସାଗର ମହୋତ୍ସବ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ. ବିଶ୍ୱପ୍ରକାଶ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାର୍ଚ୍ଚ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ମଧୁସାଗର ମହୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବ ପାଇଁ ସରକାରୀ ଅନୁମୋଦନ ଓ ଅନୁଦାନ ନିମନ୍ତେ ଜିଲା ସଂସ୍କୃତି ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରାଯିବାକୁ ସ୍ଥିର କରାଯାଇଥିଲା। ଉତ୍ସବକୁ ସରସସୁନ୍ଦର କରିବା ପାଇଁ ସ୍ଥାନୀୟ ବଳଦେବ ସାଂସ୍କୃତିକ ପରିଷଦ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ମଞ୍ଚର ସହଯୋଗ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ, ଉପସଭାପତି ଦାମୋଦର ତ୍ରିପାଠୀ, ରାଜକିଶୋର ଜେନା, ସମ୍ପାଦକ ଦେବକୀନନ୍ଦନ ମିଶ୍ର, ସରପଞ୍ଚ ଧରଣୀଧର ଦାସ, କୋଷାଧ୍ୟକ୍ଷ ନାରାୟଣ ସ୍ୱାଇଁ, ବରିଷ୍ଠ ସଦସ୍ୟ ମଦନ ମୋହନ ବେହେରା, ରମେଶ ଚନ୍ଦ୍ର ପତି, ବାନାମ୍ବର ସାହୁ, ଧୀରେନ୍ଦ୍ର କୁମାର ସ୍ୱାଇଁ, କାର୍ତ୍ତିକ ଚରଣ ନାୟକ, ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବସ୍ ଧକ୍କାରେ ୨ ମହିଳା ପର୍ଯ୍ୟଟକ ମୃତ

କଣାସ/ବ୍ରହ୍ମଗିରି,୨୦।୧(ସ୍ୱ.ପ୍ର./ଡି.ଏନ୍.ଏ.): ପୁରୀ ଜିଲା କଣାସ ବ୍ଲକ କରମଳାସ୍ଥିତ ଅଭିରାମ ପରମହଂସ ଆଶ୍ରମ ସମ୍ମୁଖରେ ସୋମବାର ବସ୍ ଧକ୍କାରେ ୨ଜଣ ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳର ନୟନା ସାହୁ (୬୦) ଓ ସରୋଜିନୀ ସାହୁ(୫୫)। ସୂଚନା ଅନୁଯାୟୀ, କରମଳାସ୍ଥିତ ଅଭିରାମ ପରମ ହଂସଙ୍କ ଆଶ୍ରମକୁ ସୋମବାର ଡେରାବିଶ ଅଞ୍ଚଳର କେତେଜଣ ପର୍ଯ୍ୟଟକ ଏକ ବସ (ଓଡି୦୫ଏଆର୍୧୮୪୧)ରେ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଆଶ୍ରମ ବୁଲାବୁଲି କରୁଥିବା ବେଳେ ଆଉ କେତେଜଣ ବସ ପଛପଟେ ଛିଡା ହୋଇଥିଲେ। ଏହି ସମୟରେ ଚାଳକ ବସକୁ ପଛକୁ ବୁଲାଇଥିଲେ। ପର୍ଯ୍ୟଟକମାନେ ଗାଡି ପଛରେ ଥିବା ବସ୍ ଚାଳକ ଜାଣିପାରି ନ ଥିଲେ। ଫଳରେ ବସ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ସରୋଜିନୀଙ୍କ ମୃତ୍ୟୁ ଘଟିଥିବା ବେଳେ ମହିଳା ନୟନା ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ନିପାଣିଆ ଡଙ୍ଗାବୁଡ଼ି ପୁନରାବୃତ୍ତି ଭୟ

କେନ୍ଦ୍ରାପଡା ଅଫିସ୍, ୨୦।୧

୨୦୧୯ ଜାନୁୟାରୀ ୨ ତାରିଖରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ନିପାଣିଆଠାରେ ହୋଇଥିବା ଡଙ୍ଗାବୁଡ଼ି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଦୁର୍ଘଟଣାରେ ୮ ଶିଶୁଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ବିପଦପୂର୍ଣ୍ଣ ଅବସ୍ଥାରେ ଯାତ୍ରୀ ପରିବହନ ଯୋଗୁ ୧୦ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ମରଣମୁହଁରୁ ବଞ୍ଚିଥିଲେ। ବିନା ଲାଇଫ୍ ଜ୍ୟାକେଟରେ ସମସ୍ତ ଯାତ୍ରୀ ଯାଉଥିବା ବେଳେ ଡଙ୍ଗାର ଫିଟ୍‌ନେସ୍ ନ ଥିବା ଓ ଅନଭିଜ୍ଞ ଡଙ୍ଗାଚାଳକଙ୍କ ଯୋଗୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଥିଲା। ତେବେ ଏହି ଘଟଣାର କିଛିଦିନ ପର୍ଯ୍ୟନ୍ତ ନୌକା ଯାତ୍ରା ବେଳେ ଚାଳକ ଓ ଯାତ୍ରୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। କିନ୍ତୁ ଏହାର କିଛିଦିନ ପରେ ପୂର୍ବଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଡଙ୍ଗା ଚଳାଚଳ କରୁଛି। ଯାତ୍ରୀମାନେ ଜୀବନକୁ ବାଜି ଲଗାଇ ଡଙ୍ଗାରେ ଯା'ଆସ କରୁଛନ୍ତି, ଯାହା ନିପାଣିଆ ଡଙ୍ଗା ବୁଡ଼ି ଘଟଣାର ପୁନରାବୃତ୍ତିକୁ ଆମନ୍ତ୍ରଣ କରୁଛି। ପ୍ରଶାସନ ପକ୍ଷରୁ ଏ ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରା ନ ଯିବା, ଡଙ୍ଗା ମାଲିକ ଓ ଯାତ୍ରୀମାନେ ସଚେତନ ନ ହେବା ଯୋଗୁ ଏଭଳି ଦୁର୍ଘଟଣା ଘଟିବାର ସମ୍ଭାବନା ବୃଦ୍ଧି ପାଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଅନ୍ୟପଟେ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବାକୁ ବାରଣ କରାଯାଇଛି। ତେଣୁ ଅନେକ ସ୍ଥାନରେ ଯାତ୍ରୀ ପରିବହନ ପାଇଁ ମାଛଧରା ଡଙ୍ଗାଗୁଡ଼ିକୁ ବ୍ୟବହାର କରାଯାଉଥିବା ଦେଖାଯାଉଛି। ଜିଲାର ବିଭିନ୍ନ ନଦୀ ଘାଟ ଯଥା–ବତିଘର, ଅଗରନାସୀ, ଧାମରା, ମାଦଳୀ, ହୁକିଟୋଲା ଆଦି ସ୍ଥାନକୁ ବିପଦସଙ୍କୁଳ ନୌଯାତ୍ରା ଜାରି ରହିଛି।

**କେନ୍ଦ୍ରାପଡ଼ା ଜିଲା**

- ମାଛଧରା ବୋଟ୍‌ରେ ଚାଲିଛି ଯାତ୍ରୀ ପରିବହନ
- ଅନଭିଜ୍ଞ ଚାଳକଙ୍କ ହାତରେ ଚାଲୁଛି ଡଙ୍ଗା
- ଲାଇଫ୍ ଜ୍ୟାକେଟ୍ ପିନ୍ଧିବା ବାଧ୍ୟତାମୂଳକ ନିୟମକୁ ବେଖାତିର
- ସଚେତନତା ବା ନିରୀକ୍ଷଣ ପାଇଁ ପ୍ରଶାସନିକସ୍ତରରେ ବ୍ୟବସ୍ଥା ନାହିଁ

**ସେମାନେ କୁହନ୍ତି...**

"ଏବେ ବିରଳ କଇଁଛ ଅଲିଭ୍ ରିଡ୍‌ଲେଙ୍କ ପ୍ରଜନନ ପ୍ରକ୍ରିୟା ଜାରି ରହିଥିବାରୁ ବନ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି। ସମୁଦ୍ର ମଧ୍ୟକୁ ଡଙ୍ଗା, ଭୁଟୁଭୁଟି ଓ ବୋଟ୍ ଆଦି ଯାଇ ପାରୁ ନ ଥିବାରୁ ଏଗୁଡ଼ିକୁ ଯାତ୍ରୀ ପରିବହନ କାର୍ଯ୍ୟରେ ଲଗାଯାଉଛି। ଏବେ ପର୍ଯ୍ୟଟନ ଋତୁ ଥିବାରୁ ହୁକିଟୋଲା, ବତିଘର ଆଦି ଦ୍ୱୀପାଞ୍ଚଳକୁ ବହୁ ପର୍ଯ୍ୟଟକ ଆସୁଥିବାରୁ ରୋଜଗାର ଆଶାରେ ମାଛଧରା ବୋଟ୍‌ଗୁଡ଼ିକୁ ଯାତ୍ରୀ ପରିବହନ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଏହା ଯାତ୍ରୀଙ୍କ ସୁରକ୍ଷା ପାଇଁ ଆଦୌ ଅନୁକୂଳ ନୁହେଁ।
**-ବିକ୍ରମ ମଣ୍ଡଳ, ଖରିନାସୀ**

"ଡଙ୍ଗାରେ ଯାତ୍ରା ସମୟରେ ଲାଇଫ୍ ଜ୍ୟାକେଟକୁ ବାଧ୍ୟତାମୂଳକ କରାଯାଇଛି। ମାତ୍ର କୌଣସି ଘାଟରେ ଏହାର ନିରୀକ୍ଷଣ କରିବା ପାଇଁ ପ୍ରଶାସନିକସ୍ତରରେ ବ୍ୟବସ୍ଥା କରାଯାଉନି। ସେହିପରି କେତେଜଣ ଅଧିକ ରୋଜଗାର ଆଶାରେ ଡଙ୍ଗାରେ ଅଧିକ ଯାତ୍ରୀ ନେଉଛନ୍ତି। ଅନଭିଜ୍ଞ ଓ ଅଣତାଲିମପ୍ରାପ୍ତ ନୌଚାଳକ ଡଙ୍ଗା ଚଳାଉଥିବାରୁ ଡଙ୍ଗା ବୁଡ଼ି ପରି ଦୁର୍ଘଟଣା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।
**-ସାମାଜିକ କର୍ମୀ, ଅମରବର ବିଶ୍ୱାଳ**

"ଲାଇଫ୍ ଜ୍ୟାକେଟ ପିନ୍ଧିବା ନିୟମ ପାଳନ ସହିତ ଡଙ୍ଗାର ଫିଟନେସକୁ ଗୁରୁତ୍ୱ ଦିଆଯାଇଛି। ଯେଉଁମାନେ ନିୟମ ଭାଙ୍ଗୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିସହ ଏ ନେଇ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି।
**-ମହାକାଳପଡ଼ା ରେଞ୍ଜ ଅଫିସର, ଶାହାଜୀ ଚରଣ ବିଶ୍ୱାଳ**

# ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଆଳି ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଆଳି, ୨୦।୧ (ଡି.ଏନ୍.ଏ.)
ଆଳି ହାଇସ୍କୁଲ ମିନି ଷ୍ଟାଡିୟମ୍ ପରିସରରେ ଚାଲିଥିବା ୪୦ତମ ଭିନୁମଙ୍କଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଳି କ୍ରିକେଟ ଆଣ୍ଡ ସ୍ପୋର୍ଟ୍ସ କାଉନ୍‌ସିଲ ଓ ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନା କ୍ରିକେଟ କ୍ଲବ ଡାଳିକେନ୍ଦା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଳି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ୱିକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଡାଳିକେନ୍ଦା ଟିମ୍ ୨୫ ଓଭରରେ ୯ ୱିକେଟ୍ ହରାଇ ୧୩୬ ରନ୍ କରି ମ୍ୟାଚ୍ ହାରି ଯାଇଥିଲା। ଆଳିର ଶୁଭମ୍ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏଥିରେ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନୃସିଂହ ଚରଣ ନନ୍ଦୀ, କ୍ରୀଡ଼ାବିତ୍ କୃଷ୍ଣଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜଗନ୍ନାଥ ଦାସ, ନିରଞ୍ଜନ ଷଡ଼ଙ୍ଗୀ, ରଞ୍ଜିତ ମିଶ୍ର, ସୋମନାଥ ମଲିକ ପ୍ରମୁଖ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଶାନ୍ତ ମଲିକ, ଭାଷ୍ୟକାର ବିଶ୍ୱଜିତ ଅଧିକାରୀ, ରବୀନ୍ଦ୍ର ମହାନ୍ତି, ଶୁକଦେବ ଗୋଚ୍ଛାୟତ, ଭରତ ମଲିକ, ଶିବ କୁମାର, ବିପିନ ପାତ୍ର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

**୪୦ତମ ଭିନୁମଙ୍କଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ମହାବିଦ୍ୟାଳୟ ମୁଖପତ୍ର ଲୋକାର୍ପିତ

ଡେରାବିଶ, ୨୦।୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ଏଚଏନ୍‌ଏସ୍ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'କୋରକ'ର ୩୨ତମ ସଂଖ୍ୟା ସୋମବାର ଲୋକାର୍ପିତ ହୋଇଯାଇଛି। ଏହି ଉପଲକ୍ଷେ ମୁଖ୍ୟ ସମ୍ପାଦକ ଡ. ଲକ୍ଷ୍ମଣ କୁମାର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ପ୍ରାଧ୍ୟାପକ ମଦନ ମୋହନ ଜେନା ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ଅଧିବକ୍ତା ଗିରିଜାନନ୍ଦ ନାୟକ ପତ୍ରିକା ଉନ୍ମୋଚନ କରି ଲେଖକମାନଙ୍କୁ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରନ୍ତୁ ବୋଲି ଶୁଭାଶିଷ ଜ୍ଞାପନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ସାମଲ ଓ ଡ. ପ୍ରକାଶ କୁମାର ପରିଡ଼ା ପ୍ରମୁଖ 'କୋରକ'ର ଲେଖକ ଓ ସମ୍ପାଦକଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କୁ ମହାବିଦ୍ୟାଳୟର ସର୍ଜ୍ଜନା ଓ ସଂସ୍କୃତିର ମୁଖପାତ୍ର ଭାବେ ଅଭିହିତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜକିଶୋର ସ୍ୱାଇଁ ତାଙ୍କ ହାତଲେଖାକୁ ପ୍ରଥମେ ମୁଦ୍ରିତ କରାଇଥିବା କହିଥିଲେ। ଉତ୍ସବକୁ ଶିକ୍ଷା ବିଭାଗ ପ୍ରାଧ୍ୟାପକ ଡ. ରାମଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ଭୂୟାଁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅବନୀ ରଞ୍ଜନ ନାୟକ ପରିଚାଳନା କରିଥିଲେ। ସହଯୋଗୀ ସମ୍ପାଦକ ଅଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି, କୃଷକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ: ଜିଲାପାଳ

**ଭଦ୍ରକ ଜିଲାକୁ ପାନୀୟ ଜଳ ଯୋଗାଣ ଉଦ୍ୟମର ପ୍ରତିବାଦ**

ରାଜକନିକା, ୨୦।୧ (ଡି.ଏନ୍.ଏ.)

ଖରସ୍ରୋତା ନଦୀରୁ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଭଦ୍ରକ ଜିଲାକୁ ପାନୀୟ ଜଳ ଯୋଗାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଏହା ପ୍ରତିବାଦରେ ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା, ଆଳି ତଟବନ୍ଧ ଡିଭିଜନ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖର ଓ କେନ୍ଦ୍ରପଡ଼ା ପାନୀୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ବର୍ମା କହିଥିଲେ, ଖରସ୍ରୋତା ନଦୀରେ ଏକ ଆନିକଟ ନିର୍ମାଣ କରାଯାଇ ସମୁଦ୍ରକୁ ଚାଲି ଯାଉଥିବା ଜଳକୁ ଅଟକାଯିବ। ଏବଂ ଏହି ଜଳକୁ କୃଷି କ୍ଷେତ୍ରକୁ ଯୋଗାଇ ଦେବା ପାଇଁ ସରକାରୀସ୍ତରରେ ଉଦ୍ୟମ ଆରମ୍ଭ କରାଯିବ। ରାଜକନିକା ଓ ଆଳି ବ୍ଲକର କୃଷି ଓ କୃଷକମାନଙ୍କ ସ୍ୱାର୍ଥକୁ ପ୍ରଥମେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଜିଲାପାଳ ବର୍ମା କହିଥିଲେ। ବିଧାୟକ ଦେବ କହିଛନ୍ତି, ରାଜକନିକା ଓ ଆଳି ବ୍ଲକ ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ୫୦୦ କୋଟି ଟଙ୍କା ବ୍ୟୟରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। କଲିକତାର ଏକ କମ୍ପାନୀ ସର୍ଭେ କାର୍ଯ୍ୟ କରୁଛି। ଇତିମଧ୍ୟରେ ପ୍ରକଳ୍ପଗୁଡିକର ଡିପିଆର ଟେଣ୍ଡର ସରିଥିବା ବେଳେ ଆଗାମୀ ବଜେଟ ଅଧିବେଶନ ପରେ କାର୍ଯ୍ୟାରମ୍ଭ ହେବ ବୋଲି ବିଧାୟକ ଦେବ କହିଥିଲେ। ପ୍ରାକ୍ତନ ବିଧାୟକ ଦୋଳ ଗୋବିନ୍ଦ ନାୟକ ଆଳି ଓ ରାଜକନିକା ଅଞ୍ଚଳର କୃଷି ସମ୍ପଦର ସୁରକ୍ଷା ପାଇଁ ପ୍ରାଥମିକତା ଦେବାକୁ ଗୁରୁତ୍ୱାରୋପ କରିଥିଲେ। ସେହିପରି ଆଳି ତଟବନ୍ଧ ଡିଭିଜନ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ କହିଲେ ଯେ, ଦୈନିକ କେତେ ଲିଟର ପାଣି ଖରାସ୍ରୋତାରୁ ଯାଉଛି ତା'ର ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ବୈଠକରେ ଖରସ୍ରୋତା ସଂଗ୍ରାମ ସମିତି ସଭାପତି କପିଳେନ୍ଦ୍ର ମଲ୍ଲିକ, ସମ୍ପାଦକ ବିଧାନ ଦାସ, ଉପ ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ଗୁଣନିଧି ବଳ, ଉମେଶ ଚନ୍ଦ୍ର ମଲ୍ଲ, ଶିକ୍ଷକ ନେତା କାଳୀପ୍ରସାଦ ନାୟକ, ରବୀନ୍ଦ୍ର ସ୍ୱାଇଁ, ଶିବରାମ ଦାସ, ଶରତ ରାଉତ, ବାଳକାଟି ସରପଞ୍ଚ ଦିବାକର ନାୟକଙ୍କ ସମେତ ରାଜକନିକା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଆତ୍ମରକ୍ଷା ଶିବିର ଉଦ୍‌ଯାପିତ




ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ।

ପଟ୍ଟାମୁଣ୍ଡାଇ, ୨୦।୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ମଦନପୁରସ୍ଥିତ ଯୁକେ ମହାବୀର କଲେଜରେ ୪୨ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଉମେଶ ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉତିକଣ ଚାଷୀମୂଳିଆ ସଂଗ୍ରାମ ସମିତିର ଆବାହକ ଭାସ୍କର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟସ୍ତବହୁଳ ଜୀବନରେ ନିଜକୁ ସୁରକ୍ଷା ବଳୟ ମଧ୍ୟରେ ରଖିବାକୁ ବାଳିକାମାନେ ଉଦ୍ୟମ କରିବା ଜରୁରୀ। ଦୃଢ଼ମନା ହେଲେ ବାଳିକାମାନେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସବ୍ୟସାଚୀ ତ୍ରିପାଠୀ, ଅରବିନ୍ଦ ବେହେରା, ପ୍ରାଧ୍ୟାପିକା କ୍ଷୀରୋଦିନୀ ଧଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ପୋଗ୍ରାମ ସଂଯୋଜକ ପ୍ରାଧ୍ୟାପକ ପବିତ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ଦିଲ୍ଲୀପ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରଶିକ୍ଷିକା ଭାବେ ସୁଶ୍ରୀ ହେଲେନ୍ ରାଉତ ଓ ଆକାଂକ୍ଷା ମହାପାତ୍ର ଯୋଗଦେଇଥିଲେ। କଲେଜର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ।

## ଜେନାମଣି ପ୍ରାଥମିକ ବିଦ୍ୟାଳୟକୁ ମିଳିବ ଗାରିମା ପୁରସ୍କାର

ଡେରାବିଶ, ୨୦।୧ (ସ୍ୱ.ପ୍ର.)

ଡେରାବିଶ ଶିକ୍ଷା ସର୍କଲ ଅଧୀନ ଜେନାମଣି ପ୍ରାଥମିକ ବିଦ୍ୟାଳୟ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ଗାରିମା ରୌପ୍ୟ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏ ନେଇ ସିଆରସିସି ଅଭିରାମ ମିଶ୍ର ସୂଚନା ଦେଇଛନ୍ତି। ବିଦ୍ୟାଳୟକୁ ଏହି ସଫଳତା ମିଳିଥିବା ଜଣାପଡ଼ିବା ପରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଏବଂ ପରିଚାଳନା କମିଟି ସଭ୍ୟାସଭ୍ୟ ଖୁସିବ୍ୟକ୍ତ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରୁଥିବା ବିଦ୍ୟାଳୟଗୁଡ଼ିକୁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗାରିମା ପୁରସ୍କାର ଦେବାର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଜେନାମଣି ପ୍ରାଥମିକ ବିଦ୍ୟାଳୟ ବ୍ରୋଞ୍ଜ ପଦକ ପାଇସାରିଥିବା ବେଳେ ଚଳିତଥର ରୌପ୍ୟ ପଦକ ପାଇବାକୁ ମନୋନୀତ ହୋଇଛି।

# ଦକ୍ଷ ସଂଗଠକ ଥିଲେ ଦିବାକର ବିଶ୍ୱାଳ




ସ୍ମୃତିସଭାରେ ଅତିଥିମାନେ ।

ପଟ୍ଟାମୁଣ୍ଡାଇ, ୨୦।୧ (ସ୍ୱ.ପ୍ର.)
ଜଣେ ସ୍ତମ୍ଭକାର, ନିର୍ଭିକ ଖବରଦାତା, ଦକ୍ଷ ସଂଗଠକ, ସାରସ୍ୱତ ସାଧକ, ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ଓ ଜଣେ ସଙ୍ଗୀତକାର ଭାବେ ସ୍ୱର୍ଗତ ଦିବାକର ବିଶ୍ୱାଳ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ରବିବାର ଆୟୋଜିତ ସ୍ମୃତିସଭାରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଅନିରୁଦ୍ଧ ରାଉଳ ପୋରୋହିତ୍ୟ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ କୁମାର ଜେନା, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଗଣେଶ୍ୱର ବେହେରା, କିଶୋର କୁମାର ତରାଇ, ଦେବେନ୍ଦ୍ର ଶର୍ମା, ଡ. ବାସୁଦେବ ଦାସ, ଶିକ୍ଷାବିତ୍ ଲକ୍ଷ୍ମୀଧର ପାତ୍ର, କସ୍ତୁରୀ ଚରଣ ସ୍ୱାଇଁ, ବାବାଜୀ ପରିଡା, ସୁଭାଂଶୁ ଦାସ, ହେମନ୍ତ ଜେନା, ଆରାଧାନା ଦାଶ, ଆରତୀ ବଳ, ସରସ୍ୱତୀ ବେହେରା, ନୃସିଂହ ରାଉତ, ମନୋରଞ୍ଜନ ଦାଶ, ରାମଚନ୍ଦ୍ର ଦାଶ, ଶମ୍ଭୁନାଥ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବଘନ ପଣ୍ଡା, ପ୍ରମୋଦ ସାହୁ, ନୀଳମଣୀ ଲେଙ୍କା, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଭାବଗ୍ରାହୀ ପରିଡା, ଗୋପୀବଲ୍ଲଭ ନାୟକ, ଡା. ଗଦାଧର ମଲ୍ଲିକ, ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ପରିଡ଼ା ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

### ହନୁମାନ ଯଜ୍ଞ ଉଦ୍‌ଯାପିତ

ମାର୍ଶାଘାଇ, ୨୦।୧ (ଡି.ଏନ୍.ଏ.)
ମାର୍ଶାଘାଇ ବଜାର ସଂଲଗ୍ନ ବନମାଳୀ ଛକ ନିକଟ ପୁରୁଷୋତ୍ତମପୁରଠାରେ ୩ ଦିନ ଧରି ଅନୁଷ୍ଠିତ ହେଉଥିବା ହନୁମାନ ଯଜ୍ଞ ଇତିମଧ୍ୟରେ ପୂର୍ଣ୍ଣାହୂତି ହୋଇଯାଇଛି। ଏହି ଉପଲକ୍ଷେ ବୁଧବାରଠାରୁ କଳସ ସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋ–ପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଏ ନେଇ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

### ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ

ମାର୍ଶାଘାଇ, ୨୦।୧ (ଡି.ଏନ୍.ଏ.)
ମାର୍ଶାଘାଇ ମେଡିକାଲସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଇତିମଧ୍ୟରେ ଦୃଷ୍ଟିହୀନ କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଗୋ–ଇଣ୍ଡିଆ ଚାରିଟି ଫାଉଣ୍ଡେଶନ୍ ସଂଗୀତ ବିଚିତ୍ରା ପକ୍ଷରୁ ଆୟୋଜିତ ଭଜନ ସମାରୋହରେ ଦୃଷ୍ଟିହୀନ କଳାକାରମାନେ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅମ୍ବିକା, ଅଶୋକାଙ୍କ ସମେତ ମେଡ଼ିକାଲ ଛକ ବଜାର କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିଲାଙ୍କର ପ୍ରତିଯୋଗିତାମୂଳକ ମନୋଭାବ ରହିବା ଦରକାର



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ରାଜନଗର, ୨୦।୧ (ଡି.ଏନ୍.ଏ.)
ପାଠପଢ଼ା ହେଉ କି କ୍ରୀଡ଼ା, ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାମୂଳକ ମନୋଭାବ ରଖିଲେ ସଫଳତା ପାଇପାରିବେ ବୋଲି ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ହାଇସ୍କୁଲ ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ସ୍କୁଲର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭାରେ ଡେପୁଟି ଜିଏସ୍‌ଟି କମିଶନର ପଦ୍ମଲୋଚନ ରାଉତ ମୁଖ୍ୟବକ୍ତା, ରାଜନଗର ବ୍ଲକ ଅଧ୍ୟକ୍ଷ ଜୟୀରାମ ସେଠୀ, ତାଳଚୁଆ ସାମୁଦ୍ରିକ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ, କନିକା ରେଞ୍ଜ ଅଫିସର ସୁଶ୍ରୀ ସ୍ୱାତୀ ମହାନ୍ତି, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ନାଥ ସ୍ୱାଇଁ, ପରିଚାଳନା କମିଟି ସଭାପତି ସମୀର ପ୍ରସାଦ ବେହେରା, ସାମାଜିକ କର୍ମୀ ଲକ୍ଷ୍ମୀଧର ବାରିକ, ବ୍ରଜ ସୁନ୍ଦର ବେହେରା, ସୁଦର୍ଶନ ଦାସ, ସରପଞ୍ଚ ରତିକାନ୍ତ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ କନକଲତା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ନପୂର୍ଣ୍ଣା ବୃକି ବିବରଣୀ ପାଠ କରିଥିଲେ।

# ଗୋଟିଏର ବି ସମାଧାନ ହୋଇପାରିନି

**ଜିଲାପାଳଙ୍କ ଜନଶୁଣାଣିରେ ୧୦୧ ଅଭିଯୋଗ**



ଶିବିରରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି ।

ରାଜକନିକା, ୨୦।୧ (ଡି.ଏନ୍.ଏ.)

ରାଜକନିକା ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୦୧ ଅଭିଯୋଗ ହୋଇଥିଲା। ମାତ୍ର ଏଥିମଧ୍ୟରୁ ଗୋଟିଏର ବି ସଙ୍ଗେସଙ୍ଗେ ସମାଧାନ ହୋଇପାରିନାହିଁ। ସମସ୍ତ ଅଭିଯୋଗର ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ୧୦୧ ଅଭିଯୋଗ ମଧ୍ୟରୁ ସାମୂହିକ ଭାବେ ୧୧ ଅଭିଯୋଗ ହୋଇଥିବା ବେଳେ ଅବଶିଷ୍ଟ ବ୍ୟକ୍ତିଗତ ଥିଲା। ରାଜକନିକାର ନହୁଲିଆ–ବାଦରଜା ରାସ୍ତାର ଉଭୟ ପଟରେ ଥିବା ନୟନଯୋଡ଼ିରେ ଘର କରିଥିବା ବ୍ୟକ୍ତି ଜଳ ନିଷ୍କାସନ ପଥ ଅବରୋଧ କରିଥିବାରୁ ବର୍ଷାପାଣି ନିଷ୍କାସିତ ହୋଇପାରୁନାହିଁ। ଫଳରେ ଫସଲ ଉଜୁଡ଼ି ଯାଉଥିବା ବାଦରଜା ଗ୍ରାମବାସୀ ଅଭିଯୋଗ କରିଥିଲେ। ତେବେ ଆସନ୍ତା ୭ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ପାଇଁ ଜିଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୫୦୦୦ ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯିବା ସହ ୨ ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ଶିବିରରେ ଜିଲାସ୍ତରର ବହୁ ଅଧିକାରୀ ଯୋଗ ଦେଇ ନ ଥିବାରୁ ସାଧାରଣ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶିବିରରେ କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖର, ସିଡିଏମ୍‌ଓ, ପିଡିଙ୍କ ସମେତ ବ୍ଲକସ୍ତରର ଅଧିକାରୀମାନେ ଉପସ୍ଥିତ ଥିଲେ।



ଭକ୍ତି, ସତ୍‌କର୍ମ ଓ ବିଶ୍ୱାସ ସମସ୍ତ ସୁଖର ଖଣି। କିନ୍ତୁ ସତ୍‌ସଙ୍ଗ ବିନା କେହି ଏହା ପାଇପାରେ ନାହିଁ। ବହୁ ପୁଣ୍ୟ ଫଳରେ ସାଧୁସନ୍ଥ ମିଳିଥାଏ।
- ତୁଳସୀ ଦାସ



## ସଂକ୍ଷେପରେ

### ଓଲାଶୁଣୀ ଆସିଥିବା ଫେରିବାଲାଙ୍କ ଟ୍ରକ୍ ଧକ୍କାରେ ମୃତ୍ୟୁ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୦।୧(ଡି.ଏନ୍.ଏ):** ବଡଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ୫୩ନଂ ଜାତୀୟ ରାଜପଥର ଚାରିନଙ୍ଗଳ ଛକ ନିକଟରେ ସୋମାବାର ରାତିରେ ଅଜଣା ଟ୍ରକ୍ ଧକ୍କାରେ ଜଣେ ଫେରିବାଲାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବିହାର ରାଜ୍ୟ ଦରବଙ୍ଗା ଜିଲାର ରାମକୁମାର (୩୫)। ସେ ଓଲାଶୁଣୀ ମେଳାକୁ ଫେରି ସାମଗ୍ରୀ ଧରି ବିକ୍ରି କରିବାକୁ ଆସିଥିଲେ। ରାତି ପ୍ରାୟ ୯ଟାରେ ଚାରିନଙ୍ଗଳ ଛକ ନିକଟରେ ଜାତୀୟ ରାଜପଥ ପାର ହେଉଥିବାବେଳେ ପାରାଦ୍ୱୀପ ଅଭିମୁଖେ ଯାଉଥିବା ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଯାଜପୁର ରୋଡ୍ ଏସଡିପିଓ ଚିନ୍ମୟ ନାୟକ, ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଆମ୍ବୁଲାନ୍ସ ଯୋଗେ ପଠାଇବା ପରେ ରାଜପଥରେ ଗାଡି ଚଳାଚଳ ସ୍ୱଭାବିକ୍ ହୋଇଥିଲା।

### ଚଣ୍ଡିଖୋଲରେ ଖୋଲିଲା ଅତ୍ୟାଧୁନିକ ହସ୍ପିଟାଲ

**ଚଣ୍ଡିଖୋଲ,୨୦।୧(ଡି.ଏନ୍.ଏ.):** ଚଣ୍ଡିଖୋଲଠାରେ ଅତ୍ୟାଧୁନିକ ଚିକିତ୍ସା ଓ ଡାଇଗ୍ନୋସିସ ସୁବିଧା ଯୋଗାଇ ଦେବା ପାଇଁ ଶାନ୍ତିଲତା କେୟାର ଆଣ୍ଡ ହସ୍ପିଟାଲ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଶାନ୍ତିଲତା ଗ୍ରୁପର ଚେୟାରମ୍ୟାନ ତଥା ସ୍ୱର୍ଗତ ପ୍ରମୋଦ ଚୌଧୁରୀଙ୍କ ସ୍ତ୍ରୀ ଶାନ୍ତିଲତା ଚୌଧୁରୀ ଆନୁଷ୍ଠାନିକ ଭାବେ ଏହି ହସ୍ପିଟାଲକୁ ଉଦ୍‌ଘାଟନ କରିଥିଲେ। ଚଣ୍ଡିଖୋଲ ଅଞ୍ଚଳର ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଥମ କରି ଏଠାରେ ଏହି ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ବଡ଼ଚଣା ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ପ୍ରମୋଦ କୁମାର ଚୌଧୁରୀଙ୍କ ଦୀର୍ଘଦିନର ସ୍ୱପ୍ନକୁ ସାକାର କରିବା ପାଇଁ ଓ ଏହି ଅଞ୍ଚଳର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ଏଠାରେ ସମସ୍ତ ରୋଗୀଙ୍କ ସୁବିଧା ଓ ସୁଲଭ ମୂଲ୍ୟରେ ଚିକିତ୍ସା ଯୋଗାଇ ଦେବାକୁ ଉଦ୍‌ଘାଟନ ଉତ୍ସବରେ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ବିଜୟ କୁମାର ଶତପଥୀ, କଟକ ଶାନ୍ତି ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଜୟ ପଟ୍ଟନାୟକ, କଟକ ଶକ୍ତି ହସ୍ପିଟାଲର ମୁଖ୍ୟ ଡାକ୍ତର ଶକ୍ତିକାନ୍ତ ସାହୁ, ଶାନ୍ତି କେୟାର ହସ୍ପିଟାଲର ଅଧକ୍ଷା ଦିପ୍ତିମୟୀ ଚୌଧୁରୀ, ନିର୍ଦ୍ଦେଶକ ଦିଲୀପ କୁମାର ଚୌଧୁରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଏଠାରେ ଅତ୍ୟାଧୁନିକ ମେଶିନ, ଲାବରୋଟାରୀ, ରୋଗୀ ଶଯ୍ୟାର ସୁବ୍ୟବସ୍ଥା ସହିତ ବହୁ ପ୍ରତିଷ୍ଠିତ ବିଶେଷଜ୍ଞଙ୍କ ଦ୍ୱାରା ବିଭିନ୍ନ ରୋଗର ଚିକିତ୍ସା କରିଯିବ। ଏଥିସହିତ ଏଠାରେ ବିଭିନ୍ନ ରୋଗର ପରୀକ୍ଷା, ଗବେଷଣା ଓ ନିଦାନର ବ୍ୟବସ୍ଥା ରହିଥିବା ଜଣାପଡ଼ିଛି।

# ପାହାଡ଼ ପାଦଦେଶରୁ ଶୀର୍ଷ ଯାଏଁ ଭିଡ଼

## ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫା ମେଳା ଆରମ୍ଭ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର ୨୦।୧ (ଡି.ଏନ୍.ଏ)**



ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୩ ତମ ମହାପ୍ରୟାଣ ଦିବସ ତଥା ପବିତ୍ର ମାଘକୃଷ୍ଣ ଏକାଦଶୀ ତିଥୀ ସୋମବାରଠାରୁ ଆରମ୍ଭ ହୋଇଛି ଓଡିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫା ମେଳା। ଏହି ଦିବସ ଅବସରରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଲମ୍ବା ଧାଡିରେ ଯାଇ ପାହାଡ଼ ଶୀର୍ଷଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିର ଦର୍ଶନ କରିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ହଜାର ହଜାର ସଂଖ୍ୟାରେ ସାଧୁସନ୍ଥମାନେ ମହାପୁରୁଷଙ୍କ ମନ୍ଦିର ଦର୍ଶନ କରିଛନ୍ତି। ପବିତ୍ର ମାଘକୃଷ୍ଣ ଏକାଦଶୀ ତିଥିରେ ଏହି ପୀଠ ଦର୍ଶନ କଲେ ଶ୍ରୀକ୍ଷେତ୍ର ଦର୍ଶନ ଫଳ ମିଳେ ବୋଲି ଶ୍ରଦ୍ଧାଳୁଙ୍କ ମନରେ ବିଶ୍ୱାସ ରହିଛି। ସେଥିପାଇଁ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ମହାପ୍ରସାଦ ସେବନ କରିଛନ୍ତି। ଏପରିକି ପରସ୍ପରକୁ ମହାପ୍ରସାଦ ଖୁଆଇ ଦେବାର ପରମ୍ପରା ଏହିଦିନ ହିଁ ଏଠାରେ ଦେଖିବାକୁ ମିଳିଥାଏ। ସୋମବାର ପ୍ରାତଃ ସମୟରେ ପ୍ରଥମେ ଶୁଖୁଆପଡା ଗ୍ରାମରୁ ପୋଡପିଠା ଭୋଗ ଯାଇ ମହାପୁରୁଷଙ୍କ ପୀଠରେ ଲାଗି ହେବାପରେ ଅନ୍ୟ ମାନସିକଧାରୀ ଭକ୍ତଙ୍କର ପୋଡପିଠା ଭୋଗ ହୋଇଥାଏ। ଏଗାର ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାର ସୋମବାର ପ୍ରଥମ ଦିନରେ ପ୍ରାୟ ପଚାଶ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପୁରୁଷଙ୍କ ସମାଧିମନ୍ଦିର ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ଆଜି ପ୍ରତ୍ୟୁଷରୁ ମହାପୁରୁଷଙ୍କ ସମାଧି ମନ୍ଦିରରେ ମହାପୁରୁଷଙ୍କ ସ୍ନାନ ପରେ ଜଳ ତୁଳସୀ ଲାଗି, ମଙ୍ଗଳ ଆଳତି, ପ୍ରଥମ ଭୋଗ ଲାଗି କରାଯିବା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାଧୁ, ସନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସଙ୍କୀର୍ତ୍ତନ, ହରିବୋଲ, ହୁଳହୁଳି ଓ ଶଙ୍ଖଧ୍ୱନୀରେ ସମଗ୍ର ଓଲାଶୁଣୀ ପାହାଡ଼ରେ ଭିନ୍ନ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

ରବିବାର ଦଶମୀ ତିଥୀରେ କେଶଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେଶଯାତ୍ରା ମହାପୁରୁଷଙ୍କ ମନ୍ଦିର ପରିସରରେ ପହଞ୍ଚିବା ପରେ ଏକାଦଶୀ ତିଥୀର ବିଧି ଅନୁଯାୟୀ ପୂଜା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେଥିପାଇଁ ପ୍ରଥମେ ବାନା ବନ୍ଧା ହେବାପରେ ରୋଷଘରେ ମହାପ୍ରସାଦ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ଯୋଗଦେଇ ମହାପ୍ରସାଦ ସେବନ କରିଥିଲେ। ପରମ୍ପରା ଅନୁଯାୟୀ ଏକାଦଶୀ ତିଥିର ରାତ୍ରୀରେ ଶୁଖୁଆପଡା ଗ୍ରାମର ନାଥ ମହାରଣାଙ୍କ ଘରେ ପ୍ରସ୍ତୁତ କରାଯାଇଥିବା ପ୍ରସାଦ ଓ ଆରିସା ପିଠା ମନ୍ଦିରରେ ଭୋଗ ଲାଗି କରାଯାଏ। ସନ୍ଧ୍ୟାରେ ବଡଦାଣ୍ଡରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମନ୍ଦିର ବେଢା ପରିସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ଦ୍ୱାରା ମହାପୁରୁଷଙ୍କ ରଚିତ ଭଜନ ଓ ଜଣାଣ ବିଶେଷକରି ଖଞ୍ଜଣି ଭଜନ ଭିନ୍ନଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା।

ମହାପୁରୁଷଙ୍କ ଦର୍ଶନ ପାଇଁ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଅମର ପ୍ରସାଦ ଶତପଥୀ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ପ୍ରାକ୍ତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପାହାଡ଼ ଶୀର୍ଷଦେଶକୁ ଯାଇ ମହାପୁରୁଷଙ୍କ ସମାଧି ମନ୍ଦିରରେ ଆଶିଷ ଭିକ୍ଷା କରିଛନ୍ତି। ତେବେ ଚଳିତ ବର୍ଷ ମେଳା ସୁପରିଚାଳନା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷାକରିବା ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ଜଣେ ଏସଡିପିଓ, ୪ଜଣ ଇନ୍ସପେକ୍ଟର, ୬ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଚଳିତ ମେଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ ଦିଆଯାଉଛି। ମେଳାରେ ପ୍ରଶାସନ ପକ୍ଷରୁ ମହିଳାଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ମନ୍ଦିର ବେଢା ପରିସର ଓ ବଡଦାଣ୍ଡରେ ସିସି କ୍ୟାମେରା ଲଗାଯିବା ସହ ମହିଳା ପୋଲିସ ମୁତୟନ କରାଯାଇଛି। ଚଳିତ ବର୍ଷ ମେଳାରେ ଏକ ହଜାରରୁ ଉର୍ଦ୍ଧ୍ୱ ଛୋଟବଡ ଦୋକାନ, ସରକାରୀ ବେସରକାରୀ ଷ୍ଟଲ ଖୋଲାଯାଇଛି। ତେବେ ଶୀତୁଆ ପାଗ ସତ୍ତ୍ୱେ ମେଳାର ପ୍ରଥମ ଦିନରେ ଆଶାତୀତ ଭିଡ ପରିଲକ୍ଷିତ ହୋଇଛି।

## ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଦ୍ୱାରା ଆୟୋଜିତ ଏବଂ ବଡଚଣା ବ୍ଲକ ପ୍ରଶାସନ ସହଯୋଗରେ ଏକ ପଲ୍ଲିଶ୍ରୀ ମେଳା ସୋମବାର ସନ୍ଧ୍ୟାରେ ମେଳା ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡଚଣା ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଜ୍ଞାନଦା ନାୟକ,ଜିଲା ପରିଷଦ ସଭ୍ୟବିପିନ ବିହାରୀ ଜେନା, ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ. ସରପଞ୍ଚ ତାପସ ରାୟ,ଜ୍ୟୋସ୍ନାମୟୀ ନାୟକ, ମନୋରଞ୍ଜନ ମଲ୍ଲିକ, ସମିତି ସଭ୍ୟ ସୁବାସ ନାୟକ, ତପସ୍ୱିନୀ ବାରିକ, ନିରଞ୍ଜନ ସେନାପତି, ପଞ୍ଚାନନ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ୨୦ଟି ଷ୍ଟଲ ଖୋଲାଯାଇଛି।




# ସାଇକେଲ ରାଲିରେ ଯୋଗଦେଲେ ୪୦୦ ଛାତ୍ରୀଛାତ୍ର

**ବିଞ୍ଝାରପୁର ୨୦।୧(ଡି.ଏନ.ଏ)**

ଅଗ୍ରଣୀ ଶିକ୍ଷାନୁଷ୍ଠାନ ବ୍ରଜସୁନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଭାରତ ସରକାରଙ୍କ ପ୍ରାୟୋଜିତ ଫିଟ ଇଣ୍ଡିଆ ସାଇକେଲ ଶୋଭାଯାତ୍ରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ଅଧକ୍ଷ ଉମାକାନ୍ତ ସାମଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥିରୂପେ ବିଞ୍ଝାରପୁର ଥାନାର ଉପନୀରିକ୍ଷକ ଫିରୋଜ ଏକ୍କା ଓ ପୂର୍ବତନ କ୍ରୀଡ଼ା ଶିକ୍ଷକ ମଧୁସୂଦନ ଧଳ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ସାଇକେଲ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ପରେ ଅଧକ୍ଷଙ୍କ ସଭାପତିତ୍ୱରେ ଫିଟ ଇଣ୍ଡିଆ ସମ୍ପର୍କିତ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିଜୟ କୁମାର ମହାନ୍ତି ଛାତ୍ରୀଛାତ୍ରଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଫିଟ ଇଣ୍ଡିଆ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟାପକ ପ୍ରସନ୍ନ କୁମାର ବାରିକ, ଶ୍ରୀଧର ନାଥ, ମୁକୁନ୍ଦ ଚନ୍ଦ୍ର ମଲ୍ଲିକ, ନିରଞ୍ଜନ ପାତ୍ର, ଦେବବ୍ରତ ମିଶ୍ର, ଯୋଗେଶ ଚନ୍ଦ୍ର ପଣ୍ଡା, ବିଜୟାନନ୍ଦ ଦାସ, ସୁରେଶ ଚନ୍ଦ୍ର ମହାନ୍ତି, ଦିଲୀପ କୁମାର ଦାସ, କମଳାକାନ୍ତ ବେହେରା, ଅଶୋକ କୁମାର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପରିଚାଳକ ଦେବେନ୍ଦ୍ର କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।




ସାଇକେଲ ଶୋଭାଯାତ୍ରାକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

### ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ୨୬ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ରସୁଲପୁର,୨୦।୧(ଡି.ଏନ୍.ଏ.)**

ରସୁଲପୁର ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ପୂର୍ବାହ୍ନରେ ବୃଦ୍ଧାବୃଦ୍ଧ, ବିଧବାଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି କ୍ରମରେ ୨୫ଜଣ ହିତାଧିକାରୀଙ୍କୁ ଇନ୍ଦିରାଗାନ୍ଧୀ ବାର୍ଦ୍ଧକ୍ୟ ଓ ଜଣକୁ ବିଧବା ଭତ୍ତା ସମେତ ମୋଟ ୨୬ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଉକ୍ତ ଭତ୍ତା ବଣ୍ଟନ ଉତ୍ସବରେ ସରପଞ୍ଚ ଗୋଲକ ବିହାରୀ ପଣ୍ଡା, ସମିତି ସଭ୍ୟ ବିଶ୍ୱନାଥ ପଣ୍ଡା, ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟି ଥିଲେ। ବୃଦ୍ଧାବୃଦ୍ଧଙ୍କୁ ମାସକୁ ୫ଶହ ଟଙ୍କା ଲେଖାଏ ଦୁଇମାସର ୧୦୦୦ଟଙ୍କା ଓ ବିଧବାଙ୍କୁ ୩ମାସର ୧୫୦୦ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ହିତାଧିକାରୀଙ୍କୁ ଭତ୍ତା ବହି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା।

# ଦୈତାରୀ ସ୍କୁଲରେ ଜ୍ଞାନବିଜ୍ଞାନ ମେଳା

**କାଳିଆପାଣି,୨୦।୧(ଡିଏନଏ)**

ଦୈତାରୀସ୍ଥିତ ଓଡ଼ିଶା ଖଣି ନିଗମ ପରିଚାଳିତ ଦୈତାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଓଡ଼ିଶା ଖଣିନିଗମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୃଥ୍ୱୀରାଜ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ଜ୍ଞାନବିଜ୍ଞାନ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୃଥ୍ୱୀରାଜ ପାତ୍ର ପୌରହିତ୍ୟ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ମିଶ୍ର ବ୍ୟବହାର୍ଯ୍ୟ ବସ୍ତୁକୁ ନେଇ କିଛି ନା କିଛି ପରୀକ୍ଷା କରାଗଲେ ତାହା ନୂତନ ଉଦ୍ଭାବନର ଆଶା ଯୋଗାଇବ ବୋଲି ଉଦବୋଧନ ଦେଇଥିଲେ। ବିଜ୍ଞାନ ମେଳାରେ ଦୈତାରୀ ଅଞ୍ଚଳରେ ଥିବା ଦୈତାରୀ ପ୍ରାଥମିକ ବିଦ୍ୟାଳୟ, ଏସକେଇଉ ଏମ୍‌ଇ ସ୍କୁଲ ବଳିପର୍ବତ, କୁଶଭଦ୍ରା ଉଚ୍ଚବିଦ୍ୟାଳୟ ,ବ୍ରହ୍ମଣୀପାଳ ଓ ଦୈତାରୀ ପବ୍ଲିକ ସ୍କୁଲରୁ ଛାତ୍ରୀଛାତ୍ର ଭାଗନେଇ ୨୭ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକଭାବେ ସ୍କୁଲର ବିଜ୍ଞାନ ଶିକ୍ଷକ ଅର୍ଜୁନ ଚରଣ ସାହୁ, ଦୀପକ ପାଣିଗ୍ରାହୀ ଯୋଗଦେଇ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଞ୍ଚଳିକ ପରିଚାଳକ ସୁବ୍ରତ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

# ସିଏଏ ପ୍ରତ୍ୟାହାର ଦାବିରେ ସମ୍ବିଧାନ ବଞ୍ଚାଅ ସମାବେଶ

**ଚଣ୍ଡିଖୋଲ,୨୦।୧(ଡ଼ି.ଏନ.ଏ)**

ନାଗରିକ ସଂଶୋଧନ ଆଇନ (ସିଏଏ) ପ୍ରତ୍ୟାହାର ସହ ଏନ୍‌ପିଆର ବିରୋଧରେ ରବିବାର ବିଭିନ୍ନ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ବିରାଟ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମୋମିନ ଅଲ୍ଲୀ ଖାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ କେନ୍ଦ୍ରରେ ଚାଲିଥିବା ଭାଜପା ସରକାର ଜାତୀୟ ସମ୍ବିଧାନକୁ ଜଳାଞ୍ଜଳି ଦେଇ ଅସାମ୍ବିଧାନିକ ଭାବେ ସଂଖ୍ୟାଲଘୁ ଦଳିତ ଆଦିବାସୀ ଓ ପଛୁଆ ଲୋକଙ୍କ ବିରୋଧରେ ସାଂଘାତିକ ନାଗରିକ ସଂଶୋଧନ ବିଲ୍‌କୁ ନେଇ କଡ଼ା ସମାଲୋଚନା କରିଥିଲେ। ବରିଷ୍ଠ ଖବରଦାତା ରବି ଦାସ, ଓଡ଼ିଶା ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି ମାନସ ଜେନା ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ଭେଦଭାବ ନୀତିକୁ ସମାଲୋଚନା କରିବା ସହ ବିକାଶ ବଦଳରେ ବିନାଶ ଆଡ଼କୁ ଟାଣି ନେଉଥିବା ଅଭିଯୋଗ କରିଥିଲେ। ସମାବେଶରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଆମ୍ବେଦକର-ଲୋହିଆ ବିଚାର ମଞ୍ଚ ରାଜ୍ୟ ସଭାପତି ସଂଗ୍ରାମ ମଲ୍ଲିକ, ପୂର୍ବତନ ଏମପି ଅଞ୍ଚଳ ଦାସ, ପୂର୍ବତନ ବିଧାୟକ ନାରାୟଣ ରେଡ଼ି, ରାଧାକାନ୍ତ ସେଠୀ, କମ୍ୟୁନିଷ୍ଟ ନେତା ସତୀଶ ମିଶ୍ର, ସୁରେନ୍ଦ୍ର ମଲ୍ଲିକ, ସଂଘମିତ୍ରା ଜେନା, ସଂଜୟ ସ୍ୱାଇଁ, ସେକ୍ ସିରାଜ, ମୌଲାନା ଇଲିୟାସ, ମୌଲାନା ହାସିମ୍, ଅବଦୁଲ ବାରି ପ୍ରମୁଖ ଯୋଗଦେଇ ଏହି ଆଇନକୁ ତୀବ୍ର ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିହାର ସାମଲ, ନାରଣ ମଲିକ, ପବନେଶ୍ୱର ଜେନା, ରଞ୍ଜିତ ମଲ୍ଲିକ, ଉମାକାନ୍ତ ମଲିକ, ରବି ମଲିକ ପ୍ରମୁଖ ଯୋଗ ଦେଇଥିଲେ। ସେକ୍ ମସିର ଆଲାମ୍ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଗାନ୍ଧୀ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଚଣ୍ଡିଖୋଲ ବଜାର ପରିକ୍ରମା କରି ସମାବେଶ ସ୍ଥଳକୁ ଆସିଥିଲେ। ସମାବେଶକୁ ସଫଳ କରିବା ପାଇଁ ଦଳିତ ଅଧିକାର ମଞ୍ଚ, ସାମାଜିକ ନ୍ୟାୟ ଅଭିଯାନ ସମ୍ବିଧାନ ସୁରକ୍ଷା ମଞ୍ଚ, ଆମ୍ବେଦକର ଫାଉଣ୍ଡେସନ ଧର୍ମଶାଳା, ବହୁଜନ ବିକାଶ ପରିଷଦ, ବହୁଜନ କ୍ରାନ୍ତି ମୋର୍ଚ୍ଚା, ଆମ୍ବେଦକର-ଲୋହିଆ ବିଚାର ମଞ୍ଚ, ଅଲ ଇଣ୍ଡିଆ ତବ୍‌ଲିଗେ ସିରତ ଯାଜପୁର, ଜାମିଏତ ଓଲମାଏ ହିନ୍ଦ, ଏମାରତେ ସିରିଆ ପ୍ରମୁଖ ସଂଗଠନର ମିଳିତ ଉଦ୍ୟମରେ ହୋଇଥିଲା। ଆସନ୍ତା ୨୯ ତାରିଖ ଭାରତ ବନ୍ଦ ଓ ୩୦ ତାରିଖ ଭୁବନେଶ୍ୱର ସମାବେଶକୁ ସଫଳ କରିବା ପାଇଁ ଘୋଷଣା କରାଯାଇଥିଲା।

# ଅପହରଣର ୫ଦିନ ପରେ ନାବାଳିକାଙ୍କୁ ଛାଡ଼ିବା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**ଧର୍ମଶାଳା,୨୦।୧(ଡିଏନ୍‌ଏ)**

ଧର୍ମଶାଳା ବ୍ଲକ କଣ୍ଟିଗଡିଆ ପଞ୍ଚାୟତ ପିମ୍ପଳିଡିହ ଗ୍ରାମରୁ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ନେଉଳପୁର ପଞ୍ଚାୟତ ମିଲତନଗର ଗ୍ରାମର ସତ୍ୟନାରାୟଣ ସାମଲ(୨୮)। ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖ ରାତିରେ ନାବାଳିକାଙ୍କୁ କେହି ଅପହରଣ କରିନେଇଥିବା ତାଙ୍କ ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୭/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବାବେଳେ ୧୮ ତାରିଖ ସନ୍ଧ୍ୟାରେ ଅପହୃତା ନାବାଳିକାଙ୍କ ବାପାଙ୍କୁ ବାରବାଟୀ ଅଞ୍ଚଳକୁ ଡକାଇ ଅପହରଣକାରୀମାନେ ତାଙ୍କ ଝିଅକୁ ଜିମା ଦେଇ ଫେରାର ହୋଇଯାଇଥିଲେ। ପରେ ବାପା ନାବାଳିକାଙ୍କୁ ଥାନାକୁ ଆଣିଥିଲେ। ତେବେ ନାବାଳିକାଙ୍କୁ ନିଶା ଔଷଧ କିମ୍ବା ଇଞ୍ଜେକ୍ସନ ଦିଆଯାଇଥିବାରୁ ସେ କିଛି କହିପାରୁ ନ ଥିଲେ। ପୋଲିସ ସଙ୍ଗେସଙ୍ଗେ ନାବାଳିକାଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ ଯାଜପୁର ସିଡବ୍ଲ୍ୟୁସିରେ ହାଜର କରାଇଥିଲେ। ନାବାଳିକାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ସିଡବ୍ଲ୍ୟୁସି ପକ୍ଷରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଖୀ ଗୃହକୁ ପଠାଇ ଦିଆଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ସୁଧାର ଆସିବାରୁ ଧର୍ମଶାଳା ପୋଲିସ ସେଠାରେ ପହଞ୍ଚି ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଅନ୍ୟପଟେ ଗିରଫ ହୋଇଥିବା ମୁଖ୍ୟ ଅପହରଣକାରୀ ସତ୍ୟନାରାୟଣ ପୂର୍ବରୁ ବିବାହ କରିଥିବାବେଳେ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡି ପଳାଇଥିବା ଜଣାପଡ଼ିଛି। ଏହି ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ଥିବ ସେମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

# ବଞ୍ଚିବାର ବାଟ ଦେଖାଇଛି ଆଖୁରସ ବ୍ୟବସାୟ

## ଦାଦନ ଶ୍ରମିକଙ୍କୁ କରିଛି ସ୍ୱାବଲମ୍ବୀ

**ରସୁଲପୁର,୨୦।୧(ଡି.ଏନ୍.ଏ.)**

ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥା ତାଙ୍କ ପାଇଁ ଏକ ବଡ଼ ସମସ୍ୟା ଥିଲା। ୫ପ୍ରାଣୀ କୁଟୁମ୍ବଙ୍କ ବୋଝ ମୁଣ୍ଡରେ ଲଦି ହୋଇଯାଇଥିଲା। ଜନ୍ମମାଟିରେ ରୋଜଗାର ଉତ୍ସ ନ ଥିଲା। ସ୍ୱଳ୍ପ ଜମିରେ ଚାଷ କରି ପରିବାର ଚଳାଇବା ସାହସ ମଧ୍ୟ ଜୁଟାଇ ହେଉ ନ ଥିଲା। ରୋଜଗାର ସନ୍ଧାନରେ ସୁଦୂର ଗୁଜରାଟ ରାଜ୍ୟର ସୁରଟ ସହରକୁ ଦାଦନ ଖଟିବାକୁ ଗଲେ। ସେଠାରେ ଏକ ସୂତାକଳରେ କାମକରି ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାକୁ ପ୍ରୟାସ ଜାରି ରଖିଲେ। ହେଲେ ସେଠିକାର ପାଣିପାଗ ସହ ଖାପ ଖୁଆଇ ବେଶି ଦିନ ଚଳି ପାରିଲେ ନାହିଁ। ପୁଣି ଗାଁ କୁ ଫେରି ଆସିଲେ। ନିଜ ଅଞ୍ଚଳରେ ଆଖୁରସ ବ୍ୟବସାୟକରି ପରିବାର ପ୍ରତିପୋଷଣ କରିବା କାର୍ଯ୍ୟ ଆରମ୍ଭ କଲେ। ଆଖୁରସ ବେପାର ଜଣେ ଦାଦନ ମୁହାଁ ଶ୍ରମିକକୁ ବଞ୍ଚିବାର ବାଟ ଦେଖାଇଛି। ଏହି ବ୍ୟବସାୟ ମାଧ୍ୟମରେ ପରିବାର ସମସ୍ୟା ଦୂର ହୋଇପାରିଛି। ପିଲାଙ୍କୁ ପାଠ ପଢାଇ ଉଚ୍ଚ ଶିକ୍ଷିତ କରିବାର ଲକ୍ଷ୍ୟ ବି ରଖିଛନ୍ତି। ଏହା ଏକ ଛୋଟ ବ୍ୟବସାୟୀଙ୍କ କାହାଣୀ। ସେ ହେଉଛନ୍ତି ଯାଜପୁର ଜିଲା ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବରଜପୁର ଗ୍ରାମର ସୁବାସ ନାୟକ(୪୩)। ଆଖୁରସ ବେପାର ତାଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟ ହୋଇଛି।

ଏନେଇ ସୁବାସଙ୍କ ସହ ଆଲୋଚନା କରିବାରୁ ଜଣାଯାଇଛି ଯେ, ସେ ବିବାହ କରିବା ବର୍ଷ ବାପା ଆରପାରିକୁ ଚାଲିଗଲେ। ପରିବାର ଚଳାଇବା ପାଇଁ ରୋଜଗାର କରିବା ତାଙ୍କ ପାଇଁ ଜରୁରୀ ହୋଇପଡିଲା। ସେଥିପାଇଁ ସେ ସୁରଟକୁ ଯିବାକୁ ବାଧ୍ୟ ହେଲେ। ସେଠାରୁ ରହି ନ ପାରି ଫେରି ଆସି ଏକର ଜମିରେ ଆଖୁ ଚାଷ କଲେ। ଆଖୁକୁ ଶାଗମାଛ ଦରରେ ବିକ୍ରି ନ କରି ଆଖୁରୁ ରସ ବାହାର କରି ବ୍ୟବସାୟ କରିବାକୁ ଚିନ୍ତା କଲେ। ଏଥିପାଇଁ ସୁବାସ ଏକ ଆଖୁପେଡା ମେଶିନ୍ ମଧ୍ୟ କିଣିଲେ। ନିଜ ଜମିରେ ଉତ୍ପାଦିତ ଆଖୁକୁ ପେଡ଼ାଇ ବ୍ୟବସାୟ କଲେ। ବର୍ଷର ଖରା ୪ମାସରେ ଭଲ ବ୍ୟବସାୟ ହେଉଛି। ସେ ହାରାହାରି ମାସିକ ୧୦ହଜାର ଟଙ୍କା ଆୟ କରୁଛନ୍ତି। ଏହି ଆୟରେ ପରିବାର ଚଳାଇବା ସହ ଝିଅପୁଅ ଦୁହିଁଙ୍କୁ ପାଠ ପଢାଉଛନ୍ତି। ତେବେ ସୁବାସଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇଯାଇଛି। ତାଙ୍କୁ ସରକାରୀ ସହାୟତା କହିଲେ କେବଳ ରାଶନ କାର୍ଡକୁ ଛାଡିଦେଲେ ଆଉ ଅନ୍ୟ ସୁବିଧା ମିଳିନାହିଁ। ସେ ଏବେ ବି ଚାଳଘରେ ବାସ କରୁଛନ୍ତି। ପଞ୍ଚାୟତରେ ଥିଲାବାଲାକୁ ସରକାରୀ ଆବାସ ମିଳିଛି। ହେଲେ ଗରୀବ ବ୍ୟବସାୟୀ ସୁବାଷଙ୍କ ପରିବାର ପାଇଁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର କିଛି ମିଳିନାହିଁ। ସେ ଖୋଲା ଆକାଶ ତଳେ ଖରାବର୍ଷା ମାଡ଼ରେ ବ୍ୟବସାୟ କରୁଛନ୍ତି। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ପ୍ରଧାନନ୍ତ୍ରୀ ମୁଦ୍ରା ଋଣ ଯୋଜନା, ରାଜ୍ୟ ସରକାରଙ୍କ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଋଣ ସହାୟତା, ମହିଳାଙ୍କୁ ସ୍ୱାବଲମ୍ବି ହେବା ପାଇଁ ମିଶନ ଶକ୍ତି ପକ୍ଷରୁ ମିଳୁଥିବା ଋଣ ସୁବିଧା ଭଳି ସବୁ ଯୋଜନା ଅପହଞ୍ଚ ହୋଇଛି। ଏଦିଗରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଅବଗତ ଅଛନ୍ତି। ହେଲେ ତାଙ୍କ ଦୁଃଖ ଜାଣିବାକୁ କେହି ପ୍ରୟାସ କରିନାହାନ୍ତି। ସରକାରଙ୍କ ମାଳମାଳ ଯୋଜନା ସୁବସଙ୍କ ଭଳି ଜଣେ ଯୋଗ୍ୟ ହିତାଧିକାରୀଙ୍କ କାମରେ ନ ଆସିବା ବିଭିନ୍ନ ଜନମଙ୍ଗଳ ଯୋଜନାର କାର୍ଯ୍ୟକାରିତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।



ଧରିତ୍ରୀ
DHARITRI
ମଙ୍ଗଳବାର, ୨୧ ଜାନୁୟାରୀ, ୨୦୨୦





# ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

## PART – I (OBJECTIVE)

୧। ଗୋଟିଏ ଶବ୍ଦରେ ଉତ୍ତର ଲେଖ। [1×5=5
(କ) ପଠିତ କବିତା 'ମାନଗୋବିନ୍ଦଙ୍କ ମହାନତା'ରେ କାହାକୁ ଦଣ୍ଡଧାରୀ କୁହାଯାଇଛି ?
(ଖ) ବରୁଣଙ୍କୁ ପ୍ରସନ୍ନ କରିବାପାଇଁ ରାମଚନ୍ଦ୍ର କେଉଁ ଶଯ୍ୟାରେ ଶୟନ କରିଥିଲେ ?
(ଗ) ସର୍ପମଣ୍ଡିତ ଶିବଙ୍କ ସହିତ କବି କାହାକୁ ତୁଳନା କରିଛନ୍ତି ?
(ଘ) "ଦରଶନ ଦିଅ ସତି, ରାତି ପାହିଲା" – ଏ ଉକ୍ତିଟି କାହାର ?
(ଙ) ମାନବ ଶିରରୁ କ'ଣ ପୋଛିଦେବାକୁ କବି କହିଛନ୍ତି ?

୨। ଶୂନ୍ୟସ୍ଥାନ ପୂରଣ କର। [1×5=5
(କ) ଶଙ୍କିତ ହେଉ ________ ପ୍ରାଣେ ଚନ୍ଦ୍ର ତପନ ତାରା।
(ଖ) ଅମାପ ________ ଦେଏ ଟିକେ ମତେ, ନିଦା ହେଉ ମୋର ଛାତି।
(ଗ) ଶୁଭ୍ର ସଉରଭ ରସିକେ ________ ହୁଅ ରଘୁବଂଶିକେ।
(ଘ) ଜକଜକ ହୋଇ ହୋଇ ________ ପ୍ରତିଫଳେ।
(ଙ) ________ ବିହରି ସାଗର ଜିଣି ଯାଇ।

୩। ଗୋଟିଏ ବାକ୍ୟରେ ଉତ୍ତର ଲେଖ। [1×5=5
(କ) ମହୀଶୂର ମହାରାଜାଙ୍କୁ ସ୍ୱାମୀଜୀ ଚିଠିରେ କ'ଣ ଲେଖିଥିଲେ ?
(ଖ) 'ଶ୍ରୀ ଭାରତ ଦର୍ପଣ' କିଏ ଲେଖିଥିଲେ ?
(ଗ) ମାତୃଭାଷା ସଂପର୍କରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଦୃଷ୍ଟିକୋଣ କ'ଣ ଥିଲା ?
(ଘ) କେତେବେଳେ ମୈତ୍ରୀର ଧ୍ୱଜା ଉଡ଼ିବ ?
(ଙ) ଶ୍ରୀକୃଷ୍ଣଙ୍କର ବଂଶ ଓ ସାଙ୍ଗସାଥୀ କିପରି ଧ୍ୱଂସ ହେଲେ ?

୪। 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର। [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପୋଲିସ | ଉପନ୍ୟାସ |
| କାଞ୍ଚିକାବେରୀ | ଶୁକଦେବ |
| କନକଲତା | ଦ୍ୱାରକା |
| ନିର୍ବିକଳ୍ପ ସମାଧି | ରାମଶଙ୍କର ରାୟ |
| ପ୍ରଭାସ ତୀର୍ଥ | ପୋଲାଣ୍ଡବାସୀଙ୍କ ମାତୃଭାଷା |
| | ଗୋପାଳ ଛୋଟରାୟ |

୫। ଗୋଟିଏ ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ। [1×5=5
(କ) ମଣିଷମାନେ କାହିଁକି ନାନା ବେଶ ହୁଅନ୍ତି ?
(ଖ) ରାଜେଶ୍ୱରୀ କିପରି ମୃତ୍ୟୁବରଣ କଲେ ?
(ଗ) ସମୟର ଖରା କ'ଣ ଶୋଷିପାରେ ନାହିଁ ?
(ଘ) ଦୀର୍ଘଦେହୀ ପୁରୁଷଙ୍କ ବେଶପୋଷାକରୁ ସେ କ'ଣ ମନେ ହୁଅନ୍ତି ?
(ଙ) କେଉଁମାନେ ଦାଢ଼ିକୁ ତାଙ୍କ ସାଧନାର ପ୍ରତୀକ ରୂପରେ ରଖନ୍ତି ?

୬। ଗୋଟିଏ ଶବ୍ଦରେ ଉତ୍ତର ଲେଖ। [1×5=5
(କ) ତ୍ରିପୁରାରି ମହାଦେବ ଆମର ସହାୟ – ଏ ଉକ୍ତିଟି କାହାର ?
(ଖ) ଇନ୍ଦ୍ର କାହାକୁ ଧର୍ମଦେବ ନାମରେ ସମ୍ବୋଧନ କରିଛନ୍ତି ?
(ଗ) ଦେବତାମାନେ କାହାର ଆଶୀର୍ବାଦ ଲାଭ କରି ପିତାମହଙ୍କ ଦର୍ଶନ କଲେ ?
(ଘ) ମୂଳଦୁଆରେ କୋଉଠି କ'ଣ ଦୋଷ ରହିଯାଇଛି ବୋଲି ଭାର ସମାନ ରହୁନି – ଏ ଉକ୍ତିଟି କିଏ କହିଛନ୍ତି ?
(ଙ) କାହାକୁ ସୁମରଣା କରି ଅନୁକୂଳ କରି ଯିବାକୁ ଧରମାକୁ ତା'ର ମାଆ କହିଛି ?

୭। ଗୋଟିଏ ବାକ୍ୟରେ ଉତ୍ତର ଲେଖ। [1×5=5
(କ) ଯୋଗ୍ୟତା କାହାକୁ କୁହାଯାଏ ?
(ଖ) ଘରେ ଅଶାନ୍ତି ଦେଖାଦେଇଥିବାରୁ ମୁଁ ସଭାକୁ ଯାଇପାରିବି ନାହିଁ । – ଏହାକୁ ଜଟିଳ ବାକ୍ୟରେ ରୂପାନ୍ତର କର।
(ଗ) ବିଜୟର କଲିକତା ଯିବା ହେବ। – କର୍ତ୍ତୃବାଚ୍ୟରେ ପ୍ରକାଶ କର।
(ଘ) ଜାଣିବାକୁ ଇଚ୍ଛା କରୁଥିବା ଛାତ୍ର ବିଦ୍ୟାଲାଭ କରିବ। – ସଂକ୍ଷେପରେ ପ୍ରକାଶ କର।
(ଙ) ଶବ୍ଦରେ କେଉଁ ପ୍ରତ୍ୟୟଯୁକ୍ତ ହେଲେ 'ସ', 'ଷ' ହେବ ନାହିଁ ?

୮। ଅଶୁଦ୍ଧି ସଂଶୋଧନ କର। [1×5=5
(କ) ପୌରାହିତ୍ୟ
(ଖ) ସାଣ୍ମାସିକ
(ଗ) ଉଜ୍ଜ୍ୱଳମୟ
(ଘ) ଶୁଶ୍ରୁସା
(ଙ) ବାହୁଲ୍ୟତା

୯। ନିମ୍ନଲିଖିତ ରୂଢ଼ି / ଲୋକବାଣୀର ଅର୍ଥ ଲେଖ। [1×5=5
(କ) ମୁହଁ ଦେବା
(ଖ) ଅଲଣା କଥା
(ଗ) କୂପମଣ୍ଡୂକ
(ଘ) ଆକାଶ କଇଁଆ ଚିଲିକା ମାଛ
(ଙ) କବି ତୁଣ୍ଡ, ମେଣ୍ଢା ମୁଣ୍ଡ

୧୦। ଠିକ୍ ଥିଲେ ☑ ଚିହ୍ନ ଓ ଭୁଲ୍ ଥିଲେ ☒ ଚିହ୍ନ ଦିଅ। [1×5=5
(କ) ଛନ୍ଦ ସାଧାରଣତଃ ତିନି ପ୍ରକାର।
(ଖ) ରାମକେରୀ ଛନ୍ଦରେ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ଷୋହଳ।
(ଗ) ମଧୁସୂଦନ ରାଓଙ୍କ 'ଜନ୍ମଭୂମି' କବିତାଟି ବଙ୍ଗଳାଶ୍ରୀ ଛନ୍ଦରେ ରଚିତ।
(ଘ) ଯେଉଁଠାରେ ଗୋଟିଏ ଶବ୍ଦ ଦୁଇ ବା ତହିଁରୁ ଅଧିକ ଭିନ୍ନାର୍ଥ ପ୍ରକାଶ କରେ, ସେଠାରେ ଶ୍ଳେଷ ଅଳଙ୍କାର ହୁଏ।
(ଙ) ଶ୍ୱେତାଙ୍ଗ ଚଢ଼େଇଗୁହା ସମୁଦ୍‌ଗତ୍
ନୀରଭେଦୀ କିବା ଉଠେ ଐରାବତ। – ଏହା ରୂପକ ଅଳଙ୍କାର।

## PART – II (SUBJECTIVE)

୧୧।(କ) ପ୍ରାୟ ୧୨୦ଟି ଶବ୍ଦରେ ଉତ୍ତର ଲେଖ। [7
ପଠିତ କବିତା ଅନୁସରଣରେ ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର।
କିମ୍ବା, ପଠିତ କବିତା ଅବଲମ୍ବନରେ ମାଟି ପ୍ରତି କବିଙ୍କ ମନୋଭାବର ପରିଚୟ ପ୍ରଦାନ କର।
(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ। (ପ୍ରାୟ ୫୦ଟି ଶବ୍ଦରେ) [5
"ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ ଯୋଗୁଁ ଏକା ପରଶଂସାରେ।"
କିମ୍ବା, "ହରାଇ କରି ପଛେ ଶିଖିଲି ମୁଂ ବୁଦ୍ଧି
ପାଦେଣ ଟାଳିଲି ମୁଂ ଯେଡ଼େକ ସଂପ୍ରଧି।"

୧୨।(କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ। [7
ପଠିତ ପ୍ରବନ୍ଧରୁ ପଲ୍ଲୀର ଶିକ୍ଷିତ ସଂପ୍ରଦାୟଙ୍କୁ ଶ୍ରୀକୃଷ୍ଣଙ୍କ ସହ ତୁଳନା କରାଯିବା କେତେଦୂର ଯୁକ୍ତିସଙ୍ଗତ ବୁଝାଇ ଲେଖ।
କିମ୍ବା, କେଉଁ କେଉଁ ଘଟଣାବଳୀ ବିବେକାନନ୍ଦଙ୍କୁ ଗୃହତ୍ୟାଗୀ ସନ୍ନ୍ୟାସୀ ପରିବର୍ତ୍ତେ ସମାଜ ସଂସ୍କାରକ ହେବାରେ ସହାୟକ ହୋଇଥିଲା, ଆଲୋଚନା କର।
(ଖ) "କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜିରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ।" [5
କିମ୍ବା, "ବିରାଟ ସାଗର ଆଜି ଦୁର୍ଲଙ୍ଘ୍ୟ ହୋଇ ନାହିଁ କି ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ ।"

୧୩। ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ। [10
(କ) **ଓଡ଼ିଶାର କୃଷି ଓ କୃଷକ:** (ଉପକ୍ରମ – ଓଡ଼ିଶାର ପୁରାତନ କୃଷି ପ୍ରଣାଳୀ – ବର୍ତ୍ତମାନର କୃଷି ପ୍ରଣାଳୀ – କୃଷିପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ – କୃଷିକର୍ମରେ ସାହାଯ୍ୟ ଓ ସହାନୁଭୂତି – ଉପସଂହାର)
(ଖ) **ତୁମର ପ୍ରିୟ ଖେଳ:** (ଉପକ୍ରମ – ପ୍ରିୟ ଖେଳର ନାମ ଓ ତା'ର ଇତିବୃତ୍ତି – ଖେଳରେ ଅନୁସୃତ ନିୟମ ଓ ପ୍ରଣାଳୀ – ଏହାର ଜନପ୍ରିୟତାର କାରଣ – ଉପସଂହାର।)
(ଗ) **ସମ୍ବାଦପତ୍ର:** (ସମ୍ବାଦପତ୍ର କାହାକୁ କହନ୍ତି – ସମ୍ବାଦପତ୍ରର ଇତିହାସ – ସମ୍ବାଦପତ୍ର ପ୍ରକାଶନ – ଉପକାର – ଉପସଂହାର।)

୧୪। ପ୍ରାୟ ୧୦୦ଟି ଶବ୍ଦରେ ପତ୍ର ବା ଦରଖାସ୍ତ ଲେଖ। [6
କ୍ରୀଡ଼ାର ଉପକାରିତା ବର୍ଣ୍ଣନା କରି ସାନଭାଇ ନିକଟକୁ ପତ୍ର ଲେଖ ।
କିମ୍ବା, ବାତ୍ୟାରେ ଭାଙ୍ଗିଯାଇଥିବା ତୁମର ଘରକୁ ସଜାଡ଼ିବା ପାଇଁ କିଛି ସାହାଯ୍ୟ ଦେବା ନିମନ୍ତେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ।

୧୫। ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ । [2×5=10

ଛାତ୍ରମାନେ କେମ୍ବ୍ରିଜରେ ଥିଲାବେଳେ କେତେକ ନିୟମର ବଶବର୍ତ୍ତୀ। ରାତି ୧୦ଟା ବେଳେ ସମସ୍ତଙ୍କୁ ନିଜ ବସାକୁ ଫେରିବାକୁ ହେବ। ୧୦ଟା ପରେ ଓ ୧୨ଟା ପୂର୍ବରୁ ଫେରିଲେ ଜୋରିମାନା, ୧୨ଟା ପରେ ଫେରିଲେ ମହା ବିଡ଼ମ୍ବନା। ଟିଉଟରଙ୍କୁ ଉପଯୁକ୍ତ କୈଫିୟତ୍ ଦେଇ ନ ପାରିଲେ କଲେଜରୁ ବିଦାୟ ନେବାକୁ ହୁଏ। ସନ୍ଧ୍ୟା ପରେ ଗାଉନ୍ ଓ କ୍ୟାପ୍ ପିନ୍ଧି ବାହାରିବାକୁ ହୁଏ। ବିନା କ୍ୟାପ୍ ଗାଉନ୍‌ରେ ବାହାରିଲେ ପ୍ରକ୍‌ଟରମାନେ ଧରି ଜୋରିମାନା କରନ୍ତି। ଏ ପ୍ରକ୍‌ଟରମାନେ ଏମ୍.ଏ. ଉପାଧିଧାରୀ ଓ ବିଶ୍ୱବିଦ୍ୟାଳୟଦ୍ୱାରା ନିଯୁକ୍ତ। ଏମାନଙ୍କର କାର୍ଯ୍ୟ ରାତିରେ ବୁଲି ଛାତ୍ରମାନଙ୍କର ଚଳାଚଳ ଦେଖିବା। କଲେଜ ଭିତରକୁ ପଶିଗଲେ ପ୍ରକ୍‌ଟରଙ୍କର ଆଉ କିଛି କ୍ଷମତା ନାହିଁ, ତେଣିକି ଟିଉଟରଙ୍କ ହାତ। ପ୍ରକ୍‌ଟରଙ୍କୁ ଦେଖାଦେଇ ଦୌଡ଼ି ପଳାଇ କଲେଜରେ ପଶିଯିବା ପିଲାଙ୍କର ବାହାଦୁରୀ। କିନ୍ତୁ ଧରାପଡ଼ିଲେ ନିଜ ନାମ ଓ କଲେଜ ନାମ ଦେଇଦିଅନ୍ତି ଓ ପରଦିନ ସକାଳୁ ଜୋରିମାନାଟି ପଠାଇ ଦିଅନ୍ତି। ଏଥିରୁ ଜଣାଯାଉଅଛି ଯେ, ଦୈହିକ କାଇଦା କଟକଣା ଥିଲେ କ'ଣ ହେବ, ମାନସିକ ସ୍ୱାଧୀନତା ଓ ଉନ୍ନତି ନିମନ୍ତେ ଏଠାରେ ଯଥେଷ୍ଟ ସୁବିଧା ଅଛି। ବିଶ୍ୱବିଦ୍ୟାଳୟର ନିୟମ ନ ଭାଙ୍ଗି ଯେତେ କାର୍ଯ୍ୟରେ ଯୋଗଦିଅ, ସେଥିରେ ମନା ନାହିଁ। ସେଠି Union Society ପାର୍ଲିଆମେଣ୍ଟ ପାଇଁ ଲୋକ ତିଆରି କରେ। ଆଲୋଚନା ଠିକ୍ ପାର୍ଲିଆମେଣ୍ଟ ପରି ହୋଇଥାଏ। ବଡ଼ ବଡ଼ ରାଜନୈତିକ ବିଷୟମାନଙ୍କର ଚର୍ଚ୍ଚା ହୁଏ। ଭାରତକୁ ସ୍ୱାୟତ୍ତ ଶାସନ ଦେବା ନ ଦେବା, ରକ୍ଷଣଶୀଳ ବା ଲିବରାଲ ଗଭର୍ଣ୍ଣମେଣ୍ଟ ଭଲ କି ମନ୍ଦ ଇତ୍ୟାଦି ସବୁ ଚର୍ଚ୍ଚା ହୁଏ। ବଡ଼ ବଡ଼ ଲୋକ ଆସି ଆଲୋଚନାରେ ଯୋଗ ଦିଅନ୍ତି।

ପ୍ରଶ୍ନ:(କ) ପିଲାମାନଙ୍କୁ କାହିଁକି କଲେଜରୁ ବିଦାୟ ନେବାକୁ ପଡୁଥିଲା ?
(ଖ) ପ୍ରକ୍‌ଟରମାନେ କାହିଁକି ଜୋରିମାନା କରନ୍ତି ?
(ଗ) ପ୍ରକ୍‌ଟରମାନଙ୍କ ହାବୁଡ଼ରେ ଧରାପଡ଼ିଲେ ପିଲାମାନେ କ'ଣ କରନ୍ତି ?
(ଘ) ବିଶ୍ୱବିଦ୍ୟାଳୟରେ କେଉଁସବୁ ଚର୍ଚ୍ଚା ହୁଏ ?
(ଙ) କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ କେଉଁ ସବୁର ଯଥେଷ୍ଟ ସୁବିଧା ଅଛି ?

## ଉତ୍ତରମାଳା: PART – I (OBJECTIVE)

୧। (କ) ମାନଗୋବିନ୍ଦ (ଖ) କୁଶ ଶଯ୍ୟା (ଗ) ବନଭୂମି (ଘ) ଉଷା (ଙ) ଅପମାନ
୨। (କ) କମ୍ପିତ (ଖ) ଧରିଯୁଁ (ଗ) ଶୁଭ-ସମ୍ବାଦିନୀ (ଘ) ଜ୍ୟୋସ୍ନା (ଙ) ବିହାୟସେ
୩। (କ) ଦୀନଦୁଃଖୀଙ୍କର ସେବା କରିବାର କାମନାରେ ଆପଣଙ୍କ ହୃଦୟ ପ୍ରଜ୍ୱଳିତ ହେଉଥାଉ ଏହା ହିଁ ଈଶ୍ୱରଙ୍କ ନିକଟରେ ବିବେକାନନ୍ଦଙ୍କର ପ୍ରାର୍ଥନା। (ଖ) ଗୋପୀନାଥ ନନ୍ଦ ଶ୍ରୀ ଭାରତ ଦର୍ପଣ ରଚନା କରିଥିଲେ। (ଗ) ମାତୃଭାଷା ସଂପର୍କରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଦୃଷ୍ଟିକୋଣ ଥିଲା ଖୁବ୍ ପ୍ରାକ୍ତିକାଲ। (ଘ) ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ପ୍ରତ୍ୟେକ ଜାଣିବେ, ସେତେବେଳେ ମୈତ୍ରୀର ଧ୍ୱଜା ଉଡ଼ିବ। (ଙ) ଶ୍ରୀକୃଷ୍ଣଙ୍କର ମଦ୍ୟପ ବଂଶଗୋଷ୍ଠୀ ଓ ସାଙ୍ଗସାଥୀ ପ୍ରଭାସ ତୀର୍ଥର ଏରକାର ବନରେ ପରସ୍ପରକୁ ହଣାହଣି ହୋଇ ଧ୍ୱଂସ ହୋଇଥିଲେ।
୪।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପୋଲିସ | ପୋଲାଣ୍ଡବାସୀଙ୍କ ମାତୃଭାଷା |
| କାଞ୍ଚିକାବେରୀ | ରାମଶଙ୍କର ରାୟ |
| କନକଲତା | ଉପନ୍ୟାସ |
| ନିର୍ବିକଳ୍ପ ସମାଧି | ଶୁକଦେବ |
| ପ୍ରଭାସ ତୀର୍ଥ | ଦ୍ୱାରକା |

୫। (କ) ମଣିଷମାନେ ନାନା କୁକର୍ମ ଘୋଡ଼ାଇବା ପାଇଁ ନାନା ବେଶ ହୁଅନ୍ତି। (ଖ) ଧଉଳିର ଜଙ୍ଗଲ ଭିତରେ ମଗଧ ସେନାପତିଙ୍କ ସହ ଯୁଦ୍ଧ କରି ରାଜେଶ୍ୱରୀ ମୃତ୍ୟୁବରଣ କଲେ। (ଗ) ସାତତାଳଭେଦୀ ଭିତରେ ଭିତରେ ପରିବ୍ୟାପ୍ତ ହୋଇ ରହିଥିବା ରସର ସମୁଦ୍ରକୁ ସମୟର ଖରା ଶୋଷିପାରେ ନାହିଁ। (ଘ) ଦୀର୍ଘଦେହୀ ପୁରୁଷଙ୍କ ବେଶପୋଷାକରୁ ସେ ମନେହୁଅନ୍ତି ଜଣେ ରାଜବଂଶର ବୀରଯୋଦ୍ଧା। (ଙ) ବନ୍ଧନରୁ ମୁକ୍ତି ଚାହୁଁଥିବା କେହିକେହି ଦାଢ଼ିକୁ ତାଙ୍କ ସାଧନାର ପ୍ରତୀକ ଭାବରେ ରଖନ୍ତି।
୬। (କ) ଉପସୁନ୍ଦର (ଖ) ଶମନ / ଯମ (ଗ) ଶକ୍ତିମୟୀ (ଘ) ଧରମା (ଙ) ମଙ୍ଗଳା
୭। (କ) ବାକ୍ୟରେ ବ୍ୟବହାର କରାଯାଇଥିବା ପଦଗୁଡ଼ିକର ପାରସ୍ପରିକ ସମ୍ବନ୍ଧକୁ ଯୋଗ୍ୟତା କୁହାଯାଏ। (ଖ) ଯେହେତୁ ଘରେ ଅଶାନ୍ତି ଦେଖାଦେଇଛି, ସେହେତୁ ମୁଁ ସଭାକୁ ଯାଇପାରିବି ନାହିଁ। (ଗ) ବିଜୟ କଲିକତା ଯିବ। (ଘ) ଜିଜ୍ଞାସୁ ଛାତ୍ର ବିଦ୍ୱାନ୍ ହେବେ। (ଙ) ଶବ୍ଦରେ ସ୍ୟାତ୍ ପ୍ରତ୍ୟୟ ଯୁକ୍ତ ହେଲେ 'ସ','ଷ' ହେବ ନାହିଁ।
୮। (କ) ପୌରୋହିତ୍ୟ (ଖ) ଷାଣ୍ମାସିକ (ଗ) ଉଜ୍ଜ୍ୱଳ (ଘ) ଶୁଶ୍ରୂଷା (ଙ) ବହୁଳତା / ବାହୁଲ୍ୟ
୯। (କ) ପ୍ରଶ୍ରୟ ଦେବା (ଖ) ମୂଲ୍ୟହୀନ କଥା (ଗ) ସଙ୍କୁଚିତ ପରିବେଶରେ ବଢ଼ିଥିବା (ଘ) ଅସମ୍ଭବ କଥା କଳ୍ପନା କରିବା (ଙ) ଦୃଢ଼ ବଚନ ବା ଆର୍ଷ ବଚନ
୧୦। (କ) ☒ (ଖ) ☑ (ଗ) ☒ (ଘ) ☑ (ଙ) ☒

## ଉତ୍ତରମାଳା: PART – II (SUBJECTIVE)

୧୧। (କ) ନୂତନ ରୀତିରେ ଓଡ଼ିଆ କାବ୍ୟ ରଚନା କରି ଆଧୁନିକ କାବ୍ୟଧାରାର ଭିତ୍ତି ସଂସ୍ଥାପନ କରିଥିଲେ କବିବର ରାଧାନାଥ ରାୟ। ପ୍ରକୃତିକୁ ନାୟିକା କରି ସେ ରଚନା କରିଥିବା 'ଚିଲିକା' ନାମକ ଖଣ୍ଡକାବ୍ୟରୁ ସଂଗୃହୀତ 'ଚିଲିକାରେ ସାୟନ୍ତନ' ଶୀର୍ଷକ କବିତା। ଉକ୍ତ କବିତାରେ କବିବର ଚିଲିକାର ସାୟଂକାଳୀନ କମନୀୟ ଦୃଶ୍ୟକୁ ବର୍ଣ୍ଣନା କରିଛନ୍ତି।

କଳ୍ପନାବିଳାସୀ କବିଙ୍କର କଳ୍ପନା ନେତ୍ରରେ ଭାସିଉଠିଛି ରୂପସୀ ଚିଲିକାର ସାୟଂକାଳୀନ କମନୀୟ ଛବି। ସନ୍ଧ୍ୟା ନଇଁଆସୁଥିବା ବେଳେ ପୂର୍ବ ଦିଗ୍‌ବଳୟରେ ସମୁଦ୍ର ମୁହାଣରେ ମାଛ ଧରୁଥିବା ମୀନଜୀବୀମାନଙ୍କର ନାବଗୁଡ଼ିକ ଛାୟାଚିତ୍ର ପରି ପ୍ରତୀୟମାନ ହୋଇଛି। ପଶ୍ଚିମାକାଶରେ ଭାଲେରି ଶିଖରରେ ସନ୍ଧ୍ୟାତାରାର ଉପସ୍ଥିତି ପରିବେଶକୁ କରିଛି ଲୋଭନୀୟ। ଯାହାକୁ ଦେଖି ମୀନଜୀବୀମାନେ ନୌକାରେ ପାଲଟାଣି ମହାନନ୍ଦରେ କବିସୂର୍ଯ୍ୟଙ୍କ ସଙ୍ଗୀତ ଗାନ କରି ଗୃହାଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସାୟଂକାଳରେ ଚିଲିକା ବକ୍ଷରେ ନାବଗୁଡ଼ିକର ପ୍ରତ୍ୟାବର୍ତ୍ତନର ଦୃଶ୍ୟସହ ଚିଲିକା ମାରୁତରେ ଭାସିଆସୁଥିବା ଅମୃତମୟ ସ୍ୱରଝଙ୍କାରରେ ଅଭିଭୂତ ହୋଇ କବି ଗାଇଛନ୍ତି –

"ସଙ୍ଗୀତ ଆବେଶେ ନାନାରୂପେ ମନ,
ଅତୀନ୍ଦ୍ରିୟଦେଶେ କରେ ବିଚରଣ।"

ମୀନାକର୍ଷଣ ନିମନ୍ତେ ପୋତପାଳମାନେ ତରଣୀ ବକ୍ଷରେ ଜାଳିଦେଇଥିବା ମଶାଲଗୁଡ଼ିକର ଅପୂର୍ବ ଶୋଭା ଏବଂ ତରଙ୍ଗରେ ସେଗୁଡ଼ିକ ଦୋହଲି ଦୋହଲି ଆସୁଥିବା ସମୟରେ ଦୂରରୁ ଥରେ ଦୃଶ୍ୟମାନ ହେବା ଏବଂ ପୁନର୍ବାର ଅନ୍ତର୍ହିତ ହୋଇଯିବାର କମନୀୟ ଛବି କଳ୍ପନାବିଳାସୀ କବିଙ୍କ ହୃଦୟରେ ଭରିଦେଇଛି ଅପୂର୍ବ ଦାର୍ଶନିକତା। ତେଣୁ କବି ଗାଇଛନ୍ତି –

"ଦୁଃଖିମନେ ଆଶା ଉତ୍‌ଥାନ ପତନ–
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ।"

କ୍ରମଶଃ ରାତ୍ରିର ଗଭୀରତା ବୃଦ୍ଧିହେତୁ ଜନକୋଳାହଳ ଦୂରୀଭୂତ ହୋଇ ଚିଲିକା ତୀର ନିଶ୍ଚଳ ହୋଇଯାଇଛି। ବିମଳ ଜ୍ୟୋସ୍ନାରେ ସମଗ୍ର ସୃଷ୍ଟି ପାରଦ-ବିଧୌତ ପରି ପ୍ରତୀୟମାନ ହୋଇଛି। ରୂପସୀ ଚିଲିକାର ଅନ୍ତଃସ୍ଥଳରେ ଦ୍ୱୀପ ଓ ପର୍ବତମାନଙ୍କର ପ୍ରତିବିମ୍ବ ସ୍ପଷ୍ଟଭାବେ ପରିଶୋଭିତ ହେଉଛନ୍ତି। କୋମଳ ତରୁପତ୍ର ଓ ଚିକ୍‌କଣ ଉପଳଖଣ୍ଡରେ ଜ୍ୟୋସ୍ନା ପ୍ରତିଫଳନ ଏବଂ ଛାୟାମିଶ୍ରିତ ଚନ୍ଦ୍ରାଲୋକରେ ବନସ୍ଥଳୀ ସର୍ପବିଭୂଷିତ ମହାଦେବଙ୍କ ଶରୀର ପରି ପ୍ରତୀୟମାନ ହୋଇ ପରିବେଶକୁ କରିଛି ଅତ୍ୟନ୍ତ ଆକର୍ଷଣୀୟ। ଅତ୍ୟନ୍ତ ନୀରବ ତଥା ପ୍ରଶାନ୍ତ ପରିବେଶ ମଧ୍ୟରେ ଦୂର ଝରଣାର ଶବ୍ଦ ଓ ଝିଙ୍କାରିର ଝଙ୍କାର ସତେ ଯେପରି ରାତ୍ରିର ପ୍ରଭାବକୁ ପ୍ରଚ୍ଚର କରିଚାଲିଛନ୍ତି। ରୂପସୀ ଚିଲିକାର ଏହି ଶାନ୍ତସୁନ୍ଦର ଦୃଶ୍ୟରେ ଆହ୍ଲାଦିତ ହୋଇ କବି ଗାଇଛନ୍ତି –

"ଚିଲିକା ! ତୋହର ଏହି ଶୋଭାବନ
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ।"

କିମ୍ବା,

ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ପ୍ରତିଭାଦୀପ୍ତ ଲେଖନୀ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତକୁ ଯେପରି ସୁସମୃଦ୍ଧ କରିଛି ତାହା ଅକଳ୍ପନୀୟ। ସେହି ମହୀୟସୀ ନାରୀକବିଙ୍କ ରଚିତ 'ମାଟି ପାଣି ପବନ' କବିତା ପୁସ୍ତକରୁ 'ସର୍ବଂସହା ମାଟି' କବିତାଟି ସଂଗୃହୀତ। ଏହି କବିତାରୁ ମାଟି ପ୍ରତି କବିଙ୍କ ମନରେ ଥିବା ମମତ୍ୱବୋଧ ଅନାୟାସରେ ପ୍ରତୀୟମାନ ହୁଏ ।

କବିତାରେ ନାରୀକବି ମାଟିକୁ ମାଆ ସହିତ ତୁଳନା କରିଛନ୍ତି। କାରଣ ସେହି ମାଟି ମାଆ ପରି ସର୍ବଂସହା ଓ ତା'ର ସ୍ନେହକୁ ସନ୍ତାନମାନଙ୍କ ଉପରେ ସମାନ ଭାବରେ ବିତରଣ କରୁଛି। ତା'ର ମିଠା ପାଣି ଓ ଧୀର ପବନ ସନ୍ତାନମାନଙ୍କ ଶରୀରରେ ବଳ ଭରିଦେବା ସହ ତା'ର ଗଛ ଲତାର ଫଳ ଦେଉଛି ଶକ୍ତି ଓ ଆତ୍ମତୃପ୍ତି। ତେଣୁ କବି ଗାଇଛନ୍ତି–

"ତୋର ମିଠାପାଣି ତୋ' ଧୀରପବନ
ଦେହେ ମୋ ଦେଇଛି ବଳ
ଶକତି ଦେଇଛି ତୃପତି ଦେଇଛି
ତୋ'ଗଛ ଲତାର ଫଳ।"

ସନ୍ତାନମାନଙ୍କର ଆରାମ ପାଇଁ ମାଟି ମାଆ ତା'ବକ୍ଷରେ ବିଛେଇରଖିଛି ସବୁଜ ଘାସର କୋମଳ ବିଛଣା ଓ ଶାରୀରିକ ଅସୁସ୍ଥତାରୁ ମୁକ୍ତିପାଇଁ ସଜାଡ଼ି ରଖିଛି ଗଛଲତାର ଚେରମୂଳି ଔଷଧ। ନଦୀ ସମୁଦ୍ରରେ ସେ ଭରିରଖିଥିବା ହସକଥା ତଥା ତା'ର ବଣ ପକ୍ଷୀର କାକଳି ସନ୍ତାନମାନଙ୍କ ମନରେ ଭରିଦିଏ ଅସୁମାରି ଆନନ୍ଦ। ଯେଉଁ ସୁଖ ନିକଟରେ ସ୍ୱର୍ଗସୁଖକୁ ତୁଚ୍ଛ ମନେକରି କବି ସ୍ୱର୍ଗର ଡାକକୁ ଉପେକ୍ଷାକରି ଗାଇଛନ୍ତି–

"ସରଗ ଡାକିଲେ ମନ ବଳେ ନାହିଁ
ଛାଡ଼ିବାକୁ ତୋର କାଖ।"

ଗର୍ଭଧାରିଣୀ ଜନନୀ ପରି ମାଟି ମାଆ ସବୁକିଛି ସହିବାରେ ସୁନିପୁଣା। ଜନ୍ମକାଳରୁ ତା' ଦେହରେ ଯେତେ ଆଘାତ କଲେ ମଧ୍ୟ ସେ ନିଜ ସନ୍ତାନ ମନେକରି ସବୁ ରାଗ, ରୋଷ, ଅଳିଅର୍ଦ୍ଦଳିକୁ ଭୁଲି କ୍ଷମା କରିଦେଉଛି। ମାଟି ମାଆର ସେହି ବାତ୍ସଲ୍ୟ ମମତାଭରା ରୂପର ପ୍ରଶଂସା କରିବା ସହିତ ନାରୀ କବି କୃତଜ୍ଞତା ଜ୍ଞାପନ କରି ଗାଇଛନ୍ତି–

"ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହିଁ।"

ସମଦୃଷ୍ଟିସଂପନ୍ନା ମାଟି ମାଆ ଅମାପ ଧୈର୍ଯ୍ୟର ଅଧିକାରିଣୀ। ତା'ର ଶରୀର ପାହାଡ଼ ପରି କଠିନ ହେଲେ ମଧ୍ୟ ପ୍ରାଣ ତା'ର କଅଁଳିଆ ପତ୍ର ପରି ଅତ୍ୟନ୍ତ କୋମଳ। ତେଣୁ ନାରୀକବି ଜଗତର ମଙ୍ଗଳ ନିମନ୍ତେ ଆତ୍ମୋତ୍ସର୍ଗ କରିବାପାଇଁ ତାଙ୍କଠାରୁ ଧୈର୍ଯ୍ୟ, ପରୋପକାରିତା, ଦୟା ଭିକ୍ଷାକରି ଅନୁନୟପୂର୍ବକ ଗାଇଛନ୍ତି–

"ଅମାପ ଧରିଯୁଁ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତପାଇଁ
ଲାଗିପଡ଼େ ଦିନରାତି।"

ନାରୀକବିଙ୍କ ଲେଖନୀରେ ମାଟିମାଆର ବାତ୍ସଲ୍ୟମମତାଭରା ରୂପ ସୁନ୍ଦର ଭାବେ ଫୁଟିଉଠିଛି।

(ଖ) "ଭାଗ୍ୟବତୀ ............... ପରଶଂସାରେ।"

ଉକ୍ତ ପଦ୍ୟାଂଶଟି 'ମଙ୍ଗଳେ ଅଇଲା ଉଷା' କବିତାରୁ ଆନୀତ। ଏଠାରେ ସ୍ୱଭାବ-କବି ଗଙ୍ଗାଧର ମେହେର ତମସା ନଦୀକୁ ଏକ ମମତାମୟୀ ନାରୀରୂପେ ଚିତ୍ରଣ କରି ତାକୁ ସୌଭାଗ୍ୟବତୀ ରୂପେ ଉପସ୍ଥାପନ କରିଛନ୍ତି।

ମହର୍ଷି ବାଲ୍ମୀକିଙ୍କ ଆଶ୍ରମ ନିକଟରେ ପ୍ରବାହିତ ହେଉଥିବା ଏକ କ୍ଷୁଦ୍ର ନଦୀ ତମସା। କବିଙ୍କ କଳ୍ପନାରେ ସେ ଏକ ମମତାମୟୀ ମାତୃକଳ୍ପା ନାରୀରୂପରେ ଉଦ୍ଭାସିତା ହୋଇଛି। ତା' ଜଳରେ ଅଯୋଧ୍ୟା ରାଜଲକ୍ଷ୍ମୀ ସତୀ ଶିରୋମଣି ଦେବୀ ସୀତା ଯେ ସ୍ନାନ ନିମନ୍ତେ ଆଗମନ କରିବେ; ଏହା ସେ କେବେ କଳ୍ପନା କରି ନଥିଲା। କିନ୍ତୁ ସତୀ ସୀତା ମୁନିକନ୍ୟାଙ୍କ ଗହଣରେ ଅବଗାହନ ନିମନ୍ତେ ଯେତେବେଳେ ତା'ଜଳରେ ପ୍ରବେଶ କରିଛନ୍ତି, ସେତେବେଳେ ତମସା ତା'ର ତରଙ୍ଗ-କରରେ ଦେବୀଙ୍କୁ ଆଲିଙ୍ଗନ କରି ପରିତୃପ୍ତ ହେବା ସହ ନିଜକୁ ଧନ୍ୟ ମନେକରିଛି। ସତୀ ସୀତାଙ୍କର ସ୍ପର୍ଶକୁ ସେ ପରମ ସୌଭାଗ୍ୟ ବୋଲି ବିବେଚନା କରିଛି। ସୀତାଙ୍କ ଯୋଗୁଁ ସେ ସେହିପରି ସୌଭାଗ୍ୟର ଅଧିକାରିଣୀ ହୋଇପାରିଛି ଏବଂ ସମସ୍ତେ ତାଙ୍କୁ ଭାଗ୍ୟବତୀ ବୋଲି କହି ପ୍ରଶଂସା କରିବେ ବୋଲି ବିବେଚନା କରି କୃତଜ୍ଞତା ପ୍ରକାଶ କରିଛି। ପ୍ରକୃତି ଉପରେ ମାନବତ୍ୱ ଓ ସମ୍ବେଦନଶୀଳତ୍ୱ ଭରିଦେବା କେବଳ ପ୍ରକୃତି କବିଙ୍କ ଲେଖନୀରେ ହିଁ ସମ୍ଭବ।

କିମ୍ବା,

"ହରାଇ କରି..................ଯେଡ଼େକ ସଂପ୍ରଧି।"

ଉକ୍ତ ପଦ୍ୟାଂଶଟି ଶୂଦ୍ରମୁନି ସାରଳା ଦାସଙ୍କ ରଚିତ ମହାଭାରତ ମହାକାବ୍ୟର 'କାଇଁଶିକା' ପର୍ବରୁ ସଂଗୃହୀତ ମାନଗୋବିନ୍ଦଙ୍କ ମହାନତା' ଶୀର୍ଷକ ପଦ୍ୟରୁ ଆନୀତ। ଏଠାରେ କବି ଦୁର୍ଯ୍ୟୋଧନଙ୍କ ଅନୁଶୋଚନା ସଂପର୍କରେ ଆଲୋକପାତ କରିଛନ୍ତି।

ମହାଭାରତ ଯୁଦ୍ଧର ଅୟମାରମ୍ଭରେ ଗୁରୁପୁତ୍ର ତଥା ବାଲ୍ୟସଖା ଅଶ୍ୱତ୍ଥାମା ଯୁଦ୍ଧରେ ସେନାପତି ହେବାପାଇଁ ସ୍ୱୀୟ ଅଭିଳାଷ ପ୍ରକାଶ କରିଥିଲେ; କିନ୍ତୁ ଦୁର୍ଯ୍ୟୋଧନ ତାକୁ ଗ୍ରହଣ କରି ନଥିଲେ। ମହାସଂଗ୍ରାମର ବିଷମୟ ପରିଣତି ତାଙ୍କ ବିପକ୍ଷରେ ଯାଇଥିଲା। ଆତ୍ମୀୟ, ରାଜ୍ୟ, ବିପୁଳ ଐଶ୍ୱର୍ଯ୍ୟକୁ ହରାଇବା ସହ ସମର ପ୍ରାଙ୍ଗଣରେ ଜାନୁଭଗ୍ନଜନିତ ଯନ୍ତ୍ରଣାରେ ସେ ଜର୍ଜରିତ ହେଉଥିବାବେଳେ ପାଣ୍ଡବ ବିନାଶ ଅଭିଳାଷୀ ଅଶ୍ୱତ୍ଥାମାଙ୍କୁ ସେ ସେନାପତି ପଦରେ ବରଣ କରିଥିଲେ। ସ୍ୱୀୟ ପ୍ରତିଶ୍ରୁତି ଅନୁଯାୟୀ ଅଶ୍ୱତ୍ଥାମା ପାଣ୍ଡବମାନଙ୍କ ଛିନ୍ନମସ୍ତକ ଭାରକରି ଆଣୁଥିବା କଥା କୁମାର ବୃଦକ୍ଷଙ୍କଠାରୁ ଶୁଣି ଦୁର୍ଯ୍ୟୋଧନ ଆନନ୍ଦରେ ଅଶ୍ୱତ୍ଥାମାଙ୍କୁ ସାଧୁବାଦ ଜଣାଇବା ସହ ପ୍ରଶଂସା କରିଥିଲେ। ସବୁ କିଛି ହରାଇବା ପରେ ତାଙ୍କର ଜ୍ଞାନୋଦୟ ହୋଇଛି ଏବଂ ତାଙ୍କୁ ଯୁଦ୍ଧର ସେନାପତି ନ କରିଥିବାରୁ ସେ ବିଶାଳ ସାମ୍ରାଜ୍ୟକୁ ନିଜ ପାଦରେ ଟାଳିଦେବା ସହ ମହାବିନାଶର ମହାସମୁଦ୍ରରେ ଭାସିଗଲେ ବୋଲି ଅନୁତାପ କରିଥିଲେ।

**୧୨। (କ)** ପ୍ରସିଦ୍ଧ ଐତିହାସିକ ତଥା ବିଶିଷ୍ଟ ଗବେଷକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଆଧୁନିକ ଓଡ଼ିଆ ପ୍ରବନ୍ଧ ଜଗତରେ ଥିଲେ ଜଣେ ଅନନ୍ୟ ପ୍ରତିଭାଧର ବରେଣ୍ୟ ପୁରୁଷ। ତାଙ୍କ 'ପ୍ରବନ୍ଧମାନସ'ରୁ ସଂଗୃହୀତ 'ଜନ୍ମଭୂମି' ପ୍ରବନ୍ଧରେ ସହରାଭିମୁଖୀ ଶିକ୍ଷିତସମାଜକୁ ଶ୍ରୀକୃଷ୍ଣଙ୍କ ସହ ତୁଳନା କରିବା ସହ ସେମାନଙ୍କୁ ପଲ୍ଲୀପ୍ରତି କରିଥିବା ବିଶ୍ୱାସଘାତକତାର କୁପରିଣାମ ଭୋଗକରିବା ସଂପର୍କରେ ଚେତାବନୀ ପ୍ରଦାନ କରାଯାଇଛି।

ଶ୍ରୀକୃଷ୍ଣ ଥିଲେ ଯୁଗାବତାରୀ ଲୀଳା ପୁରୁଷୋତ୍ତମ। ଗୋପପୁର ଥିଲା ତାଙ୍କ ଜନ୍ମଭୂମି। ନନ୍ଦ, ଯଶୋଦା ଓ ଗୋପୀଗୋପାଳଙ୍କ ଅସୀମ ସ୍ନେହରେ ସେ ବାଲ୍ୟଲୀଳା ସଂପନ୍ନ କରିବାପରେ ତିନି ଦିନକୁ କଣ୍ଟ କରି ଚାଲିଗଲେ ମଥୁରାକୁ। ତାଙ୍କ ବିଚ୍ଛେଦରେ ପ୍ରେମମୟୀ ରାଧା ଦୀନା ଓ କ୍ଷୀଣା ହେବା ସହ ନନ୍ଦଯଶୋଦା ଅନ୍ଧୀଭୂତ ହୋଇଗଲେ। କିନ୍ତୁ କୃଷ୍ଣ ଫେରି ନଥିଲେ।

ସେହିପରି ଶିକ୍ଷିତସମାଜ ସେମାନଙ୍କ ବିଦ୍ୟାର୍ଥୀ ଜୀବନରେ ପିତାମାତାଙ୍କ ଆଶା ଓ ଭରସାର ସ୍ଥଳ ହେବା ସହ ଗ୍ରାମବୃଦ୍ଧମାନଙ୍କ ପ୍ରଶଂସାର ଦୃଷ୍ଟାନ୍ତ ହୋଇ ଗ୍ରାମଭୂମି ମଣ୍ଡନ କରିଥାନ୍ତି; କିନ୍ତୁ ଉଚ୍ଚଶିକ୍ଷା ଲାଭ କରିବାପରେ ଅଭିଜାତ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇ ଧନୋପାର୍ଜନ ନିମନ୍ତେ ଜନ୍ମଭୂମିକୁ ତ୍ୟାଗକରି ସହରାଭିମୁଖୀ ହୁଅନ୍ତି। ଶ୍ରୀକୃଷ୍ଣଙ୍କ ପରି ସେମାନେ ସେମାନଙ୍କ ଆପଣାର ଗ୍ରାମବାସୀମାନଙ୍କୁ ଦେଖିବାର ସୁବିଧା ମଧ୍ୟ ପାଆନ୍ତି ନାହିଁ। ଭୁଲିଯାଆନ୍ତି ପିତା, ମାତା ଆତ୍ମୀୟ ତଥା ପଲ୍ଲୀଜନନୀକୁ।

ଶ୍ରୀକୃଷ୍ଣ ଯେପରି ମହାଭାରତର ମହାସମରକୁ ଅଙ୍ଗୁଳି ନିର୍ଦ୍ଦେଶରେ ଚଳାଇ ମଥୁରାପୁରରୁ ଦ୍ୱାରକାପର୍ଯ୍ୟନ୍ତ ଦୀର୍ଘପଥ ଅତିକ୍ରମ କରି ବିଶାଳ ରାଜ୍ୟ, ଅଭ୍ରଂକଷ ପ୍ରାସାଦ, ଅଷ୍ଟପାଟବଂଶୀ ତଥା ଅଗଣିତ ପୁତ୍ରକନ୍ୟାର ଅଧିକାରୀ ହୋଇ ଐଶ୍ୱର୍ଯ୍ୟଲୀଳା ସଂପନ୍ନ କରିଥିଲେ ସେହିପରି ଶିକ୍ଷିତ ସମାଜ ପଲ୍ଲୀରୁ ସହରକୁ ଯାଇ ଯେକୌଣସି ଉପାୟରେ ଅଧିକରୁ ଅଧିକ ଧନୋପାର୍ଜନ କରି ଜୀବନଯୁଦ୍ଧରେ ଦିଗ୍‌ବିଜୟୀ ବୀର ଭାବେ ପରିଚିତ ହେବାସହ ସମସ୍ତଙ୍କ ଆଦର ଓ ପ୍ରଶଂସାର ପାତ୍ର ହୋଇ ଚକଚକ୍ୟପୂର୍ଣ୍ଣ ତଥା ବିଳାସବ୍ୟସନମୟ ଜୀବନଯାପନ କରୁଛନ୍ତି।

କିନ୍ତୁ ଗୋପପୁର ପରିତ୍ୟାଗ କରିବାର ବିଷମୟ ପରିଣତି ସେହି ପୁରାଣପୁରୁଷ ଶ୍ରୀକୃଷ୍ଣଙ୍କୁ ଭୋଗିବାକୁ ପଡିଥିଲା। ଜଳଧି ଜଳରେ ବିଶାଳରାଜ୍ୟ, ଅଭ୍ରଂକଷ ପ୍ରାସାଦ ନିମଗ୍ନ ହେବାସହ ମଦ୍ୟପ ବଂଶ- ଗୋଷ୍ଠୀ ପରସ୍ପରକୁ ହାଣି ଧ୍ୱଂସ ହୋଇଗଲେ। ସମସ୍ତଙ୍କୁ ହରେଇ ନିଜର ଅବଶ ଅଙ୍ଗକୁ ଲତିକାଦୋଳାରେ ଢାଳିଦେବା ବେଳେ ତାଙ୍କ କୃତକର୍ମର ପରିଣତି ସ୍ୱରୂପ ନିର୍ବୋଧ ବ୍ୟାଧର ନିଷ୍ଠୁର ଲୌହଶର ତାଙ୍କ ରକ୍ତାଭ ପଦକୁ ଭେଦ କରିଥିଲା।

ଧ୍ୱଂସ ପାଇଗଲା ଶ୍ରୀକୃଷ୍ଣଙ୍କ ନବରାଜ୍ୟ ଦ୍ୱାରକା; କିନ୍ତୁ ଆଜି ମଧ୍ୟ ଗୋପ, ବୃନ୍ଦାବନ, ଯମୁନା, ଗୋପୀ, ଗୋପାଳଗଣ ପୂର୍ବପରି ରହିଛନ୍ତି, ଠିକ୍ ସେହିପରି ଦୁଃଖିନୀ ପଲ୍ଲୀଜନନୀ ରହିଛି ଓ ରହିଥିବ। ତେଣୁ ହୃଦୟରୁ ପଲ୍ଲୀ ବିମୁଖତାକୁ ପରିହାର କରି ପଲ୍ଲୀଜନନୀର ସୁସନ୍ତାନ ହେବାପାଇଁ ଶିକ୍ଷିତସମାଜକୁ ପ୍ରାବନ୍ଧିକ ପରାମର୍ଶ ଦେବା ସହ ପଲ୍ଲୀ ଜନନୀପ୍ରତି ବିଶ୍ୱାସଘାତକତା କରିବାର କୁପରିଣତି କିପରି ବିଷମୟ ହୋଇପାରେ, ତାହା ଶ୍ରୀକୃଷ୍ଣଙ୍କ ପୁରାତନୀ ଗାଥା ମାଧ୍ୟମରେ ଶିକ୍ଷିତସମାଜକୁ ସଚେତନ କରାଇଛନ୍ତି।

କିମ୍ବା,

ଆଧୁନିକ ଓଡ଼ିଆ ସାହିତ୍ୟର ବିଜ୍ଞାନ, ଦର୍ଶନ ପ୍ରଭୃତି ବିବିଧ କ୍ଷେତ୍ରରେ ଲେଖନୀ ଚାଳନା କରି ସ୍ୱୀୟ ସାରସ୍ୱତ ପ୍ରତିଭାର ଅପୂର୍ବ ନିଦର୍ଶନ ଦେଇଯାଇଛନ୍ତି ମନନଶୀଳ ପ୍ରାବନ୍ଧିକ ଶରତ କୁମାର ମହାନ୍ତି। ତାଙ୍କ ରଚିତ 'ଛତ୍ରପତି ବିବେକାନନ୍ଦ' ଶୀର୍ଷକ ପୁସ୍ତକରୁ ସଂଗୃହୀତ 'ନରେନ୍‌ରୁ ବିବେକାନନ୍ଦ' ନାମକ ପ୍ରବନ୍ଧ। ଏଠାରେ ପ୍ରାବନ୍ଧିକ ବିବେକାନନ୍ଦ କିପରି ସନ୍ନ୍ୟାସୀ ହେବା ପରିବର୍ତ୍ତେ ସମାଜସଂସ୍କାରକ ହୋଇଥିଲେ, ତାହା ଉପସ୍ଥାପନ କରିଛନ୍ତି।

ଗୁରୁ ଶ୍ରୀରାମକୃଷ୍ଣ ହିଁ ନରେନ୍‌ଙ୍କୁ ବିବେକାନନ୍ଦ ଭାବରେ ଗଢ଼ିତୋଳିଥିଲେ। ଈଶ୍ୱରବିଶ୍ୱାସୀ ତଥା ଈଶ୍ୱରାନୁସନ୍ଧିତ୍ସୁ ନରେନ୍ ନିର୍ବିକଳ୍ପ ସମାଧିର ଦିବ୍ୟାନୁଭୂତି ଲାଭ ନିମନ୍ତେ ବ୍ୟାକୁଳ ହେଉଥାନ୍ତି। କିନ୍ତୁ ଗୁରୁ ଶ୍ରୀରାମକୃଷ୍ଣ ତାଙ୍କୁ ଧିକ୍କାର କରି କହିଥିଲେ, "ଭାବିଥିଲି, ତୁ ଗୋଟିଏ ପ୍ରକାଣ୍ଡ ବଟବୃକ୍ଷ ପରି ହେବୁ ଏବଂ ତୋ ଛାଇରେ ହଜାର ହଜାର ମଣିଷ ଆଶ୍ରୟ ପାଇବେ, କିନ୍ତୁ ତା' ନ ହୋଇ ତୁ କେବଳ ନିଜର ମୁକ୍ତି ଚାହୁଁଛୁ।"

ଗୁରୁଙ୍କର ଏହି ଉପଦେଶପୂର୍ଣ୍ଣ କଠୋର ବାଣୀ ନରେନ୍‌ଙ୍କ ଜୀବନରେ ପରିବର୍ତ୍ତନ ଆଣିଥିଲା। ସେ ଇହଲୋକ ବିମୁଖ ସନ୍ନ୍ୟାସୀର ଆଦର୍ଶ ତ୍ୟାଗ କରି 'ମନୁଷ୍ୟର ସେବା ହିଁ ଈଶ୍ୱର ସେବା' – ଭାରତୀୟ ଦର୍ଶନର ଏହି ବାଣୀରେ ଉଦ୍‌ବୁଦ୍ଧ ହେଲେ। ନିଷ୍ଠାର ସହ ଜନତାଙ୍କୁ ଜନାର୍ଦ୍ଦନ ରୂପେ ପୂଜା କରିବାକୁ ଆଗେଇ ଆସିଲେ।

ବିଶାଳ ଭାରତବର୍ଷ ତଥା ତା'ର ଦରିଦ୍ର ଜନତାଙ୍କ ସହ ଘନିଷ୍ଠଭାବେ ପରିଚିତ ହେବାର ଲକ୍ଷ୍ୟ ନେଇ ବିବେକାନନ୍ଦ ୧୮୮୬ରେ ହିମାଳୟ ଅଭିମୁଖେ ଯାତ୍ରାକଲେ। ମାର୍ଗରେ ତାଙ୍କ ପ୍ରଥମ ଶିଷ୍ୟ ସ୍ୱାମୀ ସଦାନନ୍ଦଙ୍କ ସହ ମିଶି ଦିନ ଦିନ ଉପବାସରେ ରହି ଗରିବ ଲୋକଙ୍କର ଦୁଃଖକୁ ଅଙ୍ଗେ ନିଭେଇଲେ। ଦୁଇଥର ଭ୍ରମଣ ଅଭିଜ୍ଞତାରୁ ସେ ଦେଖିଥିଲେ ସମାଜରେ ଜମିରହିଥିବା କୁଢ଼ କୁଢ଼ ଆବର୍ଜନାକୁ। ସେସବୁକୁ ସମାଜରୁ ଦୂର କରିବାର ପ୍ରତିଜ୍ଞା କରି ସେ ପଦବ୍ରଜରେ ସେନାପତି ପରି ସନ୍ନ୍ୟାସୀ ରୂପେ ଭାରତବର୍ଷ ଭ୍ରମଣ କଲେ। ଧନୀ, ଦରିଦ୍ର, ଉଚ୍ଚ, ନୀଚ ଜାତିଭେଦ ଭୁଲି ସେ ସବୁ ଶ୍ରେଣୀର ଲୋକଙ୍କ ସଂସ୍ପର୍ଶରେ ଆସିଲେ। ଭୋକିଲା ଲୋକଙ୍କ ଦୁଃଖ ଦେଖି ତାଙ୍କ ହୃଦୟ ବିଗଳିତ ହେଲା। ଦିନେ ଆଦିବାସୀ ବସ୍ତିରେ ଗଛର ଚେର, ପତ୍ର ଖାଇ ଭୋକ ମାରୁଥିବା ସାନ୍ତାଳମାନଙ୍କର ତାଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି ଓ ଆତିଥ୍ୟ ଦେଖି ତାଙ୍କ ହୃଦୟ ହାହାକାର କରିଉଠିଲା। ସେମାନଙ୍କ ପାଇଁ କିଛି ନ କରି ପାରିବାର ଅକ୍ଷମତାରେ ଭାଙ୍ଗିପଡ଼ି, କ୍ରୋଧ ଓ ଦୁଃଖରେ ବାଘର ଆହାର ହେବା ଉଦ୍ଦେଶ୍ୟରେ ବିବେକାନନ୍ଦ ଜଙ୍ଗଲକୁ ପଶିଗଲେ। କିନ୍ତୁ ବାଘ ତା'ବାଟରେ ଚାଲିଯାଇ ବିବେକାନନ୍ଦଙ୍କୁ ତାଙ୍କ ଲକ୍ଷ୍ୟପଥକୁ ଦେଖାଇଦେଇଗଲା।

ଉଚ୍ଚ ଆଦର୍ଶ ଓ ଶୁଦ୍ଧପୂତ ଜୀବନରୁ ସ୍ଖଳନକୁ ସହ୍ୟ କରିପାରୁ ନଥିବା ବିବେକାନନ୍ଦଙ୍କ ଉପରେ ରାଜପୁତନାର ବାଇଜୀଙ୍କ ସଙ୍ଗୀତ ଗଭୀର ରେଖାପାତ କରିଥିଲା। ବାଇଜୀଙ୍କ ମଧୁର ଓ ଆବେଗପୂର୍ଣ୍ଣ ସଙ୍ଗୀତ ତାଙ୍କ ଭିତରେ ଏକ ବଡ଼ଧରଣ ପରିବର୍ତ୍ତନର ସୂତ୍ରପାତ କରିଥିଲା।

ସାରା ଭାରତ ଭ୍ରମଣ କରି ସେ ଚତୁର୍ଦ୍ଦିଗରେ ଦେଖିଲେ ଅଜେୟ ଦାରିଦ୍ର୍ୟ-ଦାନବର ନିରଙ୍କୁଶ ରାଜତ୍ୱ। ପରସ୍ପର ପ୍ରତି ଶ୍ରଦ୍ଧା, ସହାନୁଭୂତି ଓ ସେବା ମନୋଭାବର ଅଭାବ। ତେଣୁ ସେ ଅନୁଭବ କଲେ– ଅଗଣିତ ମଣିଷର ଦୁଃଖ ଦୂର କରିବାକୁ ହେଲେ ପ୍ରଥମେ ମଣିଷର ମନକୁ ବଦଳାଇବାକୁ ହେବ। ପୁରୁଣା ସମାଜକୁ ଭାଙ୍ଗି ଏକ ନୂତନ ସମାଜ ଗଢ଼ିବାକୁ ହେବ। ପ୍ରତ୍ୟେକଙ୍କ ମନରେ ସେବାର ମହିମା ଜାଗ୍ରତ କରିବାକୁ ପଡ଼ିବ। ସେଥିପାଇଁ ସେ ଦରିଦ୍ରନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ବୋଲି ଧରିନେଇ ସମାଜ ସଂସ୍କାର କାମରେ ଆତ୍ମନିୟୋଗ କରି ସମାଜ ସଂସ୍କାରକ ହେଲେ।

(ଖ) "କିନ୍ତୁ ଆମ ଦେଶରେ .......... ଅନ୍ଧ।"

ଉକ୍ତ ଗଦ୍ୟାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧରୁ ଆନୀତ। ଏଠାରେ ପ୍ରାବନ୍ଧିକ ଗୋଲୋକବିହାରୀ ଧଳ ଇଂରେଜି ଭାଷା ଶିକ୍ଷାର ମାଧ୍ୟମ ହୋଇଥିବାରୁ ଲୋକମାନେ କିପରି ଜ୍ଞାନଲାଭରୁ ବଞ୍ଚିତ ହେଉଛନ୍ତି, ତାହା ପ୍ରତିପାଦନ କରିଛନ୍ତି।

ଯେଉଁ ଦେଶରେ ବହିଗୁଡ଼ିକ ସେମାନଙ୍କ ମାତୃଭାଷାରେ ଲେଖାଯାଉଛି, ସେ ଦେଶର ଲୋକେ ସେ ବହିରୁ ଜ୍ଞାନଲାଭ କରୁଛନ୍ତି। ବିଲାତରେ ସବୁପ୍ରକାର ଜ୍ଞାନକୁ ଲୋକେ ବୁଝିପାରିବା ଭଳି ସହଜ ଭାଷାରେ ଲେଖାଯାଉଥିବାରୁ ଲୋକେ ସେସବୁକୁ ପଢ଼ି ଶିକ୍ଷାଲାଭ କରୁଛନ୍ତି; ଫଳରେ ଜ୍ଞାନଟା ସେମାନଙ୍କ ପାଖରେ ବିସ୍ତୃତିଲାଭ କରୁଛି। କିନ୍ତୁ ଆମ ଦେଶରେ ଶିକ୍ଷାର ମାଧ୍ୟମ ହେଉଛି ଇଂରେଜି ଭାଷା। ବହି ଲେଖାଯାଉଛି ଇଂରେଜି ଭାଷାରେ, ଯେଉଁ ଭାଷାକୁ ପଢ଼ିଲେ ମଧ୍ୟ ମାତୃଭାଷା ପରି ବ୍ୟବହାର କରିବା ସହଜ ବା

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

# ସିଏଏ ପ୍ରଚାରରେ ଆଜି ଓଡ଼ିଶା ଆସିବେ ରୂପା ଗାଙ୍ଗୁଲି

ଭୁବନେଶ୍ୱର, ୨୦।୧(ବ୍ୟୁରୋ)



ରୂପା ଗାଙ୍ଗୁଲୀ

ରାଜ୍ୟ ସଭା ଏମ୍‌ପି ରୂପା ଗାଙ୍ଗୁଲୀ ମଙ୍ଗଳବାର ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ସକାଳ ୧୦ଟାରେ ପହଞ୍ଚି ହେଲିକପ୍ଟର ଯୋଗେ ଗାଙ୍ଗୁଲି ନବରଙ୍ଗପୁର ଜିଲା ରାଇଘର ଗସ୍ତ କରିବେ । ରାଇଘର ମିନି ଷ୍ଟାଡିୟମରେ ଅପରାହ୍ନ ୧ଟାରେ ପହଞ୍ଚି ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସମ୍ପର୍କରେ ସାଧାରଣ ସଭାରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବୁଧବାର ୧୦ଟାରେ ଗାଙ୍ଗୁଲି ମାଲକାନଗିରି ଠାରେ ସିଏଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବେ। ସେହିଦିନ ଅପରାହ୍ନରେ ସେ ଜୟପୁରଠାରେ ସିଏଏ ବିଭିନ୍ନ ଦିଗ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବେ ବୋଲି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି । ନାଗରିକତ୍ୱ ସଂଶୋଧନ ଆଇନ ଦ୍ୱାରା କୌଣସି ଭାରତୀୟଙ୍କ ଅଧିକାର କ୍ଷୁଣ୍ଣ ହେବନାହିଁ। ଭାରତର ପଡ଼ୋଶୀ ଦେଶ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରୁ ଧାର୍ମିକ ରୂପେ ନିର୍ଯାତନାର ଶିକାର ହୋଇ ଭାରତକୁ ଆସିଥିବା ସଂଖ୍ୟାଲଘୁ ବର୍ଗ ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା ଏହି ଆଇନରେ ରହିଛି । ବିରୋଧୀ କଂଗ୍ରେସ ସମେତ କେତୋଟି ଆଞ୍ଚଳିକ ଦଳ ଏହି ଆଇନ ବିରୋଧରେ କୁପ୍ରଚାର କରି ଦେଶବାସୀଙ୍କୁ ବିଭ୍ରାନ୍ତ କରୁଥିବା ସାମଲ କହିଛନ୍ତି । ସିଏଏ ସପକ୍ଷରେ ଦେଶର ୩କୋଟି ଲୋକଙ୍କ ପାଖରେ ପହଞ୍ଚିବାକୁ ଭାଜପା ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରିଛି।

# ୨୦୨୩ରୁ କାର୍ଯ୍ୟକ୍ଷମ ହେବ ତାଳଚେର ସାର କାରଖାନା

ଭୁବନେଶ୍ୱର, ୨୦।୧(ବ୍ୟୁରୋ)




ଖବରଦାତା ସମ୍ମିଳନୀରେ ସାର ବିଭାଗ ସଚିବ ଛବିଳେନ୍ଦ୍ର ରାଉଳ ଓ ଅନ୍ୟମାନେ।

କୃଷକଙ୍କୁ ଯଥା ସମୟରେ ଉପଯୁକ୍ତ ଦରରେ ସାର ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ତାଳଚେରରେ ଏକ ସାର କାରଖାନା ଆରମ୍ଭ ହେବାକୁ ଯାଉଛି। ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍ଏଲ୍)ର କୋଇଲା ଗ୍ୟାସିଫିକେଶନ ଭିତ୍ତିକ ୟୁରିଆ ସାର କାରଖାନା ହେଉଛି ସମଗ୍ର ଦେଶରେ ଏ ଧରଣର ପ୍ରଥମ ପ୍ରକଳ୍ପ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ହେଉଛି ୧.୨୭ ମିଲିୟନ ଟନ୍ ନିମ ଆସ୍ତରଣଯୁକ୍ତ ୟୁରିଆ ସାର। ସ୍ଥାନୀୟ କୋଇଲା ଓ ପେଟକୋକର ସୁଷମ ମିଶ୍ରଣ ହିଁ ଏହାର କଞ୍ଚାମାଲ ହେବ। ୨୦୨୩ ସୁଦ୍ଧା ଏହି କାରଖାନାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ କରିବାର ପ୍ରସ୍ତାବ ରହିଛି। ଏହା ଫଳରେ ଓଡ଼ିଶା ସମେତ ଏହାର ସମସ୍ତ ପଡ଼ୋଶୀ ରାଜ୍ୟଗୁଡ଼ିକୁ ୟୁରିଆ ସାର ଯୋଗାଣ ସୁଗମ ଓ ସହଜଲବ୍ଧ ହେବ ବୋଲି ସାର ବିଭାଗ ସଚିବ ଛବିଳେନ୍ଦ୍ର ରାଉଳ କହିଛନ୍ତି। ସୋମବାର ଏକ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ପ୍ରଦାନ କରି କହିଛନ୍ତି, କୋଇଲା ଗ୍ୟାସିଫିକେଶନ ଆଧାରିତ ଯେଉଁ ଆମୋନିଆ-ୟୁରିଆ ପ୍ରକଳ୍ପ ତାଳଚେରଠାରେ ଗଢ଼ି ଉଠୁଛି, ତା'ର ଦୈନିକ ଧାର୍ଯ୍ୟ ଉତ୍ପାଦନ କ୍ଷମତା ହେଉଛି ୨୨୦୦ ମେଟ୍ରିକ୍ ଟନ୍ ଆମୋନିଆ ଏବଂ ୩୮୫୦ ମେଟ୍ରିକ୍ ଟନ୍‌ର ୟୁରିଆ। ଆମୋନିଆ-ୟୁରିଆ ବ୍ୟତୀତ ଏହି କାରଖାନାରୁ ଦୈନିକ ୧୦୦ ମେଟ୍ରିକ୍ ଟନ୍ ବିକ୍ରିଯୋଗ୍ୟ ସଲ୍‌ଫର୍ ଏକ ଅତିରିକ୍ତ ଉତ୍ପାଦନ ଭାବରେ ମଧ୍ୟ ଉତ୍ପନ୍ନ ହେବ। ତାଳଚେରଠାରେ ପ୍ରସ୍ତାବିତ କୋଇଲା ଗ୍ୟାସିଫିକେଶନ ପ୍ରଣାଳୀରେ ମାମୁଲି ପରିମାଣର ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ୍ ଓ ମୁକ୍ତ କଣିକା ସମୂହ ନିର୍ଗତ ହେବ, ଯାହା ସିଧାସଳଖ କୋଇଲା ଜ୍ୱଳନ ପ୍ରଣାଳୀ ତୁଳନାରେ ଯଥେଷ୍ଟ କମ୍ ରହିବ। ଏହାଛଡ଼ା କାର୍ବନ ଡାଇଅକ୍ସାଇଡ୍ ଆଂଶିକ ଭାବରେ ମଧ୍ୟ କୋଇଲାରୁ ଉତ୍ପାଦିତ ହେଉଥିବା ଅନ୍ୟ ଏକ ଗ୍ୟାସ। ଏକ ସ୍ୱତନ୍ତ୍ର ନିବୁଜ ପ୍ରଣାଳୀରେ ଏହି ଗ୍ୟାସକୁ ସଂଗ୍ରହ କରାଯାଇ ୟୁରିଆ ସାର ଉତ୍ପାଦନରେ ବ୍ୟବହାର ପାଇଁ ରଖାଯିବ।

- ନିଯୁକ୍ତି ପାଇବେ ୪ ହଜାର ଲୋକ
- ବାର୍ଷିକ ୧.୨୭ ମିଲିୟନ ଟନ୍ ନିମ ଆସ୍ତରଣଯୁକ୍ତ ୟୁରିଆ ସାର ଉତ୍ପାଦନ
- ଦୈନିକ ୨.୩୮ ମିଲିୟନ କ୍ୟୁବିକ୍ ମିଟର ପରିମାଣର ପ୍ରାକୃତିକ ଗ୍ୟାସ ଉତ୍ପାଦନ

ଏହି କାରଖାନା ଦୈନିକ ୨.୩୮ ମିଲିୟନ କ୍ୟୁବିକ୍ ମିଟର ପରିମାଣର ପ୍ରାକୃତିକ ଗ୍ୟାସ ଉତ୍ପାଦନ କରିବ, ଯାହାଫଳରେ ଏଲ୍‌ପିଜି ଆମଦାନୀ ଖର୍ଚ୍ଚକୁ ବହୁଳ ଭାବରେ ହ୍ରାସ କରିବାରେ ମଧ୍ୟ ସହାୟକ ହେବ। କାରଖାନା ପ୍ରତିଷ୍ଠା ହେଲେ ଅଞ୍ଚଳବାସୀଙ୍କ ଜୀବନଶୈଳୀ ସମେତ ସାମାଜିକ ଓ ଅର୍ଥନୈତିକ ମାନଦଣ୍ଡକୁ ବିଶେଷ ଭାବରେ ଉନ୍ନତ କରିବ। କାରଣ ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଏହି ପ୍ରକଳ୍ପ ଏଠାକାର ଜନସାଧାରଣଙ୍କ ପାଇଁ ନିଯୁକ୍ତିର ଏକ ସୁଯୋଗ ସୃଷ୍ଟି କରିବ। ପ୍ରାୟ ୪ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଛବିଳେନ୍ଦ୍ର ରାଉଳ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ସେରକ କେତେ ?**
**ନାଁ, ମୁଁ ମଠରେ ଖାଏ !**

ଯିଏ ମାଗଣାରେ ଖାଉଥାଏ ତା'ପକ୍ଷେ ଜିନିଷ କେଉଁଠୁ ଆସୁଛି ତା'ର ଦାମ ବା ଦର କେତେ ସେ ବିଷୟରେ ମୁଣ୍ଡ ଖେଳେଇବା ଦରକାର ପଡ଼ି ନ ଥାଏ। ପରାନ୍ନଭୋଜି ବ୍ୟକ୍ତି ପକ୍ଷରେ ଚାଉଳ ପ୍ରଭୃତିର ଦର ବୁଝିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଳ ଧରିଲି କି ବାଡ଼ ଧରିଲି**
**କରମେ ଥିଲାକୁ ପୁଅ ପାଇଲି ।**

ପୁଅଝିଅ ଉଭୟେ ସମାନ। ତାଙ୍କ ମଧ୍ୟରେ କୌଣସି ଅନ୍ତର ରହୁ ନ ଥିବା ସ୍ଥଳେ ଅନେକ ପିତାମାତା ପୁତ୍ର ପ୍ରାପ୍ତିର ଆଶା ରଖିଥାନ୍ତି। ବୃଦ୍ଧାବସ୍ଥାରେ ଟିକିଏ ସାହା ଭରସା ମିଳିବା ଆଶାରେ ପୁଅଟିଏ ପାଇବା ପାଇଁ ବ୍ୟାକୁଳ ହୋଇ ପଡ଼ିଥାନ୍ତି। ବହୁ ପୂଜାର୍ଚ୍ଚନା କରି ତଥା କଷ୍ଟ ସ୍ୱୀକାର କରି ଭାଗ୍ୟ ବଳରେ ପୁତ୍ରଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଚସ୍ପତିଙ୍କୁ ଭେଟିଲେ ରାଜ୍ୟ ସଭା ସଂସଦୀୟ କମିଟି

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** ରାଜ୍ୟସଭାର ପାର୍ଲାମେଣ୍ଟାରୀ କମିଟି ଅନ୍ ସବ୍‌ଅର୍ଡିନେଟ୍ ଲେଜିସ୍‌ଲେଶନ୍ ସୋମବାର ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ତାଙ୍କ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କମିଟିର ଅଧ୍ୟକ୍ଷ ତଥା ଏମ୍‌ପି ଡ. ଟି. ସୁବାରାମି ରେଡ୍ଡୀଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀରେ ଏମ୍‌ପି ଡ. ବିକାଶ ମହାତ୍ମେ, ଏସ୍. ମୁଥୁକାରୁପ୍ପାନ୍, ପ୍ରଦୀପ ତାମ୍‌ତା ଓ ଅମର ପଟ୍ଟନାୟକ ସାମିଲ ଥିଲେ। ସାକ୍ଷାତ୍ ବେଳେ ବିଧାନସଭା ସଚିବ ଦାଶରଥି ଶତପଥୀ ଉପସ୍ଥିତ ରହିଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ସ୍ୱାଭାବିକ ନୁହେଁ। ସେ ବହିରୁ ମଧ୍ୟ ଭାବ ବୁଝିବାପାଇଁ ଅଧିକ ସମୟ ଓ ପରିଶ୍ରମ କରିବାକୁ ପଡ଼େ। ବିଶେଷ କରି ଇଂରେଜି ଅନଭିଜ୍ଞ ମଣିଷ ସେ ବହି ନିକଟରେ ଅନ୍ଧସଦୃଶ। ଅନ୍ଧ ଯେପରି କିଛି ଦେଖିପାରେ ନାହିଁ, ସେହିପରି ସେମାନେ ସେ ବହିକୁ ଦେଖି କିଛି ଜାଣିପାରନ୍ତି ନାହିଁ। ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜି ଭାଷାରେ ଥିବାରୁ ଜ୍ଞାନଟା ଲୋକମାନଙ୍କ ମଧ୍ୟରେ ପ୍ରସାରିତ ନ ହୋଇ ସଙ୍କୁଚିତ ହୋଇଯାଉଛି। ଇଂରେଜି ଭାଷା ଯୋଗୁଁ ଆମ ଲୋକମାନେ ଅନ୍ଧପରି ଜ୍ଞାନାଲୋକରୁ ବଞ୍ଚିତ ହେଉଛନ୍ତି।

**କିମ୍ବା,**

''ବିରାଟ ସାଗର.............. ହୋଇ ରହିନାହିଁ ।''

ଉଦ୍ଧୃତାଂଶଟି ଲେଖକ ବଂଶୀଧର ସାମନ୍ତରାୟଙ୍କର ସ୍ୱରଚିତ 'ସଭ୍ୟତା ଓ ବିଜ୍ଞାନ' ଶୀର୍ଷକ ପ୍ରବନ୍ଧର ଅଂଶବିଶେଷ ଅଟେ । ଏଠାରେ ଲେଖକ ବିଜ୍ଞାନର ସଫଳତା ବିଷୟରେ ଆଲୋକପାତ କରିଛନ୍ତି ।

ଜଡ଼ ବିଜ୍ଞାନର ଅଦ୍ଭୁତ ଶକ୍ତି ବଳରେ ମାନବ ସୌରଜଗତ ଉପରେ ପ୍ରବେଶାଧିକାର କରି ବିଭିନ୍ନ ଗ୍ରହ, ତାରା, ଉପଗ୍ରହ, ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଅବସ୍ଥିତି ଓ ଗତିବିଧି ଉପରେ ବିଶ୍ଳେଷଣ କରିଚାଲିଛି ଓ ସଫଳ ହୋଇଅଛି । ସେହିପରି ବୈଷୟିକ ଉନ୍ନତିରେ ମଧ୍ୟ ଆଧୁନିକ ମାନବ ସଫଳତାର ଶୀର୍ଷ ସୋପାନରେ ଉପନୀତ ହୋଇଛି । ରେଳ, ମଟର, ବେତାର, ଟେଲିଫୋନ୍‌ରୁ ଆରମ୍ଭ କରି ଉଡ଼ାଜାହାଜ ଓ ବୁଡ଼ାଜାହାଜ ପ୍ରଭୃତି ବୈଷୟିକ ସୁଖସମୃଦ୍ଧିର ଶୀର୍ଷ ସୋପାନରେ ମାନବ ପଦାର୍ପଣ କରିଛି । ଯେଉଁ ନଭଶ୍ଚୁମ୍ବୀ ହିମାଳୟ ତା' ପାଇଁ ରହସ୍ୟମୟ ଥିଲା ସେ ସେଠାରେ ପଦାର୍ପଣ କରିଛି ଓ ଯେଉଁ ବିଶାଳ ମହାସାଗର ତା' ପାଇଁ ଦୁର୍ଲଙ୍ଘ୍ୟ ଥିଲା ସେ ତା'ର ଅତଳ ଗର୍ଭରେ ଆଧିପତ୍ୟ ବିସ୍ତାର କରିଛି । ଏହି ସବୁରି ମୂଳରେ ବିଜ୍ଞାନର ଚମତ୍କାରିତା ଯାହା ଆଧୁନିକ ମାନବକୁ ସଫଳତାର ଚରମ ଆସ୍ୱାଦନ ଦେଇ ତୃପ୍ତ କରିଛି ।

**୧୩। (କ)** ଧରାଧାମରେ ବଞ୍ଚିରହିବା ନିମନ୍ତେ ଖାଦ୍ୟ ହିଁ ପ୍ରତ୍ୟେକ ପ୍ରାଣୀର ମୁଖ୍ୟ ଉପାଦାନ, ଯାହା କୃଷି ମାଧ୍ୟମରେ କୃଷକ ସାହାଯ୍ୟରେ ଉତ୍ପାଦିତ ହୋଇଥାଏ। ଗ୍ରୀଷ୍ମର ପ୍ରଖର ରୌଦ୍ରତାପରେ ବର୍ଷାର ଅବିରାମ ବାରିଧାରାରେ ତଥା ଶୀତର ପ୍ରଚଣ୍ଡ ଶୈତ୍ୟପୀଡ଼ାରେ ପୀଡ଼ିତ ହୋଇ ମଧ୍ୟ ଯେଉଁ ମାନବାତ୍ମା ବିଶ୍ୱର ଜୀବଜଗତକୁ ଖାଦ୍ୟ ଯୋଗାଏ ସେହି ପରମ ତ୍ୟାଗୀ, ଉତ୍ସର୍ଗୀକୃତ ବ୍ୟକ୍ତି ହିଁ କୃଷକ। ଜାତିର ମେରୁଦଣ୍ଡ, ଦେଶର ଭିତ୍ତିଭୂମି ଆଉ ପ୍ରାଣିଜଗତର ଏହି ଖାଦ୍ୟଦାତା କୃଷକ ରୂପେ ସର୍ବତ୍ର ପରିଚିତ।

ପ୍ରାକୃତିକ ପରିସ୍ଥିତି ତଥା ପରିବେଶ ଦୃଷ୍ଟିରୁ ଓଡ଼ିଶା ଏକ କୃଷି-ପ୍ରଧାନ ରାଜ୍ୟ। ସ୍ଥୂଳତଃ ଏହି ରାଜ୍ୟର ପ୍ରାୟ ଶତକଡ଼ା ଅଶିଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବନ ନିର୍ବାହ କରିଥାନ୍ତି। ତେବେ ସାମଗ୍ରିକ ଭାବେ ଓଡ଼ିଶାର ପ୍ରାକୃତିକ ଅବସ୍ଥିତି ଉପରେ ଦୃଷ୍ଟିପାତ କଲେ ଅନୁଭବ ହୁଏ ଯେ ଏହାର ପୂର୍ବ ଉପକୂଳ ଅଞ୍ଚଳ ବହମାନ ନଦୀଗୁଡ଼ିକର ପଟୁମାଟିଦ୍ୱାରା ଉର୍ବର ଏବଂ କେନାଲ ମାଧ୍ୟମରେ ଜଳସେଚିତ ହୋଇ ବିଭିନ୍ନ ଫସଲ ଉତ୍ପାଦନର ପ୍ରକୃଷ୍ଟ କ୍ଷେତ୍ରରୂପେ ପରିଗଣିତ। ଉତ୍ତର, ପଶ୍ଚିମ ତଥା ଦକ୍ଷିଣାଂଶ ଅନୁର୍ବର ଏବଂ ସେହି ଅଞ୍ଚଳରେ ଜଳସେଚନ ସୁବିଧା ଉପଲବ୍ଧ ନୁହେଁ। ଏଣୁ ଏହିଠାରେ ବାସ କରୁଥିବା ଗିରିଜନ ଓ ଆଦିମ ଅଧିବାସୀଗଣ ଉନ୍ନତ ଧରଣର କୃଷି କାର୍ଯ୍ୟ କରିପାରନ୍ତି ନାହିଁ। ତେବେ ଓଡ଼ିଶାର କୃଷିଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରେ ଧାନ, ମୁଗ, ବାଜରା, ମକା, ବିରି, କୋଳଥ ଆଦି ପ୍ରଧାନ ଯେଉଁଗୁଡ଼ିକୁ କୃଷକ କ୍ଷେତରେ ଉତ୍ପାଦନ କରିଥାଏ।

ଓଡ଼ିଶାର କୃଷି ଓ କୃଷକ ସମ୍ବନ୍ଧୀୟ ସନ୍ଦର୍ଭ ପାଠ କଲାବେଳେ ସ୍ୱତଃ ହଳେ ବଳଦ ଓ ଗୋଟିଏ ଲଙ୍ଗଳ ସହ କୃଷିକ୍ଷେତ୍ରରେ କାର୍ଯ୍ୟରତ ଜଣେ ଦୁଃସ୍ଥ ମନୁଷ୍ୟର ପ୍ରତିଛବି ସ୍ମୃତିକୁ ଆସିଥାଏ- ସେହି ମନୁଷ୍ୟ ହିଁ କୃଷକ, ଯାହାକୁ ଦେଶର ଗଠକ, ଜାତିର ନିର୍ମାତା କହି ସୁସ୍ଥ ମନୁଷ୍ୟମାନେ ସମ୍ବୋଧନ କରିଥାନ୍ତି। ଯେଉଁ ଦୁର୍ବଳ ମନୁଷ୍ୟ ଜଣକ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପ, ଶ୍ରାବଣୀର ବର୍ଷନ୍ତ ଜଳଧାରା ମଧ୍ୟରେ ନିଜ ଜୀବନକୁ ବିପନ୍ନ କରି କୃଷିକ୍ଷେତ୍ରରେ ବ୍ୟସ୍ତ ରହେ, ଯାହାର ଉତ୍ପାଦିତ ଶସ୍ୟ ବିଶ୍ୱମାନବର କ୍ଷୁଧା ଦୂରୀକରଣର ଏକମାତ୍ର ପାଥେୟ, ସେହି କୃଷକ ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ ଅବହେଳିତ - ନିଃସହାୟ- ନିରନ୍ନ ଆଉ ଦୁଃଖ, କ୍ଳେଶ, ଦାରିଦ୍ର୍ୟ ଜର୍ଜରିତ। ଏହା ହିଁ ତା'ର ଭାଗ୍ୟର ବିଡ଼ମ୍ବନା।

ଆନନ୍ଦର କଥା, କୃଷି ଓ କୃଷକ ପ୍ରତି ଜାତୀୟ ସରକାରଙ୍କର ଦୃଷ୍ଟିକୋଣ ସୃଜନଶୀଳ ତଥା ଗଠନମୂଳକ ହେବାରେ ଲାଗିଛି। ଆଜି ଆଉ ପୂର୍ବପରି ସାହୁକାର ବା ଜମିଦାରମାନଙ୍କର ଅତ୍ୟାଚାରରେ କୃଷକ ବ୍ୟଥିତ ନୁହେଁ। ସରକାର ବିହନ ଯୋଗାଣ, ବଳଦ କ୍ରୟ ଓ ସାର ଯୋଗାଣ କ୍ଷେତ୍ରରେ କୃଷକ ପ୍ରତି ସମ୍ବେଦନଶୀଳ ହୋଇଛନ୍ତି। ରିହାତି ଦରରେ ତଥା ସ୍ୱଳ୍ପ ସୁଧରେ କୃଷି ଉପକରଣ ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଆବଶ୍ୟକ କ୍ଷେତ୍ରରେ ସୁଧ ଛାଡ଼ କରିଦିଆଯାଉଛି, କିମ୍ବା ବ୍ୟାଙ୍କ ମାଧ୍ୟମରେ ଋଣ ମଞ୍ଜୁର କରାଯାଇ କୃଷକର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରାଯିବାର ଉଦ୍ୟମ କରାଯାଉଛି। ଚକବନ୍ଦୀ ନିୟମର ପ୍ରୟୋଗ ଓ ଜଳସେଚନର ବିପୁଳ ପ୍ରସାର ଘଟାଇ ସରକାର ଅଧିକ ଶସ୍ୟ ଅମଳର ପ୍ରୋତ୍ସାହନ କୃଷକ ପାଇଁ ସୃଷ୍ଟି କରୁଛନ୍ତି। କୃଷକର ପାରିବାରିକ ସମୃଦ୍ଧି ଘଟାଇବା ଲକ୍ଷ୍ୟରେ କୃଷି 'ବୀମା ଯୋଜନା' କାର୍ଯ୍ୟକାରୀ କରାଯାଉଛି। ଦୂରଦର୍ଶନ, ରେଡ଼ିଓ ଓ ଚଳଚ୍ଚିତ୍ର ମାଧ୍ୟମରେ ଉନ୍ନତ ବିହନ, ଆଧୁନିକ କୃଷି ଉପକରଣ ସହ କୃଷିପ୍ରଣାଳୀ ତଥା ଉତ୍ପାଦନ ବୃଦ୍ଧିର ବିଭିନ୍ନ ବିଜ୍ଞାନସମ୍ମତ ଉପାୟ ଅନୁସରଣର ଦୃଶ୍ୟ ତଥା ପରାମର୍ଶ ପ୍ରଦର୍ଶନ କରାଯାଉଛି।

ବହୁ ଅସୁବିଧାକୁ ସେ ପାଥେୟ କରି ତା'ର କୁଟୁମ୍ବ ପ୍ରତିପୋଷଣ କରୁଥିବା ଚିତ୍ର ସ୍ମୃତିକୁ ଆସିଥାଏ। କୃଷକର ସନ୍ତାନମାନେ ଆର୍ଥିକ ଅନଟନରୁ ସୁଷମ ଖାଦ୍ୟ ଖାଇବାକୁ ପାଆନ୍ତି ନାହିଁ। ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବା ଏବଂ ଶିକ୍ଷାଲାଭ କରିବାରେ ଅର୍ଥାଭାବ ହିଁ କୃଷକ ପାଇଁ ଘୋର ଅନ୍ତରାୟ ସୃଷ୍ଟି କରେ। ଶିକ୍ଷାଭାବରୁ କୃଷକର ଅବସ୍ଥାର ଉନ୍ନତି ହୋଇପାରେ ନାହିଁ କିମ୍ବା ସେ ତା'ର ଅସୁବିଧାର ପ୍ରତିକାର ପାଇଁ ସରକାରଙ୍କର ତଥା ଶିକ୍ଷିତ ସମାଜର ଦୃଷ୍ଟି ଆକର୍ଷଣ କରିପାରେ ନାହିଁ। ଶାରୀରିକ ତଥା ମାନସିକ ଅସନ୍ତୁଳନ ତା'ର ସମୃଦ୍ଧିର ମାନଦଣ୍ଡକୁ ଦୋଦୁଲ୍ୟମାନ କରିଦିଏ।

କୃଷି ହିଁ ଆମର ଜାତୀୟ ସମ୍ପଦ ଆଉ କୃଷକ ହିଁ ଆମ ଜାତୀୟ ସମୃଦ୍ଧି-ନୌକାର କାଣ୍ଡାରି। ସ୍ଥୂଳତଃ କୃଷକର ପାରିବାରିକ, ଆର୍ଥିକ ଓ ନୈତିକ ଜୀବନର ସମୃଦ୍ଧି ସାଧନ ନିମନ୍ତେ ପ୍ରତ୍ୟେକଙ୍କର ତଥା ଜାତୀୟ ସରକାରଙ୍କର ଅକୁଣ୍ଠ ସାହାଯ୍ୟର କ୍ଷେତ୍ର ଉନ୍ମୁକ୍ତ ହେବା ବାଞ୍ଛନୀୟ। 'ଜୟ କିଷାନ୍' ଧ୍ୱନି କେବଳ ଆହ୍ୱାନର ପାଥେୟ ନ ହୋଇ ଅବଦାନର ଅବଲମ୍ବନ ହେଉ- ଏହା ହିଁ ନୂତନ ଶତାବ୍ଦୀର ଅଭୀପ୍ସା।

**(ଖ)** ମାନବ ମନର କର୍ମକ୍ଳାନ୍ତି ଦୂର କରି ନୂତନ କର୍ମ ସ୍ପୃହାର ବିକାଶ କରିବା ନିମନ୍ତେ କ୍ରୀଡ଼ା ହିଁ ଏକ ଅପରିହାର୍ଯ୍ୟ ଉପାଦାନ। କ୍ରୀଡ଼ା ହିଁ ଜୀବନ ଅୟମାରମ୍ଭର ସୂଚନା ଦେଇ ଏହାର ଅନୁପସ୍ଥିତି ଜୀବନାବସାନର ନିଦର୍ଶନ ହୋଇଥାଏ। ସ୍ଥୂଳତଃ, କ୍ରୀଡ଼ା ହିଁ ଜୀବନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିକାଲିର ଜନପ୍ରିୟ କ୍ରୀଡ଼ାଗୁଡ଼ିକ ମଧ୍ୟରୁ କ୍ରିକେଟ, ଫୁଟବଲ, ବାସ୍‌କେଟ ବଲ, ହକି, ଭଲିବଲ, କବାଡ଼ି, ଡୁ-ଡୁ, ବ୍ୟାଡ୍‌ମିଣ୍ଟନ ଆଦି ପ୍ରଧାନ।

ଉପରୋକ୍ତ କ୍ରୀଡ଼ାଗୁଡ଼ିକ ମଧ୍ୟରୁ କ୍ରିକେଟ୍ ହିଁ ମୋର ଅତିପ୍ରିୟ ଖେଳ। ଆଜିର ବିଶ୍ୱରେ ଏହି କ୍ରିକେଟ୍ ସର୍ବାଧିକ ଜନପ୍ରିୟ ଖେଳ କହିଲେ ବୋଧେ ସତ୍ୟର ଅପଲାପ ହେବ ନାହିଁ। ଆଜିକାଲି କ୍ରିକେଟ୍ ଖେଳର ସିଧା ପ୍ରଦର୍ଶନ ଦୂରଦର୍ଶନ ମାଧ୍ୟମରେ କରାଯାଉଥିବାରୁ ଏହାର ଜନପ୍ରିୟତା ଅଧିକ ବୃଦ୍ଧି ପାଇବା ସ୍ୱାଭାବିକ; ଅବଶ୍ୟ ଦୁଃଖ ତଥା ପରିତାପର ବିଷୟ ଯେ, ଛାତ୍ରଛାତ୍ରୀ ଏବଂ କର୍ମଚାରୀଗଣ ଦୂରଦର୍ଶନରେ ଏହି କ୍ରୀଡ଼ାକୁ ଅବଲୋକନ କରି ନିଜ ନିଜର କର୍ମକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଛନ୍ତି।

କ୍ରିକେଟ୍ ଖେଳର ଜନ୍ମଭୂମି ଇଂଲଣ୍ଡ। ଏଣୁ ସେଠାରେ ଏହା ଜାତୀୟ କ୍ରୀଡ଼ାର ସମ୍ମାନଲାଭ କରିଥିବାବେଳେ ଭାରତ, ପାକିସ୍ତାନ, ବାଂଗଲାଦେଶ, ଓ୍ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଆଫ୍ରିକା, ନିଉଜିଲାଣ୍ଡ ଓ ଆମେରିକାଭଳି ଦେଶଗୁଡ଼ିକ ଏହି କ୍ରୀଡ଼ାରେ ନିଜ ନିଜ କୃତିତ୍ୱ ପ୍ରଦର୍ଶନକୁ ଏକ ଗୌରବଭାବେ ବିଚାର କରୁଛନ୍ତି।

ତେବେ ଏହି ଖେଳ ନିମନ୍ତେ ଏକ ବିଶାଳ ପ୍ରାଙ୍ଗଣର ଆବଶ୍ୟକତା ଅଛି। କ୍ରୀଡ଼ା ପ୍ରାନ୍ତର ସବୁଜ ଘାସର ଆସ୍ତରଣରେ ପରିଶୋଭିତ ହେବା ମଧ୍ୟ ବାଞ୍ଛନୀୟ। ଏହାର ମଧ୍ୟଭାଗରେ ରହିଥାଏ କ୍ରିଜ୍, ଏହାର ଲମ୍ବ ବାଇଶି ଗଜ ଓ ପ୍ରସ୍ଥ ପାଞ୍ଚଫୁଟ। ତାହା ଦୁଇ ପାଖରେ ଦୁଇ ସେଟ୍ ଓ୍ୱିକେଟ୍ ରହିଥାଏ। ପ୍ରତି ସେଟ୍‌ରେ ତିନିଗୋଟି ଷ୍ଟମ୍ପ୍ ଓ ଦୁଇଟି ବେଲ୍ ରହିଥାଏ। ଷ୍ଟମ୍ପ୍‌ଗୁଡ଼ିକ ମାଟି ଉପରେ ସିଧା ପୋତି ବେଲ୍ ସାହାଯ୍ୟରେ ସେଗୁଡ଼ିକୁ ସଂଯୋଗ କରି ଦିଆଯାଏ। ଏହା ହିଁ ଖେଳର ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ଖେଳପାଇଁ ଦୁଇଟି ବ୍ୟାଟ୍ ଓ ଗୋଟିଏ କ୍ରିକେଟ୍ ବଲ ଆବଶ୍ୟକ।

ଦୁଇଟି ଦଳ ମଧ୍ୟରେ ଏହି ଖେଳ ହେବାବେଳେ ଗୋଟିଏ ଗୋଟିଏ ଦଳର ପୋଷାକ ନିର୍ଦ୍ଦିଷ୍ଟ ରଙ୍ଗର ହୋଇଥାଏ। ଖେଳାଳିମାନେ ହେଲମେଟ୍, ପ୍ୟାଡ଼ ଓ ଗ୍ଲୋଭସ୍ ପିନ୍ଧି ଯଥାକ୍ରମେ ନିଜ ନିଜର ମୁଣ୍ଡ, ଗୋଡ଼ ଓ ଦୁଇ ହାତର ନିରାପତ୍ତା ରକ୍ଷା କରିଥା'ନ୍ତି। କ୍ରୀଡ଼ା ଅନୁଷ୍ଠିତ ହେବା ସମୟରେ ଅମ୍ପାୟର ହିଁ ସମସ୍ତ ନିଷ୍ପତ୍ତି ନେଇଥା'ନ୍ତି।

ପ୍ରତ୍ୟେକ ଦଳରେ ଏଗାରଜଣ ଖେଳାଳିକୁ ନେଇ ଖେଳ ଆରମ୍ଭ ହୁଏ। ଗୋଟିଏ ଦଳ ବ୍ୟାଟିଂ କଲାବେଳେ ଅନ୍ୟ ଦଳ ଫିଲ୍‌ଡ଼ିଙ୍ଗ୍ କରେ। କେଉଁ ଦଳ କ'ଣ କରିବେ ତାହା ଧର୍ମଗୁଳା ସାହାଯ୍ୟରେ ନିରୂପଣ ହୁଏ। ଖେଳ ଆରମ୍ଭ ହେଲେ, ବ୍ୟାଟିଂ କରୁଥିବା ଦଳର ଦୁଇଜଣ ବ୍ୟାଟ୍ ଧରି ସେହି କାମ ଆରମ୍ଭ କରନ୍ତି। ଅନ୍ୟ ନ'ଜଣ ପଡ଼ିଆ ବାହାରେ ରହିଥା'ନ୍ତି। ଫିଲ୍‌ଡ଼ିଙ୍ଗ କରୁଥିବା ଦଳ ନିର୍ଦ୍ଦିଷ୍ଟ ନିୟମ ପରିସରରେ ବ୍ୟାଟିଂକୁ ପରାହତ କରିବାକୁ ଏବଂ ସେମାନେ କିପରି କମ୍ ରନ୍ ସଂଗ୍ରହ କରିବେ ସେଥିପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିଥା'ନ୍ତି। ଯଥାବିଧି ଖେଳ ଆରମ୍ଭ ହୁଏ। ଫିଙ୍ଗାଳି ଫିଙ୍ଗୁଥିବା ବଲ୍‌କୁ ବ୍ୟାଟ୍‌ରେ ପିଟି ଗୋଟିକ ପରେ ଗୋଟିଏ ରନ୍ ସଂଗ୍ରହ କରାଗଲାବେଳେ ପଡ଼ିଆରେ ଚିହ୍ନିତ ସୀମାକୁ ବଲ୍ ଅତିକ୍ରମ କଲେ, ଏକକାଳୀନ ଚାରି ରନ୍ ଓ ଶୂନ୍ୟରେ ସୀମା ଅତିକ୍ରମ କରାଇ ପାରିଲେ ଛଅ ରନ୍ ସଂଗୃହୀତ ହୁଏ; ଅବଶ୍ୟ ଫିଲ୍‌ଡ଼ିଂ କରୁଥିବା ଦଳର ଖେଳାଳି ଶୂନ୍ୟରେ ଗତି କରୁଥିବା ବଲ୍‌କୁ ଶୂନ୍ୟରୁ ଧରିନେଲେ ବ୍ୟାଟ୍‌ସମ୍ୟାନ୍‌କୁ ଆଉଟ୍ ଘୋଷଣା କରାଯାଏ। ଏହିପରି ବିଭିନ୍ନ ସ୍ଥିରୀକୃତ ନିୟମରେ ଖେଳାଳି ଜଣେ ଆଉଟ ହୋଇଗଲେ, ଅନ୍ୟଜଣେ ଆସି ବ୍ୟାଟିଂ କରେ। ସମସ୍ତ ଖେଳାଳି ଆଉଟ୍ ହେବାପରେ ଅଥବା ନିର୍ଦ୍ଧାରିତ ଓଭର ଖେଳ ଶେଷ ହେବା ପରେ ଅନ୍ୟଦଳଟି ବ୍ୟାଟିଂ ଓ ବ୍ୟାଟିଂ କରୁଥିବା ଦଳଟି ଫିଲ୍‌ଡ଼ିଂ କରେ। ପ୍ରତ୍ୟେକ ଦଳର ସଂଗୃହୀତ ରନ୍‌ଗୁଡ଼ିକ ହିସାବକୁ ନେଇ ବିଜିତ ଓ ପରାଜିତ ଦଳ ସ୍ଥିର ହୁଏ। ଖେଳ ଶେଷରେ ନିଷ୍ପତ୍ତି ଅନୁଯାୟୀ ବିଜିତ ଦଳକୁ କପ୍, ସିଲ୍ଡ଼ ବା ଟ୍ରଫି ପ୍ରଦାନ କରାଯାଏ। ଏହି କ୍ରୀଡ଼ା ଅନୁଷ୍ଠିତ ହେଉଥିବା ସମୟରେ ଦର୍ଶକମାନଙ୍କର ଉତ୍ସାହ ଓ ଆନନ୍ଦ ଧ୍ୱନିରେ ସମଗ୍ର ପ୍ରାନ୍ତର ତଥା ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମୁଖରିତ ହୋଇଯାଏ।

ଆଜିକାଲି କ୍ରିକେଟ୍ ଆନ୍ତର୍ଜାତିକ କ୍ରୀଡ଼ାର ମାନ୍ୟତାଲାଭ କରିଛି। ଏହି ସ୍ତରରେ କ୍ରୀଡ଼ା ଅନୁଷ୍ଠିତ ହେଲେ ବିଜେତାମାନଙ୍କୁ ବିଶ୍ୱକପ୍, ସାରଜାହା କପ୍, ଏସିଆ କପ୍ ଆଦି ପ୍ରଦାନ କରାଯାଉଛି। ଜାତୀୟ ସ୍ତରରେ ଆମ ଦେଶରେ ରଣଜି ଟ୍ରଫି, ସି.କେ.ନାଇଡ଼ୁ ଟ୍ରଫି, ଦେଓଧର ଟ୍ରଫି ଆଦି ପ୍ରଦାନ କରାଯାଉଛି। କ୍ରିକେଟ୍‌ର ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ କପିଳଦେବ, ଗାଭାସ୍କର, ସଚିନ୍ ତେନ୍ଦୁଲକର, ରବିଶାସ୍ତ୍ରୀ ଆଦି ପ୍ରଧାନ। ଆମ ପ୍ରଦେଶର ଦେବାଶିଷ ମହାନ୍ତି ଓ ଶିବସୁନ୍ଦର ଦାସଙ୍କ କୃତିତ୍ୱ ପାଇଁ ଆମର ଗୌରବ ବୃଦ୍ଧିପାଇଛି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଏହି କ୍ରୀଡ଼ାର ଆଦର ଓ ଗୌରବ ସ୍ୱାଗତଯୋଗ୍ୟ; ମାତ୍ର ଦର୍ଶକମାନେ ସମୟର ଅପଚୟ କରି ଏହାକୁ ସନ୍ଦର୍ଶନ କରିବା ଆଦୌ ସ୍ପୃହଣୀୟ ନୁହେଁ। ଏହି କ୍ରୀଡ଼ାପ୍ରତି ଅତ୍ୟଧିକ ଆସକ୍ତି ଅନେକ ଦୁଃଖଦ ଘଟଣା ସୃଷ୍ଟି କରୁଛି। ଛାତ୍ରଛାତ୍ରୀଗଣ ଏହାକୁ ଦେଖିବାରେ ସମୟଦେଇ ଅଧ୍ୟୟନ କାର୍ଯ୍ୟରେ ଅବହେଳା କରିବା ଅତ୍ୟନ୍ତ ପରିତାପର ବିଷୟ।

ତେବେ ଏହି କ୍ରୀଡ଼ା ଅନ୍ୟସମସ୍ତ କ୍ରୀଡ଼ା ମଧ୍ୟରେ ମୋପାଇଁ ଅଧିକ ଆନନ୍ଦଦାୟକ; ଅବଶ୍ୟ ଏହାକୁ ଦେଖି ଆନନ୍ଦ ଅନୁଭବ କରିବାରେ ସମୟ ନଷ୍ଟର ମୁଁ ପକ୍ଷପାତୀ ନୁହେଁ।

**(ଗ)** ପାଞ୍ଚକଥା ଜାଣିଥିବା ମନ ଚାହିଁବସିଥାଏ ଆଉ କିଛି ଜାଣିବାକୁ। ଆଉ ବେଙ୍ଗ କହେ, ବେଙ୍ଗୁଲୀ ଲୋ, ପୃଥିବୀ କ୍ଷଣକ୍ଷଣକେ ଆନ। ଆମ ଘରିପାଖେ ସବୁବେଳେ ନାନାକଥା ଘଟିଯାଉଛି। ସେଇ ଘଟୁଥିବା କଥାଗୁଡ଼ିକ ଖବର ବା ସମ୍ବାଦ। ଯେଉଁ କାଗଜ ଆମକୁ ସମ୍ବାଦ ଆଣିଦିଏ ତାହା ସମ୍ବାଦପତ୍ର। ସମ୍ବାଦପତ୍ର ଏକ ଗଣମାଧ୍ୟମ। ଏହାର ଏକ ଲମ୍ବା କାହାଣୀ ଅଛି। ବୋଧହୁଏ ମହାଭାରତରେ ସଞ୍ଜୟଙ୍କୁ ଆଦି ସାମ୍ବାଦିକ ବୋଲି ଧରାଯିବ। ମହାଭାରତ ଯୁଦ୍ଧର ସମସ୍ତ ସମ୍ବାଦ ସେ କହୁଥିଲେ ମହାରାଜା ଧୃତରାଷ୍ଟ୍ରଙ୍କୁ।

ଛପା ସମ୍ବାଦପତ୍ର ପୃଥିବୀରେ ପ୍ରଥମେ ଚୀନ୍‌ରେ ବାହାରିଥିବା କଥା କୁହାଯାଏ। କେହି କେହି ଇଟାଲୀର ଭେନିସ୍‌କୁ ଏହାର ପ୍ରଥମ ଏନ୍ତୁଡ଼ିଶାଳ ବୋଲି ସ୍ୱୀକୃତି ଦିଅନ୍ତି। ଭାରତରେ ମୋଗଲମାନଙ୍କ ଶାସନ କାଳରେ କିଛି ଖବରକାଗଜ ପ୍ରଚଳିତ ଥିବାର ଜଣାଯାଇଛି; ମାତ୍ର ଏହା ନିୟମିତ ନଥିଲା ଏବଂ ଜନସାଧାରଣଙ୍କ ପାଇଁ ଏହାର କୌଣସି ଉପଯୋଗିତା ନଥିଲା। ଇଂରେଜମାନେ ପ୍ରଥମେ ୧୭୮୦ରେ 'ବେଙ୍ଗଲ ଗେଜେଟ୍' ନାମକ ସମ୍ବାଦପତ୍ର ପ୍ରକାଶ କଲେ। ଏହାପରେ 'ଇଣ୍ଡିଆ ଗେଜେଟ୍', 'କାଲାକାଟା ଗେଜେଟ୍' ଇତ୍ୟାଦି ପ୍ରକାଶିତ ହେଲା। ପ୍ରକାଶଥାଉ କି ଏସବୁ ପ୍ରଥମେ ଇଂରେଜୀରେ ଛପା ହେଉଥିଲା। ଇଂରେଜୀ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ବିଭିନ୍ନ ଭାରତୀୟ ଭାଷାରେ ମଧ୍ୟ ଖବରକାଗଜ ପ୍ରକାଶ ପାଇଲା। ଓଡ଼ିଶାରେ ସାଧୁ ସୁନ୍ଦର ଦାସ ପ୍ରଥମେ 'କୁଜିବର ପତ୍ରିକା' ପ୍ରକାଶ କରୁଥିବା ଜଣାଯାଏ। ଏହାପରେ ଗୌରୀଶଙ୍କର ରାୟ 'ଉତ୍କଳ ଦୀପିକା' ପ୍ରକାଶ କଲେ। ଉତ୍କଳଦୀପିକା ୧୮୬୬ରୁ ୧୯୩୪ ଯାଏ ଚାଲିଥିଲା। ଏଇ ସମୟରେ 'ବାଲେଶ୍ୱର ସମ୍ବାଦବାହିକା', 'ସମ୍ବଲପୁର ହିତୈଷିଣୀ', 'ଗଡ଼ଜାତ ବାସିନୀ', 'ଆଶା' ପ୍ରଭୃତି ବିଭିନ୍ନ ସମ୍ବାଦପତ୍ର ପ୍ରକାଶ ପାଇଲା। ବର୍ତ୍ତମାନ ସମାଜ, ପ୍ରଜାତନ୍ତ୍ର, ସମ୍ବାଦ, ଧରିତ୍ରୀ, ଖବର, ହୀରାଖଣ୍ଡ, କୁରୁକ୍ଷେତ୍ର ପ୍ରଭୃତି ଓଡ଼ିଆ ଭାଷାରେ ଏବଂ ଓଡ଼ିଶା ପୋଷ୍ଟ ଭଳି ଦୈନିକ ଇଂରାଜୀ ଖବରକାଗଜ ଓଡ଼ିଶାରେ ପ୍ରକାଶ ପାଉଛି। ଭାରତରେ ଦ' ହିନ୍ଦୁ, ଦ' ହିତବାଦ୍, ଦ' ନବଭାରତ, ଦ' ଷ୍ଟେଟ୍‌ସମ୍ୟାନ, ଦ' ଅମୃତ ବଜାର ପତ୍ରିକା ଭଳି ବିଖ୍ୟାତ ଇଂରାଜୀ ଦୈନିକ ଅଛି। ଋଷର ପ୍ରଭଦା, ଇଂଲଣ୍ଡର ଦ' ଗାର୍ଡ଼ିଆନ୍ ଓ ଆମେରିକାର ନିୟୁଅର୍କ ଟାଇମ୍‌ସ ବିଶ୍ୱବିଖ୍ୟାତ।

ସମ୍ବାଦପତ୍ର ପ୍ରକାଶନ ପାଇଁ ବହୁ ଅର୍ଥ ପ୍ରୟୋଜନ। ଏହାର ସମ୍ପାଦନା ପାଇଁ ମୁଖ୍ୟ ସମ୍ପାଦକ, ସହ-ସମ୍ପାଦକ, ବିଭିନ୍ନ ବିଭାଗୀୟ ସମ୍ପାଦକ ଥା'ନ୍ତି। ସେମାନେ ସାମ୍ବାଦିକ ଓ ସମ୍ବାଦଦାତାଙ୍କ ମାଧ୍ୟମରେ ଖବର ସଂଗ୍ରହ କରନ୍ତି। ଭାରତରେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ, ଇଷ୍ଟର୍ଣ୍ଣ ମେଡ଼ିଆ, ହିନ୍ଦୁସ୍ଥାନ ସମାଚାର ଭଳି ସମ୍ବାଦ ସଂସ୍ଥା ମଧ୍ୟ ଖବର ଯୋଗାନ୍ତି। ସମ୍ବାଦପତ୍ର ପରିଚାଳନା, ପ୍ରସାରଣ ଅନ୍ୟଏକ ଦିଗ। ଏଗୁଡ଼ିକ ମୁଦ୍ରଣପାଇଁ ବିରାଟ ପ୍ରେସ୍ ଓ ବହୁ କର୍ମଚାରୀ ନିଯୁକ୍ତ ଥା'ନ୍ତି। ସହର ଓ ଗ୍ରାମାଞ୍ଚଳରେ ପ୍ରତି ସମ୍ବାଦପତ୍ରର ଏଜେଣ୍ଟମାନଙ୍କ ଦ୍ୱାରା ଏହା ଲୋକଙ୍କ ପାଖକୁ ଯାଏ।

ଲୋକେ ଆକାଶବାଣୀ ଓ ଦୂରଦର୍ଶନରୁ ସମ୍ବାଦ ପାଆନ୍ତି। ତଥାପି ଖବରକାଗଜକୁ ଚାହିଁବସିଥା'ନ୍ତି। ଅଳ୍ପ ପଇସାରେ ଖବରକାଗଜ ଦେଶ, ବିଦେଶ ଓ ସ୍ଥାନୀୟ ସମ୍ବାଦ, ଖେଳକୁଦର କଥା, ସିନେମା, କଳା, ସାହିତ୍ୟର ସମ୍ବାଦ, ବିଜ୍ଞାପନ, ପାଠକୀୟ ମତାମତ ବାଢ଼ିଦିଏ। ଖବରକାଗଜ ଲୋକଙ୍କର ବିଭିନ୍ନ ଆବଶ୍ୟକତା ଓ କୌତୂହଳକୁ ସନ୍ତୁଷ୍ଟ କରେ। ଆକାଶବାଣୀ ବା ଦୂରଦର୍ଶନ ସମୟ ଅନୁସାରେ ଖବର ପଢ଼ିବେ। ଖବରକାଗଜ ଅସମୟରେ ବି ସମ୍ବାଦ ଯୋଗାଇ ପାରିବ। ଖବରକାଗଜ ଲୋକମତକୁ ଠିକ୍ ବାଟରେ ନିଏ। ସରକାରଙ୍କୁ ବି ବାଟ ଦେଖାଏ। ବେଳେବେଳେ ଭୁଲ୍ ସମ୍ପାଦନା ଯୋଗୁଁ ପାଠକମାନଙ୍କୁ ଏହା ବିଭ୍ରାନ୍ତ ବି କରେ। ନ'ଅଙ୍କ ଦୁର୍ଭିକ୍ଷ ବେଳେ ଇଂରେଜ ସରକାରଙ୍କ ଦୋଷତ୍ରୁଟି ଦେଖାଇ ଓଡ଼ିଆମାନଙ୍କୁ ବଞ୍ଚେଇଥିଲା।

ଖବରକାଗଜକୁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ। ନେପୋଲିୟନ୍ କହୁଥିଲେ, ମୋତେ ଗୋଟେ ଖବରକାଗଜ ଦେଲେ ମୁଁ ଗୋଟେ ଦେଶ ଜୟ କରିପାରିବି। ଏଥିରୁ ସମ୍ବାଦପତ୍ରର ପ୍ରଭାବ ସହଜରେ ଅନୁମେୟ।

**୧୪।**

ଭୁବନେଶ୍ୱର,
ତା-୧୦.୧.୨୦୨୦

ଆୟୁଷ୍ମାନ୍ ବିନୋଦ,

ମୋର ଶୁଭାଶିଷ ନେବୁ । ଗତକାଲି ବାପା ପଠାଇଥିବା ପତ୍ରଟି ଡାକବାଲାଠାରୁ ପାଇଲି । ଘରର ବିଭିନ୍ନ ଅବସ୍ଥା ସହ ତୋ ସମ୍ବନ୍ଧରେ ମଧ୍ୟ ବାପା ଲେଖିଥିଲେ । ତୁ ମନଦେଇ ପଢୁଛୁ ଓ ବିଶ୍ରାମ ସମୟରେ ଦୂରଦର୍ଶନ ଦେଖିବାରେ ବ୍ୟୟ କରୁଛୁ ବୋଲି ଜାଣିଲି । କ୍ରୀଡ଼ା ତଥା ଖେଳକସରତ ସହ ତୋର ଆଦୌ ସମ୍ବନ୍ଧ ନାହିଁ । ତୁ ଛୁଟିଦିନଗୁଡ଼ିକରେ ଘରେ ଖେଳୁନାହୁଁ କିମ୍ବା ବିଦ୍ୟାଳୟରେ ମଧ୍ୟ ସେଥିପ୍ରତି ଧ୍ୟାନ ନ ଥିବାର ବାପା ଅବଗତ ହୋଇଛନ୍ତି ବୋଲି ଲେଖିଥିବାର ପଢ଼ିଲି । ଏଥିପାଇଁ ଏହି ପତ୍ରଟିରେ କ୍ରୀଡ଼ାର ଉପଯୋଗିତା ସମ୍ପର୍କରେ ଲେଖୁଛି । ତାହା ପଢ଼ିବୁ ଓ ତହିଁରେ ଅଂଶଗ୍ରହଣ କରିବୁ ।

ତୁ ଜାଣିଛୁ, ଆମର ଶରୀର ଓ ମନ ପରସ୍ପର ନିର୍ଭରଶୀଳ । ଶରୀର ସୁସ୍ଥ ରହିଲେ ମନ ଶାନ୍ତ, ସ୍ଥିର ଓ ଗ୍ରହଣକ୍ଷମ ହୁଏ । ସେହିପରି ମନ ସୁସ୍ଥ ହେଲେ, ଶରୀର ସୁସ୍ଥ ଓ ସ୍ୱଚ୍ଛ ରହେ । ସର୍ବୋପରି ଖେଳକସରତ ଦ୍ୱାରା ମନ ପ୍ରଫୁଲ୍ଲ ରହେ ଏବଂ ମନ ପ୍ରଫୁଲ୍ଲ ରହିଲେ ପାଠପଢ଼ାରେ ଆଗ୍ରହ ଜନ୍ମେ । ଏଣୁ ମନ ଓ ଶରୀର ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ । ଗୋଟିକର ସୁସ୍ଥତା ବିନା ଅନ୍ୟଟିର ସୁସ୍ଥତା ଆଶା କରିବା ବୃଥା । ଏଇଥିପାଇଁ ତ କୁହାଯାଇଛି, ''ସ୍ୱାସ୍ଥ୍ୟ ହିଁ ପରମ ସମ୍ପଦ ବା Health is the wealth'' । ଖେଳକୁଦ ଦ୍ୱାରା ଶାରୀରିକ ଅଙ୍ଗଚାଳନା ହେତୁ ଶରୀରରୁ ପ୍ରଚୁର ଝାଳ ନିର୍ଗତ ହୋଇ ରକ୍ତରୁ ଦୂଷିତ ବର୍ଜ୍ୟବସ୍ତୁ ବାହାରିଯାଏ । ପରିଶ୍ରମ ହିଁ ଆମର ଶ୍ୱାସକ୍ରିୟାକୁ ସନ୍ତୁଳିତ କରିବା କ୍ଷେତ୍ରରେ ଉପଯୋଗୀ ହୋଇଥାଏ ଏବଂ ଅଙ୍ଗପ୍ରତ୍ୟଙ୍ଗକୁ ସୁନ୍ଦର ଓ ସୁଗଠିତ କରି ଆମକୁ ଦୀର୍ଘ ନିରାମୟ ଜୀବନଯାପନରେ ସହାୟତା ଯୋଗାଇଥାଏ । ଆଉ ମଧ୍ୟ ବନ୍ଧୁମାନଙ୍କ ସହ ଭାବବିନିମୟ ହେବାର ସୁଯୋଗ ମିଳେ । ଏହା ମାନସିକ ଅବସାଦକୁ ଦୂର କରି ବୃଥା ଉତ୍ତେଜନା ଓ ଅଶାନ୍ତିକୁ ପ୍ରଶମିତ କରେ । ସ୍ଥୂଳତଃ କ୍ରୀଡ଼ା ସୁସ୍ଥ ଜୀବନପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା; ପରନ୍ତୁ ଅତ୍ୟଧିକ କ୍ରୀଡ଼ା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ତେଣୁ ପ୍ରତ୍ୟହ ତୁ କିଛି ସମୟ ଖେଳକୁଦରେ ବିତାଇବା ସଙ୍ଗେ ସଙ୍ଗେ ପଢ଼ାପଢ଼ିରେ ମନୋନିବେଶ କଲେ ଶରୀର ଆଉ ମନର ସନ୍ତୁଳିତ ଅଭିବୃଦ୍ଧି ହେବ ।

ଆଶାକରୁଛି, ତୁ ମୋ ପରାମର୍ଶ ପାଳନ କରିବୁ । ବାପା ଓ ବୋଉଙ୍କୁ ପ୍ରଣାମ ଜଣାଇଦେବୁ । ଚୁନିକୁ ମୋର ସ୍ନେହାଶିଷ ଦେବୁ । ସୁବିଧା ଦେଖି ପତ୍ର ଦେବାକୁ ଭୁଲିବୁ ନାହିଁ ।

ତୋର ଶୁଭାନୁଧ୍ୟାୟୀ
ଭାଇନା

| **ଠିକଣା** | **ଟିକେଟ** |
|---|---|
| ପ୍ରେରକ | ଗ୍ରାହକ |
| ନିହାର ରଞ୍ଜନ ମିଶ୍ର | ବିନୋଦ ବିହାରୀ ମିଶ୍ର |
| ୟୁନିଟ୍-୧ , ବାଳକ ଉଚ୍ଚ ବିଦ୍ୟାଳୟ | ଜଟଣୀ, ଗାନ୍ଧିନଗର, ଘ.ନଂ-୫୧ |
| ଭୁବନେଶ୍ୱର | ପୋଷ୍ଟ-ଜଟଣୀ, ଜି- ଖୋର୍ଦ୍ଧା |
| ପିନ୍- .............. | ପିନ୍- ...................... |

**କିମ୍ବା,**

ମାନନୀୟ ଶ୍ରୀଯୁକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ
ଜଗତ୍‌ସିଂହପୁର ବ୍ଲକ୍, ମହୋଦୟେଷୁ ।
(ରାଜସ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ଜରିଆରେ)

**ବିଷୟ :** ବାତ୍ୟାରେ ଭାଙ୍ଗିଥିବା ଗୃହ ସଜାଡ଼ିବା ପାଇଁ ସାହାଯ୍ୟ।

ମହାଶୟ,

ନିବେଦ୍ୟାଭିପ୍ରାୟ ଏହିକି ଯେ ମୁଁ ଦୁର୍ଗାମାଧବ ସାହୁ, ରାଜସ ଗ୍ରାମପଞ୍ଚାୟତ ଅଧୀନସ୍ଥ ସିପି ଗ୍ରାମର ଅଧିବାସୀ ଅଟେ। ଗତ ବାତ୍ୟାରେ ମୋର ଘରଟକ ସଂପୂର୍ଣ୍ଣ ଭାଙ୍ଗି ମାଟିରେ ମିଶିଯାଇଛି। ନିଜର ପରିବାର ଓ ଗୃହପାଳିତ ପଶୁଙ୍କୁ ଧରି ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟର ବାରଣ୍ଡାରେ ଆଶ୍ରୟ ନେଇଛି। ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ଖଣ୍ଡିଏ ନ ଥିବାରୁ ବହୁ ଦୁଃଖକଷ୍ଟରେ କାଳାତିପାତ କରୁଛି। ଆପଣଙ୍କୁ ଏଥିସହିତ ନିବେଦନ କରେ କି ଆପଣ ନିଜେ ଏ ଘଟଣାଟିର ସତ୍ୟାସତ୍ୟ ଅନୁସନ୍ଧାନ କଲେ ପ୍ରକୃତ କଥା ଜାଣିପାରିବେ।

ଏଣୁ ବିନୀତ ଅନୁରୋଧ କରେ କି ଆପଣ ମୋର କଥାକୁ ବିଚାର କରି ଗୃହ ନିର୍ମାଣ ପାଇଁ ତୁରନ୍ତ ଅନୁଦାନ ପାଣ୍ଠିରୁ କିଛି ଅର୍ଥ ମଞ୍ଜୁରି କଲେ ଅଧୀନ ବହୁତ ଉପକୃତ ହେବ ।

ଆପଣଙ୍କର ବିଶ୍ୱସ୍ତ
ଦୁର୍ଗାମାଧବ ସାହୁ
ସିପିଗ୍ରାମ

ସିପିଗ୍ରାମ,
ତା-୧୦.୧.୨୦୨୦

ପ୍ରାପ୍ତେଷୁ
ଶ୍ରୀଯୁକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତ୍‌ସିଂହପୁର ବ୍ଲକ୍

**୧୫। (କ)** କେମ୍ବ୍ରିଜରେ ଛାତ୍ରମାନଙ୍କ ନିୟମାନୁବର୍ତ୍ତୀ ହେବାକୁ ପଡୁଥିଲା। ନିଜର ବିଳମ୍ବପାଇଁ ଟିଉଟରଙ୍କୁ ଉପଯୁକ୍ତ କୈଫିୟତ ଦେଇ ନ ପାରିଲେ କଲେଜରୁ ବିଦାୟ ନେବାକୁ ପଡୁଥିଲା। **(ଖ)** ସନ୍ଧ୍ୟାପରେ ଗାଉନ୍ ଓ କ୍ୟାପ୍ ପିନ୍ଧିବାକୁ ପଡ଼େ। ବିନା କ୍ୟାପ୍‌ରେ ବାହାରିଲେ ପ୍ରକ୍‌ଟରମାନେ ଜୋରିମାନା କରିଥାନ୍ତି। **(ଗ)** ପ୍ରକ୍‌ଟରମାନଙ୍କର ହାବୁଡ଼ରେ ଧରାପଡ଼ିଲେ ନିଜର ନାମ ଓ କଲେଜ ନାମ ଦେଇଥାନ୍ତି ଓ ପରଦିନ ସକାଳୁ ଜୋରିମାନା ପଠାଇଦିଅନ୍ତି। **(ଘ)** ବିଶ୍ୱବିଦ୍ୟାଳୟରେ ବହୁତ ବଡ଼ ବଡ଼ ରାଜନୈତିକ ବିଷୟମାନ ଚର୍ଚ୍ଚା ହୁଏ। ଏପରିକି ଭାରତକୁ ସ୍ୱାୟତ୍ତଶାସନ ନ ହେବା, ରକ୍ଷଣଶୀଳ ବା ଲିବରାଲ ସରକାର ଭଲ କି ମନ୍ଦ ମଧ୍ୟ ଚର୍ଚ୍ଚା ହୋଇଥାଏ। **(ଙ)** କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାଧୀନତା ଓ ଉନ୍ନତି ନିମନ୍ତେ ଯଥେଷ୍ଟ ସୁବିଧା ଅଛି।

❑❑❑

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୧ ଜାନୁୟାରୀ, ୨୦୨୦



> ଭଗବାନଙ୍କ ନାମ ଜପିଲେ, ମଣିଷର ଦେହ, ମନ ସବୁ ସୁଦ୍ଧ ହୋଇଯାଏ।
> - ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଖଣି ପରିବେଶ, ଖଣିଜ ସମ୍ପଦ ସୁରକ୍ଷା ସପ୍ତାହ

**କାଳିଆପାଣି,୨୦।୧(ଡିଏନ୍ଏ):** ଇମ୍ଫା କମ୍ପାନୀ ପକ୍ଷରୁ ପରିବେଶ ଓ ଖଣିଜ ସମ୍ପଦ ସୁରକ୍ଷା ସପ୍ତାହ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ, ଭୁବନେଶ୍ୱର ଜୋନ ପକ୍ଷରୁ ୨୨ତମ ଖଣି ପରିବେଶ ଓ ଖଣିଜ ସମ୍ପଦ ସୁରକ୍ଷା ସପ୍ତାହ ଏକ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଖଣି କାର୍ଯ୍ୟ ପରିସରରେ ଥିବା ଅଞ୍ଚଳର ପରିବେଶ ଓ ଉତ୍ପାଦିତ ଖଣିଜ ସମ୍ପଦ ସୁରକ୍ଷା ଏହି କାର୍ଯ୍ୟକ୍ରମର ପ୍ରାଥମିକତା। ସକାଳୁ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବାବେଳେ ପରିଦର୍ଶନ ମଣ୍ଡଳୀର ଆବାହକ ରାଉଲକେଲା ପେଙ୍ଗୁଇନ ଟ୍ରେନିଂ ଏଜେନ୍ସିର ମହାପ୍ରବନ୍ଧକ କେ.କେ. ସାହୁ ପରିଦର୍ଶନ କରିଥିବା ବେଳେ ପରିଦର୍ଶନ ମଣ୍ଡଳୀର ସଦସ୍ୟ ଖଣି ପରିଚାଳକ ସି.କେ.ରଥ, ଭୂତତ୍ତ୍ୱ ବିଭାଗ ପରିଚାଳକ ମନୋଜ ପଟ୍ଟନାୟକ ସହଯୋଗ କରିଥିଲେ। ସେହିପରି ମହାଗିରୀ ଖଣି ପରିଦର୍ଶନ ଆବାହକ ନିରଞ୍ଜନ କୁମାରଙ୍କ ନେତୃତ୍ୱରେ ଅର୍ଜୁନ ଦେହୁରୀ, ଟିକେ ସାହୁ ସହଯୋଗ କରିଥିଲେ। ଏହି ଅବସରରେ ଖଣି ଅଞ୍ଚଳର ୪ଟି ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ପରିବେଶ ଓ ଖଣିଜ ସମ୍ପଦ ସୁରକ୍ଷା ଉପରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଏକ ସଭାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହାଗିରୀ ମାଇନ୍ସର ପରିଚାଳକ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସୁକିନ୍ଦା ଖଣି ପରିଚାଳକ ମନୋଜ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଇମ୍ଫା ଖଣି ଉପସଭାପତି ସୁଧାଂଶୁ ପାଟ୍ଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ।

### ସାମାଜିକ କର୍ମୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଧର୍ମଶାଳା,୨୦।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତ ନମକନା (ଗୁଣ୍ଡିଲୋ) ଗ୍ରାମର ସମାଜିକ କର୍ମୀ ରାମଚନ୍ଦ୍ର ନାୟକଙ୍କ ଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଜିଲା ପୂଜ୍ୟପୂଜା ପରିଷଦ ଆନୁକୁଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଭିମନ୍ୟୁ ଧଳ ଅଧକ୍ଷତା କରିଥିବାବେଳେ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ, ନାରୀ ନେତ୍ରୀ ସ୍ମୃତି ରେଖା ପହୀ, ଶ୍ରୀନାଥ ମିଶ୍ର, ସନ୍ତୋଷ କୁମାର ଜେନା, ଶ୍ୟାମସୁନ୍ଦର ସାମଲ, ଶରତ ଚନ୍ଦ୍ର ସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ରାମ ଚନ୍ଦ୍ର ନାୟକ ଏକାଧାରାରେ ଜଣେ ସମାଜ ସେବୀ, ସମାଜ ସଂସ୍କାରକ, ଦିଗଦର୍ଶକ, ରାଜନେତା ସର୍ବୋପରି ଜଣେ କୃଷକ ନେତା ଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିବା ସହ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ପଣ୍ଡା, ପାଟପୁର ସରପଞ୍ଚ ନଗେନ ଦାସ, ଗଣେଶ୍ୱର ନାୟକ, ସତ୍ୟାନନ୍ଦ ମହାପାତ୍ର, ହିମାଂଶୁ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ହରିହର ମଲ୍ଲିକ, ରାମ ଚନ୍ଦ୍ର ରାଉତ, ମାନଗୋବିନ୍ଦ ଦାସ, ଯତିନ୍ଦ୍ର ଦାସ, ଶୁଭଶ୍ରୀ ନାୟକ, ଦେବସ୍ମିତା ନାୟକ, ନିରଞ୍ଜନ ଗନ୍ତାୟତ, ଗୋପି ନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଦୀପ ନିଆଁରୁ ଜଳିଗଲା ଘର

**ଛତିଆ,୨୦।୧(ଡିଏନ୍ଏ):** ବଡଚଣା ବ୍ଲକ୍ ଅନ୍ତର୍ଗତ ସୋଲର ପଞ୍ଚାୟତର ପାଇକରା ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୨ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ଗ୍ରାମ ନିକଟସ୍ଥ କେଏମ୍ସି ପଡିଆରେ ରାକେଶ ଲାଲ ସିଂଙ୍କ ସ୍ତ୍ରୀ ସୋମବାର ସନ୍ଧ୍ୟାରେ ଆଳତି କରିବା ପାଇଁ ଦୀପ ଲଗାଇ ବାହାରକୁ ଯାଇଥିଲେ। ଦୀପରୁ ନିଆଁ ଲାଗି ଘର ଜଳି ପାଉଁଶ ହୋଇଯାଇଥିଲା। ରାକେଶଙ୍କ ସ୍ତ୍ରୀ ଡାକ ପକାଇବାରୁ ସ୍ଥାନୀୟ ଲୋକେ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରଥିଲେ। ଏହା ସହିତ ସେ ତୁରନ୍ତ କିଛି ଆସବାବପତ୍ର ବାହାରକୁ ନେଇଆସିଥିଲେ ହେଁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ସୋଲର ସରପଞ୍ଚ ନୀଳମଣି ରାଉତ ପହଞ୍ଚି ରାକେଶଙ୍କୁ ଆଶ୍ୱାସନା ଦେବା ସହିତ ସରକାରୀ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଉପେକ୍ଷିତ ଟସର ଚାଷୀ

**ତୁତ, ଏଣ୍ଡିକୋଷା ଉତ୍ପାଦନ ନୈରାଶ୍ୟଜନକ**

- ମିଳୁନି ସରକାରୀ ପ୍ରୋତ୍ସାହନ
- ୨୦୧୮-୧୯ରେ ଜଣେ ଚାଷୀଙ୍କୁ ମିଳିଛି ପ୍ରୋତ୍ସାହନ ରାଶି

**ଯାଜପୁର ଅଫିସ,୨୦।୧**



ରାଜ୍ୟରେ ୨୦୧୮-୧୯ ବର୍ଷରେ ଟସର କୋଷା ୭୭୦୫୦ କାହାଣ, ତୁତ କୋଷା ୨୪୯୪୧ କିଲୋଗ୍ରାମ ଏବଂ ଏଣ୍ଡି କୋଷା ୬୫୯୦ କିଲୋଗ୍ରାମ ଉତ୍ପାଦନ ହୋଇଛି। ସେଥିରୁ ଯାଜପୁର ଜିଲାରେ ଟସର କୋଷା ମାତ୍ର ୩୩୮୬ କାହାଣ ଉତ୍ପାଦନ ହୋଇଥିବା ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ମୋହନଚରଣ ମାଝୀ ଗତ ନଭେମ୍ବରରେ ୧୬୫୪ ନମ୍ବର ବିଧାନସଭା ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି। ଅର୍ଥାତ ଟସର ଚାଷରେ ଦିନେ ପ୍ରସିଦ୍ଧି ଲାଭ କରିଥିବା ଯାଜପୁର ଜିଲାର ସୁକିନ୍ଦା ବ୍ଲକରେ ତୁତକୋଷା ଓ ଏଣ୍ଡି କୋଷା ଉତ୍ପାଦନ ଶୂନ ରହିଛି। ଏଥିରୁ ଯାଜପୁର ଜିଲାରେ ଟସର ଚାଷ ଉପରେ ସରକାର ଆଦୌ ଗୁରୁତ୍ୱ ଦେଉ ନ ଥିବା ସ୍ପଷ୍ଟ ହୋଇଛି। ରେଶମ ଉତ୍ପାଦନର ଅଭିବୃଦ୍ଧି ନିମନ୍ତେ କେନ୍ଦ୍ରୀୟ ଯୋଜନା 'ସିଲ୍କ ସମଗ୍ର' ରାଜ୍ୟରେ ୨୦୧୮-୧୯ ବର୍ଷରୁ କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୨୪୦ଜଣ ହିତାଧିକାରୀଙ୍କୁ ସମୁଦାୟ ୨୭୦.୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେଥିରୁ ଯାଜପୁର ଜିଲାର ମାତ୍ର ଜଣେ ହିତାଧିକାରୀଙ୍କୁ ୫୪ ହଜାର ଟଙ୍କା ପ୍ରୋତ୍ସାହନ ମିଳିଛି। ଏଥିରୁ ଯାଜପୁର ଜିଲାର ଟସର ଚାଷୀଙ୍କୁ କିଭଳି ପ୍ରୋତ୍ସାହନ ଦିଆଯାଉଛି ତାହା ସହଜେ ଅନୁମେୟ। ଏହାବାଦ ରେଶମ ସହିତ ନଡ଼ିଆ କତା, କଟନ, ଉଲ ଆଦି ମିଶ୍ରଣ କରି କିଛି ଅଭିନବ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଜିଲା ବହୁ ପଛରେ ରହିଛି। ଯାଜପୁର ଜିଲାର ସୁକିନ୍ଦା ଓ ଦାନଗଦୀ ବ୍ଲକରେ ଶିଳ୍ପାୟନକୁ ବିକାଶର ଏକମାତ୍ର ଆଧାରଭାବେ ଗ୍ରହଣ କରି ସରକାର ଶିଳ୍ପାୟନକୁ ଯେଭଳି ପ୍ରୋତ୍ସାହିତ କରୁଛନ୍ତି ତା ଦ୍ୱାରା କୃଷିର କିପରି ବିନାଶ ସାଧିତ ହେଉଛି ତାହାର ଗୋଟିଏ ପରେ ଗୋଟିଏ ପ୍ରମାଣ ଲୋକଲୋଚନକୁ ଆସିବାରେ ଲାଗିଛି। ଜିଲାରେ ଲୁହାପଥର, କ୍ରୋମାଇଟ ଭଳି ଖଣିଜ ଭଣ୍ଡାର, ବ୍ରାହ୍ମଣୀ ଓ ବୈତରଣୀ ନଦୀର ଅଜସ୍ର ଜଳରାଶି ଏଠାରେ କେବଳ ଶିଳ୍ପାୟନ ପାଇଁ ଆକର୍ଷଣର ଉପାଦାନ ହୋଇଛି। କିନ୍ତୁ ସରକାର ଚାଷୀଙ୍କ ପାଇଁ ବୁନ୍ଦାଏ ଜଳସେଚନ କରିବାକୁ ଆଦୌ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷେ ସୁକିନ୍ଦା ବ୍ଲକ ରାଁସୋଲ ପଞ୍ଚାୟତର ଜନ୍ତିଆ ଓ ତେନ୍ତୁଳପାଳ ଗ୍ରାମର ପ୍ରାୟ ୧୪ଜଣ ଟସର ଚାଷୀ ଅନ୍ୟ ମାଧ୍ୟମରେ ସହଯୋଗ ନେଉଛନ୍ତି। ମୋଟ ୨୫ଏକର ଜମିରେ ଟସର ଚାରାରୋପଣ କରିଛନ୍ତି। ଓଡିଶା ସରକାରଙ୍କ ସମବାୟ ସଂସ୍ଥାଗୁଡିକରେ ଏହି ଅଞ୍ଚଳର ପ୍ରାୟ ୧୨୦୦ ଚାଷୀ ତାଲିକାଭୁକ୍ତ ହୋଇଛନ୍ତି। କିନ୍ତୁ ଆବଶ୍ୟକ ପ୍ରୋତ୍ସାହନ ମିଳୁ ନ ଥିବାରୁ ଏହି ଚାଷୀମାନେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ସେମାନଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ପ୍ରଶିକ୍ଷଣ, ପରିଦର୍ଶନ ଯାତ୍ରା, ମାଗଦର୍ଶନ, ପରିଚାଳନା, ଯନ୍ତ୍ରପାତି ଓ ସହାୟକ ଉପକରଣ ଭଳି ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯାଉଛି। ଅନ୍ୟପକ୍ଷେ ପିମ୍ପୁଡିଆ ମୌଜାରେ ଟସର ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଠାରେ ପ୍ରାୟ ୩୦୦ ଚାଷୀ ଟସର ଚାଷ କରି ଦିନେ ଉପକୃତ ହେଉଥିଲେ। କିନ୍ତୁ ରାଜ୍ୟ ସରକାର ସେମାନଙ୍କ ଆୟ ବୃଦ୍ଧି ପାଇଁ ଆହୁରି ସହଯୋଗର ହାତ ବଢାଇଲେ ଅଧିକ ଟସର ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଦାବି ହୋଇଛି।

## ଜୟ ଜଗନ୍ନାଥ ସଂକୀର୍ତ୍ତନ ପରିଷଦର ବୈଠକ

**ବରୀ, ୨୦।୧(ସ୍ୱ.ପ୍ର)**

ବରୀ ମାଉଣ୍ଡ ବଜାରରେ ଥିବା ଶିବ ମନ୍ଦିର ପରିସରରେ ରବିବାର ଜୟ ଜଗନ୍ନାଥ ସଂକୀର୍ତ୍ତନ ପରିଷଦର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପାଲା ଗାୟକ ପର୍ଶୁରାମ ମହାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ଫେବୃୟାରୀ ୨୮ରେ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସ୍ଥିର ହୋଇଛି। କଳାକାରଙ୍କୁ ଜୟ ଜଗନ୍ନାଥ ସଂକୀର୍ତ୍ତନ ପରିଷଦ ପକ୍ଷରୁ ଚିହ୍ନଟ କରାଯାଇ ସରକାରୀ ସହାୟତା ଓ କଳାକାର ଭତ୍ତା ପ୍ରଦାନ ପାଇଁ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସଚିବଙ୍କ ନିକଟରେ ଦାବି କରାଯିବ ବୋଲି ସ୍ଥିର କରାଯାଇଛି। ବରିଷ୍ଠ କଳାକାରମାନେ ଭତ୍ତା ପାଇବାରୁ ବଞ୍ଚିତ ଥିଲାବେଳେ କଳାକାର ନ ହୋଇ ଭତ୍ତା ହାତେଇଥିବା ବୈଠକରେ ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଲୋକଭିମୁଖି ଯୋଜନାଗୁଡିକୁ ସଂକୀର୍ତ୍ତନ ମାଧ୍ୟମରେ ସଚେତନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଚଟିକାରୀ ଗାଁର ବରିଷ୍ଠ ମୃଦଙ୍ଗ ବାଦକ ସ୍ୱର୍ଗତ ରାମଚନ୍ଦ୍ର ଜେନାଙ୍କ ସ୍ମୃତିରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ଭାଗବତ ଟୁଙ୍ଗୀରେ ହରିନାମ ସଂକୀର୍ତ୍ତନରେ ବିଭୋର ହେବା ପାଇଁ ପରିଷଦ ନିଷ୍ପତି ନେଇଛି। ବରୀ ବ୍ଲକର ୧୦୫ ଗ୍ରାମରେ ୮୦ଟି ଭାଗବତ ଟୁଙ୍ଗି ରହିଥିବାବେଳେ ନିୟମିତ ଭାଗବତ ପଠନ କରାଯାଉ ନାହିଁ ବୋଲି କ୍ଷୋଭ ପ୍ରକାଶ ପାଇଛି। ଏଥିରେ ପରିଷଦ ଆବହାକ ନଟବର ମହାନ୍ତି, ଲକ୍ଷ୍ମୀଧର ରାୟ, ବିପିନି ବିହାରୀ ମହାନ୍ତି, କୈଳାସ ଚନ୍ଦ୍ର ଜେନା, ବସନ୍ତ କୁମାର ପରିଡା, ଅନାଦି ଜେନା, ବିଦ୍ୟାଧର ଜେନା, ଧିରେନ ବିଶ୍ୱାଳ, ଅଭିମନ୍ୟୁ ଶୁକ୍ଳା, ଉମେଶ ଓଝା, ଖଗେଶ୍ୱର ପ୍ରଧାନ, ଚକ୍ରଧର ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମଧ୍ୟାହ୍ନଭୋଜନରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର

**ଢଙ୍କୁଣିଆ ସ୍କୁଲରେ ତାଲା**

**ଜେନାପୁର,୨୦।୧(ଡ଼ିଏନଏ)**

ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି କରି ଧର୍ମଶାଳା ଶିକ୍ଷା ମଣ୍ଡଳ ଅଧୀନ ଢଙ୍କୁଣିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ ସମିତିସଭ୍ୟ ମିଳି ମଲିକଙ୍କ ସ୍ୱାମୀ ପ୍ରହ୍ଲାଦ ମଲିକ। ଫଳରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୩୬ଜଣ ପିଲା ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହୋଇଛନ୍ତି। ତେଣୁ ମଧ୍ୟାହ୍ନ ଭୋଜନରେ ବିସ୍କୁଟ ଦିଆଯାଇ ପିଲାଙ୍କ ଭୋକ ମେଣ୍ଟାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଅଞ୍ଜିରା ପଞ୍ଚାୟତର ଢଙ୍କୁଣିଆ ପ୍ରକଳ୍ପ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଚୈତନ ପାଳ ୯ଟା ୪୦ମିନିଟରେ ସ୍କୁଲରେ ପହଞ୍ଚିବା ପରେ ବିଦ୍ୟାଳୟର ସମସ୍ତ କୋଠରୀରେ ତାଲା ଝୁଲୁଥିବା ଦେଖିଥିଲେ। ତେଣୁ ପିଲାମାନେ ସ୍କୁଲ ବାରଣ୍ଡାରେ ବସିଥିଲେ। ପ୍ରଧାନ ଶିକ୍ଷକ ବିଭିନ୍ନ ଦୁର୍ନୀତିରେ ଜଡିତ ଥିବା ପ୍ରହ୍ଲାଦ ଅଭିଯୋଗ କରି ତାଙ୍କ ବଦଳି ଦାବିରେ ବିଦ୍ୟାଳୟରେ ତାଲା ପକାଇ ଦେଇଥିବା କହିଥିବାବେଳେ ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ତେବେ ପ୍ରହ୍ଲାଦ ଅନେକ ଥର ବିଦ୍ୟାଳୟକୁ ଆସି ଏଭଳି ସମସ୍ୟା ସୃଷ୍ଟି କରିଥିବା କହିଥିଲେ। ଅପରପକ୍ଷରେ ପ୍ରହ୍ଲାଦ ପୂର୍ବରୁ ଏ ସମ୍ବନ୍ଧରେ ବିଭାଗୀୟ ଅଧିକାରୀ କିମ୍ବା ଜନପ୍ରତିନିଧିଙ୍କୁ ଅଭିଯୋଗ କରିଥିଲେ କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ବନ୍ଧରେ ସ୍ଥାନୀୟ ସରପଞ୍ଚ ଜ୍ୟୋତିର୍ମୟୀ ସେଠୀଙ୍କୁ ପଚାରିବାରେ, ସେ ଏ ବିଷୟରେ କିଛି ଜାଣି ନ ଥିବା କହିବା ସହିତ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ୧୧ନଂ ଜିଲା ପରିଷଦ ସଦସ୍ୟା ସୁରେଖା ନାୟକ ମଧ୍ୟ ବିଦ୍ୟାଳୟରେ କୌଣସି ସମସ୍ୟା ଥିବା ସେ ଜାଣି ନାହାନ୍ତି, ଯଦି କିଛି ସମସ୍ୟା ଉପୁଜିଛି ତେବେ ଏ ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ କୌଣସି ପଦକ୍ଷେପ ନିଆଯିବା ଉଚିତ ବୋଲି କହିଥିଲେ। ଏବିଓ ରମାକାନ୍ତ ସେଠୀଙ୍କୁ ଅଭିଯୋଗ ସମ୍ପର୍କରେ ପଚାରିବାରୁ, ପ୍ରହ୍ଲାଦ ପୂର୍ବରୁ କୌଣସି ବିଭାଗୀୟ ଅଧିକାରୀଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରି ନ ଥିବା କହିଛନ୍ତି। ଜିଲା ଶିକ୍ଷାଧିକାରୀ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଗୋପାଳଜୀଉ ସଦାବ୍ରତ ମଠ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରସୁଲପୁର,୨୦।୧(ଡିଏନଏ):** ରସୁଲପୁର ବ୍ଲକ ଲକ୍ଷ୍ମୀନଗର ଗ୍ରାମ ପଞ୍ଚାୟତ ଅଧୀନ ଭିକିପୁର ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଗୋପାଳଜୀଉ ସଦାବ୍ରତ ମଠ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ବାର୍ଷିକ ପୂଜାସୋବ ଅବସରରେ ଶ୍ରୀମଦ ଭଗବତ ସପ୍ତାହ ଓ ଗୀତା ପାରାୟଣ ଅନୁଷ୍ଠିତ ହୋଇଯାଇଛି। ମଠ ମହାରାଜ ପରମପୂଜ୍ୟ ଜଗନ୍ନାଥ ବାବାଙ୍କ ପୌରୋହିତ୍ୟରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସାଧୁ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁମାନେ ଯୋଗ ଦେଇଥିଲେ। ଏହି ଅବସରରେ ମାଳିକା ବିଚାର ସମ୍ପର୍କିତ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରବଚକ ପ୍ରମୋଦ କୁମାରଙ୍କ ଦ୍ୱାରା ଧର୍ମ ସମ୍ପର୍କିତ ଅମୃତବାଣୀ ଶ୍ରଦ୍ଧାଳୁଙ୍କର ମନ ମୁଗ୍ଧକର ହୋଇପାରିଥିଲା। ଗୋପାଳଜୀଉଙ୍କ ନିତ୍ୟ ସେବକ ନରୋତ୍ତମ ଜେନା, ଅଭିମନ୍ୟୁ ଜେନା, ମହେନ୍ଦ୍ର ଜେନା, ସୁରେନ୍ଦ୍ର ସାହୁ, ଚକ୍ରଧର ପାଢୀ, ଗଣେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର



ବାଲିଚନ୍ଦ୍ରପୁରରେ ଅନୁଷ୍ଠିତ ପରାମର୍ଶ ଶିବିରରେ ଉପସ୍ଥିତ ସଦସ୍ୟ।

**ଚଣ୍ଡିଖୋଲ,୨୦।୧(ଡିଏନଏ)**

ବଡ଼ଚଣା ପଞ୍ଚାୟତ ସମିତି ସହଯୋଗରେ ଏବଂ ଯାଜପୁର ଓରମାସ୍ ଆୟୋଜନରେ ଦୀନଦୟାଲ ଉପାଧ୍ୟାୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ୨ଟି ସ୍ଥାନରେ ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ରୁ ୩୫ ବର୍ଷ ବୟସର ବେରୋଜଗାର ଯୁବତୀଯୁବକଙ୍କୁ ଦକ୍ଷତା ଭିତ୍ତିରେ ବିଭିନ୍ନ ଅନୁଷ୍ଠାନରେ ପ୍ରଶିକ୍ଷଣ ଦେଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ବ୍ୟକ୍ତିକୁ ରୋଜଗାରକ୍ଷମ କରାଇବା ଉଦ୍ଦେଶ୍ୟରେ ୧୭ତାରିଖରେ ଦର୍ପଣ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏହି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ୧୮ରେ ଏହି ଶିବିର ବାଲିଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ଏହାକୁ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି ଉଦଘାଟନ କରିଥିବାବେଳେ ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ପରାମର୍ଶଦାତା ଜ୍ଞାନଦା ନାୟକ ଯୋଗ ଦେଇଥିଲେ। ଦର୍ପଣୀଠାରେ ଉଦଘାଟନୀ ଉତ୍ସବରେ ସରପଞ୍ଚ ମାନସୀ ଜେନା, ସମିତି ସଭ୍ୟ ମୋନାଲିସା ତରାଇ, ଜିଲାପରିଷଦ ସଭ୍ୟ ବିନୋଦିନୀ ସାହୁ, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ସେନାପତି, ପୂର୍ବତନ ସରପଞ୍ଚ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ବାଲିଚନ୍ଦ୍ରପୁରଠାରେ ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡା ଓ ସମିତି ସଭ୍ୟ ଅମୀୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଯୁକ୍ତି ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଯାପିତ

**ଧର୍ମଶାଳା,୨୦।୧(ଡିଏନଏ)**

ଧର୍ମଶାଳା ବ୍ଲକ ଡେରାବର ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ରମେଶ ନାୟକଙ୍କ ଯୋଗଦେଇ ଉତ୍ସବକୁ ଗୁରୁବାର ଉଦଘାଟନ କରିଥିଲେ। ଏହି କ୍ରୀଡ଼ାରେ ବିଦ୍ୟାଳୟର ୧ମ ଶ୍ରେଣୀଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ପାଢୀଙ୍କ ସଭାପତିତ୍ୱରେ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ସୁରେଶ କୁମାର ବେହେରା, ଦିପ୍ତୀରଞ୍ଜନ ଦାସ ଓ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ନାୟକ ପରିଚାଳନାରେ ସହାୟତା କରିଥିଲେ।

## ବାଳିକା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ




ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

**ଧର୍ମଶାଳା,୨୦।୧(ଡିଏନ୍ଏ)**

ଧର୍ମଶାଳା ବାଳିକା ଉ.ପ୍ରା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରମାମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଜଳଧର ମହାନ୍ତି ଉଦ୍ଘାଟନ କରିଥିଲେ। ଲାଲବାହାଦୁର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଅନନ୍ତ ଚରଣ ସ୍ୱାଇଁ ମୁଖ୍ୟଅତିଥି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ଓଝା ମୁଖ୍ୟବକ୍ତା, ଧର୍ମଶାଳା କଲେଜ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ଆରତୀ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କୁ ଭଲ ପାଠ ପଢିବା ସହ ସାହସୀ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଛାତ୍ରୀ ଜସ୍ମିନ ରାଉତ, ପଲକ ଗାୟିକା ବିଶ୍ୱାଳ, ସାନିଆ ଖାତୁନଙ୍କ ସମେତ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏଥିସହ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ନାୟକ, ଉପେନ୍ଦ୍ର କୁମାର ସାହୁ ଓ ଭଗବାନ ମହାନ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗୁଣ୍ଡୁଚି ଚରଣ ଦାସ, ବିଷ୍ଣୁଚରଣ ପଣ୍ଡା, ପ୍ରାକ୍ତନ ଶିକ୍ଷକ ଦୀନବନ୍ଧୁ ରାଉତ, ଦେବେନ୍ଦ୍ର ରାଉତ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ମହାନ୍ତି ଓ ବିନୟିନୀ ଖୁଣ୍ଟିଆ ଉତ୍ସବ ପରିଚଳନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ପତି ଧନ୍ୟବାଦ ଦେଇଥିଲେ।

## ସିମେଣ୍ଟ ବୋଝେଇ ଟ୍ରକ୍ ଚୋରି ଘଟଣାରେ ଜଣେ ଅଟକ

**ଛତିଆ,୨୦।୧(ଡିଏନ୍ଏ):** ବୈରୀ ଥାନା ଅଧୀନ ବୈରୀ ଗ୍ରାମର ଅଭିଜିତ୍ ସାହୁଙ୍କ ସିମେଣ୍ଟ ବୋଝେଇ ଟ୍ରକ୍ (ଓଆର୍୦୪ଇ୦୧୪୯)କୁ ଗତ ୧୭ ତାରିଖ ଘର ସମ୍ମୁଖରୁ ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଅଭିଯୋଗ କ୍ରମେ ବୈରୀ ଥାନାରେ ଏକ ମାମଲା (ନଂ.୬/୨୦) ରୁଜୁ ହୋଇ ଡିଏସ୍ପି ଦୀପକ୍ କୁମାର ଗୋଛାୟତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସେହି ରାତିରେ ଖୋଜାଖୋଜି କରି ମଙ୍ଗୁଳି ନିକଟରୁ ଗାଡିଟିକୁ ଜବତ କରିଥିଲେ। ଦୁର୍ବୃତ୍ତ ଗାଡିରୁ ସିମେଣ୍ଟଗୁଡିକୁ ବିକି ଦେଇଥିଲେ। ଡିଏସ୍ପି ରବିବାର ରାତିରେ ଉକ୍ତ ସିମେଣ୍ଟ ଚୋରିରେ ସମ୍ପୃକ୍ତ ଥିବା ବୈରୀ ଗ୍ରାମର କ୍ଷିରାବ୍ଧୀତନୟ ବେହେରା (ବାନା)ଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲେ। ବାନା ଚୋରି କରିଥିବା ସ୍ୱୀକାର କରିବା ସହିତ ଏହି ଚୋରିରେ ଆହୁରି କେତେଜଣ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି।

## ୯ମାସ ବିତିଲା, ଗିରଫ ହେଉ ନାହାନ୍ତି ଅଭିଯୁକ୍ତ

**ଯୁବତୀଙ୍କୁ ପୋଲିସ ଅଧିକାରୀ ବଳାତ୍କାର କରିବା ଘଟଣା**

**ଚଣ୍ଡିଖୋଲ,୨୦।୧(ଡ଼ି.ଏନ.ଏ)**

ଜଣେ ପୋଲିସ ଅଧିକାରୀଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ହେବା ପରେ ଗୃହବିଭାଗ ତାଙ୍କୁ କେବଳ ନିଲମ୍ବନ କରି ନିଜ କର୍ତ୍ତବ୍ୟ ସାରିଦେଇଛି। ଅଭିଯୋଗ ହେବାର ୯ମାସ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ଗିରଫ କରାଯାଉ ନ ଥିବାନେଇ ପିଡ଼ିତା ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ନ କଲେ ସେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଯେ, ୨୦୧୮ ଡିସେମ୍ବରରେ ଯୁବତୀ ଜଣଙ୍କ ସାଲେପୁର ଅଞ୍ଚଳକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସେଠାରେ ଯାଜପୁର ସଦର ଥାନାରେ ଏସ୍ଆଇଭାବେ କାର୍ଯ୍ୟ କରୁଥିବା ସୁରେନ୍ଦ୍ର ଜେନାଙ୍କ ସହ ସମ୍ପୃକ୍ତ ଯୁବତୀଙ୍କର ଦେଖା ହୋଇଥିଲା। ଏହାପରେ ସୁରେନ୍ଦ୍ର ତାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରକୁ ଡାକି ନେଇଥିଲେ। ସେଠାରେ ରାତିରେ ରଖିବା ସହ ତାଙ୍କୁ ବଳାତ୍କାର କରି ଯୁବତୀଙ୍କୁ ବ୍ଲାକମେଲିଂ କରିବା ଆରମ୍ଭ କରିଦେଇଥିଲେ। ଏପରିକି ସେ ରାଇରଙ୍ଗପୁର ବଦଳି ହେବା ପରେ ସେଠାକୁ ମଧ୍ୟ ଯୁବତୀଙ୍କୁ ନେଇ ବଳାତ୍କାର କରିଥିଲେ। ଏଥିରେ ଅତିଷ୍ଠ ହୋଇ ଗତ ଅଗଷ୍ଟ ୨୪ରେ ଯୁବତୀ ଜଣଙ୍କ ସାଲେପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏନେଇ ଏକ ମାମଲା (ନଂ. ୯୨/୧୯) ରୁଜୁ କରି ଯାଜପୁର ଏସ୍ପିଙ୍କୁ ଅବଗତ କରାଇଥିଲା। ଏହାର କିଛିଦିନ ପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଯାଜପୁର ଏସ୍ପି ଚରଣ ସିଂହ ମୀନା ତାଙ୍କୁ ଗତ ସେପ୍ଟେମ୍ବରରେ ଚାକିରିରୁ ନିଲମ୍ବନ କରିଥିଲେ। ତେବେ ପୋଲିସ ଦଫା ୩୭୬, ୩୫୪ ଓ ୫୦୬ରେ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଏନେଇ ପିଡ଼ିତା ମହିଳା କମିଶନ ଓ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ବି ପୋଲିସ ନିଲମ୍ବିତ ଏସ୍ଆଇ ସୁରେନ୍ଦ୍ରଙ୍କୁ ଗିରଫ କରିନାହିଁ। ଫଳରେ ପୁନର୍ବାର ସେ ଅଦାଲତରେ ଏକ କୋର୍ଟ ଅବମାନନା ଫାଇଲ ଦାଏର କରିଛନ୍ତି।

## ବେଆଇନ ଇଟାଭାଟି, ବାଲି ଚାଲାଣ ଉପରେ ଲାଗୁନି ରୋକ

**ରତ୍ନଗିରି,୨୦।୧(ଡିଏନଏ)**

ବରୀ ତହସିଲ ଅଧୀନ ବିଭିନ୍ନ ପଞ୍ଚାୟତରେ ବେଆଇନ ଇଟାଭାଟି ସହିତ ଚୋରାବାଲି ଚାଲାଣ ଉପରେ ପ୍ରଶାସନ ରୋକ ଲଗାଇ ନ ଥିବାରୁ ରାଜସ୍ୱ ହାନୀ ଘଟୁଛି। ଏହି ବ୍ଲକ ଅଧୀନ ୧୦୬ଟି ଗ୍ରାମରୁ ଅଧିକାଂଶ ଗ୍ରାମରେ ବେଆଇନଭାବେ ଇଟା ପକାଯିବା ଓ ଏହା ପ୍ରଶାସନର ନଜର ଆଢୁଆଳରେ ରହିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ବେଆଇନ ଇଟାଭାଟି ସହିତ ରାଜାତୋଟା, ରାମଚନ୍ଦ୍ରପୁର, ବରୀପାଳ, ଗମ୍ଭୁଁ, ରତଳାଙ୍ଗ, ଉଦୟନାଥପୁର ଆଦି ଅଞ୍ଚଳରେ ଥିବା ବାଲିଘାଟଗୁଡିକ ସରକାରୀସ୍ତରରେ ନିଲାମ ହୋଇ ନ ଥିଲେ ମଧ୍ୟ ଖୁଲମଖୁଲାଭାବେ ବାଲି ମାଫିଆମାନେ ଚୋରା ବାଲିଚାଲାଣ କ୍ଷେତ୍ରରେ ପ୍ରଶାସନର ନୀରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ତହସିଲର ରାଜସ୍ୱ ନିରୀକ୍ଷକ ମାନେ ଗାଁ କୁ ଗାଁ ବୁଲି ରାଜସ୍ୱ ଆଦାୟ କରୁଥିବାବେଳେ ବେଆଇନ ଇଟାଭାଟି ଓ ଚୋରାବାଲି ଚାଲାଣ ଉପରେ କିପରି ସେମାନଙ୍କ ଦୃଷ୍ଟି ପଡୁନାହିଁ ତାହା ସାଧାରଣରେ ଆଲୋଚନା ହେଉଛି। ବିଗତ ଦିନରେ ତହସିଲ ପ୍ରଶାସନ ତରଫରୁ ବେଆଇନ ବାଲିଘାଟ ଓ ବେଆଇନ ଭାବେ ଇଟା ପକାଇବା ଉପରେ ରୋକ ଲଗାଯାଉଥିଲା। ମାତ୍ର ବର୍ତ୍ତମାନ ପ୍ରଶାସନ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ହାତବାନ୍ଧି ବସିଛି ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଘଟଣାକୁ ଗୁରୁତ୍ୱ ଦେଇ ଜିଲା ପ୍ରଶାସନ ତରଫରୁ ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସରକାରଙ୍କ ରାଜସ୍ୱ ବୃଦ୍ଧି ସମ୍ଭବ ହୋଇପାରନ୍ତା। ଏହି ବିଷୟରେ ବରୀ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲଙ୍କୁ ପଚାରିବାରୁ, ବିଭିନ୍ନ ସ୍ଥାନରୁ ଏଭଳି ଅଭିଯୋଗ ମିଳିଛି। ମାତ୍ର କର୍ମଚାରୀଙ୍କ ଅଭାବ ଯୋଗୁ ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ଖୁବ୍‌ଶୀଘ୍ର କମିଟି ଗଠନ କରାଯାଇ ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ଓ ସରକାରୀ ରାଜସ୍ୱ ବୃଦ୍ଧି କରାଇବା ଉପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ


ପାରାଦୀପ,୨୦।୧(ସ୍ୱ.ପ୍ର.): ପାରାଦୀପ ବଡ଼ପଡ଼ିଆସ୍ଥ ଜୟଦେବ ସଦନ ପରିସରରେ ପରମ ପ୍ରେମମୟ ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ ଓ ପାରାଦୀପ ଆଞ୍ଚଳିକ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ଉଷାକୀର୍ତ୍ତନ ଓ ସକାଳ ୮ଟାରେ ଉତ୍ସବ ଉଦ୍‌ଘାଟନ ହୋଇଥିଲା। ଏହାକୁ ସତ୍‌ସଙ୍ଗ କମିଟି ସଭାପତି ଲଳିତ କୁମାର ହୋତା ଉଦ୍‌ଘାଟନ କରିଥିଲେ। ପରେ ନଗର ପରିକ୍ରମା, ଶିଶୁମାନଙ୍କୁ ନେଇ ଭଜନ ଓ ବକ୍ତୃତା ପ୍ରତିଯୋଗିତା, କିଶୋର ସତ୍‌ସଙ୍ଗ, ମାତୃ ସମ୍ମିଳନୀ, ସଙ୍ଗୀତାଞ୍ଜଳି ଓ ସନ୍ଧ୍ୟାରେ ସତ୍‌ସଙ୍ଗ ସଦାଲୋଚନା ହୋଇଥିଲା। ଠାକୁରଙ୍କ ବାଣୀରେ ଜୀବନର ମର୍ମ ରହିଛି। ସତ୍ୟାନୁସରଣ, ସଦାଚାର ପାଇଁ ସମସ୍ତେ ବ୍ରତୀ ହେବା ଦରକାର ବୋଲି ବକ୍ତାମାନେ କହିଥିଲେ। ସତ୍‌ସଙ୍ଗ କେନ୍ଦ୍ରର ଭକ୍ତମାନେ ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।

### ଝଙ୍କଡ଼ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

ତିର୍ତ୍ତୋଲ,୨୦।୧,(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ଝଙ୍କଡ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ପୁସ୍ତକମେଳା ମଞ୍ଚରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦ ସଭାପତି ନିତ୍ୟାନନ୍ଦ ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରାଧାପିକା ଡ.ବିଷ୍ଣୁପ୍ରୀୟା ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଡେପୁଟି କଲେକ୍ଟର ବିଭୁଦତ୍ତ ମହାନ୍ତି, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ଜିଲା ସାଂସ୍କୃତିକ ପରିଷଦ ଉପାଧ୍ୟକ୍ଷ ବିପ୍ଳବ ଚୌଧୁରୀ ପ୍ରମୁଖ ଯୋଗଦେଇ ଜିଲାର କଳା, ସଂସ୍କୃତି ଓ ସାହିତ୍ୟ ଉପରେ ଆଲୋକପାତ କରିବା ସହ ରାଷ୍ଟ୍ରର ଉନ୍ନତି ବଳିଷ୍ଠ ସାହିତ୍ୟ ନିର୍ଭର କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଂସଦ ପ୍ରତିଷ୍ଠାତା ସମ୍ପାଦକ ଗୋଲୋକ ବିହାରୀ ପଲାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ କବୟିତ୍ରୀ ସବିତା ନାୟକ, ପ୍ରିୟତମା ସାହୁ, କାଦମ୍ବିନୀ ପରିଜା ଓ ଅଧାପିକା ରାଜଶ୍ରୀ ସ୍ୱାଇଁଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। କାଦମ୍ବିନୀ ପରିଜା ପ୍ରାରମ୍ଭିକ ସଙ୍ଗୀତ ଓ ଶିଶୁକଣ୍ଠ ଶିଳ୍ପୀ ସାଇ ଋତୁପର୍ଣ୍ଣା ପରିଡା ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଉପଦେଷ୍ଟା ପରମାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

### ବ୍ୟବସାୟୀ ରବୀନ୍ଦ୍ର ରାଜଗୁରୁଙ୍କ ପରଲୋକ

କୁଜଙ୍ଗ,୨୦।୧(ଡି.ଏନ.ଏ.): କୁଜଙ୍ଗର ବିଶିଷ୍ଟ ଟ୍ରକ ବ୍ୟସାୟୀ ରବୀନ୍ଦ୍ର ରାଜଗୁରୁ(୫୭)ଙ୍କ ସୋମବାର ପରଲୋକ ହୋଇଛି। ସେ ପାନକ୍ରିୟାସ ସଂକ୍ରମଣରେ ଆକ୍ରାନ୍ତହୋଇ ଚିକିତ୍ସାଧୀନ ଥିଲେ।



ବ୍ୟବସାୟ ସହିତ ପାରାଦୀପ ଟ୍ରକ୍ ମାଲିକ ସଙ୍ଘରେ ଦୀର୍ଘବର୍ଷ ଧରି ସଭ୍ୟ ରହିଥିଲେ। ତାଙ୍କ ମୃତ୍ୟୁ ଖବର ପାଇବାପରେ ପାରାଦୀପ ଟ୍ରକ୍ ମାଲିକ ସଙ୍ଘ ସଭାପତି ସୁମନ୍ତ ବିଶ୍ୱଳ, ସମ୍ପାଦକ ଆଲୋକ ପରିଡ଼ା, ପ୍ରତାପ ଚନ୍ଦ୍ର ଦାସ, ଦେବଦତ ନାୟକ, ମନୋଜ ଦାସ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ସୋମନାଥ ଦାସ, ଗିରିଜାପ୍ରସାଦ ମହାନ୍ତି, ସମ୍ବିତ୍ ତ୍ରିପାଠୀ, ମନୋଜ ପ୍ରଧାନ, ଚିନ୍ମୟ ଲେଙ୍କା, ସୁରେଶ ଦାସ, ବୈଷ୍ଣବ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ସୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। କନିଷ୍ଠ ପୁତ୍ର ରୋହିତ ମୁଖାଗ୍ନି ଦେଇଥିଲେ।

### ପାରାଦୀପ ଡମ୍ପର ମାଲିକ ସଂଘର ନୂଆ କର୍ମକର୍ତ୍ତା

ପାରାଦୀପ,୨୦।୧(ସ୍ୱ.ପ୍ର.): ପାରାଦୀପ ଡମ୍ପର ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହେବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସେମାନେ ହେଲେ ସଭାପତି ବିଜୟ କୁମାର ନାୟକ (ସଦା), ଉପସଭାପତି ସୁରଜ କୁମାର ବାରିକ, ସମ୍ପାଦକ ସଞ୍ଜୟ କୁମାର ଧଳ, ସହସମ୍ପାଦକ ଦିଲୀପ କୁମାର ବେହେରା ଓ କୋଷଧକ୍ଷ ଅଜୟ କୁମାର ସାମଲ। ଏହି ୫ଜଣ କର୍ମକର୍ତ୍ତା ଆଗାମୀ ୨ ବର୍ଷ ପାଇଁ କାର୍ଯ୍ୟଭାର ତୁଲାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ନ ଥିବାରୁ ଉଦ୍‌ବେଗ

ଜଗତ୍‌ସିଂହପୁର ଅଫିସ୍, ୨୦।୧

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାର ଶତାଧିକ ପରିବାର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଅଭାବରୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଏରସମା ବ୍ଲକ ଅଧୀନ ଆମ୍ବିକୀ ପଞ୍ଚାୟତର ଚାଉଳିଆ ଗ୍ରାମବାସୀ ଏଭଳି ପ୍ରସଙ୍ଗ ଉଠାଇଛନ୍ତି। ଚାଉଳିଆ ଆଞ୍ଚଳିକ ମଞ୍ଚ ସଦସ୍ୟମାନେ ଅଭିଯୋଗରେ ଦର୍ଶାଇଛନ୍ତି, ଚାଉଳିଆ ଏକ ବଡ ଗାଁ। ୩ଟି ୱାର୍ଡକୁ ନେଇ ଗଠିତ ଏହି ଗାଁର ଲୋକସଂଖ୍ୟା ୧,୫୦୦ରୁ ୨,୦୦୦ ହେବ। ଗାଁର ଅଧିକାଂଶ ଲୋକ ଦିନ ମଜୁରିଆ। ଆଉ କିଛି ଚାଷବାସ କରି ପରିବାର ଭରଣପୋଷଣ କରନ୍ତି। ଗାଁ ଲୋକେ ଅନାବାଦି ଜମିକୁ ଆଶ୍ରା କରି ସେଥିରେ ଚାଳ ଛପର କରି ରହୁଛନ୍ତି। ସରକାରଙ୍କ ତରଫରୁ ଭୋଟ ପରିଚୟପତ୍ର ଓ ଆଧାର କାର୍ଡ ଦିଆଯାଇଛି। କିନ୍ତୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଦିଆଯାଉନାହିଁ। ଯେଉଁ କାରଣରୁ ସେମାନଙ୍କ ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସେଠାରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଅନ୍ୟପଟେ ପଞ୍ଚାୟତର ଅନ୍ୟ ଗ୍ରାମଗୁଡିକରେ ବସବାସ କରୁଥିବା ଗରିବ ପରିବାରକୁ ଇନ୍ଦିରା ଆବାସ ଓ ବିଜୁ ପକ୍କା ଘର ଦିଆଯାଉଛି। ତେଣୁ ସରକାର ପ୍ରତି ପରିବାରକୁ ୪ ଡିସିମିଲ ହିସାବରେ ଜମି ସହ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଯୋଗାଇ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଅନୁରୂପ ଭାବେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ରାଧାଗୋବିନ୍ଦ ସଞ୍ଜୟ ମହାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପୋରଗଦେଇ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପାଚେରି ଅଭାବରୁ ଅସୁରକ୍ଷିତ ପରିବେଶ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସାଇ ସଞ୍ଜୟ ମହାନ୍ତି ଗାଁ ବିକାଶ ଟ୍ରଷ୍ଟ, ପୋରଗଦେଇ ଗ୍ରାମ ପଞ୍ଚାୟତ, ରାଧାଗୋବିନ୍ଦ ସଞ୍ଜୟ ମହାନ୍ତି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍ଥାୟୀ ପାଚେରି ସହ ୨ ତଳ ବିଶିଷ୍ଟ ବିଲ୍ଡିଂ ନିର୍ମାଣ ପାଇଁ ଦାବି କରାଯାଇଛି। ପାଚେରି ନ ଥିବାରୁ ଗାଈ, ଛେଳି, ମେଣ୍ଢା ଆଦି ଅବାଧରେ ପ୍ରବେଶ କରୁଛନ୍ତି। ବିଶେଷକରି ବିଦ୍ୟାଳୟ ପରିସର ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳ ପାଲଟିଛି। ସ୍ଥାନୀୟ ଦେଉଳୀ ଗ୍ରାମେଶ୍ୱରର ୯୫ ବର୍ଷୀୟା ମୁକ୍ତା ସିଂହଙ୍କ ଘର ଆଗରେ ସରକାରୀ ଜମି ଥିଲେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ତାଙ୍କୁ ମାତ୍ର ଦେଢ ଫୁଟର ରାସ୍ତା ଦିଆଯାଇଛି। କିନ୍ତୁ ତାଙ୍କ ମୃତ୍ୟୁ ପରେ କୋକେଇ କ'ଣ ଏହି ଦେଢ ଫୁଟ ରାସ୍ତାରେ ଯାଇପାରିବ କି ବୋଲି ସେ ଅଭିଯୋଗ କରିଛନ୍ତି। ଏହାକୁ ମିଶାଇ ମୋଟ ୧୮୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏସବୁ ଉପରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶୁଣାଣି କରିଥିଲେ। ପଞ୍ଜୀକୃତ ଅଭିଯୋଗଗୁଡିକ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୩୩, ଇନ୍ଦିରା ଆବାସ/ବିଜୁ ପକ୍କା ଘର ୩୭, ଭତ୍ତା ୧୪, ରାଶନ କାର୍ଡ ୯, କାଳିଆ ଯୋଜନା ୫, ଜମିଜମା ୯, ସ୍ୱାସ୍ଥ୍ୟ ୧୭, ପ୍ରାକୃତିକ ବିପର୍ଯ୍ୟୟ ୬, ଘରଡିହ ୯, ଧାନ ମଣ୍ଡି ୨, ଋଣ ଆଦାୟ ୨, ଆଇନ ସହାୟତା ୧୦, ଆଧାର ୩ ଓ ଅନ୍ୟାନ ୩୩ଟି ଥିଲା। ସେହିପରି ଗାଁ ସମସ୍ୟା ୬, ମୁଖ୍ୟମନ୍ତ୍ରୀଙ୍କ ରିଲିଫ, ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ଯଥାକ୍ରମେ ୧୧ ଓ ୬ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ୯ଟି ଅଭିଯୋଗ ଉପରେ ଶୁଣାଣି କରାଯାଇ ସଙ୍ଗେସଙ୍ଗେ ଫଏସଲା କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ ପ୍ରସାଦ ଲେଙ୍କାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି**



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

- **ମୋଟ ୧୮୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା**
- **୯ ଅଭିଯୋଗର ତତ୍କାଳ ଫଇସଲା**

### ୱାଚ୍‌ମ୍ୟାନ୍‌ଙ୍କ ସନ୍ଦେହଜନକ ମୃତ୍ୟୁ

ପାରାଦୀପ,୨୦।୧(ସ୍ୱ.ପ୍ର.)

ପାରାଦୀପ ମଡେଲ ଥାନା ଅନ୍ତର୍ଗତ ଅଠରବାଙ୍କିରେ ଥିବା କେନ୍ଦ୍ରାପଡ଼ା କୋଅପରେଟିଭ୍ କ୍ରେଡିଟ୍ ସୋସାଇଟି ଶାଖାର ୱାଚ୍‌ମ୍ୟାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍‌ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ବିଶ୍ୱଜିତ୍ ସାହୁ। ସେ ରବିବାର ରାତିରେ ଶାଖା ଗୃହରେ ଶୋଇଥିଲେ। ସୋମବାର ଦିନ ୧୦ଟା ବେଳେ ଶାଖା କର୍ମଚାରୀ ଆସି କବାଟ ବାଡେଇଥିଲେ ମଧ ସେ ଖୋଲି ନ ଥିଲେ। କୌଣସି ଉପାୟରେ କବାଟ ଖୋଲାଯିବା ପରେ ବିଶ୍ୱଜିତଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେ ଶୋଇଥିବା ସ୍ଥାନରେ ପୋଷାକ ଓ ବିଛଣା ବିକ୍ଷିପ୍ତ ଭାବେ ପଡିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ସଂଖ୍ୟା-୫/୨୦ରେ ରୁଜୁ ହୋଇଛି।

### ପିପିଏଲ୍‌କୁ ସଶକ୍ତ ବ୍ରାଣ୍ଡ ସମ୍ମାନ

ପାରାଦୀପ,୨୦।୧(ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ୍)କୁ ସିଏସ୍‌ଆର କାମ ପାଇଁ ଭୁବନେଶ୍ୱରରେ ସଶକ୍ତ ବ୍ରାଣ୍ଡ ସମ୍ମାନ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ କମ୍ପାନୀ ମୁଖ୍ୟ ରଣଜିତ୍ ସିଂ ରୁଗ୍ ଏହି ଆୱାର୍ଡ ଗ୍ରହଣ କରିଛନ୍ତି। କମ୍ପାନୀର ସୁଧୀରଞ୍ଜନ ମିଶ୍ର ଓ ସୌମ୍ୟଶ୍ରୀ ଓମ୍ ପ୍ରକାଶ ସାହୁ ଉପସ୍ଥିତ ଥିଲେ।

## ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉତ୍କଳ ମହିଳା ସମିତିର ଦାବି




କୁଜଙ୍ଗ ତହସିଲ ଆଗରେ ଉତ୍କଳ ମହିଳା ସମିତିର କର୍ମକର୍ତ୍ତା ପ୍ରତିବାଦ କରୁଛନ୍ତି।

କୁଜଙ୍ଗ,୨୦।୧(ଡି.ଏନ.ଏ.)

**ନାବାଳିକାଙ୍କୁ ସିଆଇଏସ୍‌ଏଫ୍ କନଷ୍ଟେବଲଙ୍କ ବଳାତ୍କାର ଘଟଣା**

ପାରାଦୀପ ଅଞ୍ଚଳର ନାବାଳିକାଙ୍କୁ ସିଆଇଏସ୍‌ଏଫ୍‌ର ଜଣେ କନଷ୍ଟେବଳ ଶନିବାର ବଳାତ୍କାର କରିଥିଲେ। ଏନେଇ ଅଭିଯୋଗ ହେବାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ତେବେ ସମ୍ପୃକ୍ତ କନଷ୍ଟେବଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ସୋମବାର ଉତ୍କଳ ମହିଳା ସମିତି ଜଗତ୍‌ସିଂହପୁର ଜିଲା କମିଟି ପକ୍ଷରୁ କୁଜଙ୍ଗ ତହସିଲ ସମ୍ମୁଖରେ ପ୍ରତିବାଦ କରାଯାଇଛି। ଏଥିସହିତ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ସମିତିର କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ କୁଜଙ୍ଗ ଲୋକନାଥ ଭବନରୁଆସିତହସିଲ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏହାପରେ ତହସିଲଦାର ପ୍ରଭାସ ରଞ୍ଜନ ବେଉରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ତୁରନ୍ତ ଅଭିଯୁକ୍ତଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ଓ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଲ୍ଲେଖ କରାଯାଇଛି ବୋଲି ନାରୀ ନେତ୍ରୀ ଚିନ୍ମୟୀ ସାହାଣୀ ପ୍ରକାଶ କରିଛନ୍ତି।

### ତାରପୁର ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ

ରଘୁନାଥପୁର, ୨୦।୧ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଚିକିଣିଆସ୍ଥିତ ତାରପୁର କୃଷି ସମବାୟ ସମିତି ପକ୍ଷରୁ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁ ଓ ସହସମ୍ପାଦକ ବିଜୟ ଦାଶଙ୍କ ତତ୍ତ୍ୱାବଧାନରେ ସଭାପତି ଦେବେନ୍ଦ୍ରନାଥ ସ୍ୱାଇଁ କଣ୍ଟା ପୂଜା କରିଥିଲେ। ବୋର୍ଡ ଡାଇରେକ୍ଟର ଅନ୍ତର୍ଯ୍ୟାମୀ ରାଉତ, ଶାନ୍ତିଲତା ଦ୍ୱିବେଦୀ, ଅକ୍ଷୟ ସ୍ୱାଇଁ, ମନମୋହନ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡିକୁ ଆସିବାକୁ ଥିବା ଧାନର ବିକ୍ରୟ ସମ୍ପର୍କିତ ଦାୟିତ୍ୱରେ ଥିବା ଚାଷୀ ତ୍ରିଲୋଚନ ପଣ୍ଡା, ଅଜୟ ଦ୍ୱିବେଦୀ, ଉମେଶ ପରିଡା, ଗୋଲେଖ ବିହାରୀ ଲେଙ୍କା ପ୍ରମୁଖ ପ୍ୟାଡି କମିଟିର ସଦସ୍ୟ ରହିଛନ୍ତି। ଉକ୍ତ ସମିତି ଜରିଆରେ ତାରପୁର ଓ ଚିକିଣିଆରୁ ଧାନ ସଂଗ୍ରହ କରାଯିବ। ୪୩୦ ଚାଷୀ ଧାନ ବିକ୍ରି ପାଇଁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକୃତ କରିଛନ୍ତି।

## କୋର୍ଟଙ୍କ ନିର୍ଦ୍ଦେଶ ପରେ ଦେଲା ପ୍ରଶାସନ

ଏରସମା,୨୦।୧(ସ୍ୱ.ପ୍ର.)

**ବେଆଇନ ଦର୍ଶାଇ ବନ୍ଦ କରାଯାଇଥିଲା ଭିନ୍ନକ୍ଷମଙ୍କ ୨୨ ମାସର ଭତ୍ତା**

ଏରସମା ବ୍ଲକ ଅନ୍ତର୍ଗତ ଭିତର ଅନ୍ଧାରୀ ପଞ୍ଚାୟତସ୍ଥିତ ଜାମୁକଣ ଗ୍ରାମର ଭିନ୍ନକ୍ଷମ ଲକ୍ଷ୍ମୀଧର ମହାପାତ୍ର ୨୨ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହୋଇଥିଲେ। ଫଳରେ ଏ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହା ଜାଣିବା ପରେ ତୁରନ୍ତ ତାଙ୍କୁ ସମ୍ପୂର୍ଣ୍ଣ ଭତ୍ତା ପ୍ରଦାନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ସୋମବାର ତାଙ୍କୁ ୨୨ମାସର ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଭିଏଲଡବ୍ଲ୍ୟୁ ନିହାର ରଞ୍ଜନ ଜେନା ଲକ୍ଷ୍ମୀଧରଙ୍କ ନିକଟକୁ ଯାଇ ସମସ୍ତ ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ଲକ୍ଷ୍ମୀଧର ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଭତ୍ତା ପାଉଥିଲେ। ମାତ୍ର ତାହାକୁ ବେଆଇନ ଦର୍ଶାଇ ୨୦୧୭ରେ ବନ୍ଦ କରାଯାଇଥିଲା। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହି କାର୍ଯ୍ୟ କରିଥିଲେ। ପରେ ଲକ୍ଷ୍ମୀଧର ବ୍ଲକ, ଜିଲା ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ। ବାଧ ହୋଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହାକୁ ବିଚାର କରି ସମସ୍ତ ଭତ୍ତା ଓ ଲକ୍ଷ୍ମୀଧର କୋର୍ଟରେ ଖର୍ଚ୍ଚ କରିଥିବା ଅର୍ଥ ବ୍ଲକ ପ୍ରଶାସନ ଦେବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏସମ୍ପର୍କରେ ସମ୍ପୃକ୍ତ ଭିଏଲଡବ୍ଲ୍ୟୁ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଲକ୍ଷ୍ମୀଧରଙ୍କ ଭତ୍ତା କ'ଣ ବନ୍ଦ ହୋଇଥିଲା ତାହା ମୋତେ ଜଣାନାହିଁ। ସେତେବେଳେ ମୁଁ ଦାୟିତ୍ୱରେ ନ ଥିଲି। ଏବେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କର ସମସ୍ତ ଭତ୍ତା ଟଙ୍କା ବାବାଦକୁ ୧୦,୯୦୦ଟଙ୍କା ପ୍ରଦାନ କରାଯାଇଛି।



ଭିନ୍ନକ୍ଷମ ଲକ୍ଷ୍ମୀଧରଙ୍କୁ ବକେୟା ଭତ୍ତା ଦିଆଯାଉଛି।

## ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟର ପ୍ରତିଷ୍ଠା ଦିବସ

କୁଜଙ୍ଗ,୨୦।୧(ଡି.ଏନ.ଏ.)

କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ପ୍ରଥମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ସଂଘ ସଭାପତି ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିରୂପେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ ରାଉତରାୟ, ସମ୍ମାନିତ ଅତିଥି ସବ୍‌ଜଜ୍ ପ୍ରିୟରଞ୍ଜନ ବାରିକ, ମୁନ୍‌ସଫ୍ ସୁମିତ୍ରା ବିଶ୍ୱାଳ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଦେ ଯୋଗଦେଇ କହିଥିଲେ, ଆଜିର ଦିବସ କୁଜଙ୍ଗ ବିଚାର ବିଭାଗ ଇତିହାସରେ ସ୍ମରଣୀୟ ହୋଇ ରହିବ। ଗତ ବର୍ଷ ଏହି ଦିନରେ ଯେତେବେଳେ କୁଜଙ୍ଗରେ ଅତିରିକ୍ତ ଜିଲା ଦୌରାଜଜ୍ ବିଚାରାଳୟ ଖୋଲିଲା ସେହିଦିନଠାରୁ ବିଚାର ବିଭାଗ କ୍ଷେତ୍ରରେ କୁଜଙ୍ଗ ଜିଲାର ମାନ୍ୟତା ପାଇଲା। ଯାହାକି କୁଜଙ୍ଗ ପାଇଁ ଗର୍ବ ଓ ଗୌରବର ବିଷୟ। ତେଣୁ କୁଜଙ୍ଗ ନ୍ୟାୟ ମନ୍ଦିରର ସମ୍ମାନ ରକ୍ଷା ପାଇଁ ସମସ୍ତ ଆଇନଜୀବୀ ପ୍ରତିଜ୍ଞାବଦ୍ଧ ହେବା ଉଚିତ୍। ଉତ୍ସବରେ ବରିଷ୍ଠ ଆଇନଜୀବୀ ସୁଶାନ୍ତ ପଟ୍ଟନାୟକ, ପୂର୍ବତନ ଓକିଲ ସଂଘ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ, ଅମୃତ ଦାସ, ପ୍ରଫୁଲ୍ଲ ବେହେରା, ସରକାରୀ ଓକିଲ ନଳିନୀ ରଞ୍ଜନ ଦାସ, ଦାମୋଦର ସ୍ୱାଇଁ, କୈଳାସ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ମହାପାତ୍ର, ଭାରତ ଭୂଷଣ ଦାସ, ଅର୍ଜୁନୀ ନାୟକ ଓ ଦୀପକ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ବିଚାର ବିଭାଗର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ।




ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## କୃଷକ ନେତା ବିଭୂତି ଭୂଷଣ ପଟ୍ଟନାୟକଙ୍କ ୮ମ ଶ୍ରାଦ୍ଧୋତ୍ସବ

କୁଜଙ୍ଗ/ପାରାଦୀପ,୨୦।୧ (ସ୍ୱ.ପ୍ର./ଡି.ଏନ.ଏ.)

ପାରାଦୀପ-କୁଜଙ୍ଗ ଅଞ୍ଚଳର ଜଣାଶୁଣା କୃଷକ ଓ ଶିକ୍ଷକ ନେତା ବିଭୂତିଭୂଷଣ ପଟ୍ଟନାୟକଙ୍କ ଅଷ୍ଟମ ଶ୍ରାଦ୍ଧୋତ୍ସବ ସୋମବାର ତାଙ୍କ ବଳରାମପୁରସ୍ଥିତ ବାସଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ସମୟରେ ଦେବଦେବୀ ପୀଠରେ ଦୀପଦାନ, ପୂଜାର୍ଚ୍ଚନା କରାଯିବା ସହିତ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଶ୍ରାଦ୍ଧୋତ୍ସବରେ ଯୋଗଦେଇ ବିଭୂତିଭୂଷଣ ଓ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜ୍ୟୋଷ୍ଠପୁତ୍ର ତଥା ମାସିକ ପତ୍ରିକା 'ପରଦା'ର ସମ୍ପାଦକ ସରୋଜ ପଟ୍ଟନାୟକ ଓ ଅନ୍ୟ ପୁତ୍ର ତଥା ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ପୁତ୍ର ସୁଶାନ୍ତ, ସୁବୋଧ, ସଞ୍ଜୀବ, ସଂଗ୍ରାମ, ପୁତ୍ରବଧୂ, ଲିନା, ଏଲି, ମିଲି, ମିନୁ, ଲିତା, ଲୁସି, ନାତିନାତୁଣୀ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଶେଷରେ ଦରିଦ୍ର ନାରାୟଣ ସେବା କାର୍ଯ୍ୟ ହୋଇଥିଲା।



ବିଭୂତି ଭୂଷଣଙ୍କ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ବ୍ୟକ୍ତିବିଶେଷ।

## 'ଗ୍ରନ୍ଥ ବି ସମାଜରେ ବିପ୍ଳବ ଆଣିପାରେ'

ଜଗତ୍‌ସିଂହପୁର ଅଫିସ୍, ୨୦।୧

ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ସାହିତ୍ୟ ଉପରେ ଆଧାରିତ ଲିଖିତ ଗ୍ରନ୍ଥ ହୋମରୁଲ୍ ଓ ସର୍ବୋଦୟ ବେସ୍ ହୃଦୟସ୍ପର୍ଶୀ। ଆଦର୍ଶ ଓ ସମନ୍ୱୟର ଏହି ଗ୍ରନ୍ଥ ମାଧ୍ୟମରେ ଗାନ୍ଧୀ ସମାଜକୁ ଦିଗ୍‌ଦର୍ଶନ ଦେବାକୁ ଚେଷ୍ଟା କରିଛନ୍ତି। ସେହିପରି ଆମେରିକାରେ ପ୍ରକାଶିତ ଗ୍ରନ୍ଥ ଅଙ୍କଲ ଷ୍ଟମ୍ପ କେବିନ୍ କ୍ରୀତଦାସ ପ୍ରଥା ବିରୋଧରେ ସଂଗ୍ରାମ ସୃଷ୍ଟି କରି ପାରିଥିଲା। ଏଥିରୁ ସ୍ପଷ୍ଟ ଯେ ଗ୍ରନ୍ଥ ବି ସମାଜରେ ବିପ୍ଳବ ଆଣିପାରେ। ସୋମବାର ଏକବିଂଶତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ୬ଷ୍ଠ ସନ୍ଧ୍ୟାରେ ଅନୁଷ୍ଠିତ ସାହିତ୍ୟ ଆସରେ ଅତିଥିଭାବେ ଯୋଗଦେଇ ଇଂ. ପ୍ରଭାକର ସ୍ୱାଇଁ ଏହା କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଆୟୋଜିତ ଉତ୍ସବରେ ସେ କହିଥିଲେ, ଏ ମାଟିର ଆଦିକବି ସାରଳା ଦାସଙ୍କ ଦ୍ୱାରା ରଚିତ ଓଡ଼ିଆ ମହାଭାରତ ଓଡ଼ିଆ ସାହିତ୍ୟକୁ ୬୦୦ ବର୍ଷ ଧରି ବଞ୍ଚାଇ ରଖି ପାରିଛି। ଯାହାକି ବିଶ୍ୱ ସାହିତ୍ୟରେ ବିସ୍ମୟ। ଅନ୍ୟତମ ସମ୍ମାନିତ ଅତିଥି ପ୍ରାଧାପକ ସୁଧା ଦାଶ ମଧ ଓଡ଼ିଆ ମହାଭାରତର ଗାରିମା ଉପରେ ବଖାଣିଥିଲେ। ସେ କହିଥିଲେ, ପୂର୍ବ ଭାରତର ପ୍ରଥମ କ୍ରାନ୍ତୀୟ ଭାଷାର ମହାକାବ୍ୟ ହେଉଛି ଓଡ଼ିଆ ମହାଭାରତ। ଏଭଳି ଗ୍ରନ୍ଥ ମା'ଶାରଳାଙ୍କ ଆଶୀର୍ବାଦରୁ ଆଦିକବି ସାରଳା ଦାସ ଏ ମାଟିରେ ରଚନା କରି ଜିଲାକୁ ଗୌରବାନ୍ୱିତ କରି ପାରିଛନ୍ତି। ଓଡ଼ିଆ ସାହିତ୍ୟର ଆଦି ଯୁଗ ଏ ଜିଲାରୁ ଆରମ୍ଭ ହୋଇଥିବାରୁ ଜଗତ୍‌ସିଂହପୁରର ଭୂୟସୀ ପ୍ରଶଂସା କରିଥିଲେ। ତେଣୁ ଲୋକଭାଷା ଆଡକୁ ସାହିତ୍ୟ ପାଖେଇବ ସାହିତ୍ୟ ସମୃଦ୍ଧ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଧାପକ ବ୍ରଜସୁନ୍ଦର ମିଶ୍ର ଅତିଥି ଭାବେ ଯୋଗଦେଇ ଗୋଟିଏ ଗୋଟିଏ ବହି ସମାଜକୁ କିପରି ବଦଳାଇ ଦେଇପାରେ ତା'ଉପରେ ବର୍ଣ୍ଣନା କରିଥିଲେ। ଉଦାହରଣ ଶୈଳୀରେ କହିଥିଲେ, ଚାର୍ଲସ୍ ଡିକେନ୍‌ଙ୍କ ଦ୍ୱାରା ରଚିତ ଅଲିଭର ଟ୍ୱିଷ୍ଟ ହେଉ ଅବା ମହାଭାରତ। ଏଭଳି ପୁସ୍ତକ, ଗ୍ରନ୍ଥ ସମାଜ ବଦଳାଇ ଦେବାର ସାମର୍ଥ୍ୟ ରଖିଥାଏ। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ସାହିତ୍ୟ କହିଥିଲେ, ଯେଉଁ ସାହିତ୍ୟରେ ସମାଜ ପାଇଁ ବାର୍ତ୍ତା ନାହିଁ ତାହା ସାହିତ୍ୟ ପଦବାଚ୍ୟ ନୁହେଁ। ପ୍ରତ୍ୟେକ ବ୍ୟକ୍ତିର ପରିଚୟ ସେ ପାଖରେ ରଖିଥିବା ପୁସ୍ତକରୁ ହିଁ ମିଳିଥାଏ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ। ସ୍ୱାଗତ ଭାଷଣ, ଧନ୍ୟବାଦ ଦେଇଥିଲେ ଯଥାକ୍ରମେ ଅମରଜ୍ୟୋତି ସାହୁ ଓ ମାନସ କାନୁନ୍‌ଗୋ। ପରିଷଦ ସମ୍ପାଦକ ସାରଦା ଦାସ, ଯୁଗ୍ମ ସମ୍ପାଦକ ସୁଧୀର ମହାନ୍ତି, ଉପାଧ୍ୟକ୍ଷ ବିଜୟ ରାଉତ, ଯୁଗ୍ମ ସମ୍ପାଦକ ନରେଶ ଦାଶ ଓ କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ଏକବିଂଶତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ୬ଷ୍ଠ ସନ୍ଧ୍ୟା**



ବଲିଉଡ୍ ବିୟୁଟି ଶ୍ରଦ୍ଧା କପୁର ଏବେ ତାଙ୍କ ଅପ୍ କମିଙ୍ଗ ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ର ପ୍ରମୋଶନ ପାଇଁ ବ୍ୟସ୍ତ ଅଛନ୍ତି। ଏବେ କିନ୍ତୁ ସେ ରଣବୀର କପୁରଙ୍କ ସହ ଅଭିନୟ କରିବାକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। 'ପ୍ୟାର କା ପଞ୍ଚନାମା' ଭଳି ହିଟ୍ ଫିଲ୍ମ ଭେଟି ଦେଇଥିବା ଲଭ୍ ରଞ୍ଜନଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ଆଗାମୀ ଫିଲ୍ମରେ ରଣବୀରଙ୍କ ସହ ଶ୍ରଦ୍ଧା ଅଭିନୟ କରିବେ ବୋଲି ଜଣାପଡିଛି।





# ଟ୍ରାଫିକ୍ ନିୟନ୍ତ୍ରଣ କରିବେ ଅଶ୍ୱାରୋହୀ ପୋଲିସ

**ମୁମ୍ବାଇ:** ମୁମ୍ବାଇରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସରକାର ଏକ ନିଆରା ଉଦ୍ୟମ ଆରମ୍ଭ କରିଛନ୍ତି। ୮୮ ବର୍ଷ ପରେ ପୁଣିଥରେ ଘୋଡ଼ା ସବାର ଟ୍ରାଫିକ୍ ପୋଲିସଙ୍କୁ ମୁମ୍ବାଇ ରାସ୍ତାରେ ଦେଖିବାକୁ ମିଳିବ। ଶେଷଥର ପାଇଁ ୧୯୩୨ରେ ଘୋଡ଼ା ସବାର ଟ୍ରାଫିକ୍ ପୋଲିସ ବ୍ୟବସ୍ଥା ମୁମ୍ବାଇରେ ପ୍ରଚଳିତ ଥିଲା। ଜାନୁୟାରୀ ୨୬ରେ ସ୍ଥାନୀୟ ଶିବାଜୀ ପାର୍କରେ ଆୟୋଜିତ ହେବାକୁ ଥିବା ପରେଡ଼ରେ ଘୋଡ଼ା ସବାର ଟ୍ରାଫିକ୍ ପୋଲିସଙ୍କୁ ଦେଖିବାକୁ ମିଳିବ। ଏହାପରେ ଘୋଡ଼ା ସବାର ଟ୍ରାଫିକ୍ ପୋଲିସ ବାହିନୀଙ୍କୁ ମୁତୟନ କରାଯିବ ବୋଲି ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନୀଲ ଦେଶମୁଖ ସୂଚନା ଦେଇଛନ୍ତି। ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ଥର ଲାଗି ୩୦ ଜଣିଆ ଘୋଡ଼ା ସବାର ପୋଲିସ ବାହିନୀଙ୍କୁ ଟ୍ରାଫିକ୍ ନିୟନ୍ତ୍ରଣ କାର୍ଯ୍ୟରେ ଲଗାଯିବ।




# ଦିଶାଙ୍କୁ କିଏ କହୁଛି 'ମଛଲୀ' ତ କିଏ କହୁଛି 'ବମ୍'

**ମୁମ୍ବାଇ:** ଫ୍ୟାନ୍‌ମାନଙ୍କୁ ଇସାରାରେ କେମିତି ନଚେଇବାକୁ ହୁଏ, ତାହା ବୋଧହୁଏ ଦିଶାଙ୍କୁ ଭଲଭାବେ ଜଣା। ସୋସିଆଲ ମିଡିଆରେ ନିଜ ଘାଇଲା କଲାଭଳି ଅନ୍ଦାଜ୍‌ରେ ଫଟୋ, ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କୁ ବାନ୍ଧି ରଖିଛନ୍ତି ବଲିଉଡ୍ ନାୟିକା ଦିଶା ପଟାନୀ। ତେବେ ଆଜିକାଲି ତାଙ୍କ ବିକିନି ଫଟୋ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଫିଟ୍‌ନେସ୍ ଫ୍ରିକ୍ ଦିଶା ନିକଟରେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ସମୁଦ୍ର କୂଳରେ ଠିଆହୋଇଥିବା ଏକ ଫଟୋ ଶେୟାର କରିଛନ୍ତି। ଫଟୋଟିରେ ସେ ଲାଲ୍ ରଙ୍ଗର ଏକ ବିକିନି ପିନ୍ଧି ପୋଜ୍ ଦେଇଥିବା ଦେଖିବାକୁ ମିଳିଛି। ଦିଶାଙ୍କ ଏହି ହଟ୍ ଅବତାର ଫ୍ୟାନ୍‌ମାନଙ୍କୁ ଖୁବ୍ ପସନ୍ଦ ଆସିଥିବାବେଳେ ମନଭରି ସେମାନେ ତାରିଫ୍ ମଧ୍ୟ କରୁଛନ୍ତି। କିଏ କହୁଛି 'ହଟି' ତ କିଏ କହୁଛି 'କୁଇନ୍'। କିଏ କହୁଛି 'ମଛଲି' ତ ପୁଣି ଆଉ କିଏ କହୁଛି 'କତ୍‌ଲ କରେ ତେରା ବମ୍ ଫିଗର୍'। କିଛି ଏଭଳି କମେଣ୍ଟ ଆସୁଛି ଦିଶା ପଟାନୀଙ୍କ ଲାଟେଷ୍ଟ ବିକିନି ଫଟୋରେ। ସମୟ ସମୟରେ ଦିଶା ନିଜ ଫ୍ୟାନ୍‌ମାନଙ୍କୁ ଏଭଳି ଫଟୋ, ଭିଡିଓମାନ ଶେୟାର କରି ଖୁସି କରିଦେଇଥାନ୍ତି। ତେବେ ଉକ୍ତ ଫଟୋଟି ତାଙ୍କ ଅପ୍‌କମିଂ ଫିଲ୍ମ 'ମଲଙ୍ଗ୍'ର ଏକ ସିନ୍ ବୋଲି ଜଣାପଡ଼ିଛି। ଏଠାରେ କହି ରଖୁଛୁ ଯେ, ଦିଶା-ଆଦିତ୍ୟ ରୟ କପୁରଙ୍କ ଅଭିନୀତ ଅପ୍‌କମିଂ ଫିଲ୍ମ 'ମଲଙ୍ଗ୍'ର

## ପ୍ରଶଂସା ସାଉଁଟୁଛି ବିକିନି ଲୁକ୍

ଟ୍ରେଲର୍ ରିଲିଜ୍ ହୋଇଯାଇଛି। ଫିଲ୍ମରେ ଅନିଲ କପୁର ଏବଂ କୁନାଲ୍ ଖେମୁ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହାଛଡ଼ା ନିକଟରେ ଫିଲ୍ମର ଏକ ଗୀତ 'କାଫିରା' ମଧ୍ୟ ରିଲିଜ୍ ହୋଇଯାଇଛି, ଯେଉଁଥିରେ ସେ ଏହି ଲାଲ୍ ରଙ୍ଗର ବିକିନି ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଗୀତରେ ଦିଶାଙ୍କ ଲୁକ୍ ଆଉ ହଟ୍ ଅବତାରକୁ ଦର୍ଶକେ ଖୁବ୍ ପ୍ରଶଂସା କରିଛନ୍ତି। ଫିଲ୍ମଟି ଫେବୃୟାରୀ ୭ରେ ରିଲିଜ୍ ହେବ।



# ଭଗବାନଙ୍କୁ ଅର୍ପଣ କରାଯାଏ ଜୀବନ୍ତ କଙ୍କଡ଼ା

**ସୁରଟ:** ଭଗବାନଙ୍କ ନିକଟରେ କିଏ କେତେ କ'ଣ କାମନାକରି ବିଭିନ୍ନ ପ୍ରକାର ଫୁଲଫଳ ଅବା ଭୋଗ ଅର୍ପଣ କରିଥାଆନ୍ତି। ହେଲେ ସୁରଟର ଏକ ମନ୍ଦିରରେ ଭଗବାନଙ୍କୁ ଜିଅନ୍ତା କଙ୍କଡ଼ା ଅର୍ପଣ କରାଯାଇଥାଏ। ସେଠାରେ ଥିବା ରୁନ୍ଦନାଥ ଶିବମନ୍ଦିରରେ ଏଭଳି ନିୟମ ରହିଛି। ରୋଗଗ୍ରସ୍ତ ବିଶେଷ କରି ଯେଉଁମାନେ କାନ ରୋଗରେ ପୀଡିତ, ସେମାନେ ଏଠାକୁ ଆସି ଶିବଙ୍କ ନିକଟରେ ଜୀବନ୍ତ କଙ୍କଡ଼ା ଚଢ଼ାଇବାର ବିଧି ରହିଛି। ପୂର୍ବରୁ ମନ୍ଦିର ନିକଟରେ ଯେତେବେଳେ ସମୁଦ୍ର ଥିଲା ସେତେବେଳଠାରୁ ଏଠାରେ କଙ୍କଡ଼ା ଅର୍ପଣ କରିବାର ପରମ୍ପରା ରହିଥିବା କୁହନ୍ତି ସ୍ଥାନୀୟ ବାସିନ୍ଦା।

# ବିବାହରେ ଅତିଥିଙ୍କ ପାଇଁ ପ୍ରବେଶ ଫି

**ନ୍ୟୁୟର୍କ:** ବିବାହରେ ନବବିବାହିତ ଯୋଡ଼ିଙ୍କୁ ଆଶୀର୍ବାଦ ଦେବା ପାଇଁ ଅତିଥିମାନେ ଆସିଥାନ୍ତି। ଏଥିଲାଗି କୌଣସି ପ୍ରବେଶ ଫି ନ ଥାଏ। ତେବେ ଆମେରିକାର ଜଣେ ୨୬ ବର୍ଷ ବୟସ୍କା ଯୁବତୀ ତାଙ୍କ ବିବାହରେ ଅତିଥିମାନଙ୍କ ପାଇଁ ୫୦ ଡଲାର ପ୍ରବେଶ ଫି ରଖି ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଏନେଇ ତାଙ୍କ ଭଉଣୀ ଡ୍ୟାଣ୍ଟି ଶିପ୍ ସୋସିଆଲ୍ ମିଡ଼ିଆ ରେଡ୍ଡିଟ୍‌ରେ ସୂଚନା ଦେଇଥିଲେ। ରବିବାର ହୋଇଥିବା ତାଙ୍କ ବିବାହ ଉତ୍ସବରେ



ଅତିଥିମାନେ ପ୍ରଥମେ ଫି ପୈଠ କରିବା ପରେ ଉତ୍ସବରେ ଯୋଗ ଦେଇପାରିବେ ବୋଲି କୁହାଯାଇଥିଲା। ଏହାଦ୍ୱାରା ବିବାହ ଉତ୍ସବରେ ହୋଇଥିବା ଖର୍ଚ୍ଚ ଭରଣା ହୋଇପାରିବ। ଏହାକୁ କେତେକ ସମର୍ଥନ କରିଥିବାବେଳେ ଅନ୍ୟମାନେ ଟ୍ରୋଲ୍ କରିଥିଲେ। ଏହା ଅତିଥିମାନଙ୍କ ପ୍ରତି ଅପମାନ ବୋଲି କେତେଜଣ ପ୍ରତିକ୍ରିୟା ଦେଇଥିଲେ।

## ଯୌଥ ପରିବାରର ଅନନ୍ୟ ଉଦାହରଣ

# ୭ ପିଢ଼ି ଧରି ଏକାଠି

**ଧାରୱାଡ:** ପାଶ୍ଚାତ୍ୟ ସଂସ୍କୃତିର ଚାପରେ ବିଖଣ୍ଡିତ ହୋଇଗଲାଣି ଭାରତୀୟ ଯୌଥ ପରିବାର। ଆଉ ଏକାଠି ରହି ପରିବାରର ଜଞ୍ଜାଳ ମୁଣ୍ଡାଇବାକୁ ଚାହୁଁନାହାନ୍ତି କେହି। ହେଲେ ଦୀର୍ଘ ୭ ପିଢ଼ି ଧରି ଗୋଟିଏ ଘରେ ମିଳିମିଶି ରହି ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଭୀମନ୍ନା ନରସିଙ୍ଗୱର ପରିବାର। କର୍ନାଟକ ରାଜଧାନୀ ବେଙ୍ଗାଲୁରୁ ସହରରୁ ୫୦୦ କିମି ଦୂର ଧାରୱାଡ୍ ଜିଲାର ଲୋକୁର ଗ୍ରାମ। ଏଠାରେ ରୁହନ୍ତି ଦେଶର ଅନ୍ୟତମ ବୃହତ୍ ଯୌଥ ପରିବାର। ୧୪୦ ସଦସ୍ୟ ବିଶିଷ୍ଟ ପରିବାରରେ ୬୦ ମହିଳା ଏବଂ ୮୦ ପୁରୁଷ। ସେମାନଙ୍କ ମଧ୍ୟରେ ୩୦ଜଣଙ୍କ ବୟସ ୧୮ବର୍ଷ। ୭୦ଜଣ ଚାକିରି ପାଇଁ ବାହାରେ ରୁହନ୍ତି। ଅତିକାୟ ବଡ଼ ପରିବାର। ଅନେକ ସମସ୍ୟା। ତଥାପି ଅନୁଶାସନ ଭିତରେ ପିଢ଼ି ପରେ ପିଢ଼ି ଧରି ବାନ୍ଧିହୋଇ ରହିଛନ୍ତି ସଭିଏଁ।


ଘର ଭିତରକୁ ପଶୁ ପଶୁ ଆଖିରେ ପଡ଼ିବ ବଡ଼ ବଡ଼ ଅଟା କଳ। ବଡ଼ ବଡ଼ ହାଣ୍ଡିରେ ରୋଷେଇ କରାଯାଉଥିବା ଚୁଲି। ଖାଦ୍ୟ ସାମଗ୍ରୀରେ ଭର୍ତ୍ତି ବାରଣ୍ଡା। ଆହୁରି ଏମିତି ଅନେକ କିଛି। ପରିବାର ଦୈନନ୍ଦିନ ଜୀବନ ସମ୍ପର୍କରେ ସଦସ୍ୟ ମଞ୍ଜୁନାଥ କୁହନ୍ତି, ସମସ୍ତଙ୍କ ପାଇଁ ଏକାଠି ଖାଇବା ପ୍ରସ୍ତୁତ କରାଯାଏ, ତାହା ମଧ୍ୟ ଦିନକୁ ୩ଥର। ଥରକେ ଯଅ ଅଟାରେ ୩୦୦ ରୁଟି ତିଆରି କରିବାକୁ ପଡ଼େ। କ୍ଷୀର ଆବଶ୍ୟକତା ମେଣ୍ଟାଇବାକୁ ୪୦ ଗାଈ ଅଛନ୍ତି। ପାଖାପାଖି ୧୫୦ ଲିଟର କ୍ଷୀର ଦୁହାଁଯାଇଥାଏ। ସେଥିରୁ ୬୦ ଲିଟର ଘରେ ବ୍ୟବହୃତ ହୁଏ। ଚାଷବାସ କରିବାକୁ ୨୦୦ ଏକର ଜମି ରହିଛି, ଯାହା ବର୍ଷତମାମ ଖାଇବା ଯୋଗାଇଥାଏ।

ଘରର ସବୁଠାରୁ ବୟସ୍କ ସଦସ୍ୟ ୯୦ ବର୍ଷୀୟ ଈଶ୍ୱରପ୍ପା କୁହନ୍ତି, ତାଙ୍କର ପୂର୍ବପୁରୁଷ



ମହାରାଷ୍ଟ୍ର ହଟକଲ ଅଙ୍ଗଦାରୁ ଏଠାକୁ ଆସିଥିଲେ। ସେବେଠାରୁ ସମସ୍ତେ ମିଳିମିଶି ଚଳୁଛନ୍ତି। ୧୯୯୮ରୁ ଲଗାତର ୬ବର୍ଷ ଭୟଙ୍କର ମରୁଡ଼ି ପଡ଼ିଲା। ଲକ୍ଷାଧିକ ଟଙ୍କା ଋଣ କରିବାକୁ ପଡ଼ିଲା। ଏହା ବଢ଼ି ବଢ଼ି ୪ କୋଟିରେ ପହଞ୍ଚିଛି। କରଜ ଶୁଝିବାକୁ ସମସ୍ତେ ମିଳିମିଶି ରାସ୍ତା ବାହାର କରିଛୁ। ଚାଷବାସ ଦାୟିତ୍ୱ ସମ୍ଭାଳୁଥିବା ଦେବେନ୍ଦ୍ର କୁହନ୍ତି, ପ୍ରତିବର୍ଷ ଘରର ୨-୩ ଜଣଙ୍କ ବିବାହ ହେବା ନିଶ୍ଚିତ। ଗୋଟିଏ ବିବାହରେ ୧୦ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ ହେଉଛି।

ବୋହୂ ଅକମ୍ମା ଗର୍ବରେ କୁହନ୍ତି, ଘରର ୮୦ ବର୍ଷ ପୂର୍ବରୁ କାହାରି ମୃତ୍ୟୁ ହୋଇଥିବା ତାଙ୍କ ନଜରରେ ନାହିଁ। ପ୍ରତିବର୍ଷ ମୁମ୍ବାଇ, ବେଙ୍ଗାଲୁରୁ, ହୁବଲିରୁ ୨୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଏଠାକୁ ରିସର୍ଚ୍ଚ କରିବାକୁ ଆସିଥାନ୍ତି। ନିର୍ଦ୍ଦେଶକ କେତନ ମେହେଟ୍ଟା ପରିବାର ଉପରେ ଫିଲ୍ମ ମଧ୍ୟ କରିସାରିଲେଣି। ପୂର୍ବରୁ ଗୋଟିଏ ବଡ଼ ଘରେ ସମସ୍ତେ ରହୁଥିଲୁ। ଏବେ ଲୋକସଂଖ୍ୟା ବଢ଼ିବା ପରେ ୬ଟି ଘର ତିଆରି କରାଯାଇଛି। ହେଲେ ୧୯୭୫ରେ ନିର୍ମାଣ କରାଯାଇଥିବା ସବୁଠାରୁ ପୁରୁଣା ଘରେ ହିଁ ରୋଷେଇ ହେଉଛି। ଛୋଟ ବେଳୁ ପିଲାମାନଙ୍କୁ ଖର୍ଚ୍ଚ କମାଇବାକୁ ଶିକ୍ଷା ଦିଆଯାଉଛି। ଘରେ ମାତ୍ର ୨ଟି ଟିଭି ଅଛି। ସମସ୍ତେ ମୋବାଇଲଠାରୁ ଯଥାସମ୍ଭବ ଦୂରରେ ରୁହନ୍ତି। ବୃଦ୍ଧ ଈଶ୍ୱରପ୍ପାଙ୍କ ନିଷ୍ପତ୍ତିକୁ ସମସ୍ତେ ମାନିଥାନ୍ତି। ଫଳରେ ଆଜିଯାଏ ସବୁକିଛି ଠିକ୍‌ଠାକ ଚାଲିଥିବା ସେ କହିଛନ୍ତି।



# ମହାକାଶ ଯାନ ଖରାପ ହେଲେ ଜୀବନ ବଞ୍ଚାଇବ କ୍ରୁ ଡ୍ରାଗନ

**ୱାଶିଂଟନ:** ଏଣିକି ମହାକାଶ ମିଶନରେ କିଛି ଯାନ୍ତ୍ରିକ ଅସୁବିଧା ଉପୁଜିଲେ ଭୟ କରିବାର ନାହିଁ। ମହାକାଶ ଯାନ ଖରାପ ହେଲେ ସହାୟତା ପ୍ରଦାନକାରୀ କ୍ରୁ ଡ୍ରାଗନ ମହାକାଶଚାରୀଙ୍କ ଜୀବନ ବଞ୍ଚାଯାଇ ପାରିବ। ତାହା ସଫଳତାର ସହିତ ନାସା ପକ୍ଷରୁ ପରୀକ୍ଷା କରାଯାଇଛି। କ୍ରୁ ଡ୍ରାଗନ କ୍ୟାପସୁଲରେ ସୁରକ୍ଷିତ ଭାବେ ମହାକାଶଚାରୀମାନେ ଭୂପୃଷ୍ଠରେ ଅବତରଣ କରିପାରିବେ। ଆମେରିକାର ଫ୍ଲୋରିଡ଼ାସ୍ଥିତ ଜନ୍ ଏଫ୍. କେନେଡ଼ି ମହାକାଶ କେନ୍ଦ୍ରର ରକେଟ୍ ଫାଲକନ୍-୯ ଦ୍ୱାରା ଏହାର ପରୀକ୍ଷଣ କରାଯାଇଛି। ରବିବାର ଆମେରିକା ସମୟ ପୂର୍ବାହ୍ନ ୧୦ଟା ୩୦ରେ ଉତ୍କ୍ଷେପଣ ପରେ ୧୦ ମାଇଲ୍ ଉଚ୍ଚାରେ ରକେଟର ଇଞ୍ଜିନକୁ ବନ୍ଦ କରି ଦିଆଯାଇଥିଲା। ଉଡ଼ାଣର ୮୪ ସେକେଣ୍ଡ ପରେ ରକେଟରୁ କ୍ରୁ ଡ୍ରାଗନ କ୍ୟାପସୁଲ୍‌କୁ ଅଲଗା କରାଯାଇଥିଲା। ଏହାପରେ କ୍ରୁ ଡ୍ରାଗନ ନିଜକୁ ସୁରକ୍ଷିତ ଦୂରତାକୁ ନେଇଯାଇ ୪ଟି ପାରାଚୁଟ୍ ଖୋଲିଥିଲା। ଏହା ସହାୟତାରେ ୯ ମିନିଟ୍ ୨ ସେକେଣ୍ଡ ମଧ୍ୟରେ କ୍ରୁ ଡ୍ରାଗନ ଆଟଲାଣ୍ଟିକ୍ ମହାସାଗରରେ ସୁରକ୍ଷିତ ଅବତରଣ କରିଥିଲା।

# ୨ଟି ମାଛ ବିକି ଲକ୍ଷପତି

**ଇସଲାମାବାଦ୍:** ଜଣେ ପାକିସ୍ତାନୀ ଧୀବର ୨ଟି ମାଛ ବିକି ରାତାରାତି ଲକ୍ଷପତି ପାଲଟି ଯାଇଛନ୍ତି। କରାଚୀରେ ବାସ କରୁଥିବା ଏହି ଧୀବର ଜଣକ ଆରବସାଗରରେ ମାଛ ଧରୁଥିବା ସମୟରେ ୨ଟି ସବା ପ୍ରଜାତିର ମାଛ ଧରିଥିଲେ। ଏହି ମାଛର ଏୟାର ବ୍ଲାଡର ଦାମ୍ ଅନ୍ତର୍ଜାତୀୟ ବଜାରରେ ବେଶ୍ ଅଧିକ। ଏଥିରୁ ବହୁ ଔଷଧ ପ୍ରସ୍ତୁତ ହୋଇଥାଏ। ମାଛ ଦୁଇଟିକୁ ୧୦ ଲକ୍ଷ ଲେଖାଏଁ ଟଙ୍କାରେ ବିକି ଧୀବର ଜଣକ ୨୦ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ମାଛ ୨ଟିର ଲମ୍ବ ଦେଢ଼ ମିଟରରୁ ଅଧିକ ଥିବାବେଳେ ଓଜନ ୩୦-୪୦ କିଲୋ ମଧ୍ୟରେ ହେବ ବୋଲି କୁହାଯାଉଛି। ଏହି ପ୍ରଜାତିର ମାଛ ବାଲୁଚିସ୍ତାନ ଏବଂ ସିନ୍ଧ୍ ଉପକୂଳରେ ଅଧିକ ଦେଖାଯାଇଥାନ୍ତି।





# ପାଣିରେ ଚାଲିବ ଟ୍ରାକ୍ଟର

**ଲୁଧିଆନା:** ଆଗାମୀ ଦିନରେ ଡିଜେଲ୍ ବଦଳରେ ଟ୍ରାକ୍ଟର ପାଣିରେ ଚାଲିବ। ପଞ୍ଜାବ ଲୁଧିଆନାର ଜିମ୍ପେକ୍ସ୍ ବାୟୋ ଟେକ୍ନୋଲୋଜିର ମିହିର ଜୟସିଂ ଏପରି ଏକ କିଟ୍ ପ୍ରସ୍ତୁତ କରିଛନ୍ତି। ଏହି କିଟ୍‌କୁ ୩୫ ହର୍ଷ ପାୱାରରୁ ୯୦ ହର୍ଷ ପାୱାର ଟ୍ରାକ୍ଟରରେ ଲଗାଯାଇପାରିବ। ଏହା ଦ୍ୱାରା ଭବିଷ୍ୟତରେ ଡିଜେଲ ବଦଳରେ ପାଣିରେ ସହଜରେ ଟ୍ରାକ୍ଟର ଚାଲିପାରିବ ବୋଲି ମିହିର ସୂଚନା ଦେଇଛନ୍ତି। ଏହାଦ୍ୱାରା କୃଷି ଆଉ ଅଧିକ ଟଙ୍କା ଖର୍ଚ୍ଚ ହେବ ନାହିଁ। କମ୍ ଟଙ୍କାରେ ଅଧିକ ଲାଭ ମିଳିବା ଦ୍ୱାରା ଚାଷୀ ଉପକୃତ ହୋଇପାରିବେ। ଏହି କିଟ୍ ସହାୟତାରେ ଟ୍ରାକ୍ଟର ହାଇଡ୍ରୋଜେନ୍ ଇନ୍ଧନରେ ଚାଲିବ।

# ସଡ଼କ ଦୁର୍ଘଟଣାରେ ୩ ମୃତ, ୧୨ ଆହତ

**ବାଲିଅନ୍ତା,୨୦।୧( ଡି.ଏନ୍.ଏ.):** ଭୁବନେଶ୍ୱର-କଟକ ୧୬ନଂ. ଜାତୀୟ ରାଜପଥର ପାହାଲ ଫାଣ୍ଡି ଅଧୀନ ରୁଦ୍ରପୁରସ୍ଥିତ ଏକ ଗାଡ଼ି ଶୋ'ରୁମ୍ ସମ୍ମୁଖରେ ରବିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ ବଡ଼ଆଙ୍କୁଲା ଗ୍ରାମର ଅବିନାଶ ପ୍ରଧାନ(୩୮), ତାଙ୍କ ପୁଅ ଅଂଶୁମାନ ପ୍ରଧାନ(୪) ଏବଂ ମାଟିଆପଡ଼ା ଅଞ୍ଚଳର ବଳରାମ ସାହୁ(୩୨)। ଆହତମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅବିନାଶ ଏବଂ ତାଙ୍କର ସମ୍ପର୍କୀୟମାନେ ମା' ତାରିଣୀଙ୍କ ଦର୍ଶନ ସାରି ଏକ ଟାଭେରାରେ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୨ଟାରେ ଶୋ'ରୁମ୍ ସମ୍ମୁଖରେ ଏକ ଅଜଣା ଗାଡ଼ି ଟ୍ରାଭେରା ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଟାଭେରାରେ ବସିଥିବା ଅବିନାଶ ଓ ବଳରାମଙ୍କ ମୃତ୍ୟୁ ହୋଇଥିଲା। ଆହତମାନଙ୍କୁ ସ୍ଥାନୀୟଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅଂଶୁମାନଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମୟରେ କଟକରୁ ଫେରୁଥିବା ଭୁବନେଶ୍ୱର(ମଧ) ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଏ ସମ୍ପର୍କରେ ବାଲିଅନ୍ତା ଥାନା ପୋଲିସ ଏକ ମାମଲା (ନଂ.୧୩/୨୦)ରୁଜୁକରି ତଦନ୍ତ ଚଳାଇଛି।

# ଓଡ଼ିଶାରୁ ସର୍ବାଧିକ କୋଇଲା ସେସ୍ ସଂଗୃହୀତ



- କେନ୍ଦ୍ରରେ ବିଚାରାଧୀନ ରହିଛି କୋଇଲା ରୟାଲ୍‌ଟି ବୃଦ୍ଧି ପ୍ରସଙ୍ଗ
- ୫ ବର୍ଷରେ ୧୧,୪୧୩.୮୮ କୋଟି ଆଦାୟ
- ଓଡ଼ିଶା ପଛକୁ ଛତିଶଗଡ଼, ଝାଡ଼ଖଣ୍ଡ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଖଣି ଥିବା ରାଜ୍ୟରୁ ସ୍ୱତନ୍ତ୍ର ଟିକସ ଆଦାୟ ହୋଇଥାଏ। ଏହି ଟିକସ ଦେଶର ଅର୍ଥନୀତିକୁ ସମୃଦ୍ଧ କରିଥାଏ। ହେଲେ ଖଣି ଥିବା ରାଜ୍ୟର ସେପରି ଉନ୍ନତି ହେଉଥିବା ମନେ ହେଉ ନାହିଁ। ଓଡ଼ିଶାରୁ ପ୍ରତିବର୍ଷ ବହୁ ପରିମାଣରେ କୋଇଲା ସେସ୍ ଆଦାୟ କରାଯାଉଥିଲେ ସୁଦ୍ଧା କୋଇଲା ରୟାଲଟି ସଂଶୋଧନ ନେଇ ରାଜ୍ୟ କରୁଥିବା ଦାବି ପୂରଣ ହେଉନାହିଁ। କେନ୍ଦ୍ର ସରକାରଙ୍କ ନିକଟରେ ଏହା ବିଚାରାଧୀନ ରହିଛି। ଶେଷଥର ପାଇଁ ୨୦୧୪ ସେପ୍ଟେମ୍ବରରେ କୋଇଲା ରୟାଲ୍‌ଟି ସଂଶୋଧନ ହୋଇଥିଲା। ରାଜ୍ୟ ବର୍ତ୍ତମାନ ରୟାଲ୍‌ଟି ବାବଦ ଅର୍ଥ ୧୫ ପ୍ରତିଶତରୁ ୨୦ ପ୍ରତିଶତକୁ ବୃଦ୍ଧି ପାଇଁ ଦାବି କରୁଛି। ଗତ ଡିସେମ୍ବର ୨ ତାରିଖରେ ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ରଙ୍କ ଅଣତାରକା ପ୍ରଶ୍ନ ନଂ.୧୫୫୬ରେ କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଉତ୍ତର ରଖି ରୟାଲ୍‌ଟି ସଂଶୋଧନ ସମ୍ପର୍କିତ ପ୍ରସ୍ତାବକୁ ବିଚାର କରିବା ପାଇଁ ୨୦୧୮ରେ ଏକ ଷ୍ଟଡି କମିଟି ଗଠନ କରାଯାଇଛି ବୋଲି କହିଥିଲେ।

୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟରୁ ୧୩୩୪.୫୯ କୋଟି ଟଙ୍କାର କୋଇଲା ସେସ୍ ସଂଗୃହୀତ ହୋଇଛି। ସେହିଭଳି ୨୦୧୬-୧୭ରେ ୫୭୨୦.୩୪ କୋଟି, ୨୦୧୫-୧୬ରେ ୨୬୦୧.୦୧ କୋଟି, ୨୦୧୪-୧୫ରେ ୧୧୭୯.୧୪ କୋଟି ଏବଂ ୨୦୧୩-୧୪ରେ ୫୭୮.୧୫ କୋଟି ଟଙ୍କାର ସେସ୍ ସଂଗ୍ରହ ହୋଇଛି। ୨୦୧୩-୧୪ରୁ ୨୦୧୬-୧୭ ପର୍ଯ୍ୟନ୍ତ ଓଡ଼ିଶାରୁ କୋଇଲା ସେସ୍ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ପରିମାଣରେ ସଂଗୃହୀତ ହୋଇଥିଲା। ହେଲେ ୨୦୧୭-୧୮ରେ ଆମ ରାଜ୍ୟଠାରୁ ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡରୁ ଅଧିକ ସେସ୍ ଆଦାୟ ହୋଇଛି। ଏହିବର୍ଷ ଛତିଶଗଡ଼ ଏବଂ ଝାଡ଼ଖଣ୍ଡରୁ ଯଥାକ୍ରମେ ୨୩୨୮.୦୯ ଏବଂ ୧୫୦୬.୭ କୋଟି ଟଙ୍କାର ସେସ୍ ଆଦାୟ ହୋଇଥିବା ଜଣାପଡ଼ିଛି।

ସେହିପରି ୨୦୧୩ରୁ ୨୦୧୮ ମଧ୍ୟରେ ଓଡ଼ିଶାରୁ ୧୧,୪୧୩.୮୮ କୋଟି ଟଙ୍କାର ସେସ୍ ସଂଗ୍ରହ କରାଯାଇଛି। ଏହା ସମସ୍ତ ରାଜ୍ୟ ତୁଳନାରେ ସର୍ବାଧିକ ବୋଲି ଜଣାପଡ଼ିଛି। ଏହି ସମୟ ମଧ୍ୟରେ ଛତିଶଗଡ଼ରୁ ୧୧,୧୨୪.୭୨ କୋଟି, ଝାଡ଼ଖଣ୍ଡରୁ ୯୪୬୦.୬୯ କୋଟି, ମଧ୍ୟପ୍ରଦେଶରୁ ୪୯୪୯.୫୫ କୋଟି, ମହାରାଷ୍ଟ୍ରରୁ ୩୦୯୯.୦୮ କୋଟି ଏବଂ ପଶ୍ଚିମବଙ୍ଗରୁ ୨୧୨୨.୫୨ କୋଟି ଟଙ୍କାର ସେସ୍ ସଂଗୃହୀତ ହୋଇଛି। ଓଡ଼ିଶା ସମେତ ସାରା ଦେଶରୁ ସଂଗୃହୀତ ହୋଇଥିବା ସେସ୍‌କୁ ଅର୍ଥନୈତିକ ବ୍ୟାପାର (ବଜେଟ ଡିଭିଜନ୍) ଦ୍ୱାରା ବିଭିନ୍ନ ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି। ୨୦୧୫-୧୬ ଆର୍ଥିକ ବର୍ଷରେ ସେସ୍‌ରୁ ସଂଗୃହୀତ ଅର୍ଥରୁ ନୂତନ ଏବଂ ନବୀକରଣଯୋଗ୍ୟ ମନ୍ତ୍ରଣାଳୟକୁ ୩୧୮୯.୮୬ କୋଟି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ୨୪୪.୯୪ କୋଟି ଏବଂ ଜଳସମ୍ପଦ, ନଦୀ ଉନ୍ନୟନ ଏବଂ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟକୁ ୧୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ୨୦୧୬-୧୭ରେ ଉପରୋକ୍ତ ୩ ମନ୍ତ୍ରଣାଳୟକୁ ଯଥାକ୍ରମେ ୩୮୩୬.୦୧ କୋଟି, ୯୫୫.୭୪ କୋଟି ଏବଂ ୧୬୭୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅନୁରୂପ ଭାବେ ୨୦୧୭-୧୮ରେ ଉପରୋକ୍ତ ୩ ମନ୍ତ୍ରଣାଳୟକୁ ୩୬୮୭.୮୪ କୋଟି, ୧୦୮୫.୪୫ କୋଟି ଏବଂ ୭୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

# ଜନନୀ ଯନ୍ତ୍ରଣା: ୪ କିମି ବୁହାହେଲେ ଗର୍ଭବତୀ



ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ରହିଥିବା ସ୍ଥାନକୁ ବୋହି ନିଆଯାଉଛି।

**ରାସ୍ତାରେ ପ୍ରସବ ହେଲା କନ୍ୟା ସନ୍ତାନ**

**ମାଲକାନଗିରି/ଖଇରପୁଟ, ୨୦।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ରୁପାଗୁଡ଼ା ଗ୍ରାମରେ ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ରୁପାଗୁଡ଼ା ଗ୍ରାମରା କାଶ୍ମୀ ଗଲରି ଗର୍ଭବତୀ ଥିଲେ। ସେ ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ୧୦୨ ଆମ୍ବୁଲାନ୍ସକୁ ଫୋନ୍ ଯୋଗେ ଡକାଇଥିଲେ। ମାତ୍ର ଆମ୍ବୁଲାନ୍ସଟି ଆସୁଥିବା ସମୟରେ ମଝି ରାସ୍ତାରେ ତା'ର ଚକ ମାଟିରେ ଦବିଯିବାରୁ ଗ୍ରାମରେ ପହଞ୍ଚିପାରି ନ ଥିଲା। କାଶ୍ମୀଙ୍କ ପ୍ରସବ ବେଦନା ବଢ଼ିବାରୁ ଗ୍ରାମର କେତେକ ମହିଳା ଓ ଆଶାକର୍ମୀ ପ୍ରମିଳା ମାଝୀ ଖଟ ତାଙ୍କୁ ୪ କିମି ବୋହି ଆମ୍ବୁଲାନ୍ସ ନିକଟକୁ ନେଉଥିଲେ। ସେଠାରୁ ଆମ୍ବୁଲାନ୍ସରେ ଖଇରପୁଟ ଡାକ୍ତରଖାନା ନେଇଥାନ୍ତେ। ତେବେ ଅଧା ରାସ୍ତାରେ ମହିଳାଙ୍କ ପ୍ରସବ ହୋଇ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ପରେ ଆମ୍ବୁଲାନ୍ସରେ ମହିଳା ଓ କନ୍ୟା ସନ୍ତାନକୁ ଖଇରପୁଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏବଂ ଶିଶୁକନ୍ୟାକୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲାର ଅଧିକାଂଶ ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚିପାରୁନି। ଫଳରେ ଅଧିକାଂଶ ସମୟରେ ଗର୍ଭବତୀମାନେ ପ୍ରସବ ଲାଗି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ୍

## ■ ବିବାହ ପ୍ରତିଶ୍ରୁତି ଦେଇ କରିଥିଲେ ବଳାତ୍କାର

**ଅନୁଗୋଳ ଅଫିସ, ୨୦।୧**

ଅନୁଗୋଳ ଜିଲା ରେଙ୍ଗାଳି ଥାନା ଅଞ୍ଚଳରେ ୨୦୧୩ର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ସୋମବାର ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ ଜଜ୍ ପ୍ରଭାକର ଗଣ୍ଡିଆ ଅଭିଯୁକ୍ତ ପ୍ରଶାନ୍ତ ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ସ୍ଥଳେ ଅଧିକ ୬ ମାସ ଜେଲ ଦଣ୍ଡ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ଅନୁଯାୟୀ, ଦଶମ ଶ୍ରେଣୀରେ ପଢୁଥିବା ସମ୍ପୃକ୍ତ ନାବାଳିକାଙ୍କ ସହ ଅଭିଯୁକ୍ତ ପ୍ରଶାନ୍ତ ପ୍ରଥମେ ପ୍ରେମ ସମ୍ପର୍କ ରଖିଥିଲେ। ମାଟ୍ରିକ୍ ପରୀକ୍ଷା ସରିବା ପରେ ନାବାଳିକାଙ୍କୁ ଘରୁ ନେଇ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨୦୧୩ ମାର୍ଚ୍ଚ ୨୦ ସନ୍ଧ୍ୟାରେ ଅଭିଯୁକ୍ତ ନାବାଳିକାଙ୍କୁ ଫୋନ କରି ଘର ବାହାରକୁ ଡାକିଥିଲେ। ନାବାଳିକା ଜଣଙ୍କ ବାହାରକୁ ଆସିବା ପରେ ତାଙ୍କୁ କିଛି ଦୂରକୁ ନେଇ ଅନିଚ୍ଛାସତ୍ତ୍ୱେ ଶାରୀରିକ ସମ୍ପର୍କ ରଖିଥିଲେ। ୩/୪ ମାସ ପରେ ବିବାହ କରିବେ ବୋଲି ଅଭିଯୁକ୍ତ କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପାଟି ଶୁଣି ନାବାଳିକାଙ୍କ ମା' ପହଞ୍ଚିବାରୁ ଅଭିଯୁକ୍ତ ପ୍ରଶାନ୍ତ ତାଙ୍କୁ ଧକ୍କା ମାରିବା ସହ ନାବାଳିକାଙ୍କୁ ମାଡ଼ ମାରି ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ସେହି ମାସ ୨୪ ତାରିଖରେ ନାବାଳିକା ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ ଜଜ୍ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ହାତୀ ଆକ୍ରମଣରେ ଜଣେ ମୃତ

**କୁତ୍ରା, ୨୦।୧ (ଡି.ଏନ୍.ଏ.)**


ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଥମୁନାହିଁ। ତୁନ୍ମୁରା ଗ୍ରାମ ପଞ୍ଚାୟତର ଅଟୋମୁଣ୍ଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ନର୍ବେଟ କୁଲୁ (୫୦)ଙ୍କ ମୃତ୍ୟୁ ଘଟିଛି। ହାତୀ ତାଙ୍କ ଘରକୁ ମଧ୍ୟ ଭାଙ୍ଗି ଦେଇଛି।

ରାତ୍ରି ପ୍ରାୟ ୧୧ଟା ବେଳେ ଗୋଟିଏ ହାତୀ ଖାଦ୍ୟ ସନ୍ଧାନରେ ଅଟୋମୁଣ୍ଡା ଗ୍ରାମକୁ ପଶି ଆସିଥିଲା। ଗ୍ରାମ ମୁଣ୍ଡରେ ଥିବା ନର୍ବେଟଙ୍କ ଘରକୁ ଭାଙ୍ଗି ଦେଇଥିଲା। ନର୍ବେଟ ଓ ତା'ର ପରିବାର ସଦସ୍ୟ ଅନ୍ୟ ଘରକୁ ଚାଲିଯାଉଥିଲେ। ହେଲେ ନର୍ବେଟ ବାହାରେ ରହି ଯାଇଥିବା ବେଳେ ହାତୀ ବୁଲି ଆସି ତାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା। ତାଙ୍କ ପରିବାର ରହିଥିବା ଘରକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲା। ଏହି ଘଟଣା ଗ୍ରାମବାସୀ ଜାଣି ନିଆଁ ଜଳେଇବା ଦ୍ୱାରା ହାତୀ ସେ ଜାଗା ଛାଡି ପଳାଇଥିଲା। ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ରାଜଗାଙ୍ଗପୁର ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନର୍ବେଟ ବଞ୍ଚିଥିବା ଦେଖି ପ୍ରଥମେ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ଚିକିତ୍ସା ଲାଗି ନେଇଥିଲେ। ନର୍ବେଟଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ପରୀକ୍ଷା କରି ନର୍ବେଟଙ୍କୁ ମୃତ ଘୋଷିତ କରିଥିଲେ। ନର୍ବେଟଙ୍କ ୫ ପୁଅଝିଅ ଥିବାବେଳେ ତାଙ୍କର ବୃଦ୍ଧା ମାତା ପିତା ମଧ୍ୟ ଅଛନ୍ତି। ନର୍ବେଟଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ମାଙ୍ଗତୁଙ୍କୁ ସହାୟତାର ହାତ ବଢ଼ାଇଲା ଜିଲା ପ୍ରଶାସନ

**ମାଲକାନଗିରି,୨୦।୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅଣ୍ଡ୍ରାହାଲ ପଞ୍ଚାୟତ କଟାଙ୍ଗଗୁଡା ଗ୍ରାମର ମାଙ୍ଗତୁ ଚଲାଣ ଦାରିଦ୍ର୍ୟ ଯୋଗୁ ତାଙ୍କର ଥିବା ୬ଟି ପିଲାଙ୍କୁ ପୋଶିବା ପାଇଁ ଅକ୍ଷମ ଥିଲେ। ଏପରି ସ୍ଥିତିରେ ଆଉ ଏକ କନ୍ୟା ସନ୍ତାନ ଜନ୍ମ ଦେବା ପରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହି ଶିଶୁକୁ ମାଙ୍ଗତୁ ବହୁ କଷ୍ଟରେ ୨୧ ଦିନ ପାଳିବା ପରେ ତାକୁ ବିକ୍ରି କରିବା ପାଇଁ ନେଉଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗ ଘଟଣା ସମ୍ପର୍କରେ ଜାଣିବା ପରେ ଶିଶୁ କନ୍ୟାଟିକୁ ଉଦ୍ଧାର କରି ପୋଷ୍ୟ ଗୃହକୁ ହସ୍ତାନ୍ତର କରିଥିଲା। ଏହି ଖବର ପ୍ରକାଶ ପାଇଲା ପରେ ଜିଲାପାଳ ମନୀଶ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ସହକାରୀ ଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲାଶ୍ରମ ଅଧିକାରୀ ମଦନ ମୋହନ ପାଇକ, ସୁପରଭାଇଜର ନିରୁପମା ଭତ୍ରା, କଟାଙ୍ଗଗୁଡା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲେ।



ମାଙ୍ଗତୁଙ୍କୁ ସହାୟତା ପାଇଁ ଗ୍ରାମରେ ପହଞ୍ଚିଥିବା ପ୍ରଶାସନିକ ଅଧିକାରୀମାନେ।

ସେମାନେ ମାଙ୍ଗତୁଙ୍କୁ ରାଶନ କାର୍ଡ, ଶ୍ରମ କାର୍ଡ ପ୍ରଦାନ କରିଥିଲେ। ଏଥିସହ ତାଙ୍କୁ ଆବାସ ଯୋଜନାରେ ଏକ ଘର ମଞ୍ଜୁର କରାଯିବା ସହ ମାଙ୍ଗୁତଙ୍କ ମାତାପିତାଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରାଯାଇଥିବା ଜଣାପଡିଛି। ତାଙ୍କର ଦୁଇ ପୁଅ ଆଶ୍ରମ ବିଦ୍ୟାଳୟରେ ପଢୁଥିବା ବେଳେ ସୋମବାର ଅନ୍ୟ ଜଣେ ପୁଅକୁ ମୁଦୁଲିପଡା ବଙ୍କଳ ବିଦ୍ୟାଳୟରେ ନାମ ଲେଖାଯାଇଛି। ଗୋଟିଏ ଝିଅକୁ ମୁଦୁଲିପଡା କନ୍ୟାଶ୍ରମରେ ଭର୍ତ୍ତି କରାଯାଇଛି। ଅନ୍ୟ ୨ ଛୋଟ ଝିଅଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନ ବ୍ୟବସ୍ଥା ହୋଇଛି। ତାଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରା ଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଦାସ କହିଛନ୍ତି।

# ଟ୍ରେନ୍‌ରୁ ଖସି ଡାକ୍ତରଙ୍କ ମୃତ୍ୟୁ

**ବଇଣ୍ଡା,୨୦।୧(ଡି.ଏନ.ଏ.):** ମୁମ୍ବାଇସ୍ଥିତ ଶିରିଡିସାଇଙ୍କୁ ଦର୍ଶନ କରି ଫେରୁଥିବା ବେଳେ ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ରେଳ ଷ୍ଟେଶନଠାରେ ଟ୍ରେନ୍‌ରୁ ଖସିପଡ଼ି ଜଣେ ଡାକ୍ତରଙ୍କ ମୃତ୍ୟୁ ହୋଇଛି। ସୋମବାର ସନ୍ଧ୍ୟାରେ ଘଟିଛି ଏହି ଦୁର୍ଘଟଣା। ମୃତ ଡାକ୍ତର ହେଉଛନ୍ତି ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲର ଡାକ୍ତର କୁଞ୍ଜବିହାରୀ ସାମଲ। ତାଙ୍କ ଘର ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ଚିରୁଲୋଇ ଗ୍ରାମରେ। ଘଟଣାରୁ ପ୍ରକାଶ ଯେ, ଡା. କୁଞ୍ଜବିହାରୀ ମୁମ୍ବାଇରୁ ଶିରିଡିସାଇ ଏକ୍ସପ୍ରେସ ଯୋଗେ ଭୁବନେଶ୍ୱର ଫେରୁଥିଲେ। ବଇଣ୍ଡାଠାରେ ଟ୍ରେନ୍ ଅଟକିଥିବାବେଳେ ସେ କୌଣସି କାରଣରୁ ବସିଥିବା ବଗିରୁ ଓହ୍ଲାଇ ସମ୍ମୁଖ ବଗିକୁ ଯାଉଥିଲେ। ହେଲେ ଲଗେଜ ଧରି ବଗିକୁ ଚଢ଼ି ନ ପାରି ରେଳ ଧାରଣାରେ ଖସିପଡ଼ିଥିଲେ। ଘଟଣାସ୍ଥଳରେ ହିଁ ଡାକ୍ତରଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବଇଣ୍ଡା ଫାଣ୍ଡି ରେଲୱେ ପୋଲିସ ଓ ହଣ୍ଡପା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

**Government of Odisha**

E-mail.ID-sectcrb_2006@yahoo.co.in
Tel/Fax – 0671-2301751/2302751

**1st Corrigendum to Bid Identification No. S.E.Ctc.(R&B) 9/2019-20**

Tender Reference - S.E.Ctc.(R&B) 9/2019-20 **No.B-606**

The Bid availability period and Date of opening of the tenders have been modified as follows:-

| Sl. No. | Existing Bid Availability period | Revised Bid Availability period | Existing date of Bid opening | Revised date of Bid opening |
|---|---|---|---|---|
| 1 | 16.01.2020 to 16.00 Hours of 31.01.2020 | 22.01.2020 to 16.00 Hours of 07.02.2020 | 31.01.2020 at 11.00 Hours | 10.02.2020 at 11.00 Hours |

Other terms and conditions remain unchanged.

Sd/-T.P.Mishra, Superintending Engineer
Cuttack(R&B)Circle

34012/11/0013/1920

**Government of Odisha**
**OFFICE OF THE SUPERINTENDING ENGINEER, CUTTACK (R&B) CIRCLE, CUTTACK**
E-mail ID : sectcrb_2006@yahoo.co.in
Tel / Fax - 0671-2301751/2302751

**OFFICE ORDER**

No.B-607 :- The tender for the following work invited vide Tender Call Notice No. S.E. Ctc. (R&B) 4/2019-20 is hereby cancelled due to some unavoidable circumstances.

1. Construction of Feed Store and Feed Plant shed for Central Poultry Development Organisation (CPDO) at Village Talagarh of Baranga Tahasil in the District of Cuttack.

Sd./- Superintending Engineer
Cuttack (R&B) Circle

34012/11/0014/1920

**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**

No.: Cont.9 (1) / 2019 /VTS Date:-18.01.2020

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderers for **appointment of vendors for providing services of Vehicle Tracking System (VTS) for the vehicles used by FCI appointed RTCs during Road Transport of Food Grains from various food grain depots of Dispatching region, Odisha to various destinations of Recipient region, Odisha as well as Jharkhand for a period of one year.** The tender documents containing detailed terms and conditions can be obtained from **https://eprocure.gov.in/eprocure/app** or **FCI website www.fci.gov.in.**

**GOVERNMENT OF ODISHA, OFFICE OF THE EXECUTIVE ENGINEER**
**MINOR IRRIGATION DIVISION, KHARIAR**
e-mail ID : eemidivision_khariar@rediffmail.com

**e- Procurement Notice**

**Bid Identification No.- 06/EE MIDKHR/2019-20**

A-594:

No.-107 Dt. 17.01.2020

1. Name of the work :- Construction of different Works under M.I. Division, Khariar
2. No. of Works :- 10 (Ten) Nos.
3. Estimated cost :- Approximately from Rs. 4.80 lakhs & Rs. 35.70 lakhs
4. Cost of Tender paper :- Varies from Rs.2000/- to Rs. 6000/- (Non-Refundable) (Online)
5. Class of Contractor :- 'D', 'C' & 'B'
6. Period of completion :- Varies from 30 (Thirty) days to 60 (Sixty) days
7. Date and Time of availability of bid Documents in the portal :- From 22.01.2020 (10.00 AM) to 28.01.2020 (5.00 PM)
8. Last date / time of receipt of bids in the portal :- 28.01.2020 (5.00 PM)
9. Date of opening of Bid documents :- On dt. 31.01.2020 at 10.00 A.M in the Office of the Executive Engineer,M.I. Division,Khariar
10. Date of lottery (if required) :- 03.02.2020 at 11.00 AM
11. The detail tender call notice can also be seen in the e-procurement portal :- http://tendersodisha.gov.in
12. Digital Signature Certificate of Bidder :- The bidders must possess Compatible Digital Signature Certificate (DSC)
13. Name & Address of the Officer Inviting Tender :- Executive Engineer, M.I.Division, Khariar, At/PO: Khariar, Dist: Nuapada, PIN-766107, Ph. No. - 06671-224284, Email ID: eemidivision_khariar@rediffmail.com

Further details can be seen from the e-Procurement market place. http://tendersodisha.gov.in

*Sd./- P.K Mohanty, Executive Engineer*
*M.I. Division, Kharia*r

32090/11/0006/1920

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ
**Odisha Hydropower Corporation Ltd.**
Office of the Project Administrator
Unit : Upper Indravati Hydroelectric Project (Civil Wing)
At/PO: Khatiguda – 764085, Dist.: Nabarangpur (Odisha)
Email: cceuihep@gmail.com, FAX: 06858-224324, Tel. 06858-224211/224307
CIN:40101OR1995SGC063963

No. UIHEP/VI/Misc/7/2020/143 Date:17.01.2020

**ADVERTISEMENT**

**No. CAD-845:-** Applications in plain papers are invited from eligible candidates having requisite qualification as mentioned below for engagement as Consultant Physician in Upper Indravati Project Hospital, Khatiguda, Dist. Nabarangpur(Odisha) on annual contract basis on monthly remuneration of Rs.65,000/-(Rupees sixty five thousand) only. In case of non availability of fresh candidates, the applications of retired Physicians / Specialists, below 69 years of age will also be considered. Applications along with complete bio-data and attested copies of academic certificates, Mark lists & experience certificate if any should reach this office by Regd. Post / Speed Post on or before 04-02-2020. Applications received in incomplete shape or after the due date shall not be entertained. Retired candidates should furnish a photo copy of the last page of the SB / retirement notice in which the fact of retirement has been recorded.

Accommodation as per OHPC Rules will be provided to the selected Physician in the Project colony subject to availability of Qrs.

| Name of the post | Eligibility | No. of posts | Term of contract |
|---|---|---|---|
| Consultant Physician (Contractual) | MBBS degree recognized by Medical Council of India. | 01 (One) | One year from the date of joining. |

**Documents required:**
1) Bio data
2) Self attested copies of Academic Certificates & Mark lists (HSC & Above)
3) Self attested pass port size photo – 2 nos.
4) Experience certificate if any
5) Copy of Registration No. for medical practice
6) Copy of last page of SB/retirement notice in case of retired doctors

*Chief Construction Engineer(C)*
*U.I.H.E. Project, Khatiguda*

32211/11/0003/1920

No. MM-134:-

**OFFICE OF THE DIVISIONAL FOREST OFFICER**
**DHENKANAL FOREST DIVISION**
Tele Fax No.- 06762226717
e-mail Id- dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2020-21 OF DHENKANAL DIVISION**

The tender for supply of Animal Feed Items to Kapilash Zoo for the year 2020-21 is invited from intending persons /farms. The tender will be received till 5.00 PM of 17.02.2020 by Post and to be opened on 18.02.2020 at 3.30 PM in Divisional Forest Office, Dhenkanal. For detail particulars, the undersigned may be contacted during office hours.

*Sd./- Divisional Forest Officer*
*Dhenkanal Division*

08037/11/0007/1920

**GOVERNMENT OF ODISHA**
**ST & SC Development Department**
**OFFICE OF THE PROJECT ADMINISTRATOR, ITDA, NILGIRI**
**e-Procurement Notice**

**e-Procurement Notice Bid Identification No. ITDANGR-02/2019-20**

**No.64 /ITDA** **Dt.17.01.2020**

No.CAD-846 :- The Project Administrator, ITDA, Nilgiri on behalf of Governor of Odisha invites Percentage Rate bids in online mode for construction of the work detailed below:

1. Nature of the work: Const. of CC road, Culvert, Boundary Wall, Renovation, Repair Maintenance, Toilet, Dining Hall, Addl. Classroom, Staff Qtr, WHS, Community Centre, Drain, etc.
2. Total No. of work: 40 (forty) nos.
3. Estimated Cost: Varies from Rs. 2,50,000/- to 9,12,000/-
4. Class of Contractor : "D" & "C" Class.
5. Period of Completion: Two Calender Months
6. Availability of Bids: 10.00 AM of 31.01.2020 to 5.00 PM of 10.02.2020.
7. Date of opening & scrutiny to technical bid : 11.00 A.M of 11.02.2020.

The bidders have to participate in ONLINE bidding only. The details will be available in the website www.tendersorissa.gov.in from 10.00 AM of 31.01.2020 to 5.00 PM of 10.02.2020.

**Sd./- Project Administrator**
**ITDA, Nilgiri**

**19058/11/0002/1920**



# ଏକୁଟିଆ ଯାତ୍ରା କରୁଥିଲେ...



- ନିର୍ଦ୍ଧାରିତ ସମୟ ପୂର୍ବରୁ ରିଜର୍ଭେଶନ କରନ୍ତୁ। ଏକୁଟିଆ କିମ୍ବା ପିଲାକୁ ସାଙ୍ଗରେ ନିଜ ଗାଡ଼ିରେ ନେଇଯାଉଥିଲେ ଦିନରେ ହିଁ ଯାତ୍ରା କରନ୍ତୁ।
- ଯାତ୍ରା ସମୟରେ ଯେତେ କମ୍ ସାମଗ୍ରୀ ନିଅନ୍ତୁ। ଏକ ଭାରି ସୁଟ୍‌କେସ୍ ବଦଳରେ ଦୁଇଟି ହାଲ୍‌କା ବ୍ୟାଗ୍ ନିଅନ୍ତୁ।
- ବ୍ୟାଗ୍, ସୁଟ୍‌କେସ୍ ପାଇଁ ତାଲା ଏବଂ ହ୍ୟାଣ୍ଡେଲ ଆଦି ସଜାଡ଼ି ନିଅନ୍ତୁ। ଟ୍ରେନ୍‌ରେ ଯିବା ସମୟରେ ସେଫ୍ଟି ଚେନ୍ ରଖନ୍ତୁ। ଆପଣଙ୍କର ଜିନିଷପତ୍ର ଭଲଭାବେ ଲକ୍ କରି ରଖନ୍ତୁ।
- ଯାତ୍ରା କରିବା ସମୟରେ ଟର୍ଚ୍ଚ, କ୍ୟାଣ୍ଡେଲ, ମ୍ୟାଚିସ୍, ମଶା ଦାଉରୁ ରକ୍ଷା ପାଇବା ପାଇଁ କ୍ରିମ୍ ବା ମଶାଧୂପ, ତାଲା, ଚାବି ଆଦି ନିଶ୍ଚୟ ନିଅନ୍ତୁ।
- ହୋଟେଲ ବାଛିବା ସମୟରେ ବଜେଟ ସହ ଆଖପାଖ ବାତାବରଣ ପ୍ରତି ଧ୍ୟାନରଖନ୍ତୁ। ହୋଟେଲର ଯେଉଁ ରୁମ୍‌ରେ ରହୁଛନ୍ତି ଭିତରୁ ସେଫ୍ଟି ଲକ୍ କରନ୍ତୁ। ବାହାରକୁ ଯିବା ସମୟରେ ନିଜ ଲଗେଜକୁ ଲକ୍ କରି ଯାଆନ୍ତୁ। କେହି ବାହାରୁ ଡାକୁଥିଲେ ନ ପଚାରି ଡୋର୍ ଖୋଲନ୍ତୁ ନାହିଁ।
- ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏଣେତେଣେ ବୁଲନ୍ତୁ ନାହିଁ। କାରଣ ଉକ୍ତ ସ୍ଥାନ ବିଷୟରେ ଆପଣଙ୍କ ପାଖରେ ବେଶି ଧାରଣା ନାହିଁ।
- ସାଙ୍ଗରେ ଅଧିକ କ୍ୟାଶ୍ ନେଇ ଯାଆନ୍ତୁ ନାହିଁ। ଟ୍ରାଭେଲ୍ସ ଚେକ୍, କ୍ରେଡିଟ୍ କାର୍ଡ କିମ୍ବା ଡେବିଟ୍ କାର୍ଡ ରଖନ୍ତୁ। ସୁନାଗହଣା ଯେତେ ସମ୍ଭବ କମ୍ ପିନ୍ଧନ୍ତୁ।
- ଆଖପାଖରେ ଯଦି ଆପଣଙ୍କର କେହି ବନ୍ଧୁବାନ୍ଧବ ରହୁଛନ୍ତି ତେବେ ତାଙ୍କ ଫୋନ୍ ନମ୍ବର ତଥା ଘର ଠିକଣା ପାଖରେ ନିଶ୍ଚୟ ରଖନ୍ତୁ। ଅତି ଆବଶ୍ୟକ ପଡ଼ିଲେ ଆପଣ ତାଙ୍କ ସାହାଯ୍ୟ ବି ନେଇପାରିବେ।
- ସାଙ୍ଗରେ ପିଲାକୁ ନେଇଥିଲେ ପାଖରେ କିଛି ସ୍ନାକ୍ସ, ପାଣି, ଫାଷ୍ଟ ଏଡ୍ ନେବାକୁ ଭୁଲନ୍ତୁ ନାହିଁ। ବୁଲିବା ସମୟରେ ପିଲା ଉପରେ ନଜର ରଖନ୍ତୁ। ଏକୁଟିଆ ଏଣେତେଣେ ଯିବାକୁ ଦିଅନ୍ତୁ ନାହିଁ।
- ପିଲାକୁ ହୋଟେଲର ନାମ, ଠିକଣା ବିଷୟରେ କହିବା ସହ ସାଙ୍ଗରେ କିଛି ଟଙ୍କା ଦେଇଥାନ୍ତୁ। ଯଦି କୌଣସି କାରଣରୁ ପିଲା ଏବଂ ଆପଣ ଅଲଗା ଅଲଗା ହୋଇଗଲେ ତେବେ ସେ ଠିକ୍ ସ୍ଥାନରେ ପହଞ୍ଚିପାରିବ।
- ଅଜଣା ବ୍ୟକ୍ତି ବା ନୂଆ ନୂଆ ଚିହ୍ନା ହୋଇଥିବା ବ୍ୟକ୍ତିଙ୍କ ସହ ପିଲାକୁ କୌଣସି ସ୍ଥାନକୁ ଛାଡ଼ନ୍ତୁ ନାହିଁ।
- ଅଜଣା ବ୍ୟକ୍ତିଙ୍କୁ ଲିଫ୍ଟ ମାଗନ୍ତୁ ନାହିଁ। ଆବଶ୍ୟକ ପଡ଼ିଲେ ଟ୍ୟାକ୍ସି କିମ୍ବା ବସ୍, ମେଟ୍ରୋ ଟ୍ରେନ୍ ଆଦିରେ ଯାଇପାରିବେ।

# ବିଳମ୍ବ ବିବାହ ଓ ବନ୍ଧ୍ୟାତ୍ୱ












ଡା. ସସ୍ମିତା ନାଏକ

**‘ଯେତେବେଳେ ମହିଳାମାନେ ସେମାନଙ୍କ ବୟସର ବାସ୍ତବ ସ୍ତରରେ ଉପନୀତ ହୁଅନ୍ତି ସେତେବେଳେ ଗର୍ଭବତୀ ହେବା କଷ୍ଟସାଧ୍ୟ ହୋଇଯାଏ । ଏପରିକି ବୟସ୍କ ମହିଳାମାନଙ୍କ କ୍ଷେତ୍ରରେ ଆଇଭିଏଫ୍‌ର ସଫଳତା ହାର ବହୁତ କମ୍ ଥାଏ ।’’**

କ୍ୟାରିୟରକୁ ନେଇ ଅଧିକ ଯତ୍ନଶୀଳ ଥିବା ବିଶେଷକରି ଟିୟର ୧ ଏବଂ ଟିୟର ୨ ସହରଗୁଡ଼ିକର ପୁରୁଷ ଏବଂ ମହିଳାମାନେ ବିବାହ ପୂର୍ବରୁ ପ୍ରଥମେ ବ୍ୟବସ୍ଥିତ ହେବାକୁ ଇଚ୍ଛା କରନ୍ତି । ସେମାନେ ଅତ୍ୟଧିକ ପରିଶ୍ରମୀ ଏବଂ ଦୃଢ଼ମନା ହୋଇଥାନ୍ତି ଏବଂ ସେମାନଙ୍କର ୨୦ ବର୍ଷ କିମ୍ବା ତା'ପର ସମୟରେ ସେମାନେ ବିବାହ ବିଷୟରେ ଚିନ୍ତା କରନ୍ତି ନାହିଁ । ଯେତେବେଳେ ସେମାନେ ୩୦ରେ କିମ୍ବା ତା'ପରେ ଉପନୀତ ହୁଅନ୍ତି ବିବାହର ଚିନ୍ତା ସେମାନଙ୍କ ମୁଣ୍ଡକୁ ଆସିଥାଏ । ଯେତେବେଳେ କି ସେମାନଙ୍କର ପସନ୍ଦର ପେସା କ୍ଷେତ୍ରରେ ସେମାନେ ନିଜକୁ ପ୍ରତିଷ୍ଠିତ କରିବାରେ ବ୍ୟସ୍ତ ରହିଥାନ୍ତି, ସେମାନଙ୍କର ଉଦ୍ୟମ ସମନ୍ୱିତ କାର୍ଯ୍ୟାବଳୀ ସାଧାରଣତଃ ସେମାନଙ୍କୁ ଅନ୍ୟ ଲୋକମାନଙ୍କ ସହ ମିଳାମିଶା କରିବା ଏବଂ ବିବାହର କଥା ଚିନ୍ତା କରିବାକୁ ସମୟ ଦେଇ ନ ଥାଏ। ଥରେ ସେମାନେ ଜଣେ ଦକ୍ଷ ପେସାଦାର ଭାବେ ସୁବ୍ୟବସ୍ଥିତ ଏବଂ ଖ୍ୟାତି ଅର୍ଜନ କଲାପରେ ଅନେକେ ବିବାହ ବିଷୟରେ ଚିନ୍ତା କରନ୍ତି । ଏହା ପରେ ୩୦ ବର୍ଷରେ ଥିବା ମହିଳାମାନଙ୍କର, ୪୦ ବର୍ଷ ପାଖାପାଖି ପୁରୁଷଙ୍କ ମଧ୍ୟରେ ବିବାହ ଅତ୍ୟନ୍ତ ସାଧାରଣ କଥା । ଯେତେବେଳେ ମହିଳାମାନେ ସେମାନଙ୍କ ବୟସର ବାସ୍ତବ ସ୍ତରରେ ଉପନୀତ ହୁଅନ୍ତି ସେତେବେଳେ ଗର୍ଭବତୀ ହେବା କଷ୍ଟସାଧ୍ୟ ହୋଇଯାଏ । ଏପରିକି ବୟସ୍କ ମହିଳାମାନଙ୍କ କ୍ଷେତ୍ରରେ ଆଇଭିଏଫ୍‌ର ସଫଳତା ହାର ବହୁତ କମ୍ ଥାଏ ।

କେତେକ ଦମ୍ପତିଙ୍କ ପାଇଁ ଗୋଟିଏ ସନ୍ତାନ ପାଇବା କୌଣସି ସ୍ୱପ୍ନ ଠାରୁ କମ୍ ନୁହେଁ । ସେମାନେ ଅତିକ୍ରମ କରି ଆସିଥିବା ଅନେକ ପ୍ରତିବନ୍ଧକ କାରଣରୁ ନିଜର ଗୋଟିଏ ସନ୍ତାନର ସମସ୍ତ ଆଶାକୁ ସମ୍ପୂର୍ଣ୍ଣ ହରାଇଦିଅନ୍ତି ଏବଂ ସେମାନଙ୍କ ଜୀବନର ଦୁର୍ଦ୍ଦଶାକୁ ଗ୍ରହଣ କରି ନିଅନ୍ତି । କିନ୍ତୁ ପ୍ରଯୁକ୍ତି ମଣିଷତ୍ୱ ପାଇଁ ଏକ ବରଦାନ ପ୍ରମାଣିତ ହୋଇଛି ଏବଂ ଡାକ୍ତରମାନେ ବାସ୍ତବରେ ଭଗବାନଙ୍କ ଦ୍ୱାରା ପ୍ରେରିତ । ଉଭୟେ ଏକତ୍ର ଏହିଭଳି କେତେକ ଦମ୍ପତିଙ୍କର ସ୍ୱପ୍ନକୁ ପୂରଣ କରିବା ପାଇଁ ଆଶା ଏବଂ ଯଥାଯଥ ସୁଯୋଗ ପ୍ରଦାନ କରିଥାନ୍ତି । କେତେକ କ୍ଷେତ୍ରରେ ଦମ୍ପତିମାନେ ଅତିକ୍ରମ କରି ଆସୁଥିବା ସମସ୍ୟାଗୁଡ଼ିକ ଅପରାଜେୟ ହୋଇଥାନ୍ତି, ସେତେବେଳେ ସେମାନଙ୍କର ନିଜର ଏକ ସନ୍ତାନ ହେବା ଦିଗରେ କେବଳ ଗୋଟିଏ ବିକଳ୍ପ ରହିଥାଏ, ଥାର୍ଡ ପାର୍ଟି ରିପ୍ରଡକ୍ସନ । ଏହା ଡୋନର ଏଗ୍, ଡୋନର ସ୍ପର୍ମ, ଡୋନର ଏମ୍ବ୍ରିସସ୍ କିମ୍ବା ସରୋଗେସିର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିଥାଏ ।

**ବିଳମ୍ବ ବିବାହରେ ଗର୍ଭଧାରଣ ସମସ୍ୟା**


ଯେହେତୁ ଅନେକ ଦମ୍ପତି ଅଧିକତଃ ଶିକ୍ଷିତ ଏବଂ ପ୍ରଗତିଶୀଳ ହୋଇଥାନ୍ତି ସେମାନେ ଏହି ପରିସ୍ଥିତିକୁ ବୁଝିପାରନ୍ତି ଏବଂ ଏହା ସଂସ୍ପର୍ଶରେ ରହିଥାନ୍ତି । ସେମାନେ କଳହ କରନ୍ତି ନାହିଁ କିମ୍ବା ଉନ୍ମାଦଗ୍ରସ୍ତ ହୁଅନ୍ତି ନାହିଁ। ସେମାନେ ପରିପକ୍ୱ ବୁଦ୍ଧିମତ୍ତା ସହ ଏହି ପରିସ୍ଥିତିକୁ ସମ୍ଭାଳିଥାନ୍ତି । ଏହା ବ୍ୟତୀତ ବାସ୍ତବରେ ସେମାନଙ୍କ ପାଇଁ ସବୁକିଛି ହଜିଯିବା ଏକ ବଡ଼ ସଫଳତା ହୋଇଥାଏ। ଏହା ସତ୍ୟ ନୁହେଁ ଯେ ବୟସ୍କ ମହିଳାଙ୍କ ସହ ସମ୍ପର୍କିତ ସମସ୍ତ ଆଇଭିଏଫ୍ କ୍ଷେତ୍ରରେ ଫଳାଫଳ ମିଳି ନ ଥାଏ, ଯେବେକି ସଫଳତାର ସମ୍ଭାବନା ଅପେକ୍ଷାକୃତ କମ୍ ହୋଇଯାଇଥାଏ। କିନ୍ତୁ ଏମିତି ଅନେକ କ୍ଷେତ୍ରରେ ସଫଳତା ପରିଲକ୍ଷିତ ହୋଇଛି ।

ବୟସ୍କ ଦମ୍ପତିମାନେ ସମ୍ମୁଖୀନ ହେଉଥିବା ଅନ୍ୟ ସମସ୍ୟା ହେଉଛି ଯେ ଏହି ବୟସରେ ସେମାନେ ଭଲ ଅଭିଭାବକ ହୋଇପାରିବେ ନା ନାହିଁ। ଏହି ଚିନ୍ତା ଅଧିକତଃ ନିରାଧାର ହୋଇଥାଏ ଏବଂ ଡାକ୍ତରମାନେ ଜ୍ଞାନପ୍ରଦ ପରାମର୍ଶ ସହ ଏହାକୁ ଦୂରୀଭୂତ କରିପାରିବେ। ସତକଥା ହେଉଛି ଦମ୍ପତିମାନେ ୩୦ବର୍ଷ ବୟସ ପରେ କିମ୍ବା ୪୦ ପୂର୍ବରୁ ଅଧିକ ପରିପକ୍ୱ ସମ୍ପନ୍ନ ହୋଇଥାନ୍ତି ଏବଂ ୨୦ ବର୍ଷ ବୟସ୍କଙ୍କ ତୁଳନାରେ କୋମଳ ହୋଇଥାନ୍ତି। ସେମାନେ ଜୀବନରେ ଅନେକ ଭଲ ସମୟ ଦେଖିଛନ୍ତି। ତେଣୁ ସେମାନଙ୍କର ସମସ୍ତ ଅଭିଜ୍ଞତା ଗୋଟିଏ ଶିଶୁକୁ ଲାଳନପାଳନ ସମୟରେ କାମରେ ଆସିଥାଏ ।

ବାସ୍ତବରେ କେତେକ ଦୃଷ୍ଟିରୁ ଦେଖିବାକୁ ଗଲେ ସେମାନଙ୍କର ୩୦ କିମ୍ବା ୪୦ ବର୍ଷରେ ଅଭିଭାବକ ହେବା ଏକ ବରଦାନ ସଦୃଶ, ଯେହେତୁ ବୟସ୍କ ଦମ୍ପତିମାନେ ଅଧିକ ଜ୍ଞାନବାନ୍ ହେବା ସହ ଅଧିକ ଆର୍ଥିକ ସ୍ୱଚ୍ଛଳ ହୋଇଥାନ୍ତି । ତେଣୁ ଗୋଟିଏ ଶିଶୁକୁ ଏକ ସୁସ୍ଥମୟ ଲାଳନପାଳନ ଯୋଗାଇଦେବା ପାଇଁ ସେମାନେ ଏକ ଉତ୍ତମ ପରିସ୍ଥିତିରେ ଥାନ୍ତି।

ଆଜିର ପିଢ଼ି ସେମାନଙ୍କ ବ୍ୟକ୍ତିଗତ ଏବଂ ପେସାଗତ ଜୀବନ ମଧ୍ୟରେ ଏକ ସୁସ୍ଥ ତାଳମେଳ ବଜାୟ ରଖିବା ପାଇଁ କ୍ରମାଗତ ଭାବେ ସଂଘର୍ଷ କରି ଚାଲିଛନ୍ତି। ଏପରିକି ଆମର ପସନ୍ଦର ଜୀବନଶୈଳୀ, ଆମର ମାନସିକ ଏବଂ ଶାରୀରିକ ସ୍ଥାୟିତ୍ୱକୁ ପ୍ରଭାବିତ କରିଥାଏ । ଏହିଭଳି ଏକ ବିଷାଦଗ୍ରସ୍ତ ସମୟରେ ଆପଣ କ'ଣ ଗୋଟିଏ ପରିବାର ଆରମ୍ଭରେ ସଂଘର୍ଷ କରୁଛନ୍ତି ? ଚିନ୍ତା କରନ୍ତୁନାହିଁ। ଆମେ କେତେକ ଜୀବନଶୈଳୀ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଉଛୁ ଯାହାକି ବନ୍ଧ୍ୟାତ୍ୱର ଆଶଙ୍କାକୁ ବଢ଼ାଇଥାଏ। ଏଗୁଡ଼ିକୁ ଆପଣଙ୍କର ଜୀବନଶୈଳୀରୁ ଦୂରେଇ ଦିଅନ୍ତୁ ଏବଂ ଆପଣଙ୍କ ପାରିବାରିକ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ନେଇଆସନ୍ତୁ ।

*– ଗାଇନାକୋଲୋଜିଷ୍ଟ ଏବଂ ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*



# ପିଲାଙ୍କୁ ଶିଖାନ୍ତୁ...

**ଛୋଟ ପିଲାମାନେ କୋମଳମତି । କେତେକ ବିଷୟ ପ୍ରତି ଯଦି ସେମାନେ ପିଲାଟି ଦିନରୁ ସଚେତନ ହେବେ ତେବେ ତାହା ସେମାନଙ୍କ ଭବିଷ୍ୟତ ପାଇଁ ବେଶ୍ ଲାଭପ୍ରଦ ହେବ। ସେ ସମ୍ପର୍କରେ ଟିପ୍ସ..**



**ଲାଇଟ୍ ବନ୍ଦ କରିବା**

ଆପଣ ପିଲାକୁ ଇକୋ ଫ୍ରେଣ୍ଡ୍‌ଲି ହେବା ପାଇଁ ଶିଖାନ୍ତୁ। ଯଦି ଆବଶ୍ୟକ ନାହିଁ ତେବେ ଲାଇଟ୍ ହେଉ ଅବା ଫ୍ୟାନ୍ ସୁଇଚ୍ ବନ୍ଦ କରିବାକୁ ସେମାନଙ୍କୁ ଶିଖାନ୍ତୁ। ଏହାଦ୍ୱାରା ଇଲେକ୍ଟ୍ରିସିଟି ସଞ୍ଚୟ ହୋଇପାରିବ।

**ଟ୍ୟାପ୍ ବନ୍ଦ କରିବା**

ପିଲାକୁ ବ୍ରଶ୍ କଲାବେଳେ କିମ୍ବା ନିଜେ ଗାଧୋଇବା ସମୟରେ ପାଣି ସଞ୍ଚୟ ବିଷୟରେ ସୂଚନା ଦିଅନ୍ତୁ। ଅନେକ ସମୟରେ ସେମାନେ ପାଣି ବ୍ୟବହାର କରୁ ନ ଥିଲେ ମଧ୍ୟ ଟ୍ୟାପ୍ ଖୋଲା ରଖିଥାଆନ୍ତି। ଏହାଦ୍ୱାରା ପାଣିର ଅଯଥା ଅପଚୟ ହୋଇଥାଏ। ତେଣୁ ଆବଶ୍ୟକ ନ ଥିଲେ ପାଣି ଟ୍ୟାପ୍ ବନ୍ଦ ରଖିବାକୁ ସେମାନଙ୍କୁ ଶିଖାନ୍ତୁ।

**ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ କରିବା**

କିଚେନ୍‌ରେ ପ୍ଲାଷ୍ଟିକ୍ କଣ୍ଟେନର ବଦଳରେ ଗ୍ଲାସ କଣ୍ଟେନର ବ୍ୟବହାର କରନ୍ତୁ। ପିଲାମାନଙ୍କ ଖେଳନା ପ୍ଲାଷ୍ଟିକ୍ ବଦଳରେ କାଠର ବାଛନ୍ତୁ। ଗ୍ରୋସେରି ଶପିଂ କରିବାକୁ ଗଲେ ବି କପଡା ବ୍ୟାଗ୍ ନେଇ ଯାଅନ୍ତୁ।

**କିଚେନ୍‌ରେ ଅର୍ଗାନିକ୍ ଜିନିଷର ବ୍ୟବହାର କରନ୍ତୁ**

ଛୋଟ କିଚେନ୍ ଗାର୍ଡେନ୍ ପ୍ରସ୍ତୁତ କରନ୍ତୁ। ଯଦି ମାର୍କେଟକୁ ଶପିଂ ପାଇ ଯାଉଛନ୍ତି ତେବେ ସାଙ୍ଗରେ ପିଲାକୁ ନିଅନ୍ତୁ।

**ପ୍ରକୃତି ପାଖକୁ ନିଅନ୍ତୁ ପିଲାକୁ**

ଆପଣଙ୍କ ୱିକ୍ ଏଣ୍ଡ୍ ବା ଫ୍ରି ସମୟରେ ସନ୍ଧ୍ୟାବେଳେ ପିଲାଙ୍କୁ ପାର୍କ କିମ୍ବା ସବୁଜବନାନୀ ଘେରା ଜାଗା ବା ସମୁଦ୍ରକୂଳକୁ ବୁଲାଇବାକୁ ନିଅନ୍ତୁ। ଏହାଦ୍ୱାରା ସେମାନଙ୍କ ମାଇଣ୍ଡ ଫ୍ରେଶ୍ ହୋଇଥାଏ ଏବଂ ପରିବେଶ ସମ୍ପର୍କିତ ଜ୍ଞାନ ମଧ୍ୟ ସେମାନେ ଅର୍ଜନ କରିପାରନ୍ତି।

**ଅଦରକାରୀ ଜିନିଷରୁ କିଛି କ୍ରିଏଟିଭ୍ ତିଆରି କରିବା**

ବ୍ୟାଗ୍, ପୁରୁଣା କପଡା,ଖବରକାଗଜ, କଣ୍ଟେନରରୁ କିଛି ନୂଆ କରିବାକୁ ଉତ୍ସାହିତ କରନ୍ତୁ। ଏହି ଅଦରକାରୀ ଜିନିଷରୁ ପ୍ୟାନ୍ ହୋଲ୍ଡର, ବୁକ୍ ହୋଲ୍ଡର ଗିଫ୍ଟ ର୍‍ୟାପ୍ସ ଆଦି ପ୍ରସ୍ତୁତ କରିବାକୁ କହିପାରନ୍ତି।



# କେତେ ଉପକାରୀ ବାସି ରୁଟି

**ବାସି ରୁଟି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି କୁହାଯାଏ। ଏଥିପାଇଁ ଆମେ ରାତିର ବାସି ରୁଟିକୁ ସକାଳେ ଡଷ୍ଟବିନ୍‌ରେ ଫିଙ୍ଗିଥାଉ। କିନ୍ତୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ଜାଣନ୍ତୁ ସେ ସମ୍ପର୍କରେ...**

* ଡାଇବେଟିସ୍ ରୋଗୀଙ୍କ ପାଇଁ ବାସି ରୁଟି ବହୁତ ଉପକାରୀ। ଯଦି ଆପଣଙ୍କୁ ଡାଇବେଟିସ୍ ଅଛି ତେବେ ସକାଳେ ବାସି ରୁଟିକୁ କ୍ଷୀର ସହ ଖାଆନ୍ତୁ। ଏହା ଶରୀରରେ ଶର୍କରା ସ୍ତରକୁ ସନ୍ତୁଳିତ ରଖିଥାଏ।
* ଯଦି ଆପଣଙ୍କର ବ୍ଲଡ୍ ପ୍ରେସର ଅଛି ତେବେ କ୍ଷୀର ସହ ବାସି ରୁଟି ଖାଆନ୍ତୁ। ଏହା ରକ୍ତଚାପକୁ ସନ୍ତୁଳିତ ରଖିଥାଏ।
* ପେଟ ସମସ୍ୟା ଏବଂ ଏସିଡିଟିରୁ ରକ୍ଷା ପାଇବା ପାଇଁ ସକାଳେ କ୍ଷୀର ସହ ବାସି ରୁଟି ବେଶ୍ ସ୍ୱାସ୍ଥ୍ୟପ୍ରଦ।
* ବିଭିନ୍ନ ଫିଟ୍‌ନେସ୍ ସେଣ୍ଟର ଏବଂ ଜିମ୍‌ରେ ଏକ୍ସରସାଇଜ୍ ବେଳେ ସକାଳେ ବାସି ରୁଟି ଖାଇବାକୁ ପରାମର୍ଶ ଦିଆଯାଇଥାଏ।
* ସଜ ରୁଟି ତୁଳନାରେ ବାସି ରୁଟି ବେଶ୍ ଲାଭପ୍ରଦ। କାରଣ ବାସି ରୁଟି ଅଧିକ ସମୟ ପର୍ଯ୍ୟନ୍ତ ରହିବା ଦ୍ୱାରା ଏଥିରେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.11 (3) | 41,528.91 (416.46) | 12,224.55 (127.80) | 40,748.00 (₹ 4) | 47,856.00 (₹ 7) |



“ଅନେକ ନିୟୁତ ନିଯୁକ୍ତିକୁ କ୍ଷତି ପହଞ୍ଚାଇ କେବଳ ୧୦ ଲକ୍ଷ ନିଯୁକ୍ତି ସୃଷ୍ଟି କରା ନ ଯିବା ଆବଶ୍ୟକ।

–ପୀୟୂଷ ଗୋୟଲ, କେନ୍ଦ୍ର ମନ୍ତ୍ରୀ

“ଜିଏସ୍‌ଟି ହାର ସମ୍ପର୍କରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସାରା ବର୍ଷର ଟିକସ ସଂଗ୍ରହ ସ୍ଥିତିକୁ ବିଚାର କରାଯିବ।

–ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



# ହୋମ୍ ଟାଉନର 'ମାନୋ ୟା ନା ମାନୋ ସେଲ୍'

ଭୁବନେଶ୍ୱର,୨୦-୧

ଲୋକପ୍ରିୟ ହୋମ୍ ଷ୍ଟୋର ହୋମ୍ ଟାଉନ ପକ୍ଷରୁ ସ୍ୱତନ୍ତ୍ର 'ମାନୋ ୟା ନା ମାନୋ ସେଲ୍' ଆରମ୍ଭ ହୋଇଛି। ଭୁବନେଶ୍ୱର ସ୍ଥିତ ସତ୍ୟ ନଗର ଷ୍ଟୋରରେ ଏହା ଚଳିତ ମାସ ୩୧ ଯାଏ ଚାଲୁ ରହିବ। ୫ ହଜାର ଟଙ୍କାରୁ କ୍ରୟ ଉପରେ ଗ୍ରାହକ ବିଭିନ୍ନ ରିହାତି ଲାଭ କରିପାରିବେ। ଗ୍ରାହକଙ୍କ ଲାଗି ଟିକେଟ୍ ସାଇଜ ଏବଂ ବୃହତ୍ତ ଅଫର ଏହା ମଧ୍ୟରେ ରହିଛି। ପ୍ରଡକ୍ଟ କ୍ରୟ ଉପରେ ସ୍ଲାବ ଭିତ୍ତିରେ ଅଫର ରହିଛି ବୋଲି ଷ୍ଟୋର କର୍ତ୍ତା ସନ୍ତୋଷ ହୋତା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଷ୍ଟୋରରେ ଟ୍ରେଣ୍ଡି ଡିଜାଇନର ଫର୍ନିଚର, ହୋମ୍‌ୱେର, ଇଲେକଟ୍ରୋନିକ୍ସ, ମଡ୍ୟୁଲାର କିଚେନ, ମଡ୍ୟୁଲାର ୱାର୍ଡରୋବ୍ସ ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀର ବ୍ୟାପକ ସମ୍ଭାର ଗୋଟିଏ ଛାତ ତଳେ ଉପଲବ୍ଧ ରହିଛି। ଏଣ୍ଡଟୁଏଣ୍ଡ ଡିଜାଇନ, ପ୍ରଡକ୍ଟ ଏକଜିକ୍ୟୁଶନ ଡିଜାଇନ, ବିଲ୍ଡ ସୁବିଧା ଗ୍ରାହକଙ୍କ ଲାଗି ରହିଛି। ଷ୍ଟୋରରେ ପାରମ୍ପରିକଠାରୁ ଆରମ୍ଭ କରି ଆଧୁନିକ ଡିଜାଇନ ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଥିବା ସେ ମତ ରଖିଛନ୍ତି। ସେହିଭଳି ଗ୍ରାହକଙ୍କ ଆବଶ୍ୟକତା ମୁତାବକ ଫର୍ନିଚର ଏସେନସିଆଲର ଏକ ବ୍ୟାପକ ସମ୍ଭାର ଷ୍ଟୋରରେ ରହିଥିବା ସେ କହିଛନ୍ତି। ହୋମଓୟାର କଲେକ୍ସନ ଡେକୋର, ଫର୍ନିସିଙ୍ଗ, ଟେବୁଲ ଓୟାର, କୁକଓୟାର, କିଚେନ ଏସେନସିଆଲ ଆଦିର ଅନ୍ତର୍ଜାତୀୟ ଟ୍ରେଣ୍ଡ ହୋମଟାଉନ ପ୍ରଦାନ କରୁଛି। ଡେକୋର ଓ ହୋମ ଫ୍ୟାଶନର ୫୦ ହଜାରରୁ ଅଧିକ ଡିଜାଇନ ରହିଛି। ମଡ୍ୟୁଲାର କିଚେନ ଏବଂ ୱାର୍ଡରବସ ପାଇଁ କଷ୍ଟମାଇଜ ସଲ୍ୟୁଶନ, ଇନହାଉସ ଡିଜାଇନଙ୍କ ଦ୍ୱାରା ୧୦୦୦ରୁ ଅଧିକ ଷ୍ଟାଇଲ, ଡ୍ୟୁରୋ କୁସନରେ ସର୍ବନିମ୍ନ ୫ ବର୍ଷର ୱାରେଣ୍ଟି, ମାଗଣା ସର୍ଭିସ କ୍ୟାମ୍ପ ସୁବିଧା, ୬୦ ହଜାରରୁ ଉର୍ଦ୍ଧ୍ୱ କିଚେନ ଡିଜାଇନ, ବ୍ୟକ୍ତିଗତ ଡିଜାଇନ ସଲ୍ୟୁଶନ ପ୍ରଦାନ କରାଯାଉଛି। ସେହିଭଳି ସର୍ବୋତ୍ତମ ଗ୍ରାହକ ଅଭିଜ୍ଞତା, ମାଗଣା ଡେଲିଭରୀ, ସେମ୍ ଡେ ଇନଷ୍ଟାଲେଶନ, ଅନ ଟାଇମ ଡେଲିଭରି ଏବଂ ବିକ୍ରି ପରବର୍ତ୍ତୀ ସେବା ଯୋଗାଇ ଦିଆଯାଉଥିବା ହୋତା ସ୍ପଷ୍ଟ କରିଛନ୍ତି।




ବିସ୍ତୃତ ରେଞ୍ଜ୍ ପ୍ରଡକ୍ଟ ଉପରେ ଆକର୍ଷଣୀୟ ରିହାତି

# ଏଚ୍‌ପିର ନୂଆ ପ୍ରଡକ୍ଟ ବଜାରରେ



ଭୁବନେଶ୍ୱର,୨୦-୧

ପ୍ରମୁଖ ବ୍ରାଣ୍ଡ ଏଚ୍‌ପିର ନୂଆ ଅପଗ୍ରେଡେଡ ଟେକ୍ନୋଲୋଜି ପାଭିଲିୟନ ଗେମିଂ ଲ୍ୟାପଟପ୍ ୧୫ ଏବଂ ଏଚ୍‌ପି କ୍ରୋମ୍‌ବୁକ ଲ୍ୟାପଟପ ସ୍ଥାନୀୟ ବାପୁଜୀ ନଗରସ୍ଥିତ ସ୍ପେକ୍ଟ୍ରା ଭିଜନଠାରେ ବଜାର ପ୍ରବେଶ ହୋଇଛି। ଓଡ଼ିଶା ବଜାରରେ ପ୍ରଥମ କରି ପ୍ରବେଶ କରିଥିବା ଏହି ଲ୍ୟାପଟପ ଅତ୍ୟନ୍ତ ହାଲ୍‌କା ଏବଂ ପତଳା। ଏହା ଗ୍ରାହକଙ୍କୁ ଉନ୍ନତ ଗୁଣବତ୍ତା ଏବଂ ଅଡିଓ ଭିଜୁଆଲ ସୁବିଧା ବିଶିଷ୍ଟ ଶକ୍ତିଶାଳୀ କନଫିଗରେଶନ ପ୍ରଦାନ କରିବ। ଏହା ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ ବୋଲି କମ୍ପାନୀ ଆଶାବାଦି ଥିବା କହିଛି। ଏହା ସହ ବିଶ୍ୱର କ୍ଷୁଦ୍ରତମ ଏଚ୍‌ପି ଲେଜର ପ୍ରିଣ୍ଟର ନାଇଟ ସିରିଜର ମଧ୍ୟ ଉନ୍ମୋଚନ ହୋଇଛି। କମ୍ପାନୀ ପକ୍ଷରୁ ନୂଆ ବର୍ଷ ଅଫରରେ କ୍ରେଡିଟ କାର୍ଡ ଇଏମ୍‌ଆଇରେ ୧୦% ପର୍ଯ୍ୟନ୍ତ କ୍ୟାଶବ୍ୟାକ ରହିଛି। ନିୟୁ ଇୟର ଅଫରରେ ଗ୍ରାହକ ୩୪,୦୯୮ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ସେହିଭଳି ସେଫ୍ଟି ପ୍ୟାକେଜରେ ୩ ବର୍ଷର ୱାରେଣ୍ଟି ରହିଛି। ଏହା ସହ ଗୋଟିଏ ବର୍ଷର ଦୁର୍ଘଟଣା ଜନିତ ସୁରକ୍ଷା, ଚୋରି ବୀମା, ପ୍ରୋଟେଜେଣ୍ଟ ଆଣ୍ଟି ଭାଇରସ, ୟୁନିଷ୍ଟାଲ ଡାଟା ପ୍ରୋଟେକଶନ ସଫ୍ଟୱେର ପ୍ରଦାନ କରାଯାଉଛି। ଏହାବାଦ ସ୍ୱତନ୍ତ୍ର ଏକ୍ସପେରିଏନ୍ସ ପ୍ୟାକେଜ ଏବଂ ଷ୍ଟୋର ଅଫର ମଧ୍ୟ ଗ୍ରାହକ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ଜୋନାଲ ମ୍ୟାନେଜର ସୌରଭ ପୁରୀ, ପିସି ବିଭାଗ ଆର୍‌ଏସ୍‌ଏମ୍ ସନ୍ତୋଷ ମଣ୍ଡଳ, ପ୍ରିଣ୍ଟ ବିଭାଗ ଆର୍‌ଏସ୍‌ଏମ୍ ଜୟ ପାଣି, ଏଏସ୍‌ଏମ ସଞ୍ଜନା ବେଞ୍ଚାନୀ, ବିଏମ୍ ସୁଜିତ ଦାସ, ସାଭେକ୍ସର ଏଏସ୍‌ଏମ୍ ଜ୍ଞାନେନ୍ଦ୍ର ମହାନ୍ତି, ସ୍ପେକ୍ଟ୍ରା ଭିଜନର ଶକ୍ତି ପ୍ରଶାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଣ୍ଡା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ




ଭୁବନେଶ୍ୱର,୨୦-୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସପ୍ତାହେ ବ୍ୟାପି ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରଣାଳୟର ଜୀବନ ରକ୍ଷା ବାର୍ତ୍ତାକୁ ଏହି ସମୟରେ ପ୍ରାୟ ୧.୨ ଲକ୍ଷ ଜନସାଧାରଣଙ୍କ ନିକଟରେ କମ୍ପାନୀ ପହଞ୍ଚାଇଛି। ୨୬୦ ସହରରେ ଆୟୋଜନ ହୋଇଥିବା ଏହି କାର୍ଯ୍ୟକ୍ରମରେ ସବୁ ବର୍ଗର ଜନସାଧାରଣଙ୍କୁ ସାମିଲ କରାଯାଇଥିଲା। ରାସ୍ତା ସଙ୍କେତ, ଟ୍ରାଫିକ ନିୟମାବଳୀ, ସୁରକ୍ଷା ପଦକ୍ଷେପ ସମ୍ପର୍କରେ ହୋଣ୍ଡାର ୪ ଉତ୍ପାଦନ ଯୋଜନା, ୧୭ ଜୋନାଲ କାର୍ଯ୍ୟାଳୟ, ୬ ହଜାରରୁ ଉର୍ଦ୍ଧ୍ୱ ଟଚ୍ ପଏଣ୍ଟ, ୧୪ ଟ୍ରାଫିକ ଟ୍ରେନିଂ ପାର୍କ ଏବଂ ୪ ସୁରକ୍ଷିତ ଡ୍ରାଇଭିଂ ଶିକ୍ଷା କେନ୍ଦ୍ରରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଡକ ଦୁର୍ଘଟଣାକୁ ଏଡାଇବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

# ରିଲାଏନ୍ସ ଡିଜିଟାଲର ବ୍ଲକବଷ୍ଟର ଡିଜିଟାଲ ଇଣ୍ଡିଆ ସେଲ୍

ଭୁବନେଶ୍ୱର,୨୦-୧

ସାଧାରଣତନ୍ତ୍ର ଦିବସ ଅବସରରେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ବ୍ଲକବଷ୍ଟର ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଷ୍ଟୋର ପକ୍ଷରୁ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ପ୍ରିବୁକିଙ୍ଗ ଅଫର ଘୋଷଣା କରାଯାଇଛି। ୧୮ରୁ ୨୩ ଜାନୁୟାରୀ ମଧ୍ୟରେ ଗ୍ରାହକ ମାତ୍ର ୧୦୦୦ ଟଙ୍କା ପ୍ରଦାନ କରି ରିପବ୍ଲିକ ଅଫରକୁ ପ୍ରିବୁକ କରିପାରିବେ। ଏହା ଦ୍ୱାରା ୨୪ରୁ ୨୬ ଜାନୁୟାରୀ ସମୟରେ କ୍ରୟ ବେଳେ ଅତିରିକ୍ତ ୧୦୦୦ ଟଙ୍କାର ଅଫ ଗ୍ରାହକ ଲାଭ କରିପାରିବେ। ପ୍ରିବୁକ୍ କରିଥିବା ଗ୍ରାହକ କ୍ୟାଶବ୍ୟାକ ପ୍ଲସ ଲାଭ କରିପାରିବେ। ରିପବ୍ଲିକ ଡେ ଅଫରିଂରେ ନୋ କଷ୍ଟ ଇଏମ୍‌ଆଇ ସୁବିଧା ଗ୍ରାହକଙ୍କୁ ମିଳିବ। ରିଲାଏନ୍ସ ଡିଜିଟାଲ ଷ୍ଟୋର ଏବଂ ମାଇ ଜିଓ ଷ୍ଟୋରକୁ ଲଗ୍ ଇନ କରି ଏହି ଅଫରକୁ ପ୍ରିବୁକ୍ କରାଯାଇ ପାରିବ ବୋଲି ରିଲାଏନ୍ସ ଡିଜିଟାଲ ପକ୍ଷରୁ ସୂଚନା ରହିଛି।

# ଜେଇଇ ମେନ୍‌ରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୨୦-୧



ଚଳିତ ବର୍ଷ ଜେଇଇ ମେନ୍ ପରୀକ୍ଷାରେ ଆକାଶ ଇନଷ୍ଟିଚ୍ୟୁଟ ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପ୍ରତିଷ୍ଠାନର ଆଇଆଇଟି ଜେଇଇ ଛାତ୍ର ଶିବାଶିଷ ରାଉତ ୯୯.୮୯୬ ପର୍ସେଣ୍ଟାଇଲ ରଖି ଓଡ଼ିଶାର ଦ୍ୱିତୀୟ ଟପର ହୋଇ ପାରିଛନ୍ତି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ସର୍ବମୋଟ ୮.୬୯ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏହା ମଧ୍ୟରୁ ଆକାଶର ଭୁବନେଶ୍ୱର ଶାଖାର ୧୩ ଜଣ ଛାତ୍ରୀଛାତ୍ର ଉନ୍ନତ ପ୍ରଦର୍ଶନ କରିବା ସହ ୯୯.୦୭୮ ପର୍ସେଣ୍ଟାଇଲରୁ ଉର୍ଦ୍ଧ୍ୱ ନମ୍ବର ରଖି ଆଶାନୁରୂପ ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ଚଳିତ ମାସ ୬ ଏବଂ ୧୩ରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୨୦୨୦ରେ ହେବ। ସଫଳ ଛାତ୍ରୀଛାତ୍ରଙ୍କୁ ଆକାଶ ଭୁବନେଶ୍ୱର ଶାଖା ନିର୍ଦ୍ଦେଶକ ଏ.ବି.ସିଂହ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ଟପର ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଛାତ୍ରୀଛାତ୍ରଙ୍କ ସ୍ଥାନରେ ଜ୍ୟୋତିରାଦିତ୍ୟ ମିଶ୍ର, ରିତେଶ୍ୱର ରାଜଗୁରୁ, ଅନିମେଶ ସାହୁ, ପ୍ରିତି ନିଲାଞ୍ଜନା, ଆୟାଶକାନ୍ତ ମିଶ୍ର, ଶ୍ରିରିସ ମହାପାତ୍ର, ଶୁଭମ୍ ସାହୁ, ଆଶୁତୋଷ ମିଶ୍ର, ଓଜ୍ୱସୀ ଦାସ ଏବଂ ସୁବ୍ରତ ଶେଖର ସାହୁ ରହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992204863

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

CLASSIC FINANCE
(Regd No -1125124)
No File Charge No Guarantor
Classic ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୪୮ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
30% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
9532571946
9455178069

BUSINESS

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

INDUS TOWER COMPANY PVT. LTD
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରି ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍ ଉପରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରୀମ: 70 ଲକ୍ଷ
ଭଡ଼ା: 40 ହଜାର
082784-55157
073761-01835
ADDRESS: T-51, GAUTAMPURI, DELHI

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ। ଲାପଟପ୍, ମୋବାଇଲ, ବାଇକ୍ ମାଗଣା। ଅନ୍‌ଲାଇନ୍ SMS କରନ୍ତୁ। ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ।
7265982706
7064678575

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ, ଭଡା-50000 + 20 Years କୋର୍ଟ ଆଗ୍ରୀମେଣ୍ଟ,
ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: -
7429717631

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପ୍ରଜନେଶଙ୍କ ମ୍ୟାଚ୍ ଘୁଞ୍ଚିଲା

**ମେଲବୋର୍ନ, ୨୦।୧ (ପି.ଟି.):** ଭାରତର ଏକ ନମ୍ବର ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ପ୍ରଥମ ରାଉଣ୍ଡ ମ୍ୟାଚ୍ ବାତିଲ ହୋଇଯାଇଛି। ପ୍ରଥମ ରାଉଣ୍ଡରେ ପ୍ରଜନେଶ ସୋମବାର ଜାପାନର ତାତ୍ସୁମା ଇଟୋଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ବର୍ଷା ଯୋଗୁ ମ୍ୟାଚ୍‌କୁ ମଙ୍ଗଳବାରକୁ ଘୁଞ୍ଚାଇ ଦିଆଯାଇଛି। ଯଦି ପ୍ରଜନେସ ଏହି ମ୍ୟାଚ୍ ବିଜୟୀ ହୁଅନ୍ତି ତେବେ ୨ୟ ରାଉଣ୍ଡରେ ବିଶ୍ୱର ୨ ନମ୍ବର ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ଭେଟିବେ। ଲଗାତର ୫ମଥର ଲାଗି ପ୍ରଜନେସ ଗ୍ରାଣ୍ଡସ୍ଲାମ ଇଭେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ଅଂଶଗ୍ରହଣ କରିଛନ୍ତି।


### କୋହଲି ଦ୍ରୁତତମ ଅଧିନାୟକ

**ବେଙ୍ଗାଲୁରୁ,୨୦।୧:** ବିରାଟ କୋହଲି ଦିନିକିଆ ଫର୍ମାଟ୍‌ରେ ଅଧିନାୟକ ଭାବେ ୫ ହଜାର ରନ୍ ପୂରଣ କରିଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ସେ ବିଶ୍ୱର ଦ୍ରୁତତମ ଅଧିନାୟକ। ୫ ହଜାର ରନ୍ କରିବା ପାଇଁ କୋହଲିଙ୍କୁ ମାତ୍ର ୮୨ ଇନିଂସ ଲାଗିଛି। ଏହି ଧାରାରେ ସେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଟପି ଯାଇଛନ୍ତି। ଧୋନୀ ୧୨୭ ଇନିଂସରେ ୫ ହଜାର ରନ୍ ପୂରଣ କରିଥିଲେ। ତାଲିକାରେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂ (୧୩୧ ଇନିଂସ) ଓ ଦକ୍ଷିଣ ଆଫ୍ରିକାର ଗ୍ରେମ ସ୍ମିଥ (୧୩୫) ରହିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ତଥା ବର୍ତ୍ତମାନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ତାଲିକାର ୫ମ ସ୍ଥାନରେ ରହିଛନ୍ତି। ସେ ଅଧିନାୟକ ଭାବେ ୧୩୬ ଇନିଂସରେ ୫ ହଜାର ରନ୍ କରିଥିଲେ। କୋହଲି ଏହି ମାଇଲଷ୍ଟୋନ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆରେ ହାସଲ କରିଛନ୍ତି।

### ମୁକୁନ୍ଦଙ୍କ ଶତକ ମ୍ୟାଚ୍‌ରେ ତାମିଲନାଡୁ ବିଜୟୀ

**ଚେନ୍ନାଇ, ୨୦।୧:** ସ୍ଥାନୀୟ ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ରେଲ୍‌ୱେ ଓ ଘରୋଇ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଦୁଇଦିନରେ ଶେଷ ହୋଇଯାଇଛି। ଏହି ମ୍ୟାଚ୍‌ରେ ଚେନ୍ନାଇ ଏକ ଇନିଂସ ଓ ୧୬୪ ରନରେ ରେଲ୍‌ୱେକୁ ପରାସ୍ତ କରିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରେଲ୍‌ୱେ ଦଳ ୭୬ ରନରେ ସୀମିତ ରହିଥିଲା। ଜବାବରେ ତାମିଲନାଡୁ ଓପନର୍ ଅଭିନବ ମୁକୁନ୍ଦ (୧୦୦ ରନ)ଙ୍କ ଶତକ ବଳରେ ପ୍ରଥମ ଇନିଂସରେ ୩୩୦ ରନ କରିଥିଲା। ନିଜର ଶତକୀୟ ରଣ୍‌ଜୀ ମ୍ୟାଚ୍ ଖେଳୁଥିବା ମୁକୁନ୍ଦ ୧୦୦ ରନ ସଂଗ୍ରହ କରି ଏହି ମ୍ୟାଚ୍‌କୁ ସ୍ମରଣୀୟ କରିଦେଇଛନ୍ତି। ୧୧୫ ବଲର ଇନିଂସ ମଧ୍ୟରେ ସେ ୧୨ ଚୌକା ଓ ୩ ଛକା ମାରିଥିଲେ। ୨୫୪ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ରେଲ୍‌ୱେ ସୋମବାର ମାତ୍ର ୯୦ ରନରେ ଅଲ୍‌ଆଉଟ୍ ହୋଇଥିଲା।

> ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ନେଦରଲାଣ୍ଡ୍‌କୁ ଦୁଇଥର ହରାଇଥିଲେ ହେଁ ଆମକୁ 'ୱାନ ଟୁ ୱାନ' ଟ୍ୟାକ୍‌ଲିଂ ଏବଂ ୩ଡି କୌଶଳରେ ଉନ୍ନତି ଆଣିବାକୁ ହେବ ।
> –ଗ୍ରାହମ ରିଡ୍, ଭାରତୀୟ ହକି ଦଳର ମୁଖ୍ୟ କୋଚ୍



> ମୋର ଫୁସ୍‌ଫୁସ୍ ଜନିତ ସମସ୍ୟା ରହିଛି। ତେଣୁ ଅଷ୍ଟ୍ରେଲିଆନ ଓପନରେ ଧୂମ ବାୟୁମଣ୍ଡଳ ଜନିତ ସମସ୍ୟା ନେଇ ମୁଁ ଚିନ୍ତିତ ।
> –ସେରେନା ୱିଲିୟମ୍ସ, ବିଶିଷ୍ଟ ମହିଳା ଟେନିସ ଖେଳାଳି




# ସେରେନା, ଜୋକୋଭିଚ୍, ଫେଡ଼ରରଙ୍କ ବିଜୟ

**ମେଲବୋର୍ନ, ୨୦।୧ (ଏଏଫ୍‌ପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ତଥା ଅଷ୍ଟ୍ରେଲିଆନ ଓପନ୍‌ର ୧୦୮ତମ ସଂସ୍କରଣ ସୋମବାରଠାରୁ ସ୍ଥାନୀୟ ମେଲବୋର୍ନ ପାର୍କଠାରେ ଆରମ୍ଭ ହୋଇଛି। ମହିଳା ଓ ପୁରୁଷ ବିଭାଗରେ ତିନି କିମ୍ବଦନ୍ତୀ ଖେଳାଳି ସେରେନା ୱିଲିୟମ୍ସ, ନୋଭାକ ଜୋକୋଭିଚ୍ ଓ ରୋଜର ଫେଡରରର ବିଜୟରୁ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ପୂର୍ବରୁ ଭୟଙ୍କର ଜଙ୍ଗଲ ପୋଡ଼ିଜନିତ ଧୂଆଁ ଲାଗି ଗତ ସପ୍ତାହରେ ଏହି ସମ୍ମାନଜନକ ପ୍ରତିଯୋଗିତାର ଯୋଗ୍ୟତା ପର୍ଯ୍ୟାୟର କେତେକ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ମୁଖ୍ୟ ପର୍ଯ୍ୟାୟର ପ୍ରଥମ ଦିନରେ ୪ ଘଣ୍ଟା ବର୍ଷା ହେବାରୁ ୬୪ରୁ ୧୮ ମ୍ୟାଚ୍‌କୁ ସ୍ଥଗିତ ରଖାଯାଇ ପୁନଃ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ମାର୍ଗୋରେଟ୍ କୋର୍ଟ ଏରେନା ଉପରେ ରହିଥିବା ଅତ୍ୟାଧୁନିକ କଭର ଛାତ ସତ୍ତ୍ୱେ ଭୀଷଣ ବର୍ଷା ଯୋଗୁ ମ୍ୟାଚ୍ ମଙ୍ଗଳବାରକୁ ସ୍ଥଗିତ ରଖାଯାଇଛି।

ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ସୁଇଜରଲାଣ୍ଡ ତାରକା ଫେଡରର ପୁରୁଷ ବିଭାଗ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରିଛନ୍ତି। ଫେଡରର ୬-୩, ୬-୨, ୬-୨ ସିଧାସଳଖ ସେଟ୍‌ରେ ଆମେରିକାର ଷ୍ଟିଭ ଜନସନଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ଟାଇଟଲ ଦାବିଦାର ତଥା ଡିଫେଣ୍ଡିଂ ଚାମ୍ପିୟନ ସର୍ବିୟାର ଜୋକୋଭିଚ୍ ୭-୬ (୫), ୬-୨, ୨-୬, ୬-୧ ସେଟ୍‌ରେ ଜର୍ମାନୀର ଜାନ୍-ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ହରାଇଛନ୍ତି। ଜୋକୋଭିଚ୍‌ଙ୍କ କ୍ୟାରିୟରର ଏହା ୬୯ତମ ମେଜର ମ୍ୟାଚ୍ ବିଜୟ। ଏଥିସହ ୩୨ ବର୍ଷୀୟ ଜୋକୋଭିଚ୍ ଲଗାତର ୧୪ଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।





ରିଟର୍ନ ଶର୍ଟ ଖେଳିବା ଅବସରରେ ନୋଭାକ ଜୋକୋଭିଚ୍। ବିଜୟ ହାସଲ ପରେ କୋକୋ ଗଫ୍।

## ଭେନସ୍‌ଙ୍କୁ ହରାଇଲେ ୧୫ ବର୍ଷୀୟା ଗଫ୍

ମହିଳା ବିଭାଗର ପ୍ରଥମ ରାଉଣ୍ଡରୁ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୭ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଭେନସ୍ ୱିଲିୟମ୍ସ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଅନ୍ୟତମ ଆମେରିକୀୟ ୧୫ ବର୍ଷୀୟା ଖେଳାଳି କୋକୋ ଗଫ୍‌ଙ୍କ ନିକଟରୁ ୭-୬, ୬-୩ ସିଧାସଳଖ ସେଟ୍‌ରେ ହାରିଯାଇଛନ୍ତି। ଗଫ୍ ଏଥିସହ ୨ୟ ଥର ପାଇଁ କୌଣସି ମେଜର ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ୩୯ ବର୍ଷୀୟା ଭେନସ୍‌ଙ୍କୁ ମାତ୍ ଦେଇଛନ୍ତି। ଛ'ମାସ ତଳେ ୱିମ୍ବେଲଡନ ଓପନ୍‌ର ପ୍ରଥମ ରାଉଣ୍ଡରେ ମଧ୍ୟ ଭେନସ୍ ଗଫ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ତେବେ ଭେନସ୍‌ଙ୍କ ଭଉଣୀ ସେରେନା ୬-୦, ୬-୩ ସେଟ୍‌ରେ ଆନାସ୍ତାସିଆ ପୋଟାପୋଭାଙ୍କୁ ହରାଇଛନ୍ତି। ୨୪ତମ ଗ୍ରାଣ୍ଡସ୍ଲାମ ବିଜୟ ଲକ୍ଷ୍ୟରେ ରହିଥିବା ସେରେନା ଏହି ମ୍ୟାଚ୍ ଜିତିବାକୁ ଏକ ଘଣ୍ଟାରୁ କମ୍ ସମୟ ନେଇଥିଲେ। ଡିଫେଣ୍ଡିଂ ଚାମ୍ପିୟନ ନାଓମି ଓସାକା ୬-୨, ୬-୪ରେ ଚେକ୍ ରିପବ୍ଲିକର ମାରିଏ ବୋଉଡକୋଭାଙ୍କୁ, ବିଶ୍ୱର ଏକ ନମ୍ବର ଖେଳାଳି ଆସ୍‌ଲେଇଘ ବାର୍ଟି ୫-୭, ୬-୧, ୬-୧ ସେଟ୍‌ରେ ୟୁକ୍ରେନର ଲେସିଆ ସୁରେଙ୍କୋଙ୍କୁ ପରାସ୍ତ କରିଛନ୍ତି।

### ସିରିଜ୍ ଜିତିଲା ୱେଷ୍ଟଇଣ୍ଡିଜ

**ୱାର୍ନର ପାର୍କ (ସେଣ୍ଟ କିଟ୍ସ ଓ ନେଭିସ), ୨୦।୧:** ଓପନିଂ ବ୍ୟାଟ୍ସମ୍ୟାନ ଲିଣ୍ଡଲେ ସିମନ୍ସଙ୍କ ବିସ୍ଫୋରକ ୯୧ ରନ୍‌ର ଇନିଂସ ଯୋଗୁ ୱେଷ୍ଟଇଣ୍ଡିଜ ୯ ଉଇକେଟ ଓ ୯ ଓଭର ହାତରେ ରଖି ଆୟର୍ଲାଣ୍ଡକୁ ତୃତୀୟ ଟି୨୦ରେ ହରାଇ ଦେଇଛି। ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୨-୧ରେ ବ୍ୟବଧାନରେ ଘରୋଇ ୱେଷ୍ଟଇଣ୍ଡିଜ ଜିତି ନେଇଛି। କୋଚ୍ ଫିଲ ସିମନ୍ସଙ୍କ ପୁତୁରା ଲିଣ୍ଡଲେ ୪୦ ବଲର ସମ୍ମୁଖୀନ ହୋଇ ୧୦ ଛକା ଓ ୫ ଚୌକା ଲଗାଇଥିଲେ। ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଆୟର୍ଲାଣ୍ଡ ଆରମ୍ଭରୁ ଭଲ ଷ୍ଟାର୍ଟ ପାଇଥିଲା। ୩.୪ ଓଭରରେ ୫୦ ରନ୍‌ରେ ଦଳ ପ୍ରଥମ ଉଇକେଟ ହରାଇଥିଲା। ଏହିଠାରୁ ଦଳୀୟ ବ୍ୟାଟିଂ ଲାଇନ ତାସଘର ଭଳି ଭୁଶିଡି ପଡ଼ିଥିଲା। ଫଳରେ ଦଳ ୧୯.୧ ଓଭରରେ ୧୩୮ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କେଭିନ ଓବ୍ରେନ ୩୬ ଓ ଅଧିନାୟକ ଆଣ୍ଡ୍ର୍ୟୁ ବଲବର୍ନି ୨୮ ରନ୍ କରିଥିଲେ। ବୋଲିଂରେ ଘରୋଇ ଦଳର ଅଧିନାୟକ କିରନ ପୋଲାର୍ଡ ଓ ଡ୍ୱେନ ବ୍ରାଭୋ ୩ଟ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସିମନ୍ସ ଓ ଇଭିନ ଲେୱିସଙ୍କ ଓପନିଂ ଯୋଡ଼ି ପ୍ରଥମ ଉଇକେଟ ପାଇଁ ୧୦.୪ ଓଭରରେ ୧୩୩ ରନ୍ କରି ମ୍ୟାଚ୍ ଜିତିବା ପକ୍କା କରିନେଇଥିଲେ। ଲେୱିସ ୪୬ ( ୪ ଚୌକା ଓ ୩ ଛକା) ରନ୍ କରି ଆଉଟ୍ ହୋଇଥିଲେ। ସିମନ୍ସ ୯୧ ରନ୍ କରି ନଟଆଉଟ୍ ରହିଥିଲେ। ଦଳ ୧୧ ଓଭରରେ ୧ ଉଇକେଟ ହରାଇ ୧୪୦ ରନ୍ କରିଥିଲା।

# ଇନିଂସ ବିଜୟ ସହ ଇଂଲଣ୍ଡ ଅଗ୍ରଣୀ

**ପୋର୍ଟ ଏଲିଜାବେଥ୍, ୨୦।୧ (ଏଏଫ୍‌ପି)**

ସ୍ଥାନୀୟ ସେଣ୍ଟ ଜର୍ଜ୍ସ ପାର୍କଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ୩ୟ ଟେଷ୍ଟ ମ୍ୟାଚ୍‌କୁ ଭ୍ରମଣକାରୀ ଇଂଲଣ୍ଡ ଏକ ଇନିଂସ ଓ ୫୩ ରନରେ ବିଜୟ ଲାଭ କରିଛି। ଏହି ବିଜୟ ସହ ଜୋ ରୁଟ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ୪ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ଲାଭ କରିଛି। ସିରିଜର ପ୍ରଥମ ମ୍ୟାଚ୍‌କୁ ଘରୋଇ

**୩ୟ ଟେଷ୍ଟ**

ଦକ୍ଷିଣ ଆଫ୍ରିକା ୧୦୭ ରନରେ ଜିତିଥିଲା। ଏହାପରେ ଇଂଲଣ୍ଡ ୨ୟ ମ୍ୟାଚ୍‌କୁ ୧୮୯ ରନର ବୃହତ୍ ବ୍ୟବଧାନରେ ଜିତି ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଅନ୍ତିମ ତଥା ୪ର୍ଥ ଟେଷ୍ଟ ଜାନୁୟାରୀ ୨୪ରୁ ଜୋହାନ୍ସବର୍ଗରେ ଆରମ୍ଭ ହେବ।

ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ୪୯୯ ରନ ଜବାବରେ ଦକ୍ଷିଣ ଆଫ୍ରିକା ମାତ୍ର ୨୦୯ରେ ସୀମିତ ରହିଥିଲା। ୨୯୦ ରନ ପଛରେ ଥାଇ ଫଲୋଅନ୍ ପାଇଥିବା ଦକ୍ଷିଣ ଆଫ୍ରିକା ୨ୟ ଇନିଂସ ଆରମ୍ଭ କରି ରବିବାର ୪ର୍ଥ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ଉଇକେଟ୍ ହରାଇ ୧୦୨ ରନ କରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅନ୍ତିମ ଦିନ ସୋମବାର ମ୍ୟାଚ୍‌କୁ ବଞ୍ଚାଇବା ଲାଗି ଘରୋଇ ଦଳ ପାଇଁ କାଠିକର ପାଠ ରହିଥିଲା। ଦଳୀୟ ସ୍କୋର ୧୩୭ ରନ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୯ମ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ତେବେ ଅନ୍ତିମ ତଥା ୧୦ମ ଉଇକେଟ୍‌ରେ କେଶବ ମହାରାଜ (୭୧) ଓ ଡାନେ ପିଟରସନ (୩୯*) ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିପାରି ନ ଥିଲେ। ଉଭୟେ ୧୦ମ ଉଇକେଟରେ ୯୯ ରନର ପାର୍ଟନରଶିପ କରିବା ଫଳରେ ଦକ୍ଷିଣ ଆଫ୍ରିକା ୨୩୭ ରନରେ ସୀମିତ ରହିଥିଲା। ବିଜୟୀ ଦଳ ପକ୍ଷରୁ ସାମୟିକ ଅଫ୍-ସ୍ପିନ ବୋଲିଂ କରିଥିବା ଜୋ ରୁଟ୍ ୪ ଓ ଦ୍ରୁତ ବୋଲର ମାର୍କ ଉଡ୍ ୩ଟି ଉଇକେଟ୍ ନେଇଥିଲେ। ତେବେ ରୁଟ୍ ଗୋଟିଏ ଓଭରରେ ୨୮ ରନ ବ୍ୟୟ କରିଥିଲେ। ରୁଟ୍‌ଙ୍କ ଏହି ଓଭରରେ ଦକ୍ଷିଣ ଆଫ୍ରିକା ଲେଗ୍-ସ୍ପିନର ମହାରାଜ ୩ଟି ଚୌକା ଓ ୨ଟି ଛକା ମାରିଥିଲେ। ଆଉ ଗୋଟିଏ ବଲ୍‌ରୁ ବାଇ ଆକାରରେ ୪ ରନ ମିଳିଥିଲା। ଦକ୍ଷିଣ ଆଫ୍ରିକା ଏହାର ଶେଷ ୮ ମ୍ୟାଚ୍‌ରୁ ୭ମ ପରାଜୟ ବରଣ କରିଛି। ୧୩୫ ରନର ଶତକୀୟ ଇନିଂସ ଖେଳିଥିବା ଓଲି ପୋପ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓଲି ପୋପ୍ (ଆଗରେ)।

# ନନ୍ଦକୁମାରଙ୍କ ଚୁକ୍ତିମିଆଦ ବୃଦ୍ଧି

**ଭୁବନେଶ୍ୱର, ୨୦।୧ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ସୁପର ଲିଗ୍ ଦଳ ଓଡ଼ିଶା ଏଫସି ୱିଙ୍ଗର ନନ୍ଦକୁମାର ସେକରଙ୍କ ଚୁକ୍ତିମିଆଦକୁ ବୃଦ୍ଧି କରିଛି। ଏହି ଆକ୍ରମଣାତ୍ମକ ମିଡ୍‌ଫିଲ୍ଡର ଭୁବନେଶ୍ୱର ଭିତ୍ତିକ କ୍ଲବ ସହ ୨୦୨୩ ପର୍ଯ୍ୟନ୍ତ ରହିବେ। ଏ ସମ୍ପର୍କରେ କ୍ଲବ ଏବଂ ନନ୍ଦକୁମାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ନନ୍ଦଙ୍କ ପ୍ରଦର୍ଶନରେ ବହୁତ ଉନ୍ନତି ହୋଇଛି। ତାଙ୍କ ସହ ଆଉ ୩ ବର୍ଷ ଚୁକ୍ତି ମିଆଦ ବଢ଼ାଇ ଆମେ ଖୁସି। ଆମେ ତାଙ୍କୁ ଜଣେ ଏଲିଟ ୱିଙ୍ଗରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଓଡ଼ିଶା ଏଫସି ମାଲିକ ରୋହନ ଶର୍ମା ପ୍ରକାଶ କରିଛନ୍ତି। ଚୁକ୍ତି ସମୟସୀମା ବୃଦ୍ଧିରେ ନନ୍ଦକୁମାର ସ୍ୱାଭାବିକ ଖୁସି ଜାହିର କରିଛନ୍ତି। ମୁଁ ଭୁବନେଶ୍ୱରରେ ଆଉ ୩ ବର୍ଷ ଖେଳିବାକୁ ବ୍ୟଗ୍ର। ଏଠାକାର ପ୍ରଶଂସକ ଆମକୁ ସମର୍ଥନ କରି ଆସିଛନ୍ତି ଏବଂ ଓଡ଼ିଶା ଏଫସି ପ୍ରତି ସେମାନଙ୍କର ଭଲ ପାଇବା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଗତ ଶୁକ୍ରବାର ଓଡ଼ିଶା ଏଫସି ଭାରତର ଅନ୍ତର୍ଜାତୀୟ ଖେଳାଳି ଭିନିତ ରାୟଙ୍କ ସହ ମଧ୍ୟ ୨୦୨୩ ପର୍ଯ୍ୟନ୍ତ ଚୁକ୍ତି ମିଆଦ ବୃଦ୍ଧି କରିଥିଲା।



ନନ୍ଦକୁମାର ସେକର

# ଶିବ ପ୍ରସାଦ, ଅଶୋକଙ୍କୁ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର



ଶିବ ପ୍ରସାଦ ଦାସ



ଅଶୋକ ମହାନ୍ତି

**ଭୁବନେଶ୍ୱର, ୨୦।୧ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ପ୍ରତିଷ୍ଠିତ ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଓ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ୨୦୧୯ ବର୍ଷର କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ରାଜ୍ୟ ଓ ଦେଶକୁ ପାରା ବ୍ୟାଡ୍‌ମିଣ୍ଟନ କ୍ଷେତ୍ରରେ ସଫଳ ଖେଳାଳି ପ୍ରଦାନ ପାଇଁ ସଂକଳ୍ପବଦ୍ଧ ଶିବ ପ୍ରସାଦ ଶ୍ରେଷ୍ଠ କୋଚ୍ ଭାବେ ଏହି ପୁରସ୍କାର ପାଇବେ। ସେହିପରି ପୂର୍ବତନ ଖେଳାଳି ତଥା ଓଡ଼ିଶା କ୍ରୀଡ଼ା ପ୍ରଶାସନିକ ଧାରାର ଅନ୍ୟତମ ପ୍ରମୁଖ ବ୍ୟକ୍ତିତ୍ୱ ଅଶୋକଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯିବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ସହିଦ ସ୍ପୋର୍ଟିଂ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି ଏବଂ ପ୍ରାୟୋଜକ ଭାବେ ମାରୁତି ଇଷ୍ଟେଟ ଇଣ୍ଡିଆ ସହଯୋଗ କରୁଛି। ପ୍ରକାଶଯୋଗ୍ୟ ଯେ, ପରଲୋକଗତ ବିଶିଷ୍ଟ କ୍ରିକେଟ କୋଚ୍ କମଲ ଗାଙ୍ଗୁଲିଙ୍କ ସ୍ମୃତିରେ ୨୦୧୨ରୁ ଶ୍ରେଷ୍ଠ କୋଚ୍ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ୨୦୧୪ରୁ ଏଥିରେ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାରକୁ ଯୋଗ କରାଯାଇଛି। ନିକଟରେ କ୍ଲବ ପରିସରରେ ହେବାକୁଥିବା ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଅନୁଗୋଳର ଶିବ ପ୍ରସାଦ ଗତ ୧୧ ବର୍ଷ ଧରି ପ୍ରଶିକ୍ଷଣ ଜାରି ରଖିଛନ୍ତି। ଜଣେ ଖେଳାଳିଭାବେ ସେ ଅନେକ ପ୍ରତିଯୋଗିତାରେ ଭାଗ ନେବାପରେ ୨୦୦୯ରୁ ଖେଳାଳି ସୃଷ୍ଟି କରିବାରେ ମନୋନିବେଶ କରିଛନ୍ତି। ଅର୍ଜୁନ ପୁରସ୍କାରପ୍ରାପ୍ତ ରାଜ୍ୟର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ପ୍ରଥମ କୋଚ୍ ଏବଂ ପଥ ପ୍ରଦର୍ଶକ ହେଉଛନ୍ତି ଶିବ ପ୍ରସାଦ। ଭାରତୀୟ ଦଳର ସହକାରୀ କୋଚ୍ ଦାୟିତ୍ୱ ମଧ୍ୟ ସେ ତୁଲାଇ ସାରିଛନ୍ତି। ସେହିପରି ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗରେ ଦୀର୍ଘବର୍ଷ କାର୍ଯ୍ୟକରି ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ଭାବେ ଅବସର ନେଇଥିବା ଅଶୋକ ମହାନ୍ତି ଓଡ଼ିଶାରେ କ୍ରୀଡ଼ା ପ୍ରଶାସନ ଧାରାରେ ଜଣେ ସଫଳ ବ୍ୟକ୍ତିତ୍ୱ। ରାଜ୍ୟର ପ୍ରାୟ ସବୁ ଖେଳାଳି ଓ କ୍ରୀଡ଼ା ସଙ୍ଗଠନଗୁଡ଼ିକୁ ସେ ମାର୍ଗ ଦର୍ଶନ କରି ଆସୁଛନ୍ତି। ଏହା ବ୍ୟତୀତ ଓଡ଼ିଶା ତଥା ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଖେଳର ଇତିହାସ ଏବଂ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ପ୍ରସଙ୍ଗରେ ତାଙ୍କର ଅଗାଧ ଜ୍ଞାନ ରହିଛି। ପଙ୍କଜ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଖବରଦାତା ସୁଶାନ୍ତ ମହାନ୍ତି, ସନାତନ ପାଣି, ସୁରେଶ ସ୍ୱାଇଁ, ସମ୍ବିତ ମହାପାତ୍ର, ନିରଞ୍ଜନ ରେଡ୍ଡୀ, ସମୀକ୍ଷା ପଟ୍ଟନାୟକ, ତପନ ସ୍ୱାଇଁ, ଉମାକାନ୍ତ ମିଶ୍ର, ସମୀର ରାଉତ, ସଞ୍ଜୀବ ବିଶ୍ୱାଳ ଏବଂ ମାରୁତି ଇଷ୍ଟେଟର ଏମ୍‌ଡି ଜିତେନ୍ଦ୍ର ପ୍ରସାଦ ସିଂଙ୍କୁ ନେଇ ଗଠିତ ଚୟନ କମିଟି ଏହି ଦୁଇ ସଫଳ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କୁ ମନୋନୟନ କରିଥିଲେ।



ରାଜ୍ୟ କରାଟେ ଚାମ୍ପିୟନ୍‌ଶିପ୍: ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଜେକେଏସ ରାଜ୍ୟ କରାଟେ ଉଦ୍‌ଯାପିତ

**ଭୁବନେଶ୍ୱର, ୨୦।୧ (କ୍ରୀଡ଼ା ପ୍ରତିନିଧି)**

ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ(ଜେକେଏସ) କରାଟେ ଚାମ୍ପିୟନଶିପ୍ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ସଫଳତାର ସହିତ ସମ୍ପନ୍ନ ହୋଇଛି। କେବଳ ଜେକେଏସ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାରେ ୭୦୦ ପ୍ରତିଯୋଗୀ ଓ ୧୫୦ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଏମ୍‌ପି ଅପରାଜିତ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏସ.ଆର. ସାସମଲ, ଆଦିତ୍ୟ ମିଶ୍ର, ସଞ୍ଜୟ ଶାହ, ଦୀପକ କୁମାର ସାମନ୍ତରା, ସନକ ଦେଓ, ଜୟଦେବ ପଟ୍ଟନାୟକ, ସନ୍ତୋଷ ମହାପାତ୍ର, ବାପୁ ପଟ୍ଟନାୟକ, ପଞ୍ଚାନନ ନାୟକ, ସୁବ୍ରତ ପାତ୍ର, ଘନଶ୍ୟାମ ହାଁସଦା, ସୂର୍ଯ୍ୟ ନାରାୟଣ, ସାରଦା ପ୍ରସାଦ, ଶେଖର ସୁମନ ପ୍ରମୁଖ ରେଫରି ଦାୟିତ୍ୱ ତୁଲାଇଥିଲେ। ସେହିପରି ହିମାଂଶୁ ଭୂଷଣ ଦାସ, ବେଣୁଧର ମଲିକ, ଅନ୍ତର୍ଯ୍ୟାମୀ ବେହେରା, ଏ. ଚିରଞ୍ଜୀବୀ ରାଓ, ଦେବାଶିଷ ରାଉତ, ଦୀପକ କୁମାର ପଟ୍ଟଆରସିଂ, ଜ୍ଞାନରଞ୍ଜନ ନନ୍ଦ, ଏସ.କେ. ସୁଲତାନ, ପ୍ରତାପ କୁମାର ନାୟକ, ଚିରସ୍ମିତା ଭଞ୍ଜଦେଓ, ମଧୁସ୍ମିତା ଭଞ୍ଜଦେଓ, ସନ୍ଦୀପ ପଟ୍ଟନାୟକ, ଅଶୋକ କୁମାର ସିଂ, ଅଭିରାମ, ବେହେରା, ଅନନ୍ତ ଚରଣ ଦାଶ, ଅମରେଶ ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ଲଳିତ କୁମାର, ନବ କିଶୋର, ଆଲିସେ ପ୍ରଭା, ଅବିନାଶ ସିଂ, ଗୋପାଳ ଛୋଟରାୟ, ସୁଦୀପ, ଅଜୟ, ସୌମ୍ୟ, ସୁବ୍ରତ, ଖିମ୍ ଥାପ୍ପା, ମେର୍ଲିନ ପ୍ରମୁଖ ଅଫିସିଆଲ ଥିଲେ। ଜାପାନ କରାଟେ ଓଡ଼ିଶା ଆସୋସିଏଶନର ସଭାପତି ତଥା ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ବିଭିନ୍ନ ବୟସ ବର୍ଗରେ ମୋଟ ୧୨୦ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ସେମାନଙ୍କ ମଧ୍ୟରେ ଦେବଶ୍ରୀ ମହାନ୍ତି, ସିମରନ ସାମଲ, ସୁଚିସ୍ମିତା ସାହୁ, ଅମିନିତା ଶତପଥୀ, ସୁଶ୍ରୀ ଏଲିନା, ଅନୁସ୍କା ନନ୍ଦ, ଲକ୍ଷ୍ମୀପ୍ରିୟା ରାଉତ, ନିବେଦିତା, ଶର୍ମିଷ୍ଠା ଦ୍ୱିବେଦୀ, ଅନିଶା ତ୍ରିପାଠୀ, ପ୍ରକୃତି ପ୍ରିୟଦର୍ଶିନୀ, ପ୍ରଜ୍ଞା ସାହୁ, ପ୍ରତ୍ୟାଶା ସିଂ, ଋତୁପର୍ଣ୍ଣା ଦାଶ, ସୁପ୍ରିୟା ସେନାପତି, ଅର୍ଣ୍ଣବି କାନାରା, ଅନୁଷ୍କା, ବିଜୟଲକ୍ଷ୍ମୀ ସାହୁ, ଆଦ୍ୟାଶା ଦାସ, ମନସା ଜେନା ପ୍ରମୁଖ ବାଳିକା ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



ଗତ ବର୍ଷ ଭଳି ଆମକୁ ଆସନ୍ତା ନ୍ୟୁଜିଲାଣ୍ଡ ଟୁର୍ ବେଳେ ଘରୋଇ ଦଳକୁ ଆରମ୍ଭରୁ ଚାପରେ ରଖିବାକୁ ପଡ଼ିବ ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



ମୋ ମତରେ ବିରାଟ କୋହଲି ସମ୍ଭବତଃ ସର୍ବକାଳୀନ ଶ୍ରେଷ୍ଠ ଅନ୍ତର୍ଜାତୀୟ ଦିନିକିଆ ଖେଳାଳି। ରୋହିତ ଶର୍ମା ଶ୍ରେଷ୍ଠ ୫ଙ୍କ ମଧ୍ୟରେ ଅନ୍ୟତମ ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ ଅଧିନାୟକ

**ସଂକ୍ଷେପରେ**

## ମନୋଜ ତିୱାରୀଙ୍କ ତ୍ରିଶତକ

**କଲ୍ୟାଣୀ (ପଶ୍ଚିମ ବଙ୍ଗ), ୨୦।୧ (ପି.ଟି.):** ହାଇଦ୍ରାବାଦ ବିପକ୍ଷ ଗ୍ରୁପ୍ ଏ’ ରଣଜୀ ଟ୍ରଫି ମ୍ୟାଚରେ ସିନିୟର ବ୍ୟାଟ୍ସମ୍ୟାନ ମନୋଜ ତିୱାରୀଙ୍କ ତ୍ରିଶତକ ସହାୟତାରେ ବେଙ୍ଗଲ ନିଜ ସ୍ଥିତିକୁ ସୁଦୃଢ଼ କରିଛି। ଦେଶ ତରଫରୁ ୧୨ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ଖେଳିଥିବା ୩୪ ବର୍ଷୀୟ ମନୋଜ ୪୧୪ ବଲରେ ୩୦୩ ରନ କରି ଅପରାଜିତ ରହିଥିଲେ। ସେ ଦୀର୍ଘ ୧୦ ଘଣ୍ଟା ୩୦ ମିନିଟ ଧରି ବ୍ୟାଟିଂ କରିଥିବାବେଳେ ୩୦ ଚୌକା ଏବଂ ୫ ଛକା ଲଗାଇଥିଲେ। ଦ୍ୱିତୀୟ ଦିବସ ଖେଳରେ ସେ ତାଙ୍କ ଶେଷ ୫୦ ରନ ମାତ୍ର ୩୭ ବଲରୁ କରିଥିଲେ। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୭୩.୧୯ ଥିଲା। ମନୋଜଙ୍କର ଏହାଥିଲା ପ୍ରଥମ ରଣଜୀ ତ୍ରିଶତକ। ବେଙ୍ଗଲ ୬୩୫/୭ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ୨୦୧୫ରେ ଭାରତ ତରଫରୁ ଶେଷଥର ପାଇଁ ଖେଳିଥିବା ମନୋଜ ତ୍ରିଶତକ ହାସଲ କରିବାରେ ବେଙ୍ଗଲର ଦ୍ୱିତୀୟ ଖେଳାଳି। ପୂର୍ବରୁ ୧୯୯୮-୯୯ ସିଜନରେ ଗୁଆହାଟୀରେ ଆସାମ ବିପକ୍ଷ ମ୍ୟାଚରେ ଦେବାଙ୍ଗ ଗାନ୍ଧୀ ୩୨୩ ରନ କରିଥିଲେ। ପୂର୍ବରୁ ମନୋଜଙ୍କ ସର୍ବୋଚ୍ଚ ସ୍କୋର ୨୬୭ ରନ ଥିଲା। ବେଙ୍ଗଲ ଅଧିନାୟକ ଥିବାବେଳେ ୨୦୧୧-୧୨ ସିଜନରେ ମଧ୍ୟପ୍ରଦେଶ ବିପକ୍ଷ ଡ୍ର ମ୍ୟାଚରେ ସେ ଏହି ସ୍କୋର କରିଥିଲେ।

# ପେସ୍ ବୋଲରଙ୍କ କମାଲ: ଓଡ଼ିଶା ଅଗ୍ରଣୀ

**ରଣଜୀ ଟ୍ରଫି**

**କଟକ ଅଫିସ,୨୦।୧**

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ଅଗ୍ରଣୀ ହାସଲ କରିଛି। ଓଡ଼ିଶାର ପ୍ରଥମ ଇନିଂସ ୧୬୧ରନରେ ସୀମିତ ରହିବା ପରେ ଭ୍ରମଣକାରୀ ଜମ୍ମୁ-କଶ୍ମୀର ଦଳ ୧୨୪ରନରେ ଅଲଆଉଟ ହୋଇଛି। ସମସ୍ତ ଉଇକେଟ ଓଡ଼ିଶାର ପେସ୍ ବୋଲରମାନେ ବାଣ୍ଟି ନେଇଛନ୍ତି। ବସନ୍ତ ମହାନ୍ତି ସର୍ବାଧିକ ୪, ଦେବବ୍ରତ ପ୍ରଧାନ ୩, ସୂର୍ଯ୍ୟକାନ୍ତ ପ୍ରଧାନ ୨ ଓ ରାଜେଶ ମହାନ୍ତିଙ୍କୁ ଗୋଟିଏ ଉଇକେଟ ମିଳିଛି। ସୋମବାର ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଓଡ଼ିଶା ୭ ଉଇକେଟ ବିନିମୟରେ ୧୩୬ରନ କରିଛି। ଏଥି ସହିତ ଓଡ଼ିଶା ମୋଟ୍ ୧୭୩ରନର ଅଗ୍ରଣୀ ହାସଲ କରିଛି। ହାତରେ ୩ଟି ଉଇକେଟ ବାକି ଥିବା ଯୋଗୁ ୨୦୦ରୁ ଊର୍ଦ୍ଧ୍ୱ ରନ୍‌ର ବିଜୟଲକ୍ଷ୍ୟ ଜମ୍ମୁ-କଶ୍ମୀର ସମ୍ମୁଖରେ ଓଡ଼ିଶା ଧାର୍ଯ୍ୟ କରିବ ବୋଲି ଆଶା କରାଯାଉଛି।

ଜମ୍ମୁ-କଶ୍ମୀରର ଅସମାପ୍ତ ଇନିଂସ୍ ୩୮/୩ରୁ ଦ୍ୱିତୀୟ ଦିବସ ଖେଳ ଆରମ୍ଭ ହୋଇଥିଲା। ଶୁଭମ ଖଜୁରିଆ ୯ ଓ ଅଧିନାୟକ ପରଭେଜ ରସୁଲ ୧୦ରନରେ ଅପରାଜିତ ଥିଲେ। ଖେଳ ଆରମ୍ଭର ଦ୍ୱିତୀୟ ବଲରେ ଅଧିନାୟକ ବସନ୍ତଙ୍କ ଶିକାର ହୋଇଥିଲେ ରସୁଲ। କୌଣସି ରନ୍ ଯୋଡ଼ିବା ପୂର୍ବରୁ ସେ ଉଇକେଟ କିପର ସୁଜିତ ଲେଙ୍କାଙ୍କ ହାତରେ କ୍ୟାଚ୍ ଆଉଟ ହୋଇଥିଲେ। ପରେ ଜମ୍ମୁ-କଶ୍ମୀର ଉଇକେଟ କିପର ଫଜିଲ ରସିଦ୍ ଖାତା ଖୋଲିବା ପୂର୍ବରୁ ବସନ୍ତଙ୍କ ପରବର୍ତ୍ତୀ ଶିକାର ପାଲଟିଥିଲେ। ୩୮ରନରେ ୫ଟି ଉଇକେଟ ପତନ ଘଟିଥିଲା। ଶୁଭମ ଦୀର୍ଘ ସମୟ



ବସନ୍ତ ମହାନ୍ତି

ପର୍ଯ୍ୟନ୍ତ କ୍ରିଜରେ ତିଷ୍ଠି ରହି ୬ଷ୍ଠ ଓ ୭ମ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି କରିବା ଯୋଗୁ ଦଳୀୟ ସ୍କୋର ୧୦୦ ଟପିଥିଲା। ଜମ୍ମୁର ଏହି ୨୪ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ୧୦୩ବଲରୁ ୩ଟି ଚୌକା ଓ ୨ଟି ଛକା ବଲରେ ସର୍ବାଧିକ ୪୦ରନ କରିଥିଲେ। ନିମ୍ନକ୍ରମର ଖେଳାଳି ଅବଦୁଲ ସାମଦ ୨୦ ଓ ଆକ୍ୱିବ ନବି ୨୩ରନର ଉପଯୋଗୀ ଇନିଂସ ଖେଳିଥିଲେ। ଏହାଛଡ଼ା ଆବିଦ ମୁସ୍ତାକ ୮, ମହମ୍ମଦ ମୁଦାସିର ୧ରନ, ଉମର ନାଜିର ଖାତା ଖୋଲି ନ ପାରି ଆଉଟ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ଦେବବ୍ରତ ପ୍ରଧାନ ଦ୍ୱିତୀୟ ଦିବସରେ ଏକ ଚମତ୍କାର ସ୍ପେଲ ପକାଇଛନ୍ତି। ପ୍ରଥମ ଦିନରେ ଗୋଟିଏ ଓଭର ବୋଲିଂ କରି କୌଣସି ଉଇକେଟ ପାଇ ନଥିବା ଦେବବ୍ରତ ସୋମବାର ୪ ଓଭର ବୋଲିଂରୁ ୧୨ରନ ବ୍ୟୟ କରି ୩ଟି ଉଇକେଟ ଅକ୍ତିଆର କରିଛନ୍ତି। ଓଡ଼ିଶା ପ୍ରଥମ ଇନିଂସରେ ୩୭ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ବିଫଳତା ଦେଖିବାକୁ ମିଳିଥିଲା। ଶାନ୍ତନୁ ମିଶ୍ର ଓ ଅନୁରାଗ ଷଡ଼ଙ୍ଗୀ ଓପନିଂ ଯୋଡ଼ିରେ ୫୦ରନ ପୂରଣ କରିଥିଲେ। ଅନୁରାଗ ୨୬ରନ କରିଥିବା ବେଳେ ରସୁଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ପରେ ଶାନ୍ତନୁ ମିଶ୍ର ୨୬, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୭, ଦେବାଶିଷ ସାମନ୍ତରାୟ ୨୩, ବିପ୍ଲବ ସାମନ୍ତରାୟ ୭, ଉଇକେଟ କିପର ସୁଜିତ ୧୯, ଦେବବ୍ରତ ୦ରେ ଆଉଟ ହୋଇଥିଲେ। ରାଜେଶ ଧୂପର ୬ ଓ ରାଜେଶ ମହାନ୍ତି ୪ରନରେ ଅପରାଜିତ ଅଛନ୍ତି। ଜମ୍ମୁ-କଶ୍ମୀର ପକ୍ଷରୁ ଆକ୍ୱିବ ନବି ଓ ଉମର ନାଜିର ମୀର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ମହମ୍ମଦ ମୁଦାସିର, ପରଭେଜ ରସୁଲ ଓ ଆବିଦ ମୁସ୍ତାକଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଛି।

## ଗଲ୍ଫ ସିଜନ ଆରମ୍ଭରୁ ଲକ୍ଷ୍ମୀଙ୍କୁ ସଫଳତା

**ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଏକ ନମ୍ବର ମହିଳା ଗଲ୍ଫର ଲକ୍ଷ୍ମୀ ସ୍ୱାଇଁ ଚଳିତ ସିଜନ ଆରମ୍ଭରୁ ସଫଳତା ପାଇଛନ୍ତି। ଭୁବନେଶ୍ୱର ଗଲ୍ଫ କୋର୍ସର ନୂଆ ସିଜନ (୨୦୧୯-୨୦)ର ପ୍ରଥମ ଦୁଇ ପ୍ରତିଯୋଗିତା ହୋଲ୍-ଇନ୍-ୱାନ ଏବଂ କଳିଙ୍ଗ ଟ୍ରଫିର ମହିଳା ବିଭାଗରେ ଲକ୍ଷ୍ମୀ ଟ୍ରଫି ଜିତିଛନ୍ତି। ଏହା ବ୍ୟତୀତ ଦ୍ୱିତୀୟ ସପ୍ତାହରେ କୋଲକାତାର ଟଲିଗଞ୍ଜ ଗଲ୍ଫ କୋର୍ସରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତାରେ ତାଙ୍କ ବେଷ୍ଟ ନେଟ୍ ଉଲ୍ଲେଖନୀୟ ହୋଇଛି। ସେଠାରେ ଅନ୍ୟ ଦୁଇ ଓଡ଼ିଆ ଖେଳାଳି ହର୍ଷଦୀପ କୌର୍ (୨୫-୩୬ ଶ୍ରେଣୀର ବଗି ଓ ଶ୍ରେଷ୍ଠ ଗ୍ରସ୍) ଏବଂ ଜୟଶ୍ରୀ ମିଶ୍ର (ଷ୍ଟେଟେଷ୍ଟ ଡ୍ରାଇଭ୍) ମଧ୍ୟ ବ୍ୟକ୍ତିଗତ ସଫଳତା ପାଇଛନ୍ତି। ‘‘କାନ୍ଧରେ ଆଘାତଜନିତ ସମସ୍ୟା କାରଣରୁ ଚଳିତ ବର୍ଷ ସୀମିତ ପ୍ରତିଯୋଗିତାରେ ଭାଗନେବାକୁ ଲକ୍ଷ୍ୟ ରଖିଛି। ତଥାପି ବମ୍ବେ, ବାଙ୍ଗାଲୋର୍, ଜାମସେଦପୁର, ଦିଲ୍ଲୀରେ ଖେଳିବି’’ ବୋଲି ଲକ୍ଷ୍ମୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୫୭ ବର୍ଷୀୟା ଲକ୍ଷ୍ମୀ ବିଗତ ଋତୁରେ ମୋଟ ୯ଟି ପ୍ରମୁଖ ପ୍ରତିଯୋଗିତାରେ ସଫଳ ହୋଇଥିଲେ। ରାଜ୍ୟ ବାହାରେ ଟଲିଗଞ୍ଜ, ବାଙ୍ଗାଲୋର୍



ଲକ୍ଷ୍ମୀ ସ୍ୱାଇଁ

ସର୍ବଭାରତୀୟ ପ୍ରତିଯୋଗିତା, ଦିଲ୍ଲୀରେ ଇଣ୍ଡୋ-ନିପୋ ଗୋଲ୍ଡେନ୍ ଗ୍ରୀନ୍ କପ୍, ମୁମ୍ବାଇରେ ଚାମ୍ବର୍ସ ପ୍ରେସିଡେନ୍ସି ପ୍ରତିଯୋଗିତାର ମହିଳା ବିଭାଗ ସମ୍ମାନ ପାଇଥିଲେ। ବାଙ୍ଗାଲୋରରେ ବଗି ସହିତ ବିଜୟିନୀ ଏବଂ ଟଲିରେ ୬ଟି ଭିନ୍ନ ବର୍ଗରେ ମଧ୍ୟ ସଫଳତା ପାଇଥିଲେ।



## କୋହଲିଙ୍କ ଚିତା ଫଟୋ ଭାଇରାଲ

**ବେଙ୍ଗାଲୁରୁ, ୨୦।୧:** ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଏକ ଚମତ୍କାର କ୍ୟାଚ୍ ନେଇ ମାର୍ନୁସ ଲାବୁସେନଙ୍କୁ ଆଉଟ୍ କରିଥିଲେ। ସେହି କ୍ୟାଚ୍‌ବେଳେ କୋହଲିଙ୍କ ଛାଇ ପୂରା ଚିତାବାଘ ଭଳି ଦେଖାଯାଉଥିଲା। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି।

## ଭୁବନେଶ୍ୱର, ହାଇକୋର୍ଟ ବାର୍ ବିଜୟୀ



ଜୟନ୍ତ ଜେନା ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୦।୧ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୬ଷ୍ଠ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଭୁବନେଶ୍ୱର ଓ କଟକ ହାଇକୋର୍ଟ ବାର୍ ଆସୋସିଏଶନ ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ଭୁବନେଶ୍ୱର ବାର୍ ଆସୋସିଏଶନ ୮ ଉଇକେଟରେ ଭୁବନେଶ୍ୱର ରେଡ୍‌କୁ ପରାସ୍ତ କରିଛି। ଟସ୍ ଜିତି ଭୁବନେଶ୍ୱର ରେଡ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳ ପକ୍ଷରୁ ରଣଜିତ ମହାରଣା ସର୍ବାଧିକ ୫୪ ରନ କରିଥିଲେ। ମୋହନ ସାହୁ ୨ଟି ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ବାର୍ ୧୪.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ଜିତି ନେଇଥିଲା। ୪୪ ବଲ୍‌ରୁ ଦ୍ରୁତ ୬୧ ରନ ସଂଗ୍ରହ କରିଥିବା ଜୟନ୍ତ ଜେନା ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସୁମନ ରାଉତରାୟ ୨୭ ରନ କରିଥିଲେ। ଅଜୟ ନାୟକ ଓ ପବିତ୍ର ପ୍ରଧାନ ଅମ୍ପାୟର ଦାୟିତ୍ୱ ନିର୍ବାହ କରିଥିଲେ। ବିଧାୟକ ସୁଶାନ୍ତ ରାଉତ ଅତିଥିଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ହାଇକୋର୍ଟ ବାର୍ ୭ ଉଇକେଟରେ ଢେଙ୍କାନାଳ ବାର୍ ଆସୋସିଏଶନକୁ ହରାଇ ଦେଇଛି। ଢେଙ୍କାନାଳ ଦଳ ୧୮ ଓଭରରେ ୯ ଉଇକେଟ ହରାଇ ୧୧୫ ରନ କରିଥିଲା। ବିକାଶ ପଟ୍ଟନାୟକ ସର୍ବାଧିକ ୩୧ ରନ କରିଥିବାବେଳେ ବିପକ୍ଷ ଦଳର ସଞ୍ଜୀବ ସେଠୀ ୩ଟି ଓ ପ୍ରିନ୍ସ ପଟ୍ଟନାୟକ ୨ଟି ଉଇକେଟ ନେଇଥିଲେ। ୧୧୬ ରନର ବିଜୟ ଲକ୍ଷ୍ୟକୁ ହାଇକୋର୍ଟ ବାର୍ ୧୨.୨ ଓଭରରେ ୩ ଉଇକେଟ ହରାଇ ହାସଲ କରିଥିଲା। ଅମିତାଭ ନାୟକ ମାତ୍ର ୨୮ ବଲ୍‌ରୁ ୫୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ସିଦ୍ଧାର୍ଥ ଶଙ୍କର ରାୟ ୩୩ ରନ କରିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗ ଦେଇଥିଲେ।

## ଦିନିକିଆ ର୍‍ୟାଙ୍କିଙ୍ଗ୍: କୋହଲି, ରୋହିତଙ୍କ ସ୍ଥିତି ଦୃଢ଼

**ଦୁବାଇ, ୨୦।୧ (ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଉପଅଧିନାୟକ ରୋହିତ ଶର୍ମା ଦିନିକିଆ ବ୍ୟାଟ୍ସମ୍ୟାନଙ୍କ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ନିଜ ସ୍ଥାନ ଦୃଢ଼ୀଭୂତ କରିଛନ୍ତି। ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମରା ଶୀର୍ଷ ସ୍ଥାନ ବଜାୟ ରଖିଥିବା ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍ ଦର୍ଶାଉଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ୧୮୩ ରନ୍ କରିଥିବା କୋହଲି ମ୍ୟାନ୍ ଅଫ୍ ଦି ସିରିଜ୍ ଓ ୧୭୨ ରନ୍ କରିଥିବା ରୋହିତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କୋହଲି ସର୍ବାଧିକ ୮୮୬ ରେଟିଂ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ତାଙ୍କଠାରୁ ୧୮ ପଏଣ୍ଟ ପଛରେ ରହିଛନ୍ତି ଦ୍ୱିତୀୟ ର୍‍ୟାଙ୍କ ରୋହିତ (୮୬୮)। ଦୁହିଁଙ୍କୁ ଯଥାକ୍ରମେ ୨ ଓ ୩ ପଏଣ୍ଟ ମିଳିଛି। ପାକିସ୍ତାନର ବାବର ଆଜାମ ୮୨୯ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅଛନ୍ତି। ବାମହାତୀ ଓପନର ଶିଖର ଧାୱନ ୭ ସୋପାନ ଉପରକୁ ଉଠି ୧୫ତମ ସ୍ଥାନ ଅଧିକାର କରିଛନ୍ତି। ଧାୱନଙ୍କ ଅନୁପସ୍ଥିତିରେ ଓପନ କରିଥିବା ଲୋକେଶ ରାହୁଲ ୨୧ ସୋପାନ ଚଢ଼ି ଟପ୍ ୫୦ରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ବୁମରାଙ୍କ ନିକଟରେ ଏବେ ସର୍ବାଧିକ ୭୬୪ ପଏଣ୍ଟ ରହିଛି। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ, ଆଫଗାନିସ୍ତାନର ମୁଜୀବ ଉର ରହେମାନ, ଦକ୍ଷିଣ ଆଫ୍ରିକାର କାଗିସୋ ରବାଡା ଓ ଅଷ୍ଟ୍ରେଲିଆର ପାଟ କମିନ୍ସ ଟପ୍ ୫ରେ ରହିଛନ୍ତି। ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସର୍ବାଧିକ ୨୨୯ ରନ୍ କରିଥିବା ଷ୍ଟିଭ ସ୍ମିଥ ୨୩ତମ ସ୍ଥାନରେ ରହିଛନ୍ତି। ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ ଗୋଟିଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୬ଷ୍ଠ ଓ ୧୦ମ ସ୍ଥାନ ଅଧିକାର କରିଛନ୍ତି।

## ପ୍ରତ୍ୟାଶାଙ୍କୁ ରୌପ୍ୟ ପଦକ

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

**ଭୁବନେଶ୍ୱର, ୨୦।୧ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ସନ୍ତରଣରେ ଓଡ଼ିଶାର ପ୍ରତ୍ୟାଶା ରାୟଙ୍କୁ ଦ୍ୱିତୀୟ ପଦକ ମିଳିଛି। ସୋମବାର ଅନୁଷ୍ଠିତ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୨:୩୦.୮୫ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପଶ୍ଚିମବଙ୍ଗର ସୌବ୍ରିତୀ ମଣ୍ଡଳ (୨:୨୬.୦୫) ସ୍ୱର୍ଣ୍ଣ ଏବଂ ଆସାମର ରିନିତା ଗୋଗୋଇ (୨:୫୩.୭୪) ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ବାଳିକା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ମଧ୍ୟ ପ୍ରତ୍ୟାଶା ରାୟ ୧:୦୯.୩୮ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ପାଇଥିଲେ।



### ବାଳିକା ହକି ଦଳକୁ ବ୍ରୋଞ୍ଜ

ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳିକା ହକିରେ ଓଡ଼ିଶା ବ୍ରୋଞ୍ଜ ପଦକ ପାଇଛି। ସୋମବାର ପ୍ଲେ-ଅଫ୍ ମ୍ୟାଚରେ ଓଡ଼ିଶା ୨-୧ ଗୋଲରେ ଆସାମକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅଧିନାୟିକା ଜ୍ୟୋତି ଛତ୍ରି ଓ ଅସ୍ମିତା ରାଉତ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୧୭ ବର୍ଷରୁ କମ୍ ବାଳକ ବର୍ଗର ବ୍ରୋଞ୍ଜ ପଦକ ମୁକାବିଲାରେ କିନ୍ତୁ ଓଡ଼ିଶା ଦଳ ୨-୩ ଗୋଲରେ ପଞ୍ଜାବଠାରୁ ହାରି ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି।

## ଛପିଯାଉଥିବା କିଛି କଥା

**ଗୌତମ ଗମ୍ଭୀର**

କର୍ପୋରେଟ୍ ମ୍ୟାନେଜମେଣ୍ଟ ଉପରେ କିଛି କହିବା ଲାଗି ମୋ ଯୋଗ୍ୟତା ନାହିଁ। କିନ୍ତୁ ଯେହେତୁ ମୁଁ ଏକ ବିଜନେସ ପରିବାରରୁ ଆସିଛି ଏବଂ ଏକ ଟିମ୍‌ର ଅଧିନାୟକତ୍ୱ କରିଛି କିଛି କହିବାକୁ ସାହସ କରିଛି। କ୍ରିକେଟ ଏବଂ ବିଜନେସ୍‌ର କେତେକ କ୍ଷେତ୍ରରେ ଛପି ଯାଉଥିବା କିଛି କଥା ମୋ ନଜରକୁ ଆସିଛି। ବର୍ତ୍ତମାନ ଆମେ ଭାରତୀୟ କ୍ରିକେଟ ପାଇଁ ଜଣେ ପ୍ରତିଭାସମ୍ପନ୍ନ ମାନବ ସମ୍ବଳ କେ. ଏଲ୍. ରାହୁଲଙ୍କ ବିଷୟରେ ତର୍ଜମା କରିବା। ଏହି ଖେଳାଳିଙ୍କର ନିଷ୍ଠା ରହିଛି। ଟପ୍ କ୍ଲାସ ଫିଟ୍‌ନେସ ରହିଛି। ସେ ଷ୍ଟ୍ରୋକ୍‌ଭରା ବ୍ୟାଟିଂ କରିପାରୁଛନ୍ତି। ତାଙ୍କର ଲିଡରଶିପ୍ କ୍ୱାଲିଟି ମଧ୍ୟ ରହିଛି। କର୍ପୋରେଟ ଭାଷାରେ ରାହୁଲ ହେଉଛନ୍ତି ଏକ ମୂଲ୍ୟବାନ ମିଡଲ ମ୍ୟାନେଜମେଣ୍ଟ ଆସେଟ୍। ଉତ୍ସାହ ଓ ପ୍ରେରଣା ମିଳିଲେ ରାହୁଲ ଭବିଷ୍ୟତରେ ଜଣେ ବଡ଼ ଖେଳାଳି ହୋଇ ବାହାରିବେ। ଆଘାତଜନିତ ସମସ୍ୟା ପାଇଁ ରିଷଭ ପନ୍ତ ବର୍ତ୍ତମାନ ବ୍ରେକ୍ ନେଇଛନ୍ତି। ଏହି ପରିସ୍ଥିତିରେ ରାହୁଲ ସାମୟିକ ଉଇକେଟ କିପିଂ ଦାୟିତ୍ୱ ଠିକଣାରୂପେ ତୁଲାଇପାରୁଛନ୍ତି। ଏଣୁ ଆଗକୁ ଖେଳାଯିବାକୁ ଥିବା ସୀମିତ ଓଭର ମ୍ୟାଚ୍‌ଗୁଡ଼ିକରେ ରାହୁଲଙ୍କ ଦ୍ୱୈତ ଭୂମିକା ସପକ୍ଷରେ ଅନେକେ ମତ ଦେଉଛନ୍ତି। ମୁଁ ଯଦିଓ ଏହି ଚିନ୍ତାଧାରା ବିପକ୍ଷରେ ନୁହେଁ ଡିସିସନ ମେକରମାନେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ବିଭିନ୍ନ ଦିଗରୁ ବିଚାର କରି ଦେଖିବା ଉଚିତ। ସାଧାରଣତଃ ଟିମ୍ ମ୍ୟାନେଜମେଣ୍ଟ ଜଣେ ଯୁବ କ୍ରିକେଟରଙ୍କୁ କୌଣସି ଦାୟିତ୍ୱ ଦେଲେ ମନା କରି ନ ଥାନ୍ତି। କିନ୍ତୁ ଇଚ୍ଛା ବିରୋଧରେ କାହା ଉପରେ କୌଣସି କାର୍ଯ୍ୟ ଲଦିଦେବା ଠିକ୍ ହେବ ନାହିଁ। ରିଷଭ ପନ୍ତଙ୍କ କ୍ଷେତ୍ରରେ କ’ଣ ହେଲା ? ବାରମ୍ବାର ତାଙ୍କ ଟେକ୍‌ନିକ୍‌କୁ ସ୍କ୍ରୁଟିନି କରିବା ଦ୍ୱାରା ଇତିମଧ୍ୟରେ ଏହି ଖେଳାଳିଙ୍କର ଆତ୍ମବିଶ୍ୱାସ ହ୍ରାସ ପାଇଛି। ରାହୁଲଙ୍କୁ ଯଦି ଦ୍ୱୈତ ଦାୟିତ୍ୱ ଦିଆଯାଏ ତେବେ ରିଷଭ ଏହାକୁ କିଭଳି ଭାବେ ଦେହକୁ ନେବେ ତାହା କହି ହେବ ନାହିଁ। ରାହୁଲ କିପର ରହିଲେ ପଡ଼ିଆରେ ଦଳର ପ୍ରଦର୍ଶନ କ୍ଷେତ୍ରରେ ସହାୟକ ହୋଇପାରିବେ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ରୋହିତ ଶର୍ମା ଓ ବିରାଟ କୋହଲି ଯଥାକ୍ରମେ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହେବା ସ୍ୱାଗତଯୋଗ୍ୟ। ହେଲେ ଦଳର ବିଜୟରେ ବୋଲରମାନଙ୍କର ମଧ୍ୟ ଭୂମିକା ରହିଛି। ସେମାନେ ମଧ୍ୟ ପ୍ରଶଂସାର ପାତ୍ର। ଭାରତର ତିନୋଟି ସବୁଠାରୁ ଫ୍ଲାଟ୍ ପିଚ୍‌ରେ ଖେଳାଯାଇଥିଲା। ରାଜକୋଟ ବ୍ୟତୀତ ଅନ୍ୟ ଦୁଇଟି ଭେନ୍ୟୁ ହେଲା ମୁମ୍ବାଇ ଓ ବେଙ୍ଗାଲୁରୁ, ଯେଉଁମାନଙ୍କ ଗ୍ରାଉଣ୍ଡ ଛୋଟ। ବିଶେଷ କରି ଯଶପ୍ରୀତ ବୁମ୍‌ରା ଏବଂ ମହମ୍ମଦ ଶାମିଙ୍କ ଭୂମିକା ଉଲ୍ଲେଖନୀୟ। କହିବା ବାହୁଲ୍ୟ ଏହି ଦୁଇ ବୋଲର ସେଲ୍ସ ଏକଜିକ୍ୟୁଟିଭ ଭଳି ସେମାନଙ୍କ ଦାୟିତ୍ୱ ତୁଲାଇଥିଲେ। ଅର୍ଥାତ ପ୍ରତିକୂଳ ପରିସ୍ଥିତିରେ ସେମାନେ ଟାର୍ଗେଟ ହାସଲ କରିପାରିଛନ୍ତି। ବେଙ୍ଗାଲୁରୁ ଭଳି ଭେନ୍ୟୁରେ ବୁମ୍‌ରା ତାଙ୍କ ୧୦ ଓଭର ବୋଲିଂରେ ମାତ୍ର ୩୮ ରନ ଦେଇଥିଲେ। କୌଣସି ଉଇକେଟ ହାସଲ କରି ନ ଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନ ମ୍ୟାନ ଅଫ୍ ଦି ମ୍ୟାଚ ଭଳିଥିଲା। ଶାମିଙ୍କ ୟର୍କର ଏବଂ ସଇନିଙ୍କ ବୋଲିଂ ମଧ୍ୟ ଖୁବ୍ ଉଚ୍ଚକୋଟୀର ଥିଲା ରାଜକୋଟଠାରେ କୁଲଦୀପ ଯାଦବ କୋଟିଏ ଓଭରରେ ୨ ଉଇକେଟ ନେଇ ଖେଳର ଗତିପଥ ବଦଳାଇ ଦେଇଥିଲେ। ରବିବାର ଶାମି ୱାର୍ନରଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ଦେଇଥିଲେ।

–(ଗେମ୍‌ପ୍ଲାନ୍)

#WhatDrivesYou
EXIDE

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରମୋଦ କୁମାର ତ୍ରିପାଠୀ
(ଆଡଭୋକେଟ୍), ଢେଙ୍କାନାଳ
ଆବିର୍ଭାବ: ୧୪।୦୩।୧୯୩୩
ତିରୋଧାନ: ୧୩।୦୧।୨୦୧୮
(ମାଘ କୃଷ୍ଣପକ୍ଷ ଦ୍ୱାଦଶୀ)
ଶୂନ୍ୟରୁ ଆରମ୍ଭ ଶ୍ରାବଣ,
ଶୂନ୍ୟରେ ଇତିକ୍ରାନ୍ତ ପୁଣି
ପଥଶ୍ରାନ୍ତ ପଥିକର ଶୂନ୍ୟ ଶୂନ୍ୟ ଲୁହର ଧାରିଣୀ।
ଅମର ଆତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପରିବାରବର୍ଗ ।
ଧ-୬୬୮୪୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ରାମଲୀଳା ଲେଖକ
ଶ୍ରୀଯୁକ୍ତ ବାବାଜୀ ଚରଣ ମହାରାଣା
ଦୋଳମଣ୍ଡପସାହି, ବିଦ୍ୟାଧରପୁର, କଟକ
ଆର୍ବିଭାବ :- ୧୮/୦୭/୧୯୩୧
ତିରୋଧାନ :- ୦୧/୦୨/୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ, ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁଅ - ଅରୁଣ ମହାରଣା,
ବୋହୂ - ସୁଷମା ମହାରଣା
ଓ ପରିବାର ବର୍ଗ
ଧ-୧୬୩୧୧

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ପଣ୍ଡିତ ନୃସିଂହ ଚରଣ ସାହୁ
ବାସ୍ତୁ ବିଶାରଦ ଓ ଜ୍ୟୋତିଷ ଶାସ୍ତ୍ରୀ
ଅରିଲୋ, ସୋମପୁର, କଟକ
ତିରୋଧାନ: ୧୧।୦୧।୨୦୨୦
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ହତଭାଗ୍ୟ ପୁତ୍ର: ଅକ୍ଷୟ, ଅଭିମନ୍ୟୁ, ଅମୂଲ୍ୟ, ପୁତ୍ରବଧୂ: ଅନ୍ନପୂର୍ଣ୍ଣା, ଅରୁଣା, ଅଳକା, ଝିଅ: ଜ୍ୟୋତ୍ସ୍ନାରାଣୀ, ଜ୍ୟୋତିର୍ମୟୀ, ଇତିଶ୍ରୀ, ସୁଜାରାଣୀ, ମମି, ନାତି: ରୋହନ, ରୋହିତ, ନାତୁଣୀ: ଧରିତ୍ରୀ, ଗାୟତ୍ରୀ, ରଶ୍ମିରେଖା ଓ ବ୍ରାଇଁ ତଥା ପରିବାରବର୍ଗ ।
ଧ-୧୬୩୦୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରଜନୀକାନ୍ତ ମହାନ୍ତି
ଶିଶୁପାଳଗଡ଼, ଭୁବନେଶ୍ୱର
ଆଜିର ଏହି ପୁଣ୍ୟ ତିଥିରେ
ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ:
ତୁମର ପରିବାର
ଓ ଆତ୍ମୀୟସ୍ୱଜନ
ଧ-୧୬୩୦୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ନାୟକ
(କ୍ଷେମେଶ୍ୱର) ବାଲିବିଲ୍ ଗ୍ରା.ପ.
ଆବିର୍ଭାବ:୧୯୩୨
ତିରୋଧାନ: ୨୦୨୦
ଆପଣଙ୍କ ସ୍ୱର୍ଗୀୟ ଅମର ଆତ୍ମା ଚିରଶାନ୍ତି ଲାଭକରୁ, ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକାତୁର ବୃନ୍ଦ
ପୁଅ: ସୁବାସ, ଦେବେନ୍ଦ୍ର, ସତ୍ୟବ୍ରତ, ଦୁଷ୍ମନ୍ତ, ଝିଅ: ସତ୍ୟଭାମା, ବୋହୂ: ମିନତୀ, ନାତି: ସୌରଭ, ନାତୁଣୀ: ପ୍ରିୟାଂଶୀ ଓ ବନ୍ଧୁ ପରିବାରବର୍ଗ ।
ଧ-୧୬୩୧୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବନବିହାରୀ ଜେନା
ପ୍ରାକ୍ତନ ସରପଞ୍ଚ
ମନ୍ଦାରୀ ଗ୍ରା.ପ.
ଆବିର୍ଭାବ: ୧୯୩୨
ତିରୋଧାନ: ୨୦୨୦
ଆପଣଙ୍କ ସ୍ୱର୍ଗୀୟ ଅମର ଆତ୍ମା ଚିରଶାନ୍ତି ଲାଭକରୁ, ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକାତୁର ବୃନ୍ଦ:
ପୁଅ: ଅମରେନ୍ଦ୍ର, ବିବେକାନନ୍ଦ, ଧର୍ମେନ୍ଦ୍ର, ମିତ୍ର ପ୍ରସାଦ, ଝିଅ: ମିନତୀ, ନିରୁପମା, ନନ୍ଦିତା, ନାତି: ପିଙ୍କୁନ୍, ଟୁଟୁନ୍, ଡମ୍ବରୁ, ଆଦି, କୁନିପୁଅ, ନାତୁଣୀ: ପ୍ରିୟଙ୍କା, ମୋନିକା, ଶ୍ରଦ୍ଧା, ସମ୍ପୂର୍ଣ୍ଣା, ପାୟଲ, ଗୁଡ୍‌ଲି ଓ ବନ୍ଧୁ ପରିବାରବର୍ଗ ।
ଧ-୧୬୩୦୯

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୨୧/୨୦୨୦ Bhubaneswar, Tuesday, January 21/ 2020


# ଧାରଣାରେ ବସିଲେ ଛାତ୍ରୀଛାତ୍ର

**ଆଳି, ୨୦।୧ (ଡି.ଏନ୍.ଏ.)**

ଆଳି ବ୍ଲକ ମହୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଓ ଶ୍ରେଣୀଗୃହ ସମସ୍ୟା ନେଇ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ଷଷ୍ଠରେ ୩୭, ସପ୍ତମରେ ୩୯ ଓ ଅଷ୍ଟମ ଶ୍ରେଣୀରେ ୫୨ ଅର୍ଥାତ୍ ସମୁଦାୟ ୧୨୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ୧୨୮ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଜଣେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବେଳେ ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ବର୍ଷେ ପୂର୍ବେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବଦଳି ହେବା ପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ରତିକାନ୍ତ ପାତ୍ର ସମସ୍ତ ସରକାରୀ କାର୍ଯ୍ୟ କରିବା ସହ ପାଠ ପଢ଼ାଉଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ପ୍ରତିଦିନ ୭ଟି ଯାକ ପିରିୟଡରେ ପଢ଼ାଉଛନ୍ତି। ଆବଶ୍ୟକ ଶିକ୍ଷକ ନ ଥିବାରୁ ସ୍କୁଲରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି।

ସେହିପରି ଗତ ଫନୀ ଓ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ଶ୍ରେଣୀଗୃହର ଆଜବେଷ୍ଟସ୍ ଭାଙ୍ଗି ଯାଇଥିବାରୁ ବର୍ଷା ଦିନେ ଶ୍ରେଣୀଗୃହରେ ପାଣି ପଶୁଛି। ଏଥିସହ ବିଭିନ୍ନ ସମୟରେ ଶ୍ରେଣୀଗୃହ ଭିତରେ ବିଷଧର ସାପ ପଶି ଯାଉଥିବାରୁ ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୃହ ମରାମତି କରାଯିବା ଆବଶ୍ୟକ ହୋଇପଡ଼ିଛି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେବେ ଖବରପାଇ ଅପରାହ୍ନ ସାଢ଼େ ୧ଟା ବେଳେ ଆଳି ବିଡିଓ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୁଲତା ଦାସ, ଶଙ୍କର୍ଷଣ ସ୍ୱାଇଁ, ଶରତ ବେହେରା, ଧର୍ମେନ୍ଦ୍ର ରାଉଳ, ଅନନ୍ତ ମିଶ୍ର, ଅକ୍ଷୟ ସାହୁ, ଧନେଶ୍ୱର ପାତ୍ର, ମେଘୁ ନାୟକ, ରାମଚନ୍ଦ୍ର ସାହୁ, ଗଗନ ରାଉଳଙ୍କ ସମେତ ଶତାଧିକ ମହିଳା ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।


ସ୍କୁଲ ଆଗରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ମହୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
- ଶିକ୍ଷକ ଅଭାବ, ଶ୍ରେଣୀଗୃହ ସମସ୍ୟା
- ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

### ସର୍ବଭାରତୀୟ ଚଞ୍ଚଳା ଟ୍ରଫି
## ଝାଡ଼ଖଣ୍ଡକୁ ହରାଇ ସେମିରେ କଟକ

**ରାଜନଗର, ୨୦।୧ (ଡି.ଏନ୍.ଏ.)**

ରାଜନଗର ବ୍ଲକସ୍ଥିତ ବଡପଲ୍ଲୀ ମିନି ଷ୍ଟାଡିୟମଠାରେ ଚାଲିଥିବା ୩୮ତମ ସର୍ବ ଭାରତୀୟ ଚଞ୍ଚଳା ଟ୍ରଫିର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡଖଣ୍ଡର ଟାଟା ସ୍କରଭ୍ୟାନ୍‌କୁ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। କଟକ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୬୭ ରନ କରିଥିଲା। ଦଳର ସତ୍ୟ ପ୍ରକାଶ ସାମଲ ୪୭ ବଲରୁ ୫ଟି ଛକା ଓ ୫ଟି ଚୌକା ସହାୟତାରେ ୬୭ରନ୍ ଓ ରାଜେଶ ପାତ୍ର ୨୩ ବଲରୁ ୪ଟି ଚୌକା ମାରିବା ସହ ୨୫ରନ୍ କରିଥିଲେ। ୧୬୮ ରନ୍ ବିଜୟ ଲକ୍ଷ୍ୟ ନେଇ ଝାଡଖଣ୍ଡର ଟାଟା ସ୍କରଭ୍ୟାନ ପଡ଼ିଆକୁ ଓହ୍ଲାଇ ଥିଲେ ବି ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୯ରନ୍ କରିବାକୁ ସକ୍ଷମ ହୋଇଥିଲା। କଟକ ୟୁନିୟନ ସ୍ପୋର୍ଟିଂର ରାଜେଶ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ବିଲିକଣା ସରପଞ୍ଚ ବିଜୟ ରାଉତ, ବଡପଲ୍ଲୀ ହାଇସ୍କୁଲ ପ୍ରଧାନଶିକ୍ଷକ ସହଦେବ ନାୟକ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ନିରୋଦ ବଳ, ଅଭିମନ୍ୟୁ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘ ସଭାପତି ଶ୍ରୀନିବାସ ବଳ, ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅପହୃତା ନାବାଳିକା ଉଦ୍ଧାର

**ନାଉଗାଁ, ୨୦।୧ (ସ୍ୱ.ପ୍ର.)**

ନାଉଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଶନିବାର ଅପହରଣ କରାଯାଇଥିଲା। ଏନେଇ ଅଭିଯୋଗ ହେବାପରେ ଥାନାଧିକାରୀ ପ୍ରଜ୍ଞାରିତାମ୍ବର କର ରବିବାର ବିଳମ୍ବିତ ରାତିରେ ଚଢ଼ାଉ କରି ନାବାଳିକାକୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରିଛନ୍ତି। ଶନିବାର ସନ୍ଧ୍ୟାରେ ନାବାଳିକା ଓ ତାଙ୍କ ଜେଜେ ମା' ଟିଭି ଦେଖୁଥିବା ସମୟରେ ୨ଜଣ ଅସାମାଜିକ ବ୍ୟକ୍ତି ଆସି ନାବାଳିକାଙ୍କୁ ନେଇ ଯାଇଥିଲେ। ସମ୍ପୃକ୍ତ ୨ଜଣବ୍ୟକ୍ତି ମୁଖା ପିନ୍ଧିଥିବାବେଳେ ଭୁଜାଲି ଧରି ନାବାଳିକାଙ୍କ ଜେଜେମା'ଙ୍କୁ ଭୟଭୀତ କରାଇଥିଲେ। ଏଥିସହିତ ନାବାଳିକାଙ୍କ ପରିବାରକୁ ବାରୁଦ ପକାଇ ଉଡାଇ ଦେବାକୁ ଧମକ ମଧ୍ୟ ଦେଇଥିଲେ। ତେଣୁ ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ତାଙ୍କ ବାପା ଅଭିଯୋଗରେ ନିବେଦନ କରିଥିଲେ। ଏନେଇ ଥାନା ପକ୍ଷରୁ ୧୩/୨୦ରେ ଏକ ମାମଲା ରୁଜୁ କରାଯାଇଥିଲା।

## ପୁଅ ବାହାଘର ଶୋଭାଯାତ୍ରାରେ ବାପାର ଅକାଳ ମୃତ୍ୟୁ

**ବାଲୁଗାଁ, ୨୦।୧ (ଡି.ଏନ.ଏ.)**

ପୁଅ ବାହାଘର ଶୋଭାଯାତ୍ରା ବେଳେ ବାପାର ଅକାଳ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି । ମୃତକ ହେଲେ ସ୍ଥାନୀୟ ସରଳାପଦର ଗ୍ରାମର ବିଜୟ ସାହୁ (୫୫)।

ବିଜୟ ସାହୁଙ୍କ ପୁଅ ଅନିଲଙ୍କ ବାହାଘର ପୁରୀ ଜିଲା କାକଟପୁର ନୟାହାଟରେ ରବିବାର ସ୍ଥିର ହୋଇଥିଲା। ଅପରାହ୍ନରେ ବାଣ, ବାଜା, ରୋଶଣୀ ସହ ଗ୍ରାମରେ ଶୋଭାଯାତ୍ରା ପରିକ୍ରମା କରି ବରଯାତ୍ରୀ କାକଟପୁର ଅଭିମୁଖେ ବାହାରିଥିଲେ। ସେଠାରେ କନ୍ୟାଘର ବିବାହ ମଣ୍ଡପ ଅଭିମୁଖେ ବରଯାତ୍ରୀ ଶୋଭାଯାତ୍ରାରେ ଯାଉଥିବା ବେଳେ ସମସ୍ତେ ନାଚଗୀତରେ ମସ୍‌ଗୁଲ ଥିଲେ। ଏହି ସମୟରେ ହଠାତ୍ ଅନିଲଙ୍କ ପିତା ବିଜୟ ଅସୁସ୍ଥତା ଅନୁଭବ କରି ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କର ଏପରି ଅବସ୍ଥା ଦେଖି ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଚାରିଛକ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବିଳମ୍ବିତ ରାତ୍ରୀରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଜୟଙ୍କର ଏପରି ଅକାଳ ମୃତ୍ୟୁ ଯୋଗୁ ବାହାଘର କାର୍ଯ୍ୟ ସମ୍ପୂର୍ଣ୍ଣ ଫିକା ପଡ଼ିଯାଇଥିଲା । ବିଜୟ ହୃଦ୍ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିଲେ। ଡ଼ିଜେ ବ୍ୟାଣ୍ଡପାର୍ଟିର ପ୍ରଚଣ୍ଡ ଶବ୍ଦକୁ ସହ୍ୟକରି ନ ପାରି ତାଙ୍କର ଦେହାନ୍ତ ଘଟିଥିବା କୁହାଯାଉଛି। ଏହି ଘଟଣା ନେଇ ପରିବାର, ବନ୍ଧୁ ପରିଜନ ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଜୟ ସାହୁ ବାଲୁଗାଁ ଅଞ୍ଚଳର ଜଣେ ପ୍ରତିଷ୍ଠିତ ହୋଟେଲ ବ୍ୟବସାୟୀ ଭାବେ ଖ୍ୟାତି ଲାଭ କରିଥିଲେ। ତାଙ୍କ ଦେହାନ୍ତରେ ସୋମବାର ବାଲୁଗାଁ ଅଞ୍ଚଳର ବହୁ ଛୋଟବଡ଼ ହୋଟେଲ ପ୍ରତିଷ୍ଠାନ ବନ୍ଦ ରଖିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।


ଶୋଭାଯାତ୍ରାରେ ବାହାରିବା ପୂର୍ବରୁ ବରବେଶରେ ଥିବା ପୁଅ ନିକଟରେ ବାପା ବିଜୟ ସାହୁ।

### ଜଅଁରାର ଅଶୋକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣା
## ପୋଲିସର ଅବହେଳା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**କେନ୍ଦ୍ରାପଡା ଅଫିସ, ୨୦।୧**

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ଥାନା ଅଧୀନ ଜଅଁରାର ଅଶୋକ କୁମାର ପରିଡ଼ାଙ୍କର ଗତ ନଭେମ୍ବର ୨୬ ତାରିଖରେ ଅସ୍ୱଭାବିକ ମୃତ୍ୟୁ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାପରେ ମାମଲା (ନଂ-୧୪୬/ ୧୯) ହୋଇଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଏପରି ଅଭିଯୋଗ ଆଣି ଅଶୋକଙ୍କ ସ୍ତ୍ରୀ ପ୍ରଭାସିନୀ ମୁଖ୍ୟମନ୍ତ୍ରୀଙ୍କୁ ସୋମବାର ଚିଠି ଲେଖିଛନ୍ତି। ଏହି ଅଭିଯୋଗ ପତ୍ରର ନକଲ ୫-ଟି ସଚିବ, ପୋଲିସ ଡିଜି, କେନ୍ଦ୍ରାପଡା ଏସ୍‌ପି ଓ ଜିଲାପାଳଙ୍କୁ ପଠାଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଅଶୋକଙ୍କ ମୃତ୍ୟୁ ଦୀର୍ଘ ୨ ମାସ ବିତିବାକୁ ଯାଉଥିଲେ ମଧ୍ୟ ଅଦ୍ୟାବଧି ଏହା ରହସ୍ୟାବୃତ ହୋଇରହିଛି। ଏହି ମୃତ୍ୟୁ ଘଟଣାରେ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରାଯାଇନାହିଁ। ପୋଲିସ ତଦନ୍ତ ନାମରେ ଦିନ ଗଡ଼ାଇ ଚାଲିଥିବାରୁ ପ୍ରକୃତ ଦୋଷୀ ଆଇନର ଜାଲ ମଧ୍ୟକୁ ଆସିପାରୁନାହାନ୍ତି। ଏ ନେଇ ବିଧିବଦ୍ଧ ତଦନ୍ତ କରିବାକୁ ପ୍ରଭାସିନୀ ନିବେଦନ କରିଛନ୍ତି।

## ଜିଲାସ୍ତରୀୟ ପକ୍ଷୋଟ ମକର ମହୋତ୍ସବର ୬ଷ୍ଠ ସନ୍ଧ୍ୟା

**ମାର୍ଶାଘାଇ, ୨୦।୧ (ଡି.ଏନ୍.ଏ.)**

ଲୁଣା-କରାଣ୍ଡିଆ ତ୍ରିକୋଣଭୂମି ବିକାଶ ପରିଷଦ ପକ୍ଷରୁ ଆୟୋଜିତ ୫ମ ବାର୍ଷିକ ଜିଲାସ୍ତରୀୟ ମକର ମହୋତ୍ସବର ୬ଷ୍ଠ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ରାଉରକେଲାର ରକ୍‌ଷ୍ଟାର ବୋନୋଜା ପ୍ରିୟା ଏବଂ ରକ୍ ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ପକ୍ଷରୁ ନୃତ୍ୟ ପରିବେଶଣ କରାଯାଇଥିଲା। ଏଥିସହ ଓଲିଉଡ୍‌ର ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ କମେଡ଼ି ଦେଖିବାକୁ ଶତାଧିକ ଲୋକ ଷ୍ଟେଜ୍ ପାର୍ଶ୍ୱରେ ଭିଡ଼ ଜମାଇଥିଲେ। ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସନ୍ଧ୍ୟାରେ ଓଲିଉଡ୍ ଷ୍ଟାର ଶିବାନୀ, ସଙ୍ଗୀତକାର ଅଭିଜିତ୍ ମଜୁମଦାର ଗ୍ରୁପ ଏବଂ ଏସ୍‌ଏସ୍ ଡ୍ୟାନ୍ସ ଗ୍ରୁପ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ମହୋତ୍ସବ କମିଟି ସଭାପତି ମୃତ୍ୟୁଞ୍ଜୟ ମହାନ୍ତି ସୂଚନା ଦେଇଛନ୍ତି।

### ଶାରଳା ମନ୍ଦିର ସେବାୟତଙ୍କୁ ଆକ୍ରମଣ ଘଟଣା
## ଜଣେ କୋର୍ଟ ଚାଲାଣ

**ତିର୍ତ୍ତୋଲ, ୨୦।୧ (ଡି.ଏନ.ଏ.)**

କନକପୁରସ୍ଥିତ ଝଙ୍କଡ଼ ଶାରଳା ମନ୍ଦିରରେ ରବିବାର ସେବାୟତ ତ୍ରିଲୋଚନ ରାଉଳଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରଶାନ୍ତ ରାଉଳଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ରବିବାର ସନ୍ଧ୍ୟାରେ ତ୍ରିଲୋଚନ ମନ୍ଦିର ପଛ ପଟକୁ ଯାଇଥିବାବେଳେ ପ୍ରଶାନ୍ତ ରାଉଳ, ସୁଶାନ୍ତ ରାଉଳ ଓ ରାଜେଶ ନାୟକ ତ୍ରିଲୋଚନଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତ୍ରିଲୋଚନ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା।

## ହାତୀ ଆକ୍ରମଣରେ ଜଣେ ମୃତ, ୧୦ରୁ ଊର୍ଦ୍ଧ୍ୱ ଆହତ

**କଳିଙ୍ଗନଗର, ୨୦।୧ (ଡିଏନ୍ଏ)**

ଦାନଗଦୀ ବ୍ଲକ ରଣାଗୁଣ୍ଡି ଓ ଶାଳିଜଙ୍ଗା ପଞ୍ଚାୟତରେ ଗତ ୩ଦିନ ଧରି ଏକ ବଣୁଆ ହାତୀ ଉପଦ୍ରବରେ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ୧୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ହେଉଛନ୍ତି କଳିଙ୍ଗନଗର ଥାନା ବେଣାପାଟିଆର ବେଣୁଧର ସିନ୍ଧୁ(୫୫)। ସୋମବାର ରାତିରେ ରଣାଗୁଣ୍ଡି ରଗଡା ଡାହିସାହିର ଭରତ ପାତ୍ରଙ୍କ ସ୍ତ୍ରୀ ଲିଲି ଦନ୍ତା ଆକ୍ରମଣରେ ଗୁରୁତର ହେବାରୁ ତାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ଏହା ସହିତ ରଣାଗୁଣ୍ଡି ପଞ୍ଚାୟତର ମାଝିସାହିରେ ଥିବା ଏକ ଘରକୁ ହାତୀ ଭାଙ୍ଗିଦେବାରୁ ପରିବାରର ୫ଜଣ ସଦସ୍ୟ ଭଙ୍ଗା ଘରେ ଫସି ରହିଥିବା କୁହାଯାଉଛି। ସେହିପରି ଭାଲୁବସା ଗ୍ରାମର ଜଣଙ୍କ ଘର ଭାଙ୍ଗିବା ସହ ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରିଛି। ଶନିବାର ରାତିରେ ଫୁଲଝର ମହାଗିରି ଜଙ୍ଗଲ ନିକଟରେ ଥିବା ୬ଟି ଘରକୁ ଭାଙ୍ଗି ଦେବାରୁ କାନ୍ଥ ପଡ଼ି ୪ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ହାତୀକୁ ଜନବସତିରୁ ଦୂରେଇ ଦେବା ପାଇଁ ଟମକା ବନବିଭାଗ ଏକ ଟିମ୍ ଗଠନ କରି ଗତ ୩ଦିନ ଧରି ଉଦ୍ୟମ ଜାରି ରଖିଛି। ହେଲେ ଦନ୍ତାଟି ରବିବାରଠାରୁ ମହାଗିରି ଜଙ୍ଗଲରୁ ଶାଳିଜଙ୍ଗା ମୁଣ୍ଡିଆ ପାହାଡ଼କୁ ଚାଲିଆସି ବେଣାପାଟିଆରେ ବେଣୁଧରଙ୍କୁ ଆକ୍ରମଣ କରିଥିଲା। ତୁରନ୍ତ ବନବିଭାଗ କର୍ମଚାରୀଙ୍କୁ ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଜଣାଇବା ସହିତ ବେଣୁଧରଙ୍କୁ ସ୍ଥାନୀୟ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଦନ୍ତା ଆକ୍ରମଣରେ ବେଣୁଧରଙ୍କ ମୃତ୍ୟୁ ଘଟିବାରୁ ସୋମବାର ବନ ବିଭାଗ ପକ୍ଷରୁ ତାଙ୍କ ଶବ ସତ୍କାର ପାଇଁ ୪୦ ହଜାର ଟଙ୍କାର ଏକ ଚେକ୍ ଦିଆଯାଇଛି। ଏହା ସହିତ ନିୟମାନୁଯାୟୀ ତାଙ୍କୁ ଅନ୍ୟାନ୍ୟ ସୁବିଧା ମିଳିବ ବୋଲି ଟମକା ବନ ବିଭାଗ ଅଧିକାରୀଙ୍କଠାରୁ ଜଣାପଡିଛି। ହାତୀକୁ ଘଉଡ଼ାଇବା ପାଇଁ ସୋମବାର ଯାଜପୁରରୋଡ, ସୁକିନ୍ଦା ବନବିଭାଗର ୨ଟି ଟିମ୍ ଟମକା ବନବିଭାଗ ଟିମରେ ସାମିଲ ହୋଇଛନ୍ତି। ଏହି ୩ଟି ଟିମ୍‌ରେ ଅଧିକାରୀ ଏବଂ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ମାତ୍ର ଶାଳିଜଙ୍ଗା, ରଣାଗୁଣ୍ଡି ପଞ୍ଚାୟତର ଲୋକେ ଭୟଭୀତ ହୋଇ ରାତିରେ ଘର ଛାଡୁଥିବା ଦେଖିବାକୁ ମିଳିଛି। ଟମକା ଫରେଷ୍ଟର ଘନଶ୍ୟାମ ମୁଦୁଲୀ କହିଛନ୍ତି ଯେ, କରଞ୍ଜିଆ ଅଞ୍ଚଳରୁ ହରିଚନ୍ଦନପୁର ଜଙ୍ଗଲ ଦେଇ ଏହି ଜଙ୍ଗଲି ହାତୀଟି ଆସିଥିବା ଅନୁମାନ କରାଯାଉଛି। ଖୁବଶୀଘ୍ର ହାତୀକୁ ଘଉଡ଼ାଇ ଦିଆଯିବ ବୋଲି ମୁଦୁଲୀ କହିଛନ୍ତି।











| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ ଟାବ୍‌ଲେଟ୍‌ସ, ଆକ୍ୱା ଜେଷ୍ଟ |
| ଆମୋବିଆସିସ୍ | ଆମୋଏବିକା ଟାବ୍‌ଲେଟ୍‌ସ, ଇସାବେଲ୍ - ଏଚ୍ |
| ଥଣ୍ଡା ଓ କାଶ | କାଶାମ୍ରିତ ହର୍ବାଲ୍, ଡ.ହନି |
| ଗ୍ୟାସ୍ | ଗ୍ୟାସ ଗାର୍ଡ଼, ଗୈସାନ୍ତକ୍ ବଟି |
| ଲିଭର ସମସ୍ୟା | ଲିଭେରଲ୍ ସିରପ ଓ ଟାବ୍‌ଲେଟ୍‌ସ, ଲିଭ୍ ଗୁଡ୍ |
| ପାଇଲ୍‌ସ | ପାଇଲୋସ୍ କ୍ୟାପ୍‌ସୁଲ୍, ପାଇରୋଏଡ୍‌ସ ଟାବ୍‌ଲେଟ୍‌ସ |
| କ୍ଳାନ୍ତିଭାବ ଓ ଦୁର୍ବଳତା | ଗୁଡ୍‌କେୟାର ଜେଷ୍ଟ ମେନ୍ ଏଣ୍ଡ ଓମେନ୍ କ୍ୟାପ୍‌ସୁଲ୍‌ସ |
| ପରିସ୍ରାଜନିତ (ୟୁରିନାରି) ସମସ୍ୟା | ପ୍ରୋସ ଗାର୍ଡ଼ କ୍ୟାପ୍‌ସୁଲ୍‌ସ, ପ୍ରୋଷ୍ଟେଡ୍ ଟାବଲେଟ୍‌ସ |
| ପରିସ୍ରାଜନିତ (ୟୁରିନାରି) ଷ୍ଟୋନ୍‌ସ | ପଥରିନା ଟାବ୍‌ଲେଟ୍‌ସ |
| ମହିଳାଙ୍କ ସମସ୍ୟା | ସୁନ୍ଦରି ଶାଖି, ବୈଦ୍ୟନାଥ ଅଶୋକାରିଷ୍ଟ |
| ପିମ୍ପଲ୍ ଓ ବ୍ରଣ | ଗୁଡ୍‌କେୟାର ପ୍ୟୁରିଫାଇଂ ଆଣ୍ଟି ଆକ୍‌ନେ ଫେସ୍ ସିରମ୍, ନିମ ଗାର୍ଡ଼, ସୁରକ୍ତା |
| କୋଲେଷ୍ଟ୍ରଲ | କୋଲେଷ୍ଟ ଗାର୍ଡ଼, ଗୁଡ୍ ହାର୍ଟ |
| ନିଦ୍ରାରେ ସମସ୍ୟା/ଇନ୍‌ସୋମ୍‌ନିଅ | ନାଇଟ୍‌ଜ କ୍ୟାପ୍‌ସୁଲ୍‌ସ |
| ଚାପ ଓ ଉଦ୍‌ବିଗ୍ନତା | ଷ୍ଟ୍ରେସ୍ ଗାର୍ଡ଼ କ୍ୟାପ୍‌ସୁଲ୍‌ସ |

ସମସ୍ତ ବୈଦ୍ୟନାଥ ଆୟୁର୍ବେଦିକ ରିଟେଲ୍ ସୋରୁମ୍ ଓ କ୍ଲିନିକ୍‌ରେ ଔଷଧ ଉପଲବ୍ଧ ଅଟେ

ଭୁବନେଶ୍ୱର-2596035, 2596036, 9437165004, 9668721777, କଟକ-2427570, 9439486929, 9438276544, 9437511462, ଆଠଗଡ଼-9132476972, ବାଲେଶ୍ୱର-9438725025, 9777093442, ଜଳେଶ୍ୱର-9040161611, ଭଦ୍ରକ-9437215761, ବାରିପଦା-253418, ରାଉରକେଲା-2522005, ବରଗଡ଼-9861246674, 9938645223, କୁଚିଣ୍ଡା-9437255846, କେନ୍ଦ୍ରାପଡ଼ା-9853631559, ଯାଜପୁର-9937316754, ପାଇକମାଳ-9437057611, ସମ୍ବଲପୁର-8763343900, ବ୍ରହ୍ମପୁର-9777122789, 9439328443, 9437438256, ପୁରୀ-9337291464, ପାରଳାଖେମୁଣ୍ଡି-9078830679, କେଉଁଝର-6370698870, 9437136317, ମାଲ୍‌କାନଗିରି-9437435213, ଅନୁଗୁଳ-9938175640, ସୁନ୍ଦରଗଡ଼-7749070946, ବଲାଙ୍ଗିର-9437241839, ଖୋର୍ଦ୍ଧା-9937846846, ଭବାନିପାଟଣା-9437624887

Shop Online: www.baidyanath.com | www.goodcare.co.in





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଖଣ୍ଡପଡ଼ାରେ ୨ଶହ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ



ଖଣ୍ଡପଡ଼ା,୨୦।୧(ସ୍ୱ.ପ୍ର.): ଖଣ୍ଡପଡ଼ା ବିଦ୍ୟୁତ୍ (ଫିଡ୍‌କୋ) ସବ୍‌ଡ଼ିଭିଜନ ପକ୍ଷରୁ ସୋମବାର ସନ୍ଧ୍ୟା ସୁଦ୍ଧା ବକେୟା ରଖିଥିବା ୨୦୫ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ସେହିପରି ବକେୟା ବିଲ୍ ବାବଦକୁ ୮ଲକ୍ଷ ୩୨ ହଜାର ଟଙ୍କା ଆଦାୟ ହୋଇଥିବା ସବ୍‌ଡ଼ିଭିଜନ ମ୍ୟାନେଜର ସୁଧାଂଶୁ ଶେଖର ସାହାଣୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଟାଟା କମ୍ପାନୀ ହାତକୁ ସେସୁ ବିଦ୍ୟୁତ୍ ବିଭାଗ ଯିବା ପୂର୍ବରୁ ସମସ୍ତ ବକେୟା ବିଲ୍ ପୈଠ ପାଇଁ ଉପଭୋକ୍ତାଙ୍କୁ ୧୬ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା । ତେବେ ଏହି ଅବଧି ଶେଷ ହେବା ପରେ ଖଣ୍ଡପଡା ସବ୍‌ଡିଭିଜନ ଅନ୍ତର୍ଗତ କଣ୍ଟିଲୋ, ଖଣ୍ଡପଡା, ଭାପୁର-୧ ଓ ଭାପୁର-୨ ସେକ୍ସନର ବିଭିନ୍ନ ଅଞ୍ଚଳରୁ ବିଦ୍ୟୁତ ସଂଯାଗ ବିଚ୍ଛିନ୍ନ ଅଭିଯାନ ଚାଲୁ ରହିଛି । ଏହି ୪ ସେକ୍ସନରୁ ଯଥାକ୍ରମେ ୬୦, ୭୦, ୪୦ ଓ ୩୫ ଜଣ ଉପଭୋକ୍ତାଙ୍କ ଲାଇନ କଟାଯାଇଛି। କଣ୍ଟିଲୋ ସେକ୍ସନର ୧୫୮, ଖଣ୍ଡପଡ଼ାର ୧୧୦, ଭାପୁର-୧ର ୬୬ ଓ ଭାପୁର-୨ର ୬୨ଜଣ ଉପଭୋକ୍ତାଙ୍କଠାରୁ ମୋଟ ୮ଲକ୍ଷ ୩୨ ହଜାର ଟଙ୍କା ଆଦାୟ ହୋଇଥିବା ବିଭାଗୀୟ ଯନ୍ତ୍ରୀ ସାହାଣୀଙ୍କଠାରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, ଉପରୋକ୍ତ ୪ ସେକ୍ସନର ୮ହଜାର ୨୩୧ ଉପଭୋକ୍ତାଙ୍କୁ ବକେୟା ବିଲ୍ ପ୍ରଦାନ କରିବାକୁ ନୋଟିସ ଦିଆଯାଇଥିଲା। ସେହିପରି ୨୧,୭୩୨ ଉପଭୋକ୍ତାଙ୍କ ଉପରେ ୬୮ ଲକ୍ଷରୁ ଉର୍ଦ୍ଧ୍ୱ ଓ ସୌଭାଗ୍ୟ ଯୋଜନା ହିତାଧିକାରୀଙ୍କ ଉପରେ ୬କୋଟି ୫୮ ଲକ୍ଷ ଟଙ୍କା ବକେୟା ଥିବା ଜଣାପଡିଛି।

### ୧୯୭୭ ବ୍ୟାଚ୍ ଛାତ୍ରଙ୍କ ଗୁରୁ ପୂଜନ

ଖଣ୍ଡପଡ଼ା,୨୦।୧(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୧୯୭୭ ବ୍ୟାଚ୍ ଛାତ୍ରଙ୍କ ଗୁରୁ ପୂଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ତଥା ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ସାହୁ, ମହେନ୍ଦ୍ର କୁମାର ମହାନ୍ତି, ବୃନ୍ଦାବନ ମିଶ୍ର ଓ ଭୀମସେନ ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରମାନେ ଶିକ୍ଷକମାନଙ୍କୁ ମାଲ୍ୟାର୍ପଣ, ଉତ୍ତରୀୟ ପ୍ରଦାନ କରି ମଥାରେ ସିନ୍ଦୂର, ଚନ୍ଦନ ଲଗାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ସୁବୋଧ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଶୋକ କୁମାର ମହାରଣା ଓ ସାନ୍ତନୁ ସିଂହଦେଓ କବିତା ପାଠ କରିବା ପରେ ସହପାଠୀମାନେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ଏହି ଉତ୍ସବ ପ୍ରତିବର୍ଷ ପାଳନ କରିବା ପାଇଁ ଉପସ୍ଥିତ ୫୦ରୁ ଉର୍ଦ୍ଧ୍ୱ ସହପାଠୀ ମତପ୍ରକାଶ କରିଥିବା ବେଳେ ଏଥି ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଗୋପାଳ ଚନ୍ଦ୍ର ଅଗ୍ରୱାଲ, ସମ୍ପାଦକ ଉଦ୍ୟନାଥ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ କୁମାର ମହାରଣା ଓ କୋଷାଧ୍ୟକ୍ଷ ଭାଗୀରଥି ସାହୁଙ୍କୁ ସର୍ବସମ୍ମତ କ୍ରମେ ମନୋନୀତ କରାଯାଇଛି।

# ଚେଇଁ ଶୋଇଛି ଟାଉନ ପୋଲିସ

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ସହରରେ ଦିନ ରାତି ଲୁଟେରାମାନେ ବାଇକ୍ ଚାଳକଙ୍କଠାରୁ ଆରମ୍ଭ କରି ପଥଚାରୀଙ୍କଠାରୁ ଲୁଟିବାରେ ଲାଗିଛନ୍ତି। କେତେବେଳେ କାହାର ବେକରୁ ସୁନା ହାର ଛଡ଼ାଇ ନେଉଛନ୍ତି ତ ଆଉ କେତେବେଳେ ଛାତ୍ରୀଙ୍କଠାରୁ ମୋବାଇଲ୍ ଲୁଟି ନେବାରେ ବ୍ୟସ୍ତ । ହେଲେ ଏଭଳି ସ୍ଥଳେ ଟାଉନ ପୋଲିସ କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଦେଖିବାକୁ ମିଳିଛି। ରବିବାର ସନ୍ଧ୍ୟାରେ ଜଣେ ଯୁକ୍ତ ଦୁଇ ଛାତ୍ରୀ ଦେବୋତ୍ତର କଲୋନୀରେ ରହୁଥିବା ମେସ୍‌କୁ ଯାଉଥିବା ବେଳେ ମୋବାଇଲ୍‌ରେ କଲ୍ ଆସିବାରୁ କଥା ହୋଇଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ମୋବାଇଲ୍‌କୁ ଛଡ଼ାଇ ନେଇଥିଲେ। ଏ ନେଇ ଟାଉନ ପୋଲିସକୁ ଜଣାଇବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କର କୌଣସି ସନ୍ଧାନ ପାଇ ନ ଥିଲା। ୧୫ ଦିନ ତଳେ କଲେଜ ରୋଡ଼ ଉଠାଣିଠାରେ ଜଣେ ବାଇକ୍ ଚାଳକ ମୋବାଇଲ୍‌ରେ କଥା ହେଉଥିବା ବେଳେ ମଧ୍ୟ ତାଙ୍କ ମୋବାଇଲ୍‌କୁ ଦୁର୍ବୃତ୍ତମାନେ ଛଡ଼ାଇ ନେଇଥିଲେ। ଟାଉନ ପୋଲିସ କିଛି ସମୟ ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ କୌଣସି ସୁରାକ୍ ପାଇ ନ ଥିଲା। ଖାଲି ଏହି ଘଟଣା ନୁହେଁ ଗତ ୨୨ ତାରିଖରେ ତ୍ରିନାଥ ଛକଠାରେ ଦମ୍ପତି ବାଇକ୍‌ରେ ଯାଉଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଆସି ମହିଳାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇ ଯାଇଥିଲେ। ପୋଲିସ ଏହି ଘଟଣାରେ ଜଣଙ୍କୁ ଗିରଫ କରି ଜେଲ ପଠାଇଥିବା ବେଳେ ଚେନ ଉଦ୍ଧାର କରି ପାରି ନ ଥିଲା। ଜାନୁୟାରୀ ୧୦ ତାରିଖରେ ପୁରୁଣା ସହରଠାରେ ଦୁଇ ଜଣ ରୋଡ଼ ରୋମିଓ ଜଣକ ଘର ଆଗରେ ଜଣେ ଯୁବତୀଙ୍କୁ ଗାଳିଗୁଲଜ କରିବାରୁ ଏହି ଘଟଣାରେ ଗଣ୍ଡଗୋଳ ଘଟି ଦୁଇ ଜଣ ଯୁବକ ଆହତ ହୋଇଥିଲେ। ଏହିଭଳି ବିଭିନ୍ନ ସମୟରେ ସହରରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାନବାହନ ଚାଳକଙ୍କଠାରୁ ଆରମ୍ଭ କରି ପଦଯାତ୍ରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଜିଲା ପାଟ୍ରୋଲିଂ ସାଙ୍ଗକୁ ଟାଉନ ପୋଲିସ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ଏହିଭଳି ଘଟଣା ଘଟୁଥିବା ସହରବାସୀ ପ୍ରକାଶ କରିଛନ୍ତି । ଏ ନେଇ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି ମୋବାଇଲ୍ ଚୋର ଗ୍ୟାଙ୍ଗ୍ ସହରରେ ବୁଲୁଥିବାବେଳେ ବର୍ତ୍ତମାନ ଟିମ୍ କରି ସେମାନଙ୍କୁ ତୁରନ୍ତ ଧରାଯିବା ପାଇଁ ପଦକ୍ଷେପ ନେଇଛୁ।




ଟାଉନ ଥାନା।

- ଛାତ୍ରୀଙ୍କଠାରୁ ଲୁଟିନେଲେ ମୋବାଇଲ୍
- ନିଜକୁ ଅସୁରକ୍ଷିତ ମଣୁଛନ୍ତି ଯାତ୍ରୀ

## ଚୋରି ଉଦ୍ୟମ: ୫ ବିଦ୍ୟୁତ୍ ଖୁଣ୍ଟ ଜବତ



ଜବତ ଲୁହା ବିଦ୍ୟୁତ୍ ଖୁଣ୍ଟ।

ଓଡ଼ଗାଁ,୨୦।୧(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ସେସୁ କାର୍ଯ୍ୟାଳୟ ଅନ୍ତର୍ଗତ ସ୍ଥାନୀୟ ସିନେମା ହଲ ଛକ ତଥା ରଙ୍ଗଣୀପାଟଣା ଅଞ୍ଚଳରୁ କେତେକ ଅଦରକାରୀ ଲୁହା ବିଦ୍ୟୁତ୍ ଖୁଣ୍ଟ ଚୋରି ଉଦ୍ୟମବେଳେ ଧରାପଡିଛି। ୫ଖୁଣ୍ଟ ଜବତ କରାଯାଇଛି।

ସୂଚନା ଅନୁସାରେ, ଉକ୍ତ ଅଞ୍ଚଳରେ କେତେକ ଜାଗା ବେପାରୀ ଘର ବାରି ବିକ୍ରୀ କରିବାକୁ ପ୍ଲଟିଂ କରିଥିବା ବେଳେ ଆଉ କେତେକ ଜାଗାକୁ ସେମାନେ ବ୍ୟବସାୟ ଲକ୍ଷ୍ୟରେ ପାଚେରି ଦେବାକୁ ଉଦ୍ୟମ କରିଛନ୍ତି । ଏପରିସ୍ଥଳେ ଏହି ସବୁ ଜମି ଭିତରେ ବହୁ ପୂର୍ବରୁ ରହିଥିବା କେତେକ ମୂଲ୍ୟବାନ ଲୁହା ବିଦ୍ୟୁତ୍ ଖୁଣ୍ଟ ଦୁର୍ବୃତ୍ତମାନେ ଉପାଡି ନେବାକୁ ମସୁଧା ଚଳାଇଥିବା ଜଣାଯାଇଛି । ଏସବୁ ଖୁଣ୍ଟରୁ ବିଦ୍ୟୁତ୍ ଲାଇନ ବିଚ୍ଛିନ୍ନ ହୋଇଥିବା ବେଳେ ତାହା ଅକାମୀ ହୋଇ ପଡି ରହିଥିଲା। ରବିବାର ସମ୍ପୃକ୍ତ ଜାଗା ମାଲିକ କେତେକ ଲୁହା ବିଦ୍ୟୁତ୍ ଖୁଣ୍ଟ କଟର ସାହାଯ୍ୟରେ କାଟିବା ସହିତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଉଦ୍ୟମ କରୁଥିଲେ। ବିଭାଗୀୟ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ସେଠାରୁ ଦୁର୍ବୃତ୍ତମାନେ ଖସି ପଳାଇଯାଇଥିବାବେଳେ କର୍ମଚାରୀମାନେ ୫ଟି ଲୁହା ଖୁଣ୍ଟ ଉଦ୍ଧାର କରି ବିଭାଗୀୟ କାର୍ଯ୍ୟାଳୟକୁ ଆଣିଥିବା ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି । ଏ ନେଇ ଥାନାରେ ଅଭିଯୋଗ କରାଯିବ ବୋଲି ବିଭାଗୀୟ ସହକାରୀ ପରିଚାଳକ(ସେସୁ) ଶୁଭେନ୍ଦୁ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଲୁହା ଖୁଣ୍ଟ ଚୋରି ଉଦ୍ୟମ କରୁଥିବା ବକ୍ତି ଜଣକ କୁଆଡେ ଜଣେ ନିର୍ବାଚିତ ଲୋକପ୍ରତିନିଧି ବୋଲି ଆଲୋଚନା ହେଉଛି। ତେଣୁ ଥାନାରେ ମାମଲା ରୁଜୁ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ଚୋରି ସାମଗ୍ରୀ ଉଦ୍ଧାର, ୪ ଗିରଫ

ଦଶପଲ୍ଲା,୨୦।୧(ଡି.ଏନ୍.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ଜନୈକ ଅବସରପ୍ରାପ୍ତ ଭିଜିଲାସ ଡିଏସ୍‌ପିଙ୍କ ଘରୁ ଚୋରି କରିବା ଏବଂ ଚୋରି ସାମଗ୍ରୀ ରଖିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ସୁନୀଲ ସାହୁ, ରଞ୍ଜନ ସାହୁ ଓ ଜଗାପୁରର ରାଜେନ୍ଦ୍ର ସାହୁ ଏବଂ ଚୋରି ସାମଗ୍ରୀ ରଖିବା ଅଭିଯୋଗରେ କେ.ସି. ସାହୁ ନାମକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ ସୂଚନା ଦେଇଛନ୍ତି।

କେସପାଟଣା ଗ୍ରାମରେ ଅବସରପ୍ରାପ୍ତ ଭିଜିଲାନ୍ସ ଡିଏସ୍‌ପି ଲକ୍ଷ୍ମୀଧର ସାହୁ ରୁହନ୍ତି। ସେ ଘରେ ନ ଥିବାବେଳେ ଗତ ୧୯ ତାରିଖ ରାତିରେ ତାଙ୍କ ଘରୁ ଟିଭି, ଗ୍ୟାସ୍, ଇନ୍‌ଭୋଟର ବ୍ୟାଟେରୀ ପ୍ରଭୃତି ଚୋରି ହେବା ନେଇ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦/୨୦ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଆଇଆଇସିଙ୍କ ସମେତ ଥାନା ସେକେଣ୍ଡ ଅଫିସର ସୁବାସ ଚମ୍ପତି, ଚକ୍ରଧର ସିଂ ଏବଂ ଏସ୍‌ଆଇ ଏସ୍ ଖାନ ପ୍ରମୁଖ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲେ ଏବଂ ଚୋରି ସାମଗ୍ରୀ ଉଦ୍ଧାର କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।



ଉଦ୍ଧାର ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

## ଜିଲାସ୍ତରୀୟ ଓପନ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ଜିଲା ଚେସ୍ ଆସୋସିଏଶନ ଏବଂ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଦୁଇଦିନବ୍ୟାପୀ ଜିଲାସ୍ତରୀୟ ଓପନ ଚେସ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରୋଟାରୀ ଭବନଠାରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୨୪ ଖେଳାଳି ଭାଗ ନେଇଥିଲେ। ଚେସ୍ ଆର୍ବିଟର ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୫ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ଓଡ଼ଗାଁର ଜିତେନ୍ଦ୍ର କୁମାର ଦାସ ଟୁର୍ନାମେଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ସିନ୍ଧୁରିଆ ଜୟପ୍ରକାଶ ବଇରି ଗଞ୍ଜନ ରନର୍ସ ଅପ ହୋଇଥିଲେ। ଉଭୟଙ୍କୁ ଟ୍ରଫି ସହିତ ଅର୍ଥରାଶି ପୁରସ୍କାର ଦିଆଯାଇଥିଲା। ଆସୋସିଏଶନର ସମ୍ପାଦକ ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ରୋଟାରୀ କ୍ଲବ ସଭାପତି ମଦନମୋହନ ମହାପାତ୍ର, ଚେସ୍ ପ୍ରଶିକ୍ଷକ ସନ୍ତୋଷ କୁମାର ନାୟକ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ୧୦ ଜଣ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## କଞ୍ଚନବିଲିରେ ୨୧ ଝିଅରେ ୧୬ ପୁଅ

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ଜିଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ନେଇ ବିଭିନ୍ନ ସମୟରେ ଉଦ୍‌ବେଗ ପ୍ରକାଶ ପାଇଥାଏ। ଜିଲାରେ ପୁଅଙ୍କ ସଂଖ୍ୟା ୧୦୦୦ ଥିଲାବେଳେ ଝିଅଙ୍କ ସଂଖ୍ୟା ୮୫୫ ରହିଥିବା ସୂତ୍ରରୁ ଜଣାପଡ଼ିଛି। ଏହିଭଳି ସ୍ଥଳେ ନୟାଗଡ଼ ବ୍ଲକ କ୍ରିଦାଶପୁର ପଞ୍ଚାୟତର କଞ୍ଚନବିଲି ଗ୍ରାମରେ ଏ ଦିଗରେ ସଚେତନତା ଯୋଗୁଁ ଗ୍ରାମରେ ଝିଅଙ୍କ ସଂଖ୍ୟା ବଢ଼ିବାରେ ଲାଗୁଛି।

କଞ୍ଚନବିଲି ଅଙ୍ଗନୱାଡ଼ି କେନ୍ଦ୍ରରୁ ମିଳିଥିବା ସୂଚନା ଅନୁସାରେ ଏବେ ଗ୍ରାମରେ ୦ ରୁ ୬ବର୍ଷ ଭିତରେ ଝିଅଙ୍କ ସଂଖ୍ୟା ୩୫ ଥିବାବେଳେ ପୁଅଙ୍କ ସଂଖ୍ୟା ୩୪ ରହିଛି । ୩ରୁ ୬ବର୍ଷ ଭିତରେ ପୁଅ ଝିଅଙ୍କ ସଂଖ୍ୟା ହିସାବକୁ ନେଲେ ଝିଅଙ୍କ ସଂଖ୍ୟା ୨୧ ଥିବାବେଳେ ପୁଅଙ୍କ ସଂଖ୍ୟା ୧୬ ରହିଛି। ସେଥିମଧ୍ୟରୁ ୩ରୁ ୬ବର୍ଷ ଭିତରେ ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ଲେଖାଇଥିବା ଝିଅଙ୍କ ସଂଖ୍ୟା ୧୭ ଥିବାବେଳେ ପୁଅଙ୍କ ସଂଖ୍ୟା ୧୦ ରହିଛି, ଯାହାକି ପୂର୍ବରୁ ଏହି ଗ୍ରାମରେ ଝିଅଙ୍କ ତୁଳନାରେ ପୁଅଙ୍କ ସଂଖ୍ୟା ଅଧିକ ଥିଲା । ଗ୍ରାମରେ ବର୍ତ୍ତମାନ ମୋଟ ଜନସଂଖ୍ୟା ୮୦୨ ଥିବାବେଳେ ସେଥିମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୪୩୦ ଓ ମହିଳାଙ୍କ ସଂଖ୍ୟା ୩୭୨ ରହିଛି । ତେବେ ଲୋକମାନଙ୍କୁ ସଚେତନ କରିବା ପରେ ଏହି ଗ୍ରାମରେ କନ୍ୟା ସଂଖ୍ୟା ବୃଦ୍ଧି ପାଇଥିବା କଞ୍ଚନବିଲି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ବିଷ୍ଣୁପ୍ରିୟା ପ୍ରଧାନ ସୂଚନା ଦେଇଛନ୍ତି। ନୟାଗଡ଼ ଜିଲାରେ କନ୍ୟା ସଂଖ୍ୟା ହ୍ରାସନେଇ ଉଦ୍‌ବେଗଜନକ ସ୍ଥିତି ଥିବାବେଳେ ଏପରି ସଚେତନତା ଯୋଗୁଁ କଞ୍ଚନବିଲି ଗ୍ରାମରେ କନ୍ୟାସଂଖ୍ୟା ବୃଦ୍ଧିକୁ ନେଇ ନୂଆ ଆଶା ସଞ୍ଚାର କରିଛି। ଜିଲାର ଏକ ଭଲ ଗ୍ରାମ ଭାବେ କଞ୍ଚନବିଲି ପରିଚୟ ସୃଷ୍ଟି କରିଛି।




କଞ୍ଚନବିଲି ଗ୍ରାମ।

**ନୟାଗଡ଼ ଜିଲାର ଭଲ ଗାଁ**

## ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଅଫିସ,୨୦।୧

ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗ୍ରାମରେ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଯକ୍ଷ୍ମା ଅଧିକାରୀ ଡା. ଶରତ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ ଅତିଥିଭାବେ ଯୋଗ୍‌ଦେଇ ନିୟମିତ ଔଷଧ ସେବନ କରିବା, ନିଶାଦ୍ରବ୍ୟ ସେବନ ନ କରିବା, ପରିଷ୍କାର, ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବା ଉପରେ ଆଲୋକପାତ କରିଥିଲେ। ଜିଲା ଯକ୍ଷ୍ମା ସଂଯୋଜକ ଦିଲ୍ଲୀପ କୁମାର ପ୍ରଧାନ ଏ ବିଷୟରେ ସଚେତନତା କରାଇଥିଲେ। ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା ରୋଗର ଲକ୍ଷଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ।

## ସଫେଇ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ନୟାଗଡ଼ ଅଫିସ,୨୦।୧

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଆନୁକୂଲ୍ୟରେ ଇନୋ ଡଷ୍ଟ ସଂସ୍ଥା ଭୁବନେଶ୍ୱର ପକ୍ଷରୁ ନୟାଗଡ଼ ସିଦ୍ଧେଶ୍ୱରୀ କଲ୍ୟାଣ ମଣ୍ଡପଠାରେ ସଫେଇ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଅନୁଷ୍ଠିତ ଏହି କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସହରକୁ ସ୍ୱଚ୍ଛ ରଖିବା ଦିଗରେ ଝାଡୁଦାରମାନେ ଅଧିକ ଯତ୍ନବାନ ହେବାକୁ କହିଥିଲେ। ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀଧର ମହାପାତ୍ର, ଇନୋଡଷ୍ଟ ସଂସ୍ଥାର ପରିଚାଳକ ମଧୁସ୍ମିତା ସାହୁ, ସରୋଜ କୁମାର ପଣ୍ଡା ଓ ବିବେକାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଶିବିରରେ ଭାଗ ନେଇଥିବା ୧୧୫ ସଫେଇ କର୍ମଚାରୀ ଓ ଶ୍ରମିକଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଝାଡୁଦାରଙ୍କୁ ପୋଷାକ ବଣ୍ଟନ କରାଯାଇଥିବା ବେଳେ ସେମାନଙ୍କୁ ସାମୂହିକ ଶପଥ ପାଠ କରାଯାଇଥିଲା। ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଦେଇଥିଲେ।



ତାଲିମରେ ଭାଗ ନେଇଥିବା ସଫେଇ କର୍ମଚାରୀମାନେ।

## ରେନ୍‌ବୋ କପ୍ କ୍ରିକେଟ: ଦିଶା ବିଜୟୀ

ଖୋର୍ଦ୍ଧା ଅଫିସ, ୨୦।୧

ସାରୁଅ ପଞ୍ଚାୟତର ପତନୀବର ଖେଳପଡିଆରେ ରେନ୍‌ବୋ କପ କ୍ରିକେଟ ଚାଲିଛି। ଏହାର ୪ର୍ଥ ଦିବସ ମ୍ୟାଚ ସୋମବାରରେ ଦିଶା ବୈଦେଶ୍ୱର ୪୪ ରନରେ ଆୟୋଜକ ରେନ୍‌ବୋ କ୍ରିକେଟ ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ଦିଶା ବୈଦେଶ୍ୱର ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୨୪ ରନ କରିଥିଲା। ଜବାବରେ ରେନ୍‌ବୋ କ୍ରିକେଟ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ କରିଥିଲା। ବିଜୟୀ ଦଳର ଦିନେଶ ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ଶରଣକୁଳରେ ବିଶ୍ୱଶାନ୍ତି ମହାଯଜ୍ଞ

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ଜିଲା ଶରଣକୁଳଠାରେ ବିଶ୍ୱଶାନ୍ତି ପାଇଁ ଏକ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନିକଟସ୍ଥ କୁସୁମୀ ନଦୀରୁ ଶ୍ରଦ୍ଧାଳୁମାନେ କଳସରେ ପାଣି ଆଣି ଲଡୁବାବା ସିଂହଦ୍ୱାର ନିକଟସ୍ଥ ଯଜ୍ଞସ୍ଥଳକୁ ଆସିଥିଲେ। ଏହି ଶୋଭାଯାତ୍ରା ଆଖପାଖ ଗ୍ରାମ ପରିକ୍ରମା ସମୟରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଗ୍ରାମର ସମସ୍ତ ବ୍ୟକ୍ତି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।



ମହିଳା ପୁରୁଷଙ୍କ କଳସ ଶୋଭାଯାତ୍ରା।

## ଚାଷୀମାନଙ୍କୁ ସୁବିଧା ପ୍ରଦାନ ଉପରେ ଗୁରୁତ୍ୱ

ଖଣ୍ଡପଡ଼ା,୨୦।୧(ସ୍ୱ.ପ୍ର.)

ଖଣ୍ଡପଡାସ୍ଥିତ ମା’ ଉମାଦେବୀ ମନ୍ଦିର ପରିସରରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଜିଲା ସହ ସଂଯୋଜିକା ମମତା ନାଥଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଖଣ୍ଡପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ୭୦ରୁ ଉର୍ଦ୍ଧ୍ୱ କୃଷକ ଯୋଗଦେଇଥିଲେ। କୃଷକ ନେତା ନିରଞ୍ଜନ ସ୍ୱାଇଁ, ଚନ୍ଦ୍ର ଶେଖର ସାହୁ, ବଂଶୀଧର ମହାନ୍ତି, ସୁରେଶ ଦାସ, ଭାସ୍କର ବେହେରା, ବାସୁଦେବ ପ୍ରଧାନ, ପ୍ରଭାତ କୁମାର ପରିଡା ଓ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିକୁ ସମାଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଧାନମଣ୍ଡିରେ ଚାଷୀମାନେ ଶୋଷଣର ଶିକାର ହେଉଥିବା ସେ ଅଭିଯୋଗ କରିଥିଲେ। ସମବାୟ ସମିତି କର୍ତ୍ତୃପକ୍ଷ ଓ ମିଲରମାନେ ମିଳିତ ହୋଇ ବସ୍ତା ପିଛା ୪ରୁ ୫କେଜି ଧାନ କାଟୁଥିବା ପ୍ରକାଶ କରିଥିଲେ। ମଣ୍ଡିରେ ଧାନ ବିକୁଥିବା ଚାଷୀମାନଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ, ଧାନର ସହାୟକ ମୂଲ୍ୟ ବୃଦ୍ଧି, ବସ୍ତା ପିଛା ମନଇଚ୍ଛା ଧାନ କାଟିବା ବନ୍ଦ କରିବା, କାଳିଆ ଯୋଜନାରେ ସମସ୍ତ ଚାଷୀଙ୍କୁ ସରକାର ଧାର୍ଯ୍ୟ କରିଥିବା ପ୍ରୋତ୍ସାହନ ରାଶି ଯୋଗାଇଦେବା, ପ୍ରତ୍ୟେକ ସମବାୟ ସମିତିରେ ଧାନ ମହଜୁଦ ରଖିବା ନିମନ୍ତେ ଗୋଦାମ ଗୃହ ନିର୍ମାଣ କରିବା, ଚାଷୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆଶ୍ରୟସ୍ଥଳ, ପାନୀୟ ଜଳ ଆଦି ବ୍ୟବସ୍ଥା କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ବିଡିଓ, ତହସିଲଦାର, ବ୍ଲକ ଯୋଗାଣ ନିରୀକ୍ଷକଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ମଣ୍ଡିକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଥିଲେ ହେଁ କୌଣସି ଅଧିକାରୀ ଯାଉ ନ ଥିବା ନେଇ ଆଲୋଚନା ହୋଇଥିଲା । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚାଷୀମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ଦୃଷ୍ଟି ନ ଦେଇ ନୀରବଦ୍ରଷ୍ଟା ସାଜିଥିବାରୁ ଏହାର ପ୍ରତିବାଦରେ ଚାଷୀମାନଙ୍କୁ ନେଇ ଆସନ୍ତା ମେ ମାସରେ ଭୁବନେଶ୍ୱରଠାରେ ଏକ ବିରାଟ ଆନ୍ଦୋଳନର ଡାକରା ଦିଆଯାଇଥିବା ସୂଚନା ଦିଆଯାଇଥିଲା।



ବୈଠକରେ ସଙ୍ଗଠନର ନେତାଙ୍କ ସହ ଚାଷୀମାନେ।

**ନବନିର୍ମାଣ କୃଷକ ସଂଗଠନ ବୈଠକ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୧ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### ଟାଙ୍ଗୀ ବ୍ଲକ୍ ପ୍ରାଥମିକ ଶିକ୍ଷକଙ୍କ ଶାଳାଶିଧି ତାଲିମ

**ଟାଙ୍ଗୀ (ଖୋର୍ଦ୍ଧା) ୨୦।୧ (ଡି.ଏନ.ଏ.):** ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ୨ ଦିନିଆ ଶାଳାଶିଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ଅବଧୂତ ଚମ୍ପତି ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ର ୧୧ କ୍ଲଷ୍ଟର ମଧ୍ୟରୁ ପ୍ରଥମ ଦିନ ୬ ଦ୍ୱିତୀୟ ଦିନ ୫ କ୍ଲଷ୍ଟରର ୧୧୭ ପ୍ରଧାନଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ରୂପେ ସମରେଶ ବେହେରା, ମାନସ ବେହେରା, ପ୍ରଶାନ୍ତ ବେହେରା ଓ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ପ୍ରୋଜେକ୍ଟ ମାଧ୍ୟମରେ ଅନ୍‌ଲାଇନରେ ବିଦ୍ୟାଳୟର ତଥ୍ୟ କିପରି ପୂରଣ କରାଯାଇପାରିବ ସେ ସମ୍ପର୍କରେ ତାଲିମ ଦେଇଥିଲେ। ଦ୍ୱିତୀୟ ଦିନରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ ଓ ସହଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ଯୋଗଦେଇ ପରିବର୍ତ୍ତିତ ପରିସ୍ଥିତିରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ଅନଲାଇନ ଦ୍ୱାରା ସମସ୍ତ ତଥ୍ୟ ପ୍ରଦାନ କରାଯିବାକୁ ନେଇ ଶିକ୍ଷକମାନଙ୍କୁ ସତର୍କ କରାଇଦେଇଥିଲେ। ସିଆରସିସି ପ୍ରଶନ୍ନ ପାଇକରାୟ, ବଳଭଦ୍ର ସେଠୀ, ଲଳିତ ନାରାୟଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଭତ୍ତା ଟଙ୍କା ବୃଦ୍ଧି ଦାବି କଲେ ହିତାଧିକାରୀ

**ପୁରୀ ଅଫିସ,୨୦।୧:** ଭତ୍ତା ଟଙ୍କା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳଙ୍କୁ ପୁରୀ ଜିଲାର ୪ଟି ପଞ୍ଚାୟତର ହିତାଧିକାରୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପଞ୍ଚାୟତଗୁଡ଼ିକ ହେଉଛି ପିପିଲି ବ୍ଲକର ଯଶୁଆପୁର, କଣାସର ତ୍ରିଲୋଚନାପୁର, ସତ୍ୟବାଦୀର ଦୁଗଲ ଏବଂ ଡେଲାଙ୍ଗ ବ୍ଲକର କଲ୍ୟାଣପୁର। ହିତାଧିକାରୀମାନେ ଦେଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଅନ୍ୟ ରାଜ୍ୟରେ ଭତ୍ତାଧିକାରୀମାନେ ୨ରୁ ୩ ହଜାର ଟଙ୍କା ପାଉଛନ୍ତି । ମାତ୍ର ଆମକୁ ୮୦ ବର୍ଷ ତଳକୁ ୫୦୦ ଏବଂ ୮୦ ବର୍ଷ ଉପରକୁ ୭୦୦ ଟଙ୍କା ଦିଆଯାଉଛି । ଏତିକି ଟଙ୍କାରେ ଚଳିବା କଷ୍ଟକର ହେଉଛି । ତେଣୁ ସରକାର ଆସନ୍ତା ଫେବୃୟାରୀ ୧୫ ତାରିଖ ମଧ୍ୟରେ ଅନ୍ୟ ରାଜ୍ୟ ଭଳି ଭତ୍ତା ଟଙ୍କା ପ୍ରଦାନ କରିବାକୁ ହିତାଧିକାରୀମାନେ ଅନୁରୋଧ କରିଛନ୍ତି। ସାମାଜିକ କର୍ମୀ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି ।

### ସମୁଦ୍ରରେ ବୁଡ଼ିଯାଉଥିବା ବେଳେ ୪ ପର୍ଯ୍ୟଟକ ଉଦ୍ଧାର

**ପୁରୀ ଅଫିସ,୨୦।୧:** ପୁରୀ ସମୁଦ୍ରରେ ବୁଡିଯାଉଥିବା ବେଳେ ସୋମବାର ୪ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ସେମାନେ ହେଲେ କୋଲକାତା ହୁଗୁଳିର ଜୟନ୍ତ ଦେ(୨୧), ସୁମନ ପରମାଣିକ(୨୨) ଜି.ଘୋଷ। ଅନ୍ୟ ଜଣକଙ୍କ ପରିଚୟ ମିଳିପାରି ନାହିଁ। ସୂଚନାଯୋଗ୍ୟ, ସୋମବାର ଏହି ୪ଜଣ ପୁରୀ ବୁଲିବାକୁ ଆସିଥିବାବେଳେ ଶ୍ରୀମନ୍ଦିର ଦର୍ଶନ ସାରି ବେଳାଭୂମିକୁ ଆସିଥିଲେ। ସମସ୍ତେ ମିଶି ସେକ୍ଟର ୯ ଚୈତନ୍ୟ ଛକ ସମ୍ମୁଖ ସମୁଦ୍ରରେ ଗାଧେଉଥିବା ବେଳେ ହଠାତ୍ ସମୁଦ୍ରରେ ବୁଡି ଯାଇଥିଲେ। ପରେ ସେମାନଙ୍କ ଚିତ୍କାର ଶୁଣି ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡମାନେ ସମୁଦ୍ରକୁ ଡେଇଁ ଖୋଜାଖୋଜି ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ବୁଡିଯାଇଥିବା ପର୍ଯ୍ୟଟକଙ୍କୁ କୂଳକୁ ଆଣିଥିଲେ।

### ପୁରସ୍କାର ବିତରଣ ଉତ୍ସବ

**ପୁରୀ ଅଫିସ,୨୦।୧:** ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୧୮-୧୯ ଶିକ୍ଷାବର୍ଷରେ ବିଦ୍ୟାଳୟରେ ସର୍ବୋଚ୍ଚ ପ୍ରାପ୍ତାଙ୍କ, ସର୍ବୋଚ୍ଚ ଉପସ୍ଥାନ ଏବଂ ୨୦୧୯ ଶିକ୍ଷାବର୍ଷରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ମିଶ୍ର, ଶିକ୍ଷାବିକାଶ ସମିତି ପୂର୍ବ ସମ୍ଭାଗ ସଂଯୋଜକ ତୁଷାର ରଞ୍ଜନ ଦାଶ, ପରିଚାଳନା ସମିତି ସହ ସମ୍ପାଦକ ଶ୍ୟାମାକାନ୍ତ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସମେତ ସମସ୍ତ ଗୁରୁଜୀ,ଗୁରୁମା ଉପସ୍ଥିତ ଥିଲେ।

# ପୁରୀ ସମୁଦ୍ରରୁ ବିରଳ ସାର୍କ ଶିକାର

**ପୁରୀ ଅଫିସ, ୨୦।୧**



- ଜାଣିପାରୁ ନାହାନ୍ତି ମତ୍ସ୍ୟଜୀବୀ, ଅନ୍ୟ ମାଛ ସହ ନିଲାମରେ ବିକୁଛନ୍ତି
- ବିଦେଶକୁ ରପ୍ତାନି କରି ମାଲାମାଲ୍ ହେଉଛନ୍ତି ବ୍ୟବସାୟୀ

ପୁରୀ ସମୁଦ୍ରରୁ ବିରଳ ପ୍ରଜାତିର ସାର୍କ ମାଛ ଶିକାର କରାଯାଉଛି। ମୁନାଫାଖୋର ମତ୍ସ୍ୟ ବ୍ୟବସାୟୀ ମତ୍ସ୍ୟଜୀବୀଙ୍କୁ ହାତ କରି ଏହି ମାଛକୁ ବିଦେଶ ରପ୍ତାନି କରୁଛନ୍ତି। ସାଧାରଣ ମତ୍ସ୍ୟଜୀବୀମାନେ ଏହି ମାଛର ମୂଲ୍ୟ ଜାଣିପାରୁ ନ ଥିବାବେଳେ କମ୍ ଟଙ୍କାରେ କିଣି ମାଲାମାଲ୍ ହେଉଛନ୍ତି ବ୍ୟବସାୟୀ। ସୋମବାର ପୁରୀ ସମୁଦ୍ରରୁ ଏକ ବିରଳ ପ୍ରଜାତିର ସାର୍କ ମାଛ ଧରାପଡ଼ିବା ଏବଂ ଏହାକୁ ତରବରିଆ ଭାବେ ଜଣେ ବ୍ୟବସାୟୀ କିଣିନେବା ଘଟଣା ଏହାକୁ ସ୍ପଷ୍ଟ କରୁଛି। ପ୍ରତ୍ୟେକ ଦିନ ଏହିଭଳି ମାଛ ସୂତି ଓ ଜାଲରେ ପଡୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ କହିଛନ୍ତି।

ପେଣ୍ଠକଟା ଅଞ୍ଚଳର ମତ୍ସ୍ୟଜୀବୀମାନେ ପ୍ରତ୍ୟହ ଡଙ୍ଗା ନେଇ ସମୁଦ୍ରକୁ ମାଛ ମାରିବାକୁ ଯାଇଥାନ୍ତି। ହଜାର ହଜାର ସଂଖ୍ୟାରେ ମତ୍ସ୍ୟଜୀବୀ ସମୁଦ୍ରରୁ ମାଛ ମାରି ସେମାନଙ୍କ ପରିବାର ଚଳାଇଥାନ୍ତି। ସମୁଦ୍ର ଭିତରେ ଜାଲ ପକାଇ ମାଛ ଧରିବା ସହ ସୂତି ମଧ୍ୟ ପକାଇଥାନ୍ତି। ତେବେ ବେଳେବେଳେ ଜାଲରେ ବିରଳ ପ୍ରଜାତିର ମାଛ ପଡ଼ନ୍ତି। କିନ୍ତୁ ଅନେକ ମାଛକୁ ମତ୍ସ୍ୟଜୀବୀମାନେ ଚିହ୍ନି ପାରୁ ନ ଥିବାବେଳେ ଏହାକୁ ସାଧାରଣ ମାଛ ଦାମ୍‌ରେ ବିକ୍ରି କରିଥାନ୍ତି। ଫଳରେ ମତ୍ସ୍ୟ ବ୍ୟବସାୟୀମାନେ ଏହାକୁ ବାହାରକୁ ରପ୍ତାନି କରି ମୋଟା ଅଙ୍କର ଲାଭବାନ ହେଉଛନ୍ତି। ସେହିପରି ସୂତିରେ ବି ବଡ଼ ବଡ଼ ବିରଳ ମାଛ ଧରିଥାନ୍ତି। ସୋମବାର ସୂତିରେ ଏକ ବିରଳ ପ୍ରଜାତିର ସାର୍କ ମାଛ ପଡିଥିଲା। ସୂତି କଣ୍ଟା ସେମିତି ଲାଗି ରହିଥିବାବେଳେ ଏହାର ପେଟ ଚିରି ହୋଇଯାଇଥିଲା। ସମ୍ପୃକ୍ତ ମତ୍ସ୍ୟଜୀବୀ ଏହାକୁ ବେଳାଭୂମି ବାଲିରେ ଆଣି ପକାଇଥିଲେ। ପାଖାପାଖି ୧୦ କିଲୋ ଓଜନ ବିଶିଷ୍ଟ ଏହି ମାଛକୁ ଜଣେ ମତ୍ସ୍ୟଜୀବୀ ଅନ୍ୟ ମାଛ ସହ ନିଲାମରେ କିଣି ନେଇଥିଲେ। ସମ୍ପୃକ୍ତ ମତ୍ସ୍ୟଜୀବୀଙ୍କୁ ପଚାରିବାରୁ ପ୍ରାୟ ପ୍ରତ୍ୟହ ଅଧିକାଂଶଙ୍କ ଜାଲରେ ଏହିଭଳି ମାଛ ପଡୁଛି। ସାର୍କ ଫାର୍କ କ'ଣ ଆମେ ଜାଣିନୁ। ଏହାକୁ ମଗର ମାଛ କହି ଆମେ ବିକ୍ରି କରୁଛୁ । ଅନ୍ୟ ମାଛ ସହ ମିଶାଇ ଏହାକୁ ନିଲାମରେ ବ୍ୟବସାୟୀମାନେ କିଣି ନେଉଛନ୍ତି।

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆକାଶ ରଞ୍ଜନ ରଥ କହିଛନ୍ତି, ଏହା ବିରଳ ପ୍ରଜାତିର ବ୍ଲାକଟିପ୍ ରିଫ୍ ସାର୍କ। ଆଇୟୁସିଏନ୍ (ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର) ଅନୁସାରେ ଏହାକୁ ଧରିବା କିମ୍ବା ବିକ୍ରି କରିବା ବେଆଇନ। ଏହା ସାଧାରଣତଃ କୋରାଲ ରିଫ୍‌ରେ ବାସ କରିଥାନ୍ତି। ବେଳେବେଳେ ଖାଦ୍ୟ ଅନ୍ୱେଷଣରେ ଏମାନେ ସମୁଦ୍ରର ମୁହାଣ ଅଞ୍ଚଳ ଏପରି କି ମଧୁର ଜଳକୁ ପଶିଆସନ୍ତି। ଏମାନଙ୍କ ପ୍ରଜନନ କ୍ଷମତା ବହୁତ କମ୍। ଏଭଳି ପ୍ରଜାତିର ମାଈ ସାର୍କ ଥରକେ ଗୋଟିଏ ପ୍ରଜନନ କରିଥାଏ। ସମୁଦ୍ରରେ ସନ୍ତୁଳନ ରକ୍ଷା କରିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସମୁଦ୍ରରେ ପ୍ରଦୂଷଣ ବଢୁଥିବାରୁ ଏମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସାମୁଦ୍ରିକ ମତ୍ସ୍ୟ ବିଭାଗ ଏହା ଉପରେ ଗୁରୁତ୍ୱ ଦେଇ ଏଭଳି ସାର୍କ ନ ଧରିବା ଲାଗି ମତ୍ସ୍ୟଜୀବୀଙ୍କୁ ସଚେତନ କରିବା ଦରକାର। ମତ୍ସ୍ୟଜୀବୀମାନେ ମଧ୍ୟ ଏହା ନ ଜାଣିପାରି ଅନ୍ୟ ସାଧାରଣ ମାଛ ଭଳି ବ୍ୟବସାୟୀଙ୍କ ହାତକୁ ଟେକି ଦେଉଛନ୍ତି। ପୁରୀରେ ସାର୍କ, ଡଲ୍‌ଫିନଙ୍କ ଉପସ୍ଥିତି ଭଲ ରହିଛି। କିନ୍ତୁ ସେମାନଙ୍କ ସୁରକ୍ଷା ଏବଂ ପ୍ରଜନନ ଉପରେ ଆମକୁ ଧ୍ୟାନ ଦେବାକୁ ପଡ଼ିବ। ଯେଉଁମାନେ ଏଭଳି ବେଆଇନ କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବା ଦରକାର ବୋଲି ରଥ କହିଛନ୍ତି।

ଅନ୍ୟପକ୍ଷରେ ସହକାରୀ ମତ୍ସ୍ୟ ଅଧିକାରୀ ଦୀକ୍ଷା ଖାଡ଼ଙ୍ଗା କହିଛନ୍ତି, ଏହି ପ୍ରଜାତିର ସାର୍କ ମାଛ ପୁରୀ ଉପକୂଳରେ ଦେଖାଯାଉଛନ୍ତି। ଅବାଧରେ ଏହି ସାର୍କ ଶିକାର କରାଯାଉଥିବା ନେଇ କୌଣସି ସୂଚନା ନାହିଁ। ତଥାପି ଯଦି କେହି ଏମିତି ଶିକାର କରି ବାହାରକୁ ଚାଲାଣ କରୁଥାନ୍ତି ଏ ଦିଗରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଥାଉ କି, ଆନ୍ତର୍ଜାତିକ ସ୍ତରରେ ଏହି ପ୍ରଜାତିର ମାଛ ମାରିବା ଉପରେ କଟକଣା ରହିଛି। ଗତବର୍ଷ ଜାନୁୟାରୀ ମାସରେ କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଆନ୍ଧ୍ରପ୍ରଦେଶର ଏକ ଟ୍ରଲରରୁ ୧୭୫ଟି ବିରଳ ପ୍ରଜାତିର ସାର୍କ ମାଛ ଜବତ କରାଯାଇଥିଲା। ଏହି ଘଟଣାରେ ୭ ମତ୍ସ୍ୟଜୀବୀଙ୍କୁ ଜେଲ୍ ଯିବାକୁ ପଡିଥିଲା।

# ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ବରିଷ୍ଠ କିରାଣି

**ନୟାଗଡ଼ ଅଫିସ, ୨୦।୧**

ନୟାଗଡ଼ କ୍ଷୁଦ୍ର ଜଳସେଚନ ବିଭାଗର ବରିଷ୍ଠ କିରାଣି ତଥା କ୍ୟାଶିୟର ନିଗମାନନ୍ଦ ଭୂୟାଁ ୧୩ ହଜାର ୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ଭୁବନେଶ୍ୱର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ଇଟାମାଟି ଥାନା ନାଟୁଗାଁ ଗ୍ରାମର ଠିକାଦାର ଯୁଗଳ କିଶୋର ପରିଡ଼ା କରିଥିବା ଏକ ଚେକ୍ ଡ୍ୟାମ୍‌ର ବିଲ୍ କରାଇ ଦେବା ପାଇଁ ଲାଞ୍ଚ ନେଉଥିଲେ। ୨୦୧୭-୧୮ ମସିହାରେ ଯୁଗଳ ୧ ଲକ୍ଷ ୮୯ ହଜାର ୬୧୧ ଟଙ୍କାର ସିଙ୍ଗପଡ଼ା ଚେକ୍ ଡ୍ୟାମ୍ କରିଥିଲା ବେଳେ ଏହାର ବିଲ୍ କରାଇ ଦେବା ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଯାଇଥିଲେ। ୧୩,୫୦୦ ଟଙ୍କା ଲାଞ୍ଚ ଦେଲେ ତାଙ୍କ ବିଲ୍ ହୋଇଯିବ ବୋଲି ନିଗମାନନ୍ଦ ତାଙ୍କୁ କହିଥିଲେ। ପରେ ଏ ନେଇ ଯୁଗଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ସୋମବାର ଅପରାହ୍ନରେ ଠିକାଦାର ଯୁଗଳ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟରେ ନିଗମାନନ୍ଦଙ୍କୁ ଟଙ୍କା ଦେଉଥିବା ବେଳେ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କୁ



ନିଗମାନନ୍ଦ ଭୂୟାଁ।

ଗିରଫ କରାଯିବା ସହିତ ଟଙ୍କା ଜବତ କରାଯାଇଥିଲା। ଏ ନେଇ ଭୁବନେଶ୍ୱର କାର୍ଯ୍ୟାଳୟରେ ୩/୨୦ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ସୂଚନା ମିଳିଛି। ସେହିଭଳି ତାଙ୍କ ସରକାରୀ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଥିଲା। ପ୍ରକାଶ ଯେ, ଗତ ବର୍ଷ ଅକ୍ଟୋବର ୧୭ ତାରିଖରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ନୟାଗଡ଼ କ୍ଷୁଦ୍ର ଜଳସେଚନର ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ।

# ଭାପୁରରେ ଜିଲାପାଳଙ୍କ ଜନଶୁଣାଣି ଶିବିର



ଶିବିରରେ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

**ଭାପୁର, ୨୦।୧(ଡି.ଏନ୍.ଏ.)**

ସୋମବାର ଭାପୁର ବ୍ଲକରେ ଜିଲାପାଳଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବ୍ଲକ ସଭାଗୃହରେ ଏହି ଶିବିର ଆୟୋଜିତ ହୋଇଥିବାବେଳେ ଏଥିରେ ୬୬ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳଙ୍କ ସହ ଏସ୍.ପି. ଶଶିଭୂଷଣ ଶତପଥୀ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ୱେତକୁମାର ମହାପାତ୍ର, ବିଡିଓ ଅନ୍ତର୍ଯ୍ୟାମୀ ଦାସ, ତହସିଲଦାର ଅନୀତା ଜେନାଙ୍କ ସହ ଜିଲାର ଅଧିକାଂଶ ଉଚ୍ଚପଦାଧିକାରୀ ଏହି ଶିବିରରେ ଯୋଗ ଦେଇଥିଲେ। ମୋଟ ୬୬ ଅଭିଯୋଗପତ୍ର ମଧ୍ୟରୁ ନିଜସ୍ୱ ଅଭିଯୋଗ ୫୨, ଗ୍ରାମ୍ୟ ଅଭିଯୋଗ ଗୋଟିଏ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ୧୨, ରେଡକ୍ରସ ପାଇଁ ଗୋଟିଏ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୧ ଅଭିଯୋଗ ଉପରେ ତତ୍କାଳ ଶୁଣାଣି ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧ ଲକ୍ଷ ୮ ହଜାର ଟଙ୍କା ମେଡ଼ିକାଲ ଖର୍ଚ୍ଚ ପାଇଁ ପ୍ରଦାନ କରାଯାଇଛି ଓ ରେଡକ୍ରସରୁ ଜଣଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। କରବର ଗ୍ରାମର ଦୀପୁନା ସ୍ୱାଇଁ (୧୨)ଙ୍କୁ ଏକ ୪ଚକିଆ ହୁଇଲ ଚେୟାର ଜିଲାପାଳ ପ୍ରଦାନ କରିଥିଲେ।

## ୨ୟ ଦିନରେ ସର୍ବଭାରତୀୟ ହକି ଟୁର୍ନାମେଣ୍ଟ

# ହରିୟାଣା, ଭୁବନେଶ୍ୱର ରେଲ୍‌ୱେ ଦଳ ବିଜୟୀ



ହକି ଖେଳର ଏକ ଦୃଶ୍ୟ ।

**ନୟାଗଡ଼ ଅଫିସ, ୨୦।୧**

ନୟାଗଡ଼ ଜିଲା ରଗ୍‌ବୀ ଓ ହକି ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଜିଲାରେ ପ୍ରଥମ ଥର ପାଇଁ ଖେଳପଡ଼ିଆଠାରେ ସର୍ବ ଭାରତୀୟ ସ୍ତରୀୟ ହକି ଟୁର୍ନାମେଣ୍ଟ ଚାଲୁ ରହିଛି। ଦ୍ୱିତୀୟ ଦିନରେ ଦୁଇଟି ଟୁର୍ନାମେଣ୍ଟ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ କରନାଲ ହକି ହରିୟାଣା ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪-୧ ଗୋଲ୍‌ରେ ହରିୟାଣା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଟିକମ୍‌ଗଡ଼ ହକି ଏକାଡ଼େମୀ ମଧ୍ୟପ୍ରଦେଶ ଓ ପୂର୍ବତନ ରେଲୱେ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ରେଲୱେ ଦଳ ୫-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ଯୋଗଦେଇଥିବା ବେଳେ ଓଡ଼ଗାଁ ବ୍ଲକ ଉପାଧ୍ୟକ୍ଷା ବିଜୟ ଲକ୍ଷ୍ମୀ ସାହୁ, ଜିଲା ହକି ଆସୋସିଏଶନ ସଭାପତି ମିତାଲି ପ୍ରିୟଦର୍ଶିନୀ , ଭାଟସାହି ସରପଞ୍ଚ କିଶୋର ଚନ୍ଦ୍ର ସାହୁ, ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି, ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଏସିଏଫ ଅରବିନ୍ଦ ମହାନ୍ତି, ହକି ଆସୋସିଏଶନର ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭାବେ ଦୀପକ, ଆଶିଷ ଓ ସାଗର ଖେଳ ପରିଚାଳନା କରିଥିଲେ। ଶେଖ ଅବଦୁଲ୍ ଖାଲିକ ଓ ଆଶୁତୋଷ ମିଶ୍ର ଖେଳର ଧାରା ବିବରଣୀ ପ୍ରଦନ କରିଥିଲେ ।

### ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ଟାଙ୍ଗୀ (ଖୋର୍ଦ୍ଧା) ୨୦।୧ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍ କୁହୁଡି ତାଳଡିହସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସିଆରସିସି ଲଳିତ ନାରାୟଣ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଶିକ୍ଷା ବିକାଶ ସମିତି ଖୋର୍ଦ୍ଧାର ବିଭାଗ ପ୍ରମୁଖ କୁଳମଣୀ ମିଶ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ହରିବନ୍ଧୁ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ବିଧୁଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପବିତ୍ର କୁମାର ପ୍ରଧାନ ବିଦ୍ୟାଳୟର ବିବରଣୀ ପାଠ କରିଥିବା ବେଳେ ଆଚାର୍ଯ୍ୟ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଅବ୍ୟବସ୍ଥାରେ ୧୧୦ବର୍ଷର ସ୍କୁଲ

**ନିରାକାରପୁର, ୨୦।୧(ଡି.ଏନ୍.ଏ.)**

- ୮ ଶ୍ରେଣୀ ପାଇଁ ୬ ଗୃହ
- ରୋଷେଇ ଗୃହ ନାହିଁ

'ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ' ଶିକ୍ଷା ବିଭାଗ ପକ୍ଷରୁ ଏହି ନାରା ଦିଆଯାଉଛି। ଭିତ୍ତିଭୂମି ସୁଦୃଢ ନ କରି ଏହି ନାରା ଦେବାର ଯଥାର୍ଥତା କେତେ ତାହା ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଡିଆ ଗ୍ରାମରେ ଅବସ୍ଥାପିତ ୧୧୦ ବର୍ଷର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦେଖିଲେ ସହଜରେ ଜଣାପଡେ। ୧୯୧୦ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ୯୯ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ। ଶିକ୍ଷାଦାନ ପାଇଁ ଅଛନ୍ତି ୭ଜଣ ଶିକ୍ଷକ। ପୂର୍ବରୁ ଏଠାରେ ପ୍ରଥମ ଶ୍ରେଣୀଠାରୁ ୭ମ ପର୍ଯ୍ୟନ୍ତ ରହିଥିଲା। କିଛିବର୍ଷ ହେଲା ୮ମ ଶ୍ରେଣୀ ଖୋଲିଛି । ୮ ଶ୍ରେଣୀ ପାଇଁ ୭ଟି ଶ୍ରେଣୀଗୃହ ରହିଛି। ପୁଣି ସେଥିରୁ ଗୋଟିଏ ଗୃହ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅଙ୍ଗନୱାଡି କେନ୍ଦ୍ରକୁ ଦିଆଯାଇଛି । ସ୍ୱତନ୍ତ୍ର ରୋଷେଇ ଗୃହ ନ ଥିବାରୁ ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା ଏକ ବିପଦପୂର୍ଣ୍ଣ ଗୃହରେ ରୋଷେଇ କର୍ଯ୍ୟ ଚାଲୁରହିଛି । ସ୍କୁଲ ପରିସରରେ ଦୁଇଟି ଅର୍ଦ୍ଧନିର୍ମିତ ଗୃହ ଥିବାବେଳେ ଆଉ ଚାରିବଖରା ଆଜବେଷ୍ଟସ୍ ଘର ଫନୀ ବାତ୍ୟାରେ ଭାଙ୍ଗିଯାଇଛି। ଫନୀକୁ ଆଠମାସ ବିତିଯାଇଥିଲେ ମଧ୍ୟ ସହାୟତା କେବଳ କାଗଜ କଲମରେ ସୀମିତ ରହିଛି। ଏ ନେଇ ଶିକ୍ଷକ ଅମ୍ଳାନ ପ୍ରହରାଜ କୁହନ୍ତି, ଫନୀରେ ଭାଙ୍ଗିଯାଇଥିବା ସ୍କୁଲ ଗୃହ ନିମନ୍ତେ ୨ଲକ୍ଷ ଟଙ୍କା ସହାୟତା ଘୋଷଣା ହୋଇଛି, ହେଲେ ଏଯାଏ ମିଳିନି। ଏହି ଅର୍ଥରାଶି ମିଳିଲେ ଅର୍ଦ୍ଧନିର୍ମିତ ଗୃହ ଶେଷ ହୋଇପାରନ୍ତା। ଟାଙ୍ଗୀ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅବଧୂତ ଚମ୍ପତିଙ୍କୁ ପଚାରିବାରୁ ସେ ବ୍ଲକ୍ କର୍ତ୍ତୃପକ୍ଷ ସହାୟତା ଦେଇ ନ ଥିବା କହିଥିଲେ। ଟାଙ୍ଗୀ ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ରିସିଭ୍ କରି ନ ଥିଲେ।




ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

### ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ପୁରୀ ଅଫିସ, ୨୦।୧ :** ପୁରୀ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ ବ୍ୟାଚର ଚତୁର୍ଥ ବନ୍ଧୁମିଳନ ଉତ୍ସବ ଶ୍ୟାମାକାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହିବ୍ୟାଚର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପୁରୁଣା ସ୍ମୃତିକୁ ସାଉଁଟିଥିଲେ। ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧାଭାବ ରଖିବା ସହ ଭାଇଚାର ଓ ଭାବର ଆଦାନ ପ୍ରଦାନ ଲାଗି ମତପ୍ରକାଶ ପାଇଥିଲା। ଅଧ୍ୟାପକ ଜୟକୃଷ୍ଣ ଶତପଥୀ, ସୁଦାମ ଚରଣ ପଣ୍ଡା, ଭବାନୀ ରଥ, ମହେନ୍ଦ୍ର ଭୋଳ, ରାଜେନ୍ଦ୍ର ଭୋଳ ଓ ସୋମନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିଏସ୍ କଲେଜରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

**ପୁରୀ ଅଫିସ, ୨୦।୧**

ଯୁକ୍ତ ଦୁଇ ପ୍ରଥମ ବର୍ଷ କାଉନ୍‌ସିଲ୍ ପରୀକ୍ଷା କରିବା ନିଷ୍ପତ୍ତିକୁ ବିରୋଧ କରିଛି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ(ଏସ୍‌ସିଏସ୍) ମହାବିଦ୍ୟାଳୟ। ଏହାର ପ୍ରତିବାଦରେ ସୋମବାର ଏସ୍‌ସିଏସ ଜୁନିୟର କଲେଜର ପ୍ରଥମ ବର୍ଷର ଶତାଧିକ ଛାତ୍ରୀଛାତ୍ର କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ସମ୍ମୁଖରେ ଟାୟର ଜାଳି ରାସ୍ତାରୋକୋ କରିଥିଲେ। ବୋର୍ଡ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିର ପୁନଃ ତର୍ଜମା କରନ୍ତୁ ବୋଲି ଛାତ୍ରୀଛାତ୍ରମାନେ ଦାବି କରିଥିଲେ। ଆସନ୍ତା ଫେବୃୟାରୀ ପ୍ରଥମ ସପ୍ତାହରେ ପରୀକ୍ଷା ଥିବାବେଳେ ବୋର୍ଡ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବାରୁ ବିଦ୍ୟାର୍ଥୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ ସିଟି ଡିଏସପି କ୍ଷୀରସାଗର ନାୟକ, ଟାଉନ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ୨ପ୍ଲାଟୁନ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବାର କିଛି ସମୟ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରଥମ ବର୍ଷ ବିଭିନ୍ନ ବିଷୟ ନ ସରିବା, କଲେଜ ମରାମତି ଯୋଗୁ ପାଠପଢ଼ାରେ ଅସୁବିଧା, ଅଧାଦିନ କ୍ଲାସ ଅଧା ବନ୍ଦ, +୨ କ୍ରୀଡ଼ା ପ୍ରତିଯୋଗିତା ଯୋଗୁ କ୍ଲାସ ବାତିଲ ଯୋଗୁ ବିଷୟଗୁଡିକ ସରିପାରି ନାହିଁ। ଅନ୍ୟପଟେ ପ୍ରାୟ ସମୟରେ ଅଧ୍ୟାପକମାନେ ନିୟମିତ ଆସୁ ନ ଥିବା କେତେଜଣ ଛାତ୍ରୀଛାତ୍ର ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ବି.ମହାନ୍ତି ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଉଦ୍‌ଘାଟନୀ ମ୍ୟାଚରେ କଟକ ବିଡ଼ାନାସୀ ବିଜୟୀ

**ଗଣିଆ, ୨୦।୧(ଡି.ଏନ.ଏ.)**

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଗଣିଆ ମହାବୀର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଗଣିଆ ମିନି ଷ୍ଟାଡିୟମରେ ସୋମବାର ରାଜ୍ୟସ୍ତରୀୟ ଗଣିଆ କପ ଫୁଟବଲ ଟୁର୍ନାମେଣ୍ଟ ୨୦୨୦ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଗଣିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ମା' ଭୁଆଶୁଣୀ କ୍ଲବ, ବିଡ଼ାନାସୀ, କଟକ ଓ ଉତ୍କଳ ସ୍ପୋର୍ଟିଂ କ୍ଲବ, ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ଖେଳ ଅମୀମାଂସିତ ରହିଥିଲା। ପରେ ପେନାଲ୍‌ଟି ଶୁଟ୍‌ଆଉଟରେ ଜଟଣୀ ୫ ଗୋଲ କରିଥିବାବେଳେ କଟକ ଦଳ ୬ ଗୋଲ କରି ବିଜୟୀ ହୋଇଥିଲା। ୱାଲିପୁର ଗ୍ରାମର ନିତ୍ୟାନନ୍ଦ ରାଉତ ଶ୍ରେଷ୍ଠ ଦର୍ଶକ ବିବେଚିତ ହୋଇଥିଲେ। ରେଫରି ଭାବେ ରାଉରକେଲାର ପ୍ରଶାନ୍ତ କୁମାର ପାଲ, ଭୁବନେଶ୍ୱରର ଦୁର୍ଗା ଆଚାର୍ଯ୍ୟ, କଟକର ପ୍ରଦୀପ୍ତ କୁମାର ଦାଶ ଓ ବ୍ରହ୍ମପୁରର ସୁଜିତ କୁମାର ପାତ୍ର ଖେଳ ପରିଚାଳନା କରିଥିଲେ । ଆୟୋଜକ ମହାବୀର ସାଂସ୍କୃତିକ ପରିଷଦର ସଭାପତି ଦେବାନନ୍ଦ ମିଶ୍ର, ସମ୍ପାଦକ ବିଶ୍ୱରଞ୍ଜନ ସେଠୀଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ୟୁନାଇଟେଡ ଫୁଟବଲ କ୍ଲବ, ବଲାଙ୍ଗୀର ଓ ପତାକା କ୍ଲବ, ଅନୁଗୋଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି ।